# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଡିସେମ୍ବର ୨୩/୨୦୧୯ (୧୬ ପୃଷ୍ଠା) Sambalpur, Monday, December 23 / 2019 ★★

୧୬ଶ ଭାଗ ୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ପଦାର୍ପଣ ମ୍ୟାଚ୍‌ରେ ସଇନୀଙ୍କୁ ଉଇକେଟ**

ବାରବାଟୀରେ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଦିନିକିଆରେ ଭାରତର ନବଦୀପ ସଇନୀ ତାଙ୍କ ପଦାର୍ପଣ ମ୍ୟାଚ୍ ଖେଳି ୨ଉଇକେଟ ହାସଲ କରିଛନ୍ତି। **୧୫**

**୦୯**

**ସୋସିଆଲ୍ ମିଡିଆରେ ଜରୀନ୍‌ଙ୍କ ଜଲ୍‌ୱା**

ବଲିଉଡ୍ ହଟ୍ ଆକ୍ଟ୍ରେସ୍ ଜରୀନ୍ ଖାନ୍ ନିକଟରେ ନିଜର ଲାଟେଷ୍ଟ ଫଟୋଶୁଟ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଶେୟାର କରି ଫ୍ୟାନ୍‌ମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛନ୍ତି।



# ଭାରତର ବାରବାଟୀ ବିଜୟ

**କଟକ, ୨୨।୧୨(ତପନ ସ୍ୱାଇଁ)**

ଐତିହାସିକ ବାରବାଟୀ ଷ୍ଟାଡିୟମ ଟିମ୍ ଇଣ୍ଡିଆ ପାଇଁ ପୁଣି ଶୁଭ ସାବ୍ୟସ୍ତ ହୋଇଛି। ଦର୍ଶକଭରା ଷ୍ଟାଡିୟମରେ ଉଡ଼ିଛି ଭାରତର ବିଜୟ ଧ୍ୱଜା। ରବିବାର ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଦିନିକିଆ ସହ ଭାରତ ୨-୧ରେ ସିରିଜ ବିଜୟୀ ହୋଇଛି। ଓପନିଂ ଯୋଡ଼ିରେ ଲୋକେଶ ରାହୁଲ ଓ ରୋହିତ ଶର୍ମାଙ୍କ ଶତକୀୟ ଭାଗୀଦାରି ଏବଂ ପରେ ଅଧିନାୟକ ବିରାଟ କୋହଲିଙ୍କ ଅଧିନାୟକ ଇନିଂସ ବଳରେ ଭାରତ ଚଳିତ ସିରିଜର ନିର୍ଣ୍ଣାୟକ ଦିନିକିଆ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୪ ଉଇକେଟରେ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୩୧୬ ରନର ବିଜୟ ଲକ୍ଷ୍ୟକୁ ଭାରତ ୪୮.୪ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଛି। ବାରବାଟୀରେ ସର୍ବାଧିକ ରନ ଚେଜ୍‌ରେ ଏହା ଏକ ରେକର୍ଡ। ପୂର୍ବରୁ ବାରବାଟୀରେ ସର୍ବାଧିକ ରନ ଚେଜ୍ ଥିଲା ୨୭୧ ରନ। ୨୦୦୮ରେ ଇଂଲଣ୍ଡ ବିପକ୍ଷରେ ଭାରତ ଏହି ରନ ଚେଜ୍ କରିଥିଲା। ଏବେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ସେହି ରେକର୍ଡକୁ ଭାଙ୍ଗିଛି। ବାରବାଟୀରେ ଭାରତର ଏହା ୧୩ତମ ବିଜୟ। ଭାରତ ଅଧିନାୟକ ବିରାଟ କୋହଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବାବେଳେ ରୋହିତ ଶର୍ମା ମ୍ୟାନ୍ ଅଫ୍ ଦି ସିରିଜ ହୋଇଛନ୍ତି।

୩୧୬ ରନ ବିଜୟ ଲକ୍ଷ୍ୟ ନେଇ ଭାରତ ପଡ଼ିଆକୁ ଓହ୍ଲାଇଥିଲା। ଦୁଇ ଓପନର ଲୋକେଶ ରାହୁଲ ଓ ରୋହିତ ଶର୍ମା ୱେଷ୍ଟଇଣ୍ଡିଜ ବୋଲରଙ୍କୁ ସଫଳ ମୁକାବିଲା କରିବା ସହ ପ୍ରଥମ ଉଇକେଟ ଯୋଡ଼ିରେ ୨୧.୨ ଓଭରରେ ୧୨୨ ରନର ପାର୍ଟନରଶିପ୍ ଗଢ଼ି ଭାରତର ବିଜୟ ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୪୩ତମ ଦିନିକିଆ ଅର୍ଦ୍ଧଶତକ ହାସଲ କରିଥିବା ହିଟ୍‌ମ୍ୟାନ ରୋହିତ ୬୩ ବଲ୍‌ରୁ ୮ ଚୌକା ଓ ୧ ଛକା ସହ ୬୩ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଉଇକେଟ କିପର ଶାଇ ହୋପ୍‌ଙ୍କ ହାତରେ କ୍ୟାଚ କରାଇ ୱେଷ୍ଟଇଣ୍ଡିଜକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଜାସନ ହୋଲ୍ଡର। ଅର୍ଦ୍ଧଶତକୀୟ ଇନିଂସ ଅବସରରେ ରୋହିତ କ୍ରିକେଟର ୩ଟି ଫର୍ମାଟରେ ସର୍ବାଧିକ ରନ ସଂଗ୍ରହରେ ଶ୍ରୀଲଙ୍କାର ସନଥ ଜୟସୁରିୟାଙ୍କ ରେକର୍ଡ ଭାଙ୍ଗିଥିଲେ। ନିଜର ୫ମ ଦିନିକିଆ ଅର୍ଦ୍ଧଶତକ ହାସଲ ସହ ଶତକ ଆଡ଼କୁ ବଢୁଥିବା ରାହୁଲ ମଧ୍ୟ ଅଧାରେ ଅଟକି ଯାଇଥିଲେ। ସେ ୮୯ ବଲ୍‌ରୁ ୮ ଚୌକା ଓ ୧ ଛକା ସହ ୭୭ ରନ କରିଥିବାବେଳେ ଅଲଜାରି ଜୋସେଫଙ୍କ ବଲ୍‌ରେ ହୋପ୍‌ଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଶ୍ରେୟାସ ଆୟାର ଓ ରିଷଭ ପନ୍ତ ଏଠାରେ ଫେଲ୍ ମାରିଥିଲେ। ☞ପୃଷ୍ଠା–୪



ଭାରତର ବ୍ୟାଟିଂ ସମୟରେ ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତରେ ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜା।

**ଭାରତ-ୱେଷ୍ଟଇଣ୍ଡିଜ ୩ୟ ମ୍ୟାଚ୍**

- ମ୍ୟାନ ଅଫ୍ ଦି ମ୍ୟାଚ୍- ବିରାଟ କୋହଲି
- ମ୍ୟାନ୍ ଅଫ୍ ଦି ସିରିଜ - ରୋହିତ ଶର୍ମା
- ବାରବାଟୀରେ ଭାରତର ୧୩ତମ ବିଜୟ
- ଭାରତର ସର୍ବାଧିକ ରନ୍ ଚେଜ୍
- ପୁରନ-ପୋଲାର୍ଡଙ୍କ ଶତକୀୟ ଭାଗୀଦାରି

# କିଏ ଖୁସି ହେବ

ତଥ୍ୟ ବା ଡାଟା ଏବେ ଦେଶଦୁନିଆକୁ ପରିଚାଳନା କରୁଛି। ସେଥିପାଇଁ ସରକାରୀ, ଘରୋଇ ସଂସ୍ଥାଠାରୁ ଆରମ୍ଭ କରି ବ୍ୟକ୍ତିଗତ ଜୀବନରେ ତଥ୍ୟକୁ ଗୁରୁତ୍ୱ ଦିଆଯାଉଛି। ଡାଟାବେସ୍ ବା ତଥ୍ୟାବଳୀ ପ୍ରସ୍ତୁତ କରି ତାହାକୁ ଦଲିଲଭୁକ୍ତ ବା ଡକ୍ୟୁମେଣ୍ଟେଶନ କରି ରଖିବା ଏକ ଜାତି ପାଇଁ ନିତାନ୍ତ ଦରକାର। କିନ୍ତୁ ଦିନକୁ ଦିନ ନାଗରିକଙ୍କ ସ୍ଥାୟିତ୍ୱ ଓ ପରିଚୟ ଉପରେ ପରୀକ୍ଷଣ କରାଯିବା ଦ୍ୱାରା ଯେଉଁ ଜନବଳ ଓ ଅର୍ଥବଳ ଖର୍ଚ୍ଚ ହେଉଛି, ସେ ସମ୍ବନ୍ଧରେ କେହି ପ୍ରଶ୍ନ କରୁନାହାନ୍ତି। ଏହାଠାରୁ ଅଧିକ ଗୁରୁତ୍ୱ ଧାରଣ କରୁଛି ସେହିସବୁ ଗଚ୍ଛିତ ତଥ୍ୟଗୁଡ଼ିକୁ କାହା ହେପାଜତରେ ଏବଂ କେମିତି ରଖାଯିବ। ଆଧୁନିକ ପୃଥିବୀରେ ସବୁଠାରୁ ମୂଲ୍ୟବାନ ପଦାର୍ଥ ହେଉଛି ତଥ୍ୟ। ସେଥିପାଇଁ ଅନେକ ଶିଳ୍ପପତି ଏହାକୁ ଆଧୁନିକ 'ତୈଳ'ର ଆଖ୍ୟା ଦେଉଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ନୂତନ 'ସୁନା' ବୋଲି କହିଛନ୍ତି।

ଆମେ ଏହି ସ୍ତମ୍ଭରେ ପୂର୍ବରୁ ଉଲ୍ଲେଖ କରିଛୁ ଯେ, ଭୋଟର ଓ ରାଶନ କାର୍ଡ ପ୍ରଚଳନ ହେବା ପୂର୍ବରୁ ବ୍ୟକ୍ତିଙ୍କ ଜମି ପଟ୍ଟା ବା ସମ୍ପତ୍ତି ମାଲିକାନର କାଗଜପତ୍ର ଦେଖାଯାଉଥିଲା। ଯେଉଁମାନଙ୍କ ସେତକ ସମ୍ବଳ ନ ଥିଲା, ସେମାନଙ୍କ ପରିଚୟ ଜାଣିବା ଲାଗି ସରପଞ୍ଚ କିମ୍ବା ପଡ଼ୋଶୀଙ୍କ ସାହାରା ନିଆଯାଉଥିଲା। କିଛିବର୍ଷ ହେବ ଆଧାର କାର୍ଡକୁ ଭାରତୀୟଙ୍କ ଜୀବନର ପ୍ରତିଟି କାର୍ଯ୍ୟରେ ଯୋଡ଼ିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଲେ । ଏହି କାର୍ଡ ପାଇବା ପାଇଁ ଲୋକେ ବାୟୋମେଟ୍ରିକ ବା ଶାରୀରିକ ତଥ୍ୟକୁ ଯେତେ ସମ୍ଭବ ସେତେ ଦେଇଦେଲେ। କୁହାଗଲା ଭୋଟର କାର୍ଡ ଅପେକ୍ଷା ଆଧାର କାର୍ଡରେ ଅଧିକ ତଥ୍ୟ ସନ୍ନିବେଶିତ ଥିବାରୁ ଏହାର ଚାହିଦା ଅଧିକ। କିଛି ମାସ ହେବ ଭାରତୀୟ ନାଗରିକଙ୍କ ସ୍ଥାୟିତ୍ୱକୁ ନେଇ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଓ ଏବେ ନାଗରିକ ସଂଶୋଧନ ଆଇନ (ସିଏଏ) ଦେଶବ୍ୟାପୀ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ସିଏଏକୁ ପ୍ରତିବାଦ କରି ୨୦ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। ଗାଡ଼ିମୋଟର ଜଳାଯିବା ସହ ସରକାରୀ ସମ୍ପତ୍ତି ଧ୍ୱଂସ କରାଯାଉଛି। ତଥାପି ବିବାଦ ଥମୁ ନାହିଁ। ଏଭଳି ଏକ ଅପ୍ରୀତିକର ସ୍ଥିତି ଦେଇ ଦେଶ ଗତି କରୁଥିବା ବେଳେ ପୁଣି ଏକ ପ୍ରସଙ୍ଗ ମୁଣ୍ଡ ଟେକିଲାଣି। ତାହା ହେଉଛି ନ୍ୟାଶନାଲ ପପୁଲେଶନ ରେଜିଷ୍ଟର ବା ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)। ଦେଶରେ ରହୁଥିବା ବ୍ୟକ୍ତିଙ୍କ ପରିଚୟ ତଥ୍ୟାବଳୀ ପ୍ରସ୍ତୁତି ଲାଗି ବ୍ୟାପକ ଭାବେ ଡେମୋଗ୍ରାଫିକ୍ ବା ଜନସଂଖୀୟ ଏବଂ ବାୟୋମେଟ୍ରିକ୍ ବା ଶାରୀରିକ ତଥ୍ୟ ସଂଗ୍ରହ ସକାଶେ କରାଯାଉଥିବା ପ୍ରକ୍ରିୟାକୁ ଏନ୍‌ପିଆର୍ କୁହାଯାଉଛି। ଏଥିରେ ତନ୍ନତନ୍ନ କରାଯାଇ ସ୍ଥାନୀୟ ଅଞ୍ଚଳର ଲୋକସଂଖ୍ୟା ଓ ପ୍ରତ୍ୟେକଙ୍କ ବିଷୟରେ ବ୍ୟକ୍ତିଗତ ତଥ୍ୟ ସଂଗ୍ରହକୁ ଗୁରୁତ୍ୱ ଦିଆଯିବାର ବ୍ୟବସ୍ଥା ରହିଛି। ସ୍ଥାନୀୟ (ଗାଁ ବା ୱାର୍ଡ), ଉପ-ଜିଲା (ତହସିଲ ବା ତାଲୁକ), ଜିଲା ଏବଂ ରାଜ୍ୟସ୍ତରୀୟ ତଥ୍ୟ ସଂଗ୍ରହ କରାଯାଇ ତାହାକୁ ସଙ୍କଳିତ କରାଯିବ। ୨୦୨୧ ଜନଗଣନାକୁ ଲକ୍ଷ୍ୟରେ ରଖାଯାଇ ଏପ୍ରିଲ ୨୦୨୦ରୁ ସେପ୍ଟେମ୍ବର ୨୦୨୦ ମଧ୍ୟରେ ଏହା ଶେଷ କରାଯିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ତେବେ ଏ ଯେଉଁ ପ୍ରକ୍ରିୟା ଚାଲିଛି ସେ ବିଷୟରେ ଅନେକେ ଅବଗତ ନାହାନ୍ତି। ପଶ୍ଚିମବଙ୍ଗର ସିଭିଲ ରାଇଟ୍‌ସ ଆକ୍ଟିଭିଷ୍ଟମାନେ ଏହାକୁ ପ୍ରତିବାଦ କରିବାରୁ ଏ ପ୍ରସଙ୍ଗ ନେଇ ଆଲୋଚନା ହେଲାଣି। ଏହି କର୍ମକର୍ତ୍ତାଙ୍କ ଅଭିଯୋଗ ହେଉଛି ଯେ, ଜନଗଣନା ସହ ଏନ୍‌ପିଆର୍‌ର କୌଣସି ସମ୍ପର୍କ ନାହିଁ। ବରଂ ରାଜ୍ୟରେ ଏନ୍‌ଆର୍‌ସି ଲାଗୁ କରିବା ସକାଶେ ଏହା ହେଉଛି ପ୍ରଥମ ପଦକ୍ଷେପ।

ଏଠାରେ ପ୍ରଶ୍ନ ଉଠୁଛି, କାହିଁକି ଭାରତୀୟ ବ୍ୟବସ୍ଥା ତା'ର ଲୋକଙ୍କ ସ୍ଥାୟିତ୍ୱ, ପରିଚୟ, ପସନ୍ଦ, ଧର୍ମ ଆଦି ଉପରେ ବାରମ୍ବାର ଅନୁଧ୍ୟାନ କରିଚାଲିଛି। ଆଧାରକୁ ଭାରତୀୟଙ୍କ ପରିଚୟର ଆଧାର ବୋଲି କୁହାଯାଇ ଏହାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇ ଆସିଥିବା ବେଳେ ଏନ୍‌ପିଆର୍ ଭଳି ନୂଆ ଚିନ୍ତାଧାରାର ଆବଶ୍ୟକତା ସନ୍ଦେହ ସୃଷ୍ଟି କରିବା ସ୍ୱାଭାବିକ। ହୁଏତ ଆଗକୁ ନାଗରିକଙ୍କ ପ୍ରମାଣପତ୍ର ଜାଣିବା ଲାଗି ଭିନ୍ନ ଟୁଲ୍ସ ବା ଯନ୍ତ୍ରପାତି ଭଳି ପରିଚୟ ଦଲିଲ ଖୋଜାଯାଇପାରେ। ଭାରତୀୟଙ୍କ ନାଗରିକତ୍ୱ ଓ ଚରିତ୍ର ଉପରେ ବାରମ୍ବାର ପରୀକ୍ଷଣ କରାଯିବା ଦ୍ୱାରା ଆମେ ଏକ ବିକୃତ ଜାତିର ପରିଚୟ ଦେବା ଭଳି ମନେହେଉଛି। ଏହିଭଳି ଭାବେ ସର୍ବଦା ଖୋଳତାଡ଼ ଲାଗି ରହିଲେ ବାସ୍ତବ ବିକାଶ ବାଧାପ୍ରାପ୍ତ ହେବ। ଅସଚେତନ ଭାରତୀୟ ସୁବିଧା ପାଇବା ନିମନ୍ତେ ସର୍ବଦା ସରକାରଙ୍କ ନୂଆ ଅବାଞ୍ଛିତ କାର୍ଯ୍ୟକ୍ରମକୁ ଗ୍ରହଣ କରିଚାଲିଲେ ସରକାରୀ ବ୍ୟବସ୍ଥା ଲୋକଙ୍କ ଉପରେ ବିଭିନ୍ନ ପ୍ରକାରର ବୋଝ ଲଦିଚାଲୁଥିବ।

ଏଠାରେ ଓଡ଼ିଶାର ଉଦାହରଣ ଦିଆଯାଇପାରେ। କେନ୍ଦ୍ର ସରକାରଙ୍କ ନୀତିକୁ ସମର୍ଥନ କରିବା ପାଇଁ ମୁଷ୍ଟିମେୟ ବ୍ୟକ୍ତି ଆଗେଇ ଆସୁଥିବା ବେଳେ ସାଧାରଣ ନାଗରିକ ଏହିସବୁ ମାରାତ୍ମକ କାର୍ଯ୍ୟକ୍ରମକୁ ବୁଝିବାରେ ଅସମର୍ଥ। ଜାଣିଶୁଣି ଧାରଣା ସୃଷ୍ଟି କରାଯାଉଛି ଯେ ଏନ୍‌ପିଆର୍, ଯାହା ଏନ୍‌ଆର୍‌ସି ସହ ଜଡ଼ିତ ହେବ ଏବଂ ଏନ୍‌ଆର୍‌ସି, ଯାହା ସିଏଏ ସହ ସମ୍ବନ୍ଧ ରଖୁଛି, ଏହାସବୁ ମୁସଲମାନ ସମ୍ପ୍ରଦାୟ ବିରୋଧରେ ଉଦ୍ଦିଷ୍ଟ। ବାସ୍ତବ ପରିସ୍ଥିତି ତାହା ନୁହେଁ। ସବୁ ସରକାରୀ ଯୋଜନାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଇବାକୁ ହେଲେ ସରକାରୀ ଅଧିକାରୀଙ୍କ ଉପରେ ଦାୟିତ୍ୱ ଛାଡ଼ିଦିଆଯିବ। କୌଣସି ଗୋଟିଏ ଅଞ୍ଚଳରେ କେଉଁ ପ୍ରକାରର ସରକାରୀ କର୍ମଚାରୀ ଜନସାଧାରଣଙ୍କ ପ୍ରତି କିଭଳି ଦୃଷ୍ଟିକୋଣ ପୋଷଣ କରିବେ ତାହା କହିବା କଷ୍ଟକର। ଗରିବ ହିନ୍ଦୁଙ୍କ ପାଇଁ ନିଜର ତଥ୍ୟଭିତ୍ତିକ ଦଲିଲ ପ୍ରଦାନ କରିବା ମଧ୍ୟ ଅତ୍ୟନ୍ତ କଷ୍ଟକର ହେବ। ସେହିସବୁ କାଗଜପତ୍ରକୁ ନୀରିକ୍ଷଣ କରିବା ଲାଗି ହିନ୍ଦୁ ଅଫିସର ଥିଲେ ସହଜ ହେବ ବୋଲି ଭାବିବା ଏକ ବିରାଟବଡ଼ ତ୍ରୁଟି। ଆଜି ଆମେ ଚତୁଃପାର୍ଶ୍ୱରେ ଆଖି ବୁଲାଇଲେ ପୋଲିସ ଥାନାଠାରୁ ଜିଲାପାଳଙ୍କ ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ କର୍ତ୍ତୃପକ୍ଷ ହିନ୍ଦୁ ବୋଲି କହିପାରିବା। ସେହି ହିନ୍ଦୁ କର୍ତ୍ତୃପକ୍ଷ ଅତ୍ୟନ୍ତ ଦୁର୍ନୀତିଖୋର ହୋଇଥିବା ସହିତ ନୀରିହଙ୍କ ପ୍ରତି ଅତ୍ୟାଚାର କରୁଥିବାର ପ୍ରତ୍ୟେକ ଦିନ ଅନେକ ଦୃଷ୍ଟାନ୍ତ ମିଳୁଛି। ଏଥିରୁ ବୁଝିବାକୁ ହେବ ଯେ ଦୁର୍ନୀତି ଓ ଅନ୍ୟାୟ ଘଟାଉଥିବା ସରକାରୀ କର୍ତ୍ତୃପକ୍ଷ ଯେମିତି ମହିଳା କିମ୍ବା ପୁରୁଷ ହୋଇପାରନ୍ତି, ସେମିତି ହିନ୍ଦୁ କିମ୍ବା ମୁସଲମାନ ହୋଇପାରନ୍ତି। ଅର୍ଥାତ୍ ଲିଙ୍ଗ ଏବଂ ଧର୍ମ ଦେଖି କରି ନ୍ୟାୟବାନ ଓ ଦୁର୍ନୀତିମୁକ୍ତ ବୋଲି କହିହେଉ ନାହିଁ। ସେଥିପାଇଁ ଆଜି ଯେତେବେଳେ ଭାରତର ଅଧିକାଂଶ ହିନ୍ଦୁ ଭାବୁଛନ୍ତି ଯେ, ନଗରିକତ୍ୱ ଆଇନ ସେମାନଙ୍କୁ ଛୁଇଁପାରିବ ନାହିଁ, ସେହି ଭାରତୀୟ ନାଗରିକଙ୍କୁ ନିଜ ଅଞ୍ଚଳର ପୋଲିସ ଏବଂ ପ୍ରଶାସନିକ କର୍ମଚାରୀଙ୍କ ଉପରେ ନଜର ପକାଇ ସେମାନଙ୍କ ଧର୍ମ ସମ୍ପର୍କରେ ବୁଝିବା ସହିତ ତାଙ୍କର କାର୍ଯ୍ୟରେ ସେମାନେ କେତେ ନ୍ୟାୟ ଦେଉଛନ୍ତି ଏବଂ କେତେ ଦୁର୍ନୀତିମୁକ୍ତ ରହୁଛନ୍ତି, ସେ ବିଷୟରେ ନିଜେ ନିଜର ଆକଳନ କରିବା ଦରକାର। ମୋ ଅଞ୍ଚଳରେ ଯାହା ମୁଁ ଦେଖୁଛି, ସେହି କ୍ଷେତ୍ରକୁ ବଡ଼ ଆକାର କରିଦେଲେ ସମଗ୍ର ଭାରତବର୍ଷରେ ସେହି ପ୍ରକାରର ଚିତ୍ର ଦେଖାଯିବ। ଆଜି ଅନ୍ୟମାନେ ଯେଉଁ ଦୁଃଖର ସମ୍ମୁଖୀନ ହେଲା ବେଳେ ଆମେ ଖୁସି ହେଉଛେ, ଖୁବ୍‌ଶୀଘ୍ର ଆମ ଉପରେ ସେହି ଦୁଃଖର ଚଡ଼କ ପଡ଼ିବାର ସବୁ ଆଶଙ୍କା ରହିଛି। ସେତେବେଳେ କିଏ ଖୁସି ହେବ?

**ତଥାଗତ ସତପଥୀ**

# ବାପାଙ୍କୁ ହତ୍ୟା ପରେ ପୁଅର ଆତ୍ମହତ୍ୟା

- ପଥରରେ ଛେଚି ହତ୍ୟା କଲେ
- ଜଙ୍ଗଲ ମଧ୍ୟରୁ ପୁଅର ମୃତଦେହ ମିଳିଲା

**ନୂଆପଡା ଅଫିସ / କୋମନା, ୨୨।୧୨ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ଥାନା ସୁନାବେଡା ଅଭୟାରଣ୍ୟସ୍ଥିତ ଗାତିବେଡା (ଆମପଡା) ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁର ଏକ ଆଦିବାସୀ ପରିବାରର ଜଣେ ଯୁବକ ତାଙ୍କ ବାପାଙ୍କୁ ପଥରରେ ଛେଚି ହତ୍ୟା କରିବା ପରେ ନିଜେ ଦଉଡି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଗାଁର ଦେବ ମାଝି (୨୭) ନାମକ ଜଣେ ଯୁବକଙ୍କର ରବିବାର ମଧ୍ୟାହ୍ନ ୧୨ଟାରେ ଘରେ କେହି ନ ଥିବା ସମୟରେ ବାପା ରାମସିଂ ମାଝି (୭୦)ଙ୍କ ସହ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଦେବ ବାପାଙ୍କୁ ଏକ ପଥରରେ ଛେଚି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଦେବ ମାନସିକ ଭାରସାମ୍ୟ ହରାଇ ସେଠାରୁ ୫ ଶହ ମିଟର ଦୂରରେ ଥିବା ଏକ ଗଛରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକ ଆସି ଖୋଜାଖୋଜି କରିବା ପରେ ମୃତଦେହକୁ ଦେଖିବାକୁ ପାଇଥିଲେ। ରାମସିଂଙ୍କ ଅନ୍ୟ ଦୁଇ ପୁଅ ଭଜମନ ଏବଂ ରାମସାଏ କୋମନା ଥାନାରେ ଏତଲା ଦେଇଛନ୍ତି। ରିପୋର୍ଟ ଲେଖାଯିବା ସୁଦ୍ଧା ମାମଲା ରୁଜୁ ହୋଇନାହିଁ। ମୃତଦେହ ଦୁଇଟିକୁ ଗ୍ରାମବାସୀ ଜଗି ରହିଛନ୍ତି। ସୂଚନାଯୋଗ୍ୟ ଯେ, କୋମନା ଥାନାଠାରୁ ୫୦ କି.ମି. ଦୂର ମାଓବାଦୀ ପ୍ରବଣ ଦୁର୍ଗମ ସୁନାବେଡା ଅଭୟାରଣ୍ୟ ଭିତରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ପୋଲିସ କେତେବେଳେ କିପରି ପହଞ୍ଚିବ ତାହା ଦେଖିବାକୁ ବାକି ରହିଲା। ପୋଲିସ ଛାନଭିନ ପରେ ସବୁତଥ୍ୟ ଜଣାପଡିବ ବୋଲି କୁହାଯାଉଛି।

# ନିଆଁରେ ପୋଡ଼ିହୋଇ ମା' ଝିଅ ଜୀବନ୍ତ ଦଗ୍ଧ

**ସୁନ୍ଦରଗଡ଼, ୨୨।୧୨ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ସଦର ବ୍ଲକ ଭଷ୍ମା ଗ୍ରାମରେ ରବିବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଘର ଭିତରେ ନିଆଁରେ ପୋଡ଼ିହୋଇ ମା' ଓ ଝିଅ ଜୀବନ୍ତ ଦଗ୍ଧ ହୋଇଛନ୍ତି। ମୃତକମାନେ ହେଲେ ଏହି ଗ୍ରାମର ଗୁଲାପି ମେହେର (୭୦) ଓ ତାଙ୍କ ଭିନ୍ନକ୍ଷମ ଝିଅ ଲକ୍ଷ୍ମୀ। ମା'ଝିଅ ଏକୁଟିଆ ରହୁଥିବା ଘରୁ ସନ୍ଧ୍ୟାରେ ଧୂଆଁ ଉଠୁଥିବା ଦେଖି ପାଖ ପଡୋଶୀ ପହଞ୍ଚିଥିଲେ। ଖୋଲାଥିବା ବାରିପଟ କବାଟ ଦେଇ ଘର ଭିତରେ ପଶିଥିଲେ। ମା'ଝିଅ ଜୀବନ୍ତ ଦଗ୍ଧ ଅବସ୍ଥାରେ ପଡିଥିବା ଲୋକେ ଦେଖିଥିଲେ। ☞ପୃଷ୍ଠା–୪

**ଆଜିର ମନ୍ତବ୍ୟ**

"ନରେନ୍ଦ୍ର ମୋଦି, ଅମିତ ଶାହା ଦେଶର ଯୁବତୀଯୁବକଙ୍କ ଭବିଷ୍ୟତକୁ ନଷ୍ଟ କରିଦେଇଛନ୍ତି।"

**–ରାହୁଲ ଗାନ୍ଧୀ, କଂଗ୍ରେସ ନେତା**


Vencobb Fresh CHICKEN — Taste the difference!

22.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 87 | 141 | 151 |
| DKL | 91 | 146 | 156 |
| BDK | 84 | 137 | 147 |
| BLS | 84 | 137 | 147 |
| ANG | 92 | 148 | 158 |
| BHM | 92 | 148 | 158 |

Issued in the Interest of Consumers *Conditions Apply





୧୯୭୬ ପରେ ପ୍ରଥମ ଥର ପାଇଁ କ୍ୟୁବାର ପ୍ରଧାନମନ୍ତ୍ରୀ ଭାବେ ମାନୁଏଲ ମାରେରୋ କ୍ରୁଜ୍‌ଙ୍କ ନାଁ ଘୋଷଣା କରିଛନ୍ତି ରାଷ୍ଟ୍ରପତି ମିଗୁଏଲ୍ ଡିଆଜ୍ କାନେଲ। ୧୯୫୯ରୁ ୧୯୭୬ ଫିଡେଲ କାଷ୍ଟ୍ରୋ କ୍ୟୁବା ପ୍ରଧାନମନ୍ତ୍ରୀ ଥିଲେ। ସମ୍ବିଧାନ ସଂଶୋଧନ ପରେ କାଷ୍ଟ୍ରୋଙ୍କୁ ରାଷ୍ଟ୍ରପତି କରାଯିବା ସହ ପ୍ରଧାନମନ୍ତ୍ରୀ ପଦ ଉଠାଇଦିଆଯାଇଥିଲା। ନୂଆ ସମ୍ବିଧାନରେ ରାଷ୍ଟ୍ରପତିଙ୍କ କ୍ଷମତାକୁ ଭାଗ କରାଯାଇ ମିଗୁଏଲ୍‌ଙ୍କୁ ରାଷ୍ଟ୍ରପତି କରାଯିବା ସହ ନୂତନ ଭାବେ ପ୍ରଧାନମନ୍ତ୍ରୀ ପଦ ସୃଷ୍ଟି କରାଯାଇଥିଲା।

### ଦିଲ୍ଲୀରେ ମୋଦିଙ୍କ ବିଶାଳ ରାଲି

# ସିଏଏ ନାଗରିକତ୍ୱ ଛଡ଼ାଇନେବା ପାଇଁ ନୁହେଁ

**ନୂଆଦିଲ୍ଲୀ,୨୨।୧୨(ପି.ଟି.)**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)କୁ ନେଇ ଭାରତୀୟ ମୁସଲମାନମାନେ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। ତାଙ୍କୁ ଟାର୍ଗେଟ କରି ବିରୋଧୀମାନେ ଦେଶକୁ ବିଭାଜନ କରିବା ପାଇଁ ଉଦ୍ୟମ କରୁଛନ୍ତି । ଗୁଜବ ସୃଷ୍ଟି କରି ସେମାନେ ଲୋକଙ୍କୁ ଉତ୍ତେଜିତ କରୁଥିବା ଦିଲ୍ଲୀର ରାମଲୀଳା ମଇଦାନରେ ବିଶାଳ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି। ପଡୋଶୀ ଦେଶରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ଭାରତରେ ଆଶ୍ରୟ ନେଇଥିବା ସଂଖ୍ୟାଲଘୁମାନଙ୍କୁ ଅଧିକାର ଦେବା ପାଇଁ ସିଏଏ ଅଣାଯାଇଛି। କାହାର ଅଧିକାର ଛଡାଇନେବାକୁ ନୁହେଁ। କଂଗ୍ରେସ, ଏଏପି, ଟିଏମ୍‌ସି ଓ ବାମଦଳଗୁଡ଼ିକ ସିଏଏକୁ ବିରୋଧ କରି ବିଭିନ୍ନ ରାଜ୍ୟରେ ବିକ୍ଷୋଭ ନାଁରେ ହିଂସାକାଣ୍ଡ ଘଟାଉଛନ୍ତି। ପାକିସ୍ତାନରେ ସଂଖ୍ୟାଲଘୁଙ୍କ ପ୍ରତି ପକ୍ଷପାତ କରାଯାଉଥିବାରୁ ଇସ୍‌ଲାମାବାଦକୁ ପଦାରେ ପକାଇବାର ଏହା ଏକ ସୁଯୋଗ ଥିଲା, କିନ୍ତୁ ବିରୋଧୀଙ୍କ ରାଜନୀତି ଯୋଗୁ ତାହା ହରାଇବାକୁ ପଡିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ସେହିପରି ଏନ୍‌ଆର୍‌ସିକୁ ନେଇ ମୋଦି କହିଥିଲେ, ଭାରତରେ ଅଟକ କେନ୍ଦ୍ର ନିର୍ମାଣ ହୋଇନି। ସବୁ ମୁସଲମାନଙ୍କୁ ଅଟକ କେନ୍ଦ୍ରକୁ ପଠାଇ ଦିଆଯିବ ବୋଲି କଂଗ୍ରେସ ଓ ଏହାର ସହଯୋଗୀ କେତେକ ସହରୀ ଉଗ୍ରପନ୍ଥୀ ଗୁଜବ ସୃଷ୍ଟି କରୁଛନ୍ତି। ସାରା ଦେଶରେ ଏନ୍‌ଆର୍‌ସି ଲାଗୁ ହେବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ବାରମ୍ବାର କହୁଥିଲେ ହେଁ ଏହା ଲାଗୁ ହୋଇ ନ ପାରେ। ମୁସଲମାନମାନେ ଆଦୌ ଚିନ୍ତା ନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିବିଧତାରେ ଏକତା, ଭାରତର ବିଶେଷତାରୁ ଭାଷଣ ଆରମ୍ଭ କରି ମୋଦି ପାଖାପାଖି ୧୦୦ ମିନିଟ ଧରି କହିଥିଲେ ଓ ମୁସଲମାନଙ୍କ ଚିନ୍ତା ଦୂର କରିବା ଲାଗି ଉଦ୍ୟମ କରିଥିଲେ। ଗରିବଙ୍କ ପାଇଁ ଏଲ୍‌ପିଜି ସିଲିଣ୍ଡରଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟବୀମା ପର୍ଯ୍ୟନ୍ତ ଜନକଲ୍ୟାଣ ଯୋଜନା କାର୍ଯ୍ୟକାରୀ କଲାବେଳେ ସରକାର କେବେ ହିତାଧିକାରୀଙ୍କ ଜାତି କିମ୍ବା ଧର୍ମ ସମ୍ପର୍କରେ ପଚାରି ନାହାନ୍ତି। ତେଣୁ ନାଗରିକତ୍ୱ ଆଇନ କିମ୍ବା ଏନ୍‌ଆର୍‌ସିକୁ ନେଇ ଭାରତୀୟ ମୁସଲମାନଙ୍କର କିଛି ହେବାର ନାହିଁ ବୋଲି ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଥିଲେ।

■ଗୁଜବ ସୃଷ୍ଟି ଲାଗି କଂଗ୍ରେସ ଓ ସହରୀ ଉଗ୍ରପନ୍ଥୀଙ୍କୁ ଦୋଷଦେଲେ

■ଦିଲ୍ଲୀରେ ପାନୀୟ ଜଳ ସମସ୍ୟା ନେଇ ଏଏପିକୁ ଟାର୍ଗେଟ

ଆଗାମୀ ମାସରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଥିବାବେଳେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗରେ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦମୀ ପାର୍ଟି (ଏଏପି) ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ସରକାର ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ବିଫଳ ହୋଇଛନ୍ତି। ସେହିପରି ପରିବହନ ସମସ୍ୟା ଓ ବାୟୁ ପ୍ରଦୂଷଣକୁ ନେଇ ସେ ଏଏପି ସରକାର ଉପରେ ବର୍ଷିଥିଲେ। ଏହି ରାଲିରେ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ, ପ୍ରକାଶ ଜାଭଡେକରଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ରାଲି ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ସିଏଏ, ଏନ୍‌ଆର୍‌ସିକୁ ବିରୋଧ

## ଜୟପୁରରେ ସମ୍ବିଧାନ ବଚାଓ ରାଲି



ସାମାଜିକ କର୍ମୀ ଅରୁଣା ରାୟ,ଏଲ୍‌ଜେଡି ନେତା ଶରଦ ଯାଦବ ଓ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟଙ୍କ ସହ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ।

**ଜୟପୁର, ୨୨।୧୨(ପି.ଟି.)**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ଏବଂ ଏନ୍‌ଆରସିକୁ ବିରୋଧ କରି ରବିବାର ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ନେତୃତ୍ୱରେ ଜୟପୁରରେ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏହି ସମ୍ବିଧାନ ବଚାଓ ରାଲିରେ ପାଖାପାଖି ୩ ଲକ୍ଷ ଲୋକ ଯୋଗଦେଇଥିଲେ। ସିଏଏ ସମ୍ବିଧାନ ବିରୋଧୀ ଓ ଧର୍ମ ନାମରେ ଲୋକଙ୍କୁ ଭାଗ ଭାଗ କରିବାକୁ ଉଦ୍ୟମ ହେଉଛି ବୋଲି କଂଗ୍ରେସ ନେତା ଅଭିଯୋଗ କରିବା ସହ ଏହାକୁ ରଦ୍ଦ କରିବା ଲାଗି ଦାବି କରିଥିଲେ। ଏହି ନୀରବ ଶୋଭାଯାତ୍ରାରେ ସିପିଆଇ, ସିପିଏମ୍, ଏଏପି, ସମାଜବାଦୀ ପାର୍ଟି, ଆର୍‌ଏଲ୍‌ଡି ଏବଂ ଜେଡିଏସ୍‌ର ସଦସ୍ୟଙ୍କ ସମେତ ସଂଖ୍ୟାଲଘୁ, ସିଭିଲ ସୋସାଇଟି ସଦସ୍ୟ ଏବଂ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ଆଲବର୍ଟ ହଲ୍‌ଠାରୁ ଶୋଭାଯାତ୍ରା ବାହାରି ଗାନ୍ଧୀ ସର୍କଲରେ ପହଞ୍ଚିଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ଗେହଲଟ ଉଦ୍‌ବୋଧନ ଦେଇ ସିଏଏ ଏବଂ ଏନ୍‌ଆର୍‌ସି ପାଇଁ ଭାଜପା, ଆର୍‌ଏସ୍‌ଏସ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଦୋଷ ଦେଇଥିଲେ। ସେମାନେ ଭାରତକୁ ହିନ୍ଦୁ ରାଷ୍ଟ୍ରରେ ପରିଣତ କରିବାକୁ ଉଦ୍ୟମ କରୁଥିବା ଗେହଲଟ ଅଭିଯୋଗ କରିଥିଲେ।

### ୟୁପି ସରକାରଙ୍କ ଅଭିଯୋଗ

# ହିଂସା ପଛରେ ପିଏଫ୍‌ଆଇ, ସିମି

**ଲକ୍ଷ୍ନୌ,୨୨।୧୨(ପି.ଟି.)**

ଉତ୍ତରପ୍ରଦେଶରେ ସିଏଏ ବିରୋଧୀ ହିଂସାତ୍ମକ ଆନ୍ଦୋଳନ ପାଇଁ ରାଜ୍ୟ ସରକାର ବାହାର ଲୋକଙ୍କୁ ଦାୟୀ କରୁଥିବାବେଳେ ଏଥିରେ ମୁସଲମାନ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଏବଂ ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ (ସିମି) ସମ୍ପୃକ୍ତ ଥିବା ରବିବାର କହିଛନ୍ତି। ହିଂସାରେ ସମ୍ପୃକ୍ତ ପଶ୍ଚିମବଙ୍ଗର ୬ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ପିଏଫ୍‌ଆଇ ଏବଂ ସିମି ସହ ସମ୍ପୃକ୍ତ ଥିବା ଜଣାପଡିଛି। ହିଂସାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ଭେଟିବା ପାଇଁ ତୃଣମୂଳ କଂଗ୍ରେସର ଏକ ପ୍ରତିନିଧି ଦଳ ଆସିଥିବାବେଳେ ସେମାନଙ୍କୁ ଲକ୍ଷ୍ନୌ ବିମାନବନ୍ଦରରେ ଅଟକ ରଖାଯାଇଛି।

■ଲକ୍ଷ୍ନୌ ବିମାନବନ୍ଦରରେ ଟିଏମ୍‌ସି ପ୍ରତିନିଧି ଅଟକ

■ମୃତକଙ୍କ ପରିବାରକୁ ଭେଟିଲେ ପ୍ରିୟଙ୍କା



ବିଜ୍‌ନୋରରେ ମୃତକଙ୍କ ପରିବାରକୁ ପ୍ରିୟଙ୍କା ଗାନ୍ଧୀ ଭେଟୁଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବିଜ୍‌ନୋର ଜିଲାକୁ ଯାଇ ବିକ୍ଷୋଭ ହିଂସାରେ ପ୍ରାଣ ହରାଇଥିବା ୨ ଜଣଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି। ଗତ ୩ ଦିନ ଧରି ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭବେଳେ ହିଂସାକାଣ୍ଡ ଘଟି ୧୬ ଜଣଙ୍କ ମୃତ୍ୟୁ ହୋଇଥିଲା। ରବିବାର ରାଜ୍ୟ ସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି। ବିଭିନ୍ନ ଅଞ୍ଚଳରେ କଟକଣା ଜାରି ରହିଥିବାବେଳେ ସୋମବାର ପର୍ଯ୍ୟନ୍ତ ଇଣ୍ଟରନେଟ ସେବାକୁ ବନ୍ଦ ରଖାଯାଇଛି। ରବିବାର ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା ଏକ ଖବରଦାତା ସମ୍ମିଳନୀ ଡାକି ଉତ୍ତରପ୍ରଦେଶ ହିଂସାରେ ବାହାର ଲୋକଙ୍କ ଭୂମିକା ଥିବା କହିଥିଲେ। ପଶ୍ଚିମବଙ୍ଗର ମାଲଦାରୁ ଆସିଥିବା ୬ ଜଣ ହିଂସାକାଣ୍ଡରେ ସାମିଲ ଥିଲେ। ସେମାନେ ବେଆଇନ ଘୋଷିତ ଆତଙ୍କବାଦୀ ସଂଗଠନ ସିମି ସମେତ ପିଏଫ୍‌ଆଇର ସଦସ୍ୟ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ସିଏଏକୁ ସମର୍ଥନ କରିଥିବା ମୌଲବୀ ଏକଘରକିଆ

**ନୂଆଦିଲ୍ଲୀ,୨୨।୧୨ (ଆଇଏଏନ୍‌ଏସ୍)**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ସମର୍ଥନ କରିଥିବା କେତେଜଣ ମୌଲବୀଙ୍କୁ ଉଭୟ ଦିଲ୍ଲୀ ଓ ଲକ୍ଷ୍ନୌରେ ଉକ୍ତ ସମ୍ପ୍ରଦାୟରୁ ଏକଘରକିଆର ସମ୍ମୁଖୀନ ହେବାକୁ ପଡିଛି। ଜାମା ମସ୍‌ଜିଦ୍‌ର ସାହି ଇମାମ ସିଏଏକୁ ସମର୍ଥନ କରି ଏହା ସଂଖ୍ୟାଲଘୁ ବିରୋଧୀ ନୁହେଁ ବୋଲି କହିଥିଲେ। ଶୁକ୍ରବାର ଦଳିତ ନେତା ଚନ୍ଦ୍ରଶେଖର ଆଜାଦଙ୍କ ନେତୃତ୍ୱରେ ବିକ୍ଷୋଭକାରୀ ମସ୍‌ଜିଦରେ ଧସେଇ ପଶିଥିବାବେଳେ ସାହି ଇମାମ ଅସହାୟ ହୋଇପଡ଼ିଥିଲେ। ସେହିପରି ଶିୟା ସମ୍ପ୍ରଦାୟର ଅନ୍ୟ ଜଣେ ମୌଲବୀ କାଲବେ ଜୱାଦ ସିଏଏରେ ସରକାରଙ୍କୁ ସମର୍ଥନ କରି ସୋସିଆଲ ମିଡିଆରେ ଟ୍ରୋଲ୍ ହୋଇଛନ୍ତି।

## ଶିଲଂରୁ କର୍ଫ୍ୟୁ ଉଠିଲା ମାଙ୍ଗାଲୁରୁରେ କୋହଳ

**ଶିଲଂ/ମାଙ୍ଗାଲୁରୁ,୨୨।୧୨(ପି.ଟି.)**

ମେଘାଳୟ ରାଜଧାନୀ ଶିଲଂରୁ ରବିବାର ସକାଳେ କର୍ଫ୍ୟୁ ହଟାଇ ଦିଆଯାଇଛି। ଫଳରେ ବହୁସଂଖ୍ୟାରେ ଲୋକେ ବଜାର ଆସି ଅତ୍ୟାବଶ୍ୟକ ସାମଗ୍ରୀ ଏବଂ କ୍ରିଷ୍ଟମାସ ପାଇଁ ଉପହାର କିଣାକିଣି କରିଥିଲେ। ସିଏଏ ବିରୋଧୀ ଆନ୍ଦୋଳନ ହିଂସାତ୍ମକ ହେବା ପରେ ୧୨ ତାରିଖରୁ ସିଲଂର ସଦର ଓ ଲୁମ୍‌ଡିଏଙ୍ଗ୍‌ରି ଥାନା ଅଞ୍ଚଳରେ କର୍ଫ୍ୟୁ ଜାରି ହୋଇଥିଲା। ସେହିପରି କର୍ଣ୍ଣାଟକର ମାଙ୍ଗାଲୁରୁ ସହରରେ ରବିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ୧୨ ଘଣ୍ଟା କର୍ଫ୍ୟୁ କୋହଳ କରାଯାଇଥିଲା। ଗୁରୁବାର ମେଙ୍ଗାଲୁରୁରେ ସିଏଏ ବିରୋଧୀ ହିଂସାରେ ୨ ଜଣଙ୍କ ମୃତ୍ୟୁ ପରେ ସେଠାରେ କର୍ଫ୍ୟୁ ଲାଗୁ ହୋଇଥିଲା।

## ଜାମିଆରେ ମହିଳାଙ୍କ ଧାରଣା

**ନୂଆଦିଲ୍ଲୀ,୨୨।୧୨:** ନାଗରିକତ୍ୱ ଆଇନକୁ ବିରୋଧ କରି ରବିବାର ଦିଲ୍ଲୀର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅନେକ ମହିଳା ସେମାନଙ୍କ ଝିଅଙ୍କ ସହ ଧାରଣାରେ ବସିଥିଲେ। ମହିଳାଙ୍କ ମଧ୍ୟରୁ ଅଧିକାଂଶ ଜାମିଆର ପୂର୍ବତନ ଛାତ୍ରୀ। ସେମାନଙ୍କ ସହ ଥିବା ଝିଅମାନଙ୍କ ବୟସ ୩ରୁ ୧୦ ବର୍ଷ ମଧ୍ୟରେ। ସେମାନେ ସିଏଏ ଏବଂ ଏନ୍‌ଆର୍‌ସି ବିରୋଧୀ ପୋଷ୍ଟର ଧରିଥିଲେ। ଏହା ବ୍ୟତୀତ ବହୁସଂଖ୍ୟାରେ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ଜାମିଆ କ୍ୟାମ୍ପସ୍ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ପର୍ସ ବଞ୍ଚାଇଲା କନଷ୍ଟେବଲଙ୍କ ଜୀବନ

**ଫିରୋଜାବାଦ, ୨୨।୧୨**

ଉତ୍ତରପ୍ରଦେଶର ଫିରୋଜାବାଦ ଅନ୍ତର୍ଗତ ନାଳବନ୍ଧରେ ପୋଲିସ କନଷ୍ଟେବଲ ବୀରେନ୍ଦ୍ର କୁମାର ଶନିବାର ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସିଏଏକୁ ବିରୋଧ କରି ବିକ୍ଷୋଭ ଚାଲିଥିବାବେଳେ ବିକ୍ଷୋଭକାରୀ ଗୁଳିମାଡ଼ କରିବାରୁ ଗୋଟିଏ ଗୁଳି ତାଙ୍କ ଛାତିରେ ବାଜିଥିଲା। ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ଭେଦକରି ଗୁଳିଟି ତାଙ୍କ ଛାତି ପକେଟରେ ଥିବା ପର୍ସରେ ବାଜି ଅଟକି ଯାଇଥିଲା । ପର୍ସ ଭିତରେ ୪ଟି ଏଟିଏମ୍ କାର୍ଡ ସହ ଶିବ ଓ ସାଇବାବାଙ୍କ ଫଟୋ ରହିଥିଲା ବୋଲି କହିଛନ୍ତି ବୀରେନ୍ଦ୍ର। ଏଥିଯୋଗୁ ଶରୀରର କୌଣସି କ୍ଷତି ନ ହୋଇ ସେ ଅଳ୍ପକେ ବର୍ତ୍ତିଯାଇ ନୂଆ ଜୀବନ ପାଇଥିବା କହିଛନ୍ତି। ପ୍ରକାଶଥାଉ କି, ସିଏଏ ପ୍ରତିବାଦରେ ରାଜ୍ୟବ୍ୟାପୀ ହିଂସାକାଣ୍ଡ ଲାଗି ରହିଥିବାବେଳେ ଏପର୍ଯ୍ୟନ୍ତ ଗୁଳିମାଡ଼ରେ ୧୭ ଜଣଙ୍କ ଜୀବନ ଗଲାଣି।

## ସିଏଏ, ଏନ୍‌ଆର୍‌ସିକୁ ନେଇ ଚିନ୍ତାବ୍ୟକ୍ତ କଲା ବାଂଲାଦେଶ

**ଢାକା,୨୨।୧୨(ପି.ଟି.)**

ସିଏଏ ଏବଂ ଏନ୍‌ଆର୍‌ସିକୁ ନେଇ ବାଂଲାଦେଶ ଚିନ୍ତାବ୍ୟକ୍ତ କରିଛି। ଏହା ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ହେଲେ ମଧ୍ୟ ସେଠାରେ କୌଣସି ପ୍ରକାର ଅନିଶ୍ଚିତତା ପଡୋଶୀ ଦେଶକୁ ପ୍ରଭାବିତ କରିପାରେ ବୋଲି ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରୀ ଏ.କେ. ଅବଦୁଲ ମୋମେନ୍ କହିଛନ୍ତି। ନାଗରିକତ୍ୱ ଆଇନକୁ ବିରୋଧ କରି ଭାରତରେ ଉତ୍ତେଜନାପୂର୍ଣ୍ଣ ବିକ୍ଷୋଭ ଜାରି ରହିଥିବାବେଳେ ସ୍ଥିତିରେ ସୁଧାର ଆସିବା ପାଇଁ ମୋମେନ ଆଶାବ୍ୟକ୍ତ କରିଛନ୍ତି। ସିଏଏ ଏବଂ ଏନ୍‌ଆର୍‌ସି କୌଣସି ପରିସ୍ଥିତିରେ ବି ବାଂଲାଦେଶକୁ ପ୍ରଭାବିତ କରିବ ନାହିଁ ବୋଲି ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ପ୍ରତିପକ୍ଷ ଶେଖ୍ ହାସିନାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଭାରତରେ ଅନିଶ୍ଚିତତା ଦେଖାଦେଲେ ପଡୋଶୀ ଦେଶ ପ୍ରଭାବିତ ହୋଇପାରେ ବୋଲି ମୋମେନ୍ କହିଛନ୍ତି।

## ଆପାର୍ଟମେଣ୍ଟରେ ନିଆଁ ଲାଗି ୬ ମୃତ

**ଲସ୍ ଭେଗାସ୍, ୨୨।୧୨(ପି.ଟି.):** ଲସ୍ ଭେଗାସ୍‌ର ସହରତଳି ଅଞ୍ଚଳରେ ଥିବା ଏକ ତିନି ମହଲା ଆପାର୍ଟମେଣ୍ଟରେ ଶନିବାର ଅଗ୍ନିକାଣ୍ଡ ଘଟିବାରୁ ୬ ଜଣ ପ୍ରାଣ ହରାଇବା ସହ ୧୩ ଜଣ ଆହତ ହୋଇଛନ୍ତି। ଷ୍ଟୋଭ୍‌ରୁ ନିଆଁ ଲାଗି ତଳ ବିଲ୍ଡିଂ ବିଶେଷ ଭାବେ ପ୍ରଭାବିତ ହୋଇଥିବାବେଳେ ଏହା ଉପର ମହଲାକୁ ବ୍ୟାପିଯାଇଥିଲା। ଚାରିଆଡ଼ ଧୂଆଁମୟ ହୋଇଯିବାରୁ ଆତଙ୍କ ଖେଳିଯାଇଥିଲା। ନିଆଁ ଭୟରେ କେତେକ ଉପର ମହଲାରୁ ତଳକୁ ଡେଇଁ ପଡ଼ିଥିବାବେଳେ କେତେକ ନିଆଁ ଧାସରେ ପୋଡ଼ିଯାଇଥିବା କୁହାଯାଉଛି। ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ ଆହତଙ୍କୁ ଚିକିତ୍ସା ଲାଗି ହସ୍ପିଟାଲକୁ ପଠାଇଥିଲେ। ଆପାର୍ଟମେଣ୍ଟ ଭିତରୁ ୩ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ହସ୍ପିଟାଲରେ ଆଉ ୩ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## ପାକ୍‌କୁ ଏଫ୍‌ଏଟିଏଫ୍‌ର ୧୫୦ ପ୍ରଶ୍ନ

**ଇସ୍‌ଲାମାବାଦ,୨୨।୧୨(ପି.ଟି.)**

**ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ**

ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାଣ୍ଠି ଯୋଗାଣ ଓ ମନିଲଣ୍ଡରିଂ ରୋକିବା ଦିଗରେ ମଦ୍ରାସାଗୁଡ଼ିକ ବିରୋଧରେ ପାକିସ୍ତାନ କ'ଣ ପଦକ୍ଷେପ ନେଇଛି ଜଣାଇବାକୁ ଅନ୍ତର୍ଜାତୀୟ ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଇସ୍‌ଲାମାବାଦକୁ କହିଛି। ଆସନ୍ତାବର୍ଷ ଫେବୃୟାରୀ ପର୍ଯ୍ୟନ୍ତ ପାକିସ୍ତାନକୁ ଏହି ସଂସ୍ଥା ଧୂସର (ଗ୍ରେ) ତାଲିକାଭୁକ୍ତ କରିଥିବାବେଳେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ କଳା ତାଲିକାଭୁକ୍ତ କରାଯିବ ବୋଲି ଅକ୍ଟୋବରରେ ଚେତାବନୀ ଦେଇଥିଲା। ଗତ ୬ରେ ପାକିସ୍ତାନ ୨୨ଟି ପ୍ରଶ୍ନର ଉତ୍ତର ଏଫ୍‌ଏଟିଏଫ୍‌କୁ ଦେଇଥିଲା। ଏବେ ଏହାର ଏକ ମିଳିତ ସଂଗଠନ ପାକିସ୍ତାନକୁ ୧୫୦ଟି ପ୍ରଶ୍ନ ପଠାଇ ଆତଙ୍କବାଦୀଙ୍କ ଦ୍ୱାରା ପରିଚାଳିତ ମଦ୍ରାସାଗୁଡ଼ିକ ବିରୋଧରେ କ'ଣ ପଦକ୍ଷେପ ନେଇଛ ସ୍ପଷ୍ଟ କରିବାକୁ କହିଛି। ସୂଚନାଯୋଗ୍ୟ, ହଫିଜ ସୟିଦଙ୍କ ନେତୃତ୍ୱାଧୀନ ଜମାତ୍-ଉଦ୍ ଦାୱା ନେଟୱର୍କ ଅଧୀନରେ ୩୦୦ ସେମିନାରି ଓ ସ୍କୁଲ ରହିଛି।

**ଇତିହାସର ଆଇନାରେ**

### ଡିସେମ୍ବର ୨୩ର ପ୍ରମୁଖ ଘଟଣା

୧୯୭୨ ଡିସେମ୍ବର ୨୩ରେ ନାକାରାଗୁଆର ରାଜଧାନୀ ମାନାଗୁଆରେ ଭୟଙ୍କର ଭୂକମ୍ପ ହୋଇ ୧୦ ହଜାର ଲୋକଙ୍କ ପ୍ରାଣହାନି ହୋଇଥିଲା। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୬.୫ ଥିଲା।

୨୦୧୩ ଡିସେମ୍ବର ୨୩ରେ ଭାରତର ବିଶିଷ୍ଟ ଶିକ୍ଷାବିତ୍ ତଥା କବି ଜି.ଏସ୍. ଶିବରୁଦ୍ରାପ୍ପାଙ୍କ ଦେହାନ୍ତ ହୋଇଥିଲା। ଜଣେ କନ୍ନଡ଼ କବତ ଭାବେ ସେ ବେଶ୍ ଜଣାଶୁଣା। କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ତାଙ୍କୁ 'ରାଷ୍ଟ୍ରକବି' ଉପାଧି ପ୍ରଦାନ କରାଯାଇଥିଲା।

### ଝେଲମ୍‌ରେ ବ୍ରିଜ୍ ଲାଗି ସହଯୋଗ କଲେ ମୁସଲ୍‌ମାନ

## ଭଙ୍ଗାଯିବ ୪୦ ବର୍ଷର ମସ୍‌ଜିଦ

**ଶ୍ରୀନଗର, ୨୨।୧୨(ପି.ଟି.)**

ଜମ୍ମୁ-କଶ୍ମୀରର ଝେଲମ୍ ନଦୀ ଉପରେ ବ୍ରିଜ୍ ନିର୍ମାଣ ଶେଷକରିବା ଲାଗି ମୁସଲ୍‌ମାନ ସମ୍ପ୍ରଦାୟ ସହଯୋଗର ହାତ ବଢ଼ାଇଛି। ଦୀର୍ଘ ୪୦ ବର୍ଷର ମସ୍‌ଜିଦ ଭାଙ୍ଗିବା ସହ ବ୍ରିଜ୍ କାମ ସମ୍ପୂର୍ଣ୍ଣ କରିବା ଲାଗି ସେମାନେ ରାଜି ହୋଇ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ପ୍ରକଳ୍ପ ୨୦୦୨ରୁ ଆରମ୍ଭ ହୋଇଥିବାବେଳେ ସେଠାରେ ଥିବା ମସ୍‌ଜିଦ ଓ କେତେକ ଘରୋଇ ଏବଂ ବାଣିଜ୍ୟିକ କୋଠା ଏଥିରେ ସମସ୍ୟା ସୃଷ୍ଟି କରୁଥିଲା। ତେବେ ଶ୍ରୀନଗର ଜିଲା ବିକାଶ କମିଶନର ଶାହିଦ୍ ଇକ୍‌ବାଲ ଚୌଧାରୀ ଓ ମସ୍‌ଜିଦ ଅବୁ ତୁରବର ପରିଚାଳନା କମିଟି ମଧ୍ୟରେ ଚୁକ୍ତି ହୋଇ ଭଙ୍ଗାକାର୍ଯ୍ୟ ଆରମ୍ଭ କରାଯାଇଛି। ଫଳରେ ଅସମ୍ପୂର୍ଣ୍ଣ ଥିବା ଝେଲମ୍ ନଦୀ ବ୍ରିଜ୍ କାମ ଖୁବ୍‌ଶୀଘ୍ର ଶେଷ ହେବାର ସମ୍ଭାବନା ଦେଖାଦେଇଛି। ପ୍ରକାଶଥାଉ କି, ୧୬୬ ମିଟରର ଦୁଇ ଲେନ୍ ବିଶିଷ୍ଟ ବ୍ରିଜ୍ ଲାଗି ଥିବା ସମସ୍ୟା ଦୂରକରିବା ଲାଗି ଏକାଧିକ ଥର ମସ୍‌ଜିଦ ପରିଚାଳନା କମିଟି ସହ ଆଲୋଚନା କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ବର୍ଷକ ମଧ୍ୟରେ ପୁନଃ ମସ୍‌ଜିଦ ନିର୍ମାଣ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି।



# କୋର୍ଟରେ ୧୪୧୮ ଦିନ ବିଚାର

**ନୂଆଦିଲ୍ଲୀ,୨୨।୧୨**

ଦିଲ୍ଲୀରେ ୨୦୧୨ ଡିସେମ୍ବର ୧୬ରେ ଘଟିଥିବା ନିର୍ଭୟା ଗଣବଳାତ୍କାର ଓ ହତ୍ୟା ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ଓ ଅପରାଧୀଙ୍କୁ କଠୋର ଦଣ୍ଡବିଧାନ ପାଇଁ ସରକାର ଆଇନରେ ପରିବର୍ତ୍ତନ କରିଥିଲେ। ଏହା ସତ୍ତ୍ୱେ ମାମଲାକୁ ଇତିମଧ୍ୟରେ ୭ ବର୍ଷ ବିତିଥିଲେ ବି ପୀଡ଼ିତାଙ୍କ ପରିବାର ନ୍ୟାୟ ପାଇପାରି ନାହାନ୍ତି। ବିଭିନ୍ନ ଅଦାଲତରେ ୧୪୧୮ ଦିନ ଧରି ମାମଲାର ବିଚାର ଚାଲିଥିଲା। ଘଟଣା ଘଟିବାର ୧୮ ଦିନ ମଧ୍ୟରେ ପୋଲିସ ପକ୍ଷରୁ ଚାର୍ଜସିଟ୍ ପ୍ରସ୍ତୁତ କରାଯାଇଥିଲା। ଏହାପରେ ତଳ କୋର୍ଟରେ ଏହି ମାମଲାର ବିଚାର ୨୫୨ ଦିନ ଧରି ହୋଇଥିଲା। ସେଥିମଧ୍ୟରୁ ୩୦ ଦିନ ଚାର୍ଜସିଟ୍ ଉପରେ ବିଚାର କରାଯାଇ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏହାପରେ ୨୨୨ ଦିନ ରାୟ ପାଇଁ ଲାଗିଥିଲା। ତଳ କୋର୍ଟ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ। ୨୪ ଦିନ ପରେ ଦୋଷୀ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଏହି ମାମଲାର ବିଚାର ୧୫୮ ଦିନ ଧରି ଚାଲିଥିଲା। ସେଥିମଧ୍ୟରୁ ୮୯ ଦିନ ଶୁଣାଣି ଏବଂ ୬୯ ଦିନ ରାୟ ଦେବାରେ ଲାଗିଥିଲା। ହାଇକୋର୍ଟ ତଳ କୋର୍ଟଙ୍କ ଦଣ୍ଡାଦେଶକୁ କାଏମ ରଖିଥିଲେ। ଏହାର ୨୦ ଦିନ ପରେ ଦୋଷୀ ସୁପ୍ରିମକୋର୍ଟରେ ପହଞ୍ଚିଥିଲେ। ସର୍ବୋଚ୍ଚ ଅଦାଲତରେ ଏହାର ବିଚାର ୧୦୦୮ ଦିନ ଧରି ଚାଲିଥିଲା। ସେଥିମଧ୍ୟରୁ ୯୬୯ ଦିନ କେବଳ ମାମଲା ଉପରେ ବିଚାର ଜାରି ରହିଥିଲା। ଏହାପରେ ୩୯ ଦିନ ରାୟ ଦେବାରେ ବିତିଯାଇଥିଲା। ସର୍ବୋଚ୍ଚ ଅଦାଲତ ଫାଶୀ ଦଣ୍ଡାଦେଶକୁ କାଏମ ରଖିଥିଲେ। ୧୮୮ ଦିନ ପରେ ୪ ଦୋଷୀଙ୍କ ମଧ୍ୟରୁ ୩ ଜଣ ପୁନର୍ବିଚାର ଆବେଦନ କରିଥିଲେ। ଏହାପରେ ଚତୁର୍ଥ ଦୋଷୀ ପୁନର୍ବିଚାର ଆବେଦନ କରିଥିଲେ। ଏବେ ମାମଲାର ଚୂଡ଼ାନ୍ତ ରାୟ ଜାନୁୟାରୀ ୭ରେ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି।



**ନିର୍ଭୟା ମାମଲା**

**ତଳକୋର୍ଟରେ ୨୫୨ ଦିନ, ହାଇକୋର୍ଟରେ ୧୫୮ ଓ ସୁପ୍ରିମକୋର୍ଟରେ ୧୦୦୮ ଦିନ**



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ୨୧୬ ଦିନରେ ୩ଶହ ଲୋକୋମୋଟିଭ ଇଞ୍ଜିନ ନିର୍ମାଣ



**ଭୁବନେଶ୍ୱର,୨୨।୧୨(ବ୍ୟୁରୋ) :** ଟ୍ରେନ୍ ଇଞ୍ଜିନ ତିଆରି କରୁଥିବା ଚିତ୍ତରଞ୍ଜନ ଲୋକୋମୋଟିଭ ୱାର୍କସ (ସିଏଲ୍‌ଡବ୍ଲ୍ୟୁ) ଶନିବାର ଆଉଏକ ନୂଆ ରେକର୍ଡ଼ ସ୍ଥାପନ କରିଛି। ଚଳିତ ଆର୍ଥିକ ବର୍ଷରେ ସିଏଲ୍‌ଡବ୍ଲ୍ୟୁ ୨୧୬ ଦିନରେ ୩ଶହ ଲୋକୋମୋଟିଭ ଇଞ୍ଜିନ ତିଆରି କରିପାରିଛି। ଶେଷ ୧୦୦ଟି ଲୋକୋମୋଟିଭ ତିଆରି ଲାଗି ମାତ୍ର ୫୮ଦିନ ଲାଗିଥିଲା, ଯାହା ଏକ ସର୍ବକାଳୀନ ରେକର୍ଡ଼ ବୋଲି କୁହାଯାଉଛି। ୩ଶହ ତମ ଇଞ୍ଜିନକୁ ରେଳ ମହାପ୍ରବନ୍ଧକ ପ୍ରବୀଣ କୁମାର ମିଶ୍ର ସନ୍ଧ୍ୟାରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଚିତ୍ତରଞ୍ଜନ ଲୋକୋମୋଟିଭ ୱାର୍କସ ହେଉଛି ବିଶ୍ୱର ବଡ଼ ରେଳ ଇଞ୍ଜିନ ପ୍ରସ୍ତୁତକାରୀ କାରଖାନା। ୧୯୫୦ରେ ପଶ୍ଚିମବଙ୍ଗର ଆସନସୋଲଠାରେ ଏହି ଇଞ୍ଜିନ ତିଆରି କାରଖାନା ସ୍ଥାପନ ହୋଇଥିଲା। ଭାରତୀୟ ରେଳପଥରେ ପରିଚାଳନା କରାଯାଉଥିବା ପାଖାପାଖି ସମସ୍ତ ବିଦ୍ୟୁତ୍ ଚାଳିତ ଇଞ୍ଜିନ ଏଠାରେ ତିଆରି କରାଯାଇଥାଏ। ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ସିଏଲ୍‌ଡବ୍ଲ୍ୟୁ ୪୦୨ ଲୋକୋମୋଟିଭ ତିଆରି କରି ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ। କିନ୍ତୁ ୩ଶହ ଲୋକୋମୋଟିଭ ତିଆରି କରିବା ପାଇଁ ୨୪୯ ଦିନ ଓ ୨୦୧୭-୧୮ରେ ୨୯୨ ଦିନ ଲାଗିଥିଲା। ସୂଚନାଯୋଗ୍ୟ, ଭାରତୀୟ ରେଳପଥ ରେଳ ଡବା ଓ ଇଞ୍ଜିନ ତିଆରିରେ ନୂଆ ରେକର୍ଡ଼ କରିଚାଲିଛି। ଚେନ୍ନାଇସ୍ଥିତ ଆଇସିଏଫ(ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି) ଚଳିତବର୍ଷ ୨୧୫ କାର୍ଯ୍ୟ ଦିବସରେ ୩ ହଜାର ରେଳ କୋଚ୍ ତିଆରି କରି ନୂଆ ରେକର୍ଡ଼ କରିଛି। ଏହାକୁ ଆଉ ୪୦ ବନ୍ଦେ ଭାରତ ଏକ୍ସପ୍ରେସ ତିଆରି କରିବାକୁ କାର୍ଯ୍ୟଭାର ଦିଆଯାଇଛି।

# ଝାଡ଼ଖଣ୍ଡ ଭୋଟ ଫଳାଫଳ ଆଜି

**ରାଞ୍ଚି, ୨୨।୧୨(ପି.ଟି.)**

ଝାଡ଼ଖଣ୍ଡ ବିଧାନସଭାର ୮୧ ଆସନ ଲାଗି ୫ ପର୍ଯ୍ୟାୟ ବିଶିଷ୍ଟ ନିର୍ବାଚନ ଶେଷ ହୋଇଥିବାବେଳେ ସୋମବାର ଭୋଟ ଫଳାଫଳ ଜଣାପଡ଼ିବ। ସୋମବାର ସକାଳ ୮ଟାରୁ ୨୪ ଜିଲା ମୁଖ୍ୟାଳୟରେ ଭୋଟଗଣତି ଆରମ୍ଭ ହେବ। ଛତ୍ରାରେ ସର୍ବାଧିକ ୨୮ ରାଉଣ୍ଡ ଭୋଟ ଗଣତି କରାଯିବାକୁ ଥିବାବେଳେ ଚନ୍ଦନକ୍ୟାରି ଓ ତୋର୍ପାରେ ସର୍ବନିମ୍ନ ଦୁଇ ରାଉଣ୍ଡ ଭୋଟଗଣତି କରାଯିବ। ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟଗଣତି ଲାଗି ସମସ୍ତ ବ୍ୟବସ୍ଥା କରାଯାଇଥିବାବେଳେ ଅପରାହ୍ନ ଗୋଟାଏ ସୁଦ୍ଧା ପ୍ରଥମ ଫଳ ଆସିବାର ସମ୍ଭାବନା ରହିଛି।



ରଘୁବର ଦାସ



ହେମନ୍ତ ସୋରେନ୍

ଏକ୍‌ଜିଟ ପୋଲ ରିପୋର୍ଟରେ କଂଗ୍ରେସ ମେଣ୍ଟ ଆଗୁଆ ଥିବା ଦର୍ଶାଯାଇଥିଲେ ହେଁ ଭଲ ଫଳାଫଳ ନେଇ ଭାଜପା ଆଶାବାଦୀ ଥିବା କହିଛି। ଭାଜପାର ସାଧାରଣ ସମ୍ପାଦକ ଦୀପକ ପ୍ରକାଶ ଦଳ ନିଶ୍ଚିତ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଭାଜପା ଉପରୁ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି ଓ ମେଣ୍ଟ ବିଜୟ ସୁନିଶ୍ଚିତ ବୋଲି ଜେଏମ୍‌ଏମ୍ ସାଧାରଣ ସମ୍ପାଦକ ବିନୋଦ ପାଣ୍ଡେ ପ୍ରକାଶ କରିଛନ୍ତି। ଭାଜପା ଓ କଂଗ୍ରେସ ମେଣ୍ଟ ପକ୍ଷରୁ ଭୋଟରଙ୍କୁ ମନାଇବା ଲାଗି ରାଜ୍ୟରେ ଜୋର୍‌ଦାର ପ୍ରଚାର କରାଯାଇଥିଲା। କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରମୁଖ ପ୍ରଚାର ମଇଦାନକୁ ଓହ୍ଲାଇଥିବାବେଳେ ଭାଜପାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପ୍ରମୁଖ ଭୋଟରଙ୍କୁ ମନାଇବା ଲାଗି ପ୍ରୟାସ କରିଥିଲେ। ଫଳାଫଳକୁ ନେଇ ସମସ୍ତେ ଉତ୍ସାହିତ ରହିଥିବାବେଳେ ପୂର୍ବ ଜାମ୍‌ସେଦ୍‌ପୁର ଆସନ ଉପରେ ସମସ୍ତଙ୍କ ନଜର ରହିଛି। ଏହି ଆସନରୁ ମୁଖ୍ୟମନ୍ତ୍ରୀ ରଘୁବର ଦାସ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଦୁମ୍‌କା ଓ ବରହେଟ୍ ଆସନ ଉପରେ ମଧ୍ୟ ବିଭିନ୍ନ ଦଳ ପକ୍ଷରୁ ନଜର ରଖାଯାଇଛି।

# ଗୁରୁବାରଠାରୁ ରାଜଧାନୀ ଏକ୍ସପ୍ରେସରେ ଓଡ଼ିଶା କଳା, ସଂସ୍କୃତି

**ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)**

ଆସନ୍ତା ଗୁରୁବାରଠାରୁ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ରାଜଧାନୀ ଏକ୍ସପ୍ରେସରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ ପ୍ରଦର୍ଶିତ ହେବ। ଏହାସହ ଓଡ଼ିଶୀ, ଛଉ ନୃତ୍ୟ, ପ୍ରତ୍ନତତ୍ତ୍ୱ କାରୁକାର୍ଯ୍ୟ, ଜଙ୍ଗଲ, ଜୀବଜନ୍ତୁ ରାଜଧାନୀ ଏକ୍ସପ୍ରେସର ବାହାରପାର୍ଶ୍ୱରେ ସ୍ଥାନପାଇବ। ଏଥିପାଇଁ ନାଲ୍‌କୋ ଓ ପୂର୍ବତଟ ରେଳପଥ ମଧ୍ୟରେ ସେପ୍ଟେମ୍ବର ୨୩ରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ରାଜଧାନୀର ୩ ରେକ୍ ବା ଟ୍ରେନ ପାଇଁ ପ୍ରତ୍ୟେକକୁ ୧ କୋଟି ହିସାବରେ ୩ କୋଟି ଖର୍ଚ୍ଚ କରାଯାଇଛି। ବିଜ୍ଞାପନ ଖର୍ଚ୍ଚ ବାବଦକୁ ନାଲ୍‌କୋ ଏହି ଟଙ୍କା ଖର୍ଚ୍ଚ କରିବାକୁ ଚୁକ୍ତି ହୋଇଛି। ଏହାଦ୍ୱାରା ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରର ବିଶେଷ ପ୍ରଚାର ପ୍ରସାର ହୋଇପାରିବ। କୋଚ୍‌ର ବାହାର ପାର୍ଶ୍ୱ ଦୁଇ ଗ୍ଲାସ୍ ମଧ୍ୟବର୍ତ୍ତୀ ଅଂଶରେ ଏସବୁ ଚିତ୍ର ଅଙ୍କା ଯାଇଛି। ସମସ୍ତ ଚିତ୍ରର ଫ୍ରେମିଂ କରାଯିବା ଭଳି ପଟ୍ଟଚିତ୍ରର ଏକ ଷ୍ଟ୍ରିପ୍ କରାଯାଇଛଇ। ଏହା ଚିତ୍ରିତ କୋଚ୍‌କୁ ଆହୁରି ସୁନ୍ଦର କରୁଛି।

# ବିଶ୍ୱଦରବାରରେ ପରିଚିତ ହେବ ଓଡ଼ିଶା

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ଦେଶର ବିଭିନ୍ନ ରାଜ୍ୟରେ ପୁଞ୍ଜିନିବେଶ, ପର୍ଯ୍ୟଟନର ପ୍ରଚାର ଇତ୍ୟାଦି କାର୍ଯ୍ୟକୁ ଅଧିକ ସୁସଙ୍ଗଠିତ ଢଙ୍ଗରେ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂତନ ପଦକ୍ଷେପ ନିଆଯାଇଛି। ସେହିକ୍ରମରେ ଓଡ଼ିଶା ପାଇଁ ୧୧ ଜଣ ଭାରତୀୟ ବୈଦେଶିକ ସେବା(ଆଇଏଫ୍‌ଏସ୍) ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ଏହି ଅଧିକାରୀ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ବିଶ୍ୱ ଦରବାରରେ ରାଜ୍ୟ ପାଇଁ ବିଭିନ୍ନ ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବେ। ୧୧ କେନ୍ଦ୍ରୀୟ ଅଧିକାରୀଙ୍କ ନିଯୁକ୍ତି ସହ ରାଜ୍ୟରେ ଜଣେ ଅଧିକାରୀଙ୍କୁ ସ୍ୱତନ୍ତ୍ର ନୋଡାଲ ଅଫିସର ଭାବେ ନିଯୁକ୍ତି କରାଯାଇଛି। ପୁଞ୍ଜିନିବେଶ, ଶିଳ୍ପ ଏବଂ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ କରିବା ଏହି ଅଧିକାରୀଙ୍କ ପ୍ରମୁଖ କାର୍ଯ୍ୟ ରହିବ।

- ୧୧ ଆଇଏଫ୍‌ଏସ୍ ଅଧିକାରୀ ନିଯୁକ୍ତି
- ନୋଡାଲ ଅଫିସର ରହିବେ ଆଇଏଏସ୍
- ପୁଞ୍ଜିନିବେଶ, ପର୍ଯ୍ୟଟନ, ଶିଳ୍ପକୁ ଗୁରୁତ୍ୱ

ସତ୍ୟମେବ ଜୟତେ
Ministry of External Affairs
Government of India

ଅଧିକାରୀମାନେ ନିୟମିତ ବ୍ୟବଧାନରେ ଓଡ଼ିଶା ଆସି ବିଭିନ୍ନ କାର୍ଯ୍ୟ ତଦାରଖ କରିବେ। ସେମାନଙ୍କ ଗସ୍ତ କାର୍ଯ୍ୟକ୍ରମ ଏବଂ ସୂଚନା ପ୍ରଦାନରେ ରାଜ୍ୟ ପ୍ରଶାସନ ସହଭାଗିତା ରହିବ। ଅନୁରୂପ ଭାବେ ଓଡ଼ିଶା ସମ୍ପର୍କିତ କୌଣସି କେନ୍ଦ୍ରୀୟ ସମୀକ୍ଷା ଏବଂ ନୀତିଗତ ବୈଠକରେ ଏହି ଅଧିକାରୀମାନେ ପ୍ରସ୍ତାବ ରଖିପାରିବେ। ସରକାରୀ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଇପିକଲର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ନୀତୀନ୍ ଭାନୁଦାସ ଜାୱଲେଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଛି। ଜାୱଲେ ହିଁ ସିଧାସଳଖ ଓଡ଼ିଶା ସରକାରଙ୍କ ପକ୍ଷରୁ ବୈଦେଶିକ ମନ୍ତ୍ରଣାଳୟର ଯୋଗାଯୋଗରେ ରହିବେ। ଓଡ଼ିଶା ପାଇଁ ନିଯୁକ୍ତ ହୋଇଥିବା ଆଇଏଫ୍‌ଏସ୍ ଅଧିକାରୀମାନେ ହେଲେ ଦିନେଶ କୁମାର ପଟ୍ଟନାୟକ, ଅଶୋକ ଦାସ, ସଞ୍ଜୟ ପଣ୍ଡା, ମାନସ ରଞ୍ଜନ ପଟେଲ, ଲକ୍ଷ୍ମୀକାନ୍ତ କୁମ୍ଭାର, ବି.ସି. ପ୍ରଧାନ, ମଦନମୋହନ ସେଠୀ, ଜିତେନ୍ଦ୍ରନାଥ ମାଝି, ମନୋଜ ମହାପାତ୍ର, ଅରୁଣ କୁମାର ସାହୁ ଏବଂ ସଞ୍ଜୟ ସୁଧୀର। ଓଡ଼ିଶାର ପର୍ଯ୍ୟଟନ, କାରୁକାର୍ଯ୍ୟ, ହସ୍ତତନ୍ତ, ବୟନଶିଳ୍ପ ଏବଂ ବୟନଶିଳ୍ପର ପ୍ରଚାର କ୍ଷେତ୍ରରେ ମଧ୍ୟ ଏହି ଅଧିକାରୀମାନଙ୍କ ଯୋଗଦାନ ରହିବ। ସାଧାରଣତଃ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥାଏ। ହେଲେ ପ୍ରଥମ ଥର ପାଇଁ ଅନ୍ୟ ସର୍ବଭାରତୀୟ ସେବା ଅଧିକାରୀଙ୍କୁ ମଧ୍ୟ ପୂର୍ବାପେକ୍ଷା ଗୁରୁତ୍ୱ ଦିଆଯାଉଛି। ୟୁପି କ୍ୟାଡରର ୧୯୯୧ ବ୍ୟାଚ୍‌ର ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀ ଅନୁରାଧା ଭେମୁରୀଙ୍କୁ କନ୍ଧମାଳ ଜିଲା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି। ଅନୁରାଧା ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଛନ୍ତି।

### ମକା ଖଳା କୁଡ଼ିଆରେ ଅଗ୍ନିକାଣ୍ଡ

# ୨ ଶିଶୁକନ୍ୟା ଜୀବନ୍ତ ଦଗ୍ଧ

**ଝରିଗାଁ,୨୨।୧୨(ସ୍ୱ.ପ୍ର)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତ ମଇନାପଦର ଗାଁରେ ମକା ଖଳା କୁଡିଆ(ଲାଡି)ରେ ରବିବାର ଅପରାହ୍ନରେ ନିଆଁ ଲାଗି ୨ ଶିଶୁକନ୍ୟା ଜୀବନ୍ତ ଦଗ୍ଧ ହୋଇଛନ୍ତି। ସେମାନେ ହେଲେ ସୁଜାତା ସାନ୍ତା (୪) ଓ ଏଲିଆ ସାନ୍ତା (୪)। ଉଭୟେ ସମ୍ପର୍କରେ ଭଉଣୀ। ଖବରପାଇ ପରିବାର ଲୋକ, ପୋଲିସ ଓ ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏଭଳି ଦୁଃଖଦ ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିବେଶ ଦେଖାଦେଇଛି।





"ଜାତୀୟ ତାଳଗୁଡ଼ ଦିବସ"
ଉପଲକ୍ଷେ
ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘ ଲିଃ
ତରଫରୁ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା
ଗିରିଶ ଚନ୍ଦ୍ର ବୈରିଶଲ
ସଭାପତି


# ଟ୍ରକ- ଆମ୍ବୁଲାନ୍ସ ଧକ୍କା: ମା', ପୁଅ ମୃତ

**ଯାଜପୁର ଅଫିସ/ କୋରେଇ(ସ୍ୱ.ପ୍ର.)୨୨।୧୨**



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ

- ୩ ଗୁରୁତର
- ହୃଦଘାତରେ ଗୁରୁତର ମା'ଙ୍କୁ ଚିକିତ୍ସା ପାଇଁ ନେଉଥିଲେ ପୁଅ

ଯାଜପୁର ଜିଲା ପାଣିକୋଇଲି ଥାନା ବ୍ରଜନଗରଠାରେ ରବିବାର ଅପରାହ୍ନ ୧୨ଟା ୩୦ ମିନିଟ ସମୟରେ ଏକ ଟ୍ରକ ଓ ୧୦୮ ଆମ୍ବୁଲାନ୍ସ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମା ଓ ପୁଅଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସ ଚାଳକ ଓ ଫାର୍ମାସିଷ୍ଟ ପ୍ରମୁଖ ୩ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ପ୍ରଥମେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୧୦୮ ଆମ୍ବୁଲାନ୍ସ (ଓଡ଼ି୦୨-ଏଫ ୮୪୭) ଯୋଗେ ହୃଦ୍‌ଘାତ ଯୋଗୁ କୋମାକୁ ଚାଲିଯାଇଥିବା ଭଦ୍ରକ ଜାନୁଗଞ୍ଜ ଅଞ୍ଚଳର ସୁଶୀଳାବାଳା ମହାପାତ୍ର(୮୦)ଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଉଥିଲା। ଏହି ସମୟରେ ବ୍ରଜନଗରଠାରେ ସମ୍ମୁଖ ଭାଗରୁ ଆସୁଥିବା ଏକ ଟ୍ରକ (ଟିଏନ୍‌୨୮ପି୧୪୯୧) ସହିତ ଉକ୍ତ ଆମ୍ବୁଲାନ୍ସର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେଥିରେ ଥିବା ରୋଗୀ ସୁଶୀଳାବାଳା ଓ ତାଙ୍କ ପୁଅ ପ୍ରକାଶ (୪୫)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଆମ୍ବୁଲାନ୍ସର ଫାର୍ମାସିଷ୍ଟ ରାଜା ନାୟକ, ଆଟେଣ୍ଡାଣ୍ଟ ଜଗନ୍ନାଥ ଜେନା ଓ ଚାଳକ ସଞ୍ଜୟ ପାଢୀ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରେ ପାଣିକୋଇଲି ପୋଲିସ, ଆମେ ବିପଦରେ ସାଥୀ ସଦସ୍ୟ ଏବଂ ଗ୍ରାମବାସୀ ପହଞ୍ଚି ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ମା' ଓ ପୁଅଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୨୫୦/୧୯) ରୁଜୁ କରି ଗାଡ଼ି ୨ ଟିକୁ ଜବତ କରିଛି।

# କଟକ ମ୍ୟାଚ୍‌ର ଟୁଇଟର ଟ୍ରେଣ୍ଡିଂ

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ):** ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ରବିବାର ତୃତୀୟ ଦିନିକିଆ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ୪ ଉଇକେଟ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ମାତ୍ ଦେଇଛି। କଟକରେ ମ୍ୟାଚ ଚାଲୁଥିବା ସମୟରେ ସୋସିଆଲ ମିଡିଆ(ଟୁଇଟର)ରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଥିଲା। #INDVSWI, #JADEJA, #KOHLI, #THAKUR, #CUTTACK, #BARABATISTADIUM, #TEAMINDIA, #NICHOLASPOORAN, #ROHIT SHARMA ଭଳି ଶବ୍ଦ ଟ୍ରେଣ୍ଡ କରିଥିଲା। ସେହିପରି କେତେଜଣ ଖେଳାଳି ନିଜ ନିଜ ପ୍ରଦର୍ଶନ ପାଇଁ ଟ୍ରେଣ୍ଡ ହୋଇଥିବା ଲକ୍ଷ୍ୟ କରାଯାଇଛି। ଲଗାତର ଖରାପ ପ୍ରଦର୍ଶନ କରୁଥିବା ରିଷଭ ପନ୍ତଙ୍କୁ ଟୁଇଟରରେ ଟ୍ରୋଲ୍ ହେବାକୁ ପଡିଛି। ମ୍ୟାଚ ଶେଷ ବେଳକୁ ପନ୍ତଙ୍କ ନାମ ହାସଟ୍ୟାଗ୍ ଥିବା ଟୁଇଟ୍ ଟ୍ରେଣ୍ଡ କରୁଥିବା ଦେଖିବାକୁ ମିଳିଥିଲା। ଭାରତ କ୍ଷେତ୍ର ରକ୍ଷଣ କରୁଥିବା ସମୟରେ ପନ୍ତଙ୍କ ଖରାପ ଫିଲ୍ଡିଂ ଏବଂ ପରବର୍ତ୍ତୀ ସମୟରେ ଖରାପ ବ୍ୟାଟିଂକୁ ନେଇ ଟ୍ରୋଲ ହେବାକୁ ପଡ଼ିଛି। ମହେନ୍ଦ୍ର ସିଂ ଧୋନୀ, ଶିଖର ଧାୱନଙ୍କ ପରି ଖେଳାଳି ଅନୁପସ୍ଥିତ ରହିଥିଲେ ବି ସେମାନଙ୍କୁ ନେଇ ଟୁଇଟରରେ ଟ୍ରେଣ୍ଡ ଦେଖିବାକୁ ମିଳିଥିଲା।

# ଭାଜପାରେ ରାଜ୍ୟ ପରିଷଦ ନିର୍ବାଚନ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

### ସଭାପତି ପଦ ପାଇଁ ଦିଲ୍ଲୀ ଦୌଡୁଛନ୍ତି ନେତା

ଭାଜପାର ରାଜ୍ୟ ସଭାପତି ଚୟନ ଚଳିତ ମାସ ଶେଷସୁଦ୍ଧା ଶେଷ ହେବ। ଏଥିପାଇଁ ଦଳର ସାଙ୍ଗଠନିକ ନିର୍ବାଚନ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଛି। ଦଳ ପକ୍ଷରୁ ୩୬ଟି ସାଙ୍ଗଠନିକ ଜିଲା ମଧ୍ୟରୁ ୩୪ଟି ପାଇଁ ନୂଆ ସଭାପତି ଚୟନ ଶେଷ ହୋଇଛି। କେବଳ କଳାହାଣ୍ଡି ଏବଂ ଭୁବନେଶ୍ୱର ଜିଲା ସଭାପତି ଚୟନ ହୋଇନାହିଁ, ଯାହାକୁ ନେଇ ଦଳୀୟ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହା ମଧ୍ୟରେ ରବିବାର ଦଳ ପକ୍ଷରୁ ରାଜ୍ୟ ପରିଷଦ ସଦସ୍ୟ ନିର୍ବାଚନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ ଏବଂ ପ୍ରତ୍ୟେକ ସ୍ଥାନରେ ଜଣେ ଲେଖା ମହିଳା ରହିବାର ସମ୍ବିଧାନ ରହିଛି। ସେହି ଅନୁସାରେ ଦଳୀୟ ନେତାଙ୍କ କହିବାନୁଯାୟୀ ମୋଟ ୧୮୬ଜଣ ରାଜ୍ୟ ପରିଷଦର ସଦସ୍ୟ ରହିବେ। ରବିବାର ସୁଦ୍ଧା ୨୨ଟି ଜିଲା ପାଇଁ ପ୍ରକ୍ରିୟା ସରିଛି। ଆସନ୍ତା ୨୬ସୁଦ୍ଧା ସମସ୍ତ ରାଜ୍ୟ ପରିଷଦ ସଦସ୍ୟଙ୍କ ତାଲିକା ବାହାରିଯିବ। ଶେଷରେ ରାଜ୍ୟ ସଭାପତି ଚୟନ ପ୍ରକ୍ରିୟା ସରିବ। ରାଜ୍ୟ ସଭାପତି ନିର୍ବାଚନରେ ସମସ୍ତ ଜିଲା ସଭାପତି ଏବଂ ରାଜ୍ୟ ପରିଷଦ ସଦସ୍ୟ ଭୋଟଦେବେ। ଦଳର ଏହି ପ୍ରକ୍ରିୟା ଚାଲିଥିବା ବେଳେ ରାଜ୍ୟ ସଭାପତି ଆଶାୟୀଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଦଳର ସଭାପତିଙ୍କ ଅଙ୍କ କଷିବା ପାଇଁ ଦୁଇଟି ଗୋଷ୍ଠୀ ମଧ୍ୟରେ ଏକ ରକମର ପ୍ରତିଯୋଗିତା ଆରମ୍ଭ ହୋଇଛି। ତେବେ ଚର୍ଚ୍ଚାରେ ରହିଥିବା ନେତାମାନେ ମଧ୍ୟ ନିଜ ତରଫରୁ ଜୋର୍‌ଦାର ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ନୂଆ ନେତାଙ୍କ ନାମକୁ ନେଇ ଚର୍ଚ୍ଚା ହେଉ ନ ଥିଲେ ମଧ୍ୟ ଦଳର ପ୍ରମୁଖ କେତେଜଣ ନେତା କୁଆଡେ ଦିଲ୍ଲୀରେ ଡେରା ପକାଇଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ଅନ୍ୟପକ୍ଷରେ ଡିସେମ୍ବର ସୁଦ୍ଧା ଦଳର ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇ ନୂଆ ସଭାପତି ଚୟନ ହୋଇଯିବ ବୋଲି କୁହାଯାଉଥିବା ବେଳେ ଏହି କାର୍ଯ୍ୟକ୍ରମରେ ସାମାନ୍ୟ ବିଳମ୍ବ ହେବ ବୋଲି ମଧ୍ୟ ଶୁଣିବାକୁ ମିଳିଛି।






# ମତ୍ସ୍ୟଜୀବୀଙ୍କ ପାଇଁ ୫ ବର୍ଷିୟା ଯୋଜନା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ଭାରତରେ ପାରମ୍ପରିକ କୃଷିକୁ ଛାଡ଼ି ଦେଲେ ଅନେକ ଲୋକ ମତ୍ସ୍ୟଜୀବୀ ଭାବେ ଜୀବିକା ନିର୍ବାହ କରିଥାନ୍ତି। କୃଷି ଭଳି ମତ୍ସ୍ୟଜୀବୀଙ୍କୁ ଅଧିକ ସଶକ୍ତୀକରଣ ସହ ସେମାନଙ୍କ ରୋଜଗାର ବୃଦ୍ଧି ପାଇଁ କେନ୍ଦ୍ର ସରକାର ଚିନ୍ତା କରୁଛନ୍ତି। ଏଥିପାଇଁ ଖୁବଶୀଘ୍ର ରାଜ୍ୟଗୁଡ଼ିକ ସହ ଆଲୋଚନା କରାଯାଇ ଖସଡା ପ୍ରସ୍ତୁତ କରାଯିବ ବୋଲି ଜଣାପଡିଛି। ବିଶେଷ କରି ତାମିଲନାଡୁ, କର୍ଣ୍ଣାଟକ, କେରଳ, ଗୋଆ, ଓଡ଼ିଶା,ଆନ୍ଧ୍ର, ତେଲଙ୍ଗାନା, ମହାରାଷ୍ଟ୍ର ଇତ୍ୟାଦି ରାଜ୍ୟର ମାଛ ଧରାଳି ଏହା ଦ୍ୱାରା ଉପକୃତ ହେବେ ବୋଲି କୁହାଯାଉଛି।

ନ୍ୟାଶନାଲ ଫେଡେରେଶନ ଅଫ୍ ଫିସର୍ସ କୋଅପରେଟିଭ୍ ଲିଃ ପକ୍ଷରୁ ଏ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫେଡେରେଶନର ଜାତୀୟ ଆପେକ୍ସ ବଡି ପକ୍ଷରୁ ଏହାର ରୂପରେଖ ପ୍ରସ୍ତୁତ କରାଯିବ। ପାଞ୍ଚବର୍ଷିୟା ଯୋଜନା ଉପରେ ଫେଡେରେଶନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଦେଶର ସମସ୍ତ ମତ୍ସ୍ୟଜୀବୀଙ୍କୁ ଯେପରି ଆଜୀବନ ବୀମାଭୁକ୍ତ କରାଯାଇପାରିବ, ସେ ନେଇ ଧ୍ୟାନ ଦିଆଯାଉଛି। ସାରା ଦେଶରେ ପେସାଗତ ଭାବେ ୧.୬ କୋଟି ମତ୍ସ୍ୟଜୀବୀ ରହିଛନ୍ତି। ହେଲେ ସେମାନଙ୍କ ମଧ୍ୟରୁ କେବଳ ୩୦ ଲକ୍ଷଙ୍କୁ ବୀମାଭୁକ୍ତ କରାଯାଇଛି। ନିକଟରେ ବେଙ୍ଗାଲୁରୁରେ ଫେଡେରେଶନର ୧୬୯ତମ ବୋର୍ଡ ଅଫ୍ ଡିରେକ୍ଟର୍ସ ବୈଠକରେ ମତ୍ସ୍ୟଜୀବୀଙ୍କ ସମସ୍ୟା ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିବା ଜଣାପଡିଛି। ଟି. ପ୍ରସାଦ ରାଓ ଦୋରା ଏହି ବୈଠକର ଅଧ୍ୟକ୍ଷତା କରିଥିବାବେଳେ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଭାବେ ମୁକେଶ ଯୋଗଦାନ କରିଥିଲେ। ଫେଡେରେଶନ ଦ୍ୱାରା ସାରା ଦେଶରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ମତ୍ସ୍ୟଜୀବୀଙ୍କୁ ସାମିଲ କରାଯାଇଛି। ତେଣୁ ଆଗାମୀ ଦିନରେ ଏହାକୁ ଅଧିକ ବ୍ୟାପକ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ୧୪ ଲକ୍ଷ ୮୦ ହଜାର ୭୦୪(ପ୍ରାୟ ୧୫ ଲକ୍ଷ) ମତ୍ସ୍ୟଜୀବୀ ରହିଥିବା ଜଣାପଡିଛି। ହେଲେ ଏମାନଙ୍କ ମଧ୍ୟରୁ ସମସ୍ତଙ୍କୁ ଉପଯୁକ୍ତ ଚିହ୍ନଟ କରାଯାଇପାରିନାହିଁ। ବଡ଼ ମତ୍ସ୍ୟଜୀବୀ, ଟ୍ରଲର, ଡଙ୍ଗା ଏବଂ ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା କେତେକ ବର୍ଗ ହିଁ ଉପକୃତ ହେଉଛନ୍ତି। ଏହି ବର୍ଗର ମତ୍ସ୍ୟଜୀବୀମାନେ ହିଁ ବୀମାଭୁକ୍ତ ହୋଇଛନ୍ତି। ତେଣୁ ରାଜ୍ୟରେ କ୍ଷୁଦ୍ର ମତ୍ସ୍ୟଜୀବୀମାନଙ୍କ ଚିହ୍ନଟ ପ୍ରକ୍ରିୟା ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ଥରେ ଉପଯୁକ୍ତ ମତ୍ସ୍ୟଜୀବୀ ଚିହ୍ନଟ ପ୍ରକ୍ରିୟା ହେବା ପରେ ସେମାନଙ୍କ ପାଇଁ ସ୍ଥାୟୀ ଯୋଜନା ଆବଶ୍ୟକ ରହିଥିବା କେତେକ ମତ ରଖିଛନ୍ତି।

- ଉପକୃତ ହେବେ ୧.୬ କୋଟି
- ୩୦ ଲକ୍ଷ ହୋଇଛନ୍ତି ବୀମାଭୁକ୍ତ
- ରାଜ୍ୟରୁ ଉପକୃତ ହୋଇପାରନ୍ତି ୧୫ ଲକ୍ଷ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୩ ଡିସେମ୍ବର, ୨୦୧୯



ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା।
ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।

- ତୁଳସୀ ଦାସ



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ..............................



ଲଭ୍‌ଲି
ପରିବାରବର୍ଗ



ଭୂମି
ପରିବାରବର୍ଗ



ତୁଷାର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଟିଲି କଞ୍ଚା ପାଞ୍ଚଣ**
**କାହାଲାଗି କାନ୍ତ ବିଦେଶ କଲେ ଗୋ**
**ଚାହିଁ ଚାହିଁ ଗଲା ଦିନ ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ । ସ୍ୱାମୀ ସହ ସୁଖରେ ଘରସଂସାର କରିବାକୁ ମନସ୍ଥ କରିଥିବା ନାରୀ ଏଥିରୁ ବଞ୍ଚିତ ହେଲେ ମନ ମରିଯାଇଥାଏ । ସ୍ୱାମୀ ବିନା ସବୁ ଖୁସି ତୁଚ୍ଛ ଲାଗିଥାଏ । ଚିରପ୍ରବାସୀ ସ୍ୱାମୀ ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**କାହାର ପାଲିଙ୍କି ଉପରେ ପାଟଛତା**
**କାହାର ବେଡି ଉପରେ କୋରଡ଼ା ।**

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦଶାରେ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାନ୍ତି । କାହା ଘରେ ଧନଧାନ୍ୟ ପରିପୂର୍ଣ୍ଣ ତ ଆଉ କାହାର ଦୁଃଖ ଦାରିଦ୍ର୍ୟ ଚିର ସହଚର । କିଏ ରାଜଭୋଗ କରୁଥାଏ, ଅୟସରେ ଦିନ ବିତାଉଥାଏ ତ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥାଏ । ସେହିପରି କାହାର ପାଲିଙ୍କି ଉପରେ ପାଟଛତା ଥାଏ ତ ଆଉ କାହାରିକୁ ହାତକଡ଼ି ପିନ୍ଧିଥିବା ଅବସ୍ଥାରେ ପ୍ରହାର ମିଳିଥାଏ । କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### କିଛି ତଥ୍ୟ

ଚଳିତ ବର୍ଷ ନଭେମ୍ବରରେ ଦେଶ ମଧ୍ୟରେ ଅଶୋଧିତ ଇସ୍ପାତ ଉତ୍ପାଦନ ୨.୮% ହ୍ରାସ ଘଟି ୮୯.୩୪ ଲକ୍ଷ ଟନ୍ ରହିଛି । **- ଇସ୍ପାତ ମନ୍ତ୍ରଣାଳୟ**

## ଦୁର୍ଘଟଣାରେ ଆହତଙ୍କୁ ଡାକ୍ତରଖାନା ନେଲେ ଜିଲାପାଳ

**ହିଞ୍ଜିଳିକାଟୁ/ଶେରଗଡ଼,୨୨।୧୨(ଡି.ଏନ୍.ଏ)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଶେରଗଡ଼ ବ୍ଲକ ମାରୁଡ଼ିଠାରେ ସଡ଼କ ଦୁର୍ଘଟଣାରେ ଆହତଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରି ମାନବିକତାର ପରିଚୟ ଦେଇଛନ୍ତି। ଆହତ ଜଣକ ଶେରଗଡ଼ ବ୍ଲକ ଗୋବିନ୍ଦପୁର ନୂଆଁସାହିର ଶିବରାମ ପ୍ରଧାନ। ଶିବରାମ ବାଇକ୍‌ରେ ନିଜ ଗ୍ରାମରୁ ହିଞ୍ଜିଳିକାଟୁ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ପିକଅପ୍ ମାରୁଡ଼ିଠାରେ ତାଙ୍କୁ ଧକ୍କା ଦେଇଥିଲା। ଏହି ସମୟରେ ଜିଲାପାଳ କୁଲାଙ୍ଗେ ଶେରଗଡ଼ରୁ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଛତ୍ରପୁର ଫେରୁଥିଲେ। ଆହତ ଶିବରାମଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ନିଜ ଗାଡ଼ିରେ ନେଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ପରେ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ ପାଇଁ ହିଞ୍ଜିଳିକାଟୁ ତହସିଲଦାର ଗୋପୀନାଥ କୁଅଁର ଓ ବିଡିଓ ପ୍ରସନ୍ନ କୁମାର ପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବରାମଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଯାଇଛି।

## ନିଆଁରେ ପୋଡ଼ିହୋଇ...

ଏହା ପରେ ଗ୍ରାମବାସୀ ସଙ୍ଗେ ସଙ୍ଗେ ଭଞ୍ଜା ଥାନା ପୋଲିସ ଓ ସୁନ୍ଦରଗଡ଼ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ପୋଲିସ ଉଭୟଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଗ୍ନିକାଣ୍ଡର ଠିକ୍ କାରଣ ଜଣାପଡି ନାହିଁ। ମା'ଝିଅ ରହୁଥିବା କୋଠରିରେ କିରୋସିନ ରଖି ବିକ୍ରୟ କରିଆସୁଥିଲେ। କୋଠରି ମଧ୍ୟରେ ଏକ ଡିବି ପଡିଥିବାରୁ ସମ୍ଭବତଃ ସେଥିରୁ ନିଆଁ ଲାଗି ଏଭଳି ଏକ ଦୁର୍ଘଟଣା ଘଟି ଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ସୋମବାର ସକାଳେ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଠିକ୍ ଘଟଣା ଜଣାପଡ଼ିବ ବୋଲି ପୋଲିସ କହିଛି।

## ଭାରତର...

ପ୍ରଥମ ପୃଷ୍ଠାରୁ...

ଦୁହେଁ ୭ ରନ ଲେଖାଏ କରି ଆଉଟ ହେବାରୁ ଭାରତ ସ୍କୋର ୩୫ ଓଭର ବେଳକୁ ୨୦୧/୪ ହୋଇ ଯାଇଥିଲା। ଅଧିନାୟକ ବିରାଟ କିନ୍ତୁ ବାରବାଟୀରେ ନିଜ ପ୍ରଦର୍ଶନରେ ଉନ୍ନତି ଆଣିଥିଲେ। ଏଠାରେ ସେ ନିଜ ପୂର୍ବ ୪ ଇନିଂସ(ଦିନିକିଆ, ଟି୨୦)ରେ ମାତ୍ର ୩୪ ରନ କରିଥିବାବେଳେ ଏଥର ଅର୍ଦ୍ଧଶତକ ହାସଲ କରି ଭାରତକୁ ବିଜୟ ପଥରେ ଆଗେଇ ନେଇଥିଲେ। ଚଳିତ ସିରିଜରେ ଏହାଥିଲା ତାଙ୍କର ପ୍ରଥମ ଅର୍ଦ୍ଧଶତକ। ନିଜ ସମାଲୋଚକଙ୍କୁ ଚୁପ କରାଇବା ପାଇଁ କେଦାର ଯାଦବ ଏଠାରେ ବଢ଼ିଆ ସୁଯୋଗ ପାଇଥିଲେ। ମାତ୍ର ସେ ତା'ର ସଦୁପଯୋଗ କରିପାରି ନ ଥିଲେ। ସେ ୧୦ ବଲ୍‌ରୁ ମାତ୍ର ୯ ରନ କରିବାକୁ ସକ୍ଷମ ହୋଇଥିଲେ। କେଦାରଙ୍କୁ ଆଉଟ କରିବାପରେ ନିଜ ଟ୍ରେଡ୍‌ମାର୍କ ସାଲ୍ୟୁଟ ମାରି ଖୁସି ମନାଇଥିଲେ ଶେଲଡନ କଟ୍ରେଲ। ବିରାଟ କିନ୍ତୁ ଖେଳିଥିଲେ ଅଧିନାୟକ ଇନିଂସ। ସେ ୮୧ ବଲ୍ ଖେଳି ୯ ଚୌକା ସହାୟତାରେ ୮୫ ରନ କରି କେମୋ ପଲ୍‌ଙ୍କ ବଲ୍‌ରେ ପ୍ଲେଡ୍‌ଅନ୍ ଆଉଟ ହେବାବେଳକୁ ଭାରତ ବିଜୟ ଦ୍ୱାରରେ ପହଞ୍ଚି ଯାଇଥିଲା। କୋହଲି ଓ ଜାଡେଜାଙ୍କ ୬ଷ୍ଠ ଉଇକେଟ ଯୋଡ଼ିରେ ୪୪ ବଲ୍‌ରୁ ମୂଲ୍ୟବାନ ୫୮ ରନ ସଂଗୃହୀତ ହୋଇଥିଲା। କୋହଲି ଆଉଟ ହୋଇଥିଲେ ହେଁ ଚାପର ବଶବର୍ତ୍ତୀ ନ ଥିଲେ ଜାଡେଜା ଓ ଶାର୍ଦ୍ଦୁଳ ଠାକୁର। ଅସମାପ୍ତ ୭ମ ଉଇକେଟ ଯୋଡ଼ିରେ ଦୁହେଁ ୧୬ ବଲ୍‌ରେ ୩୦ ରନ ଯୋଗ କରି ଭାରତ ବିଜୟରେ ମୁଣ୍ଡି ମାରିଥିଲେ। ଜାଡେଜା ୩୧ ବଲ୍‌ରୁ ୪ ଚୌକା ସହାୟତାରେ ୩୯ ଏବଂ ଠାକୁର ୬ ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୧୭ ରନରେ ଅପରାଜିତ ରହିଥିଲେ।

କାକର ସମସ୍ୟାକୁ ଦୃଷ୍ଟିରେ ରଖି ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ୱେଷ୍ଟଇଣ୍ଡିଜର ଦୁଇ ଓପନର ଇଭିନ ଲିୱିସ ଓ ଶାଇ ହୋପ୍ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ। ପାୱାର ପ୍ଲେ ପ୍ରଥମ ୧୦ ଓଭରରେ ସେମାନେ ମାତ୍ର ୪୪ ରନ କରିଥିଲେ ହେଁ ଉଇକେଟ ନ ହରାଇବା ଉପରେ ଗୁରୁତ୍ୱ ଦେଇଥିଲେ। ୧୫ତମ ଓଭରରେ ଭାରତକୁ ପ୍ରଥମ ସଫଳତା ମିଳିଥିଲା। ଅପେକ୍ଷକୃତ ଧୀମା ଖେଳିଥିବା ଇଭିନ ଲିୱିସଙ୍କୁ ଲଇଅନ୍‌ରେ ପଦାର୍ପଣକାରୀ ନବଦୀପ ସଇନୀଙ୍କ ହାତରେ କ୍ୟାଚ କରାଇ ଘରୋଇ ଦଳକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ରବୀନ୍ଦ୍ର ଜାଡେଜା। ସେତେବେଳକୁ ୱେଷ୍ଟଇଣ୍ଡିଜ ସ୍କୋର ୫୭ ହୋଇଥିଲା। ୨୧ ରନ କରିଥିବା ଲିୱିସ ୫୦ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ମାରିଥିଲେ। ଚମତ୍କାର ଫର୍ମରେ ଥିବା ଅନ୍ୟତମ ଓପନର ଶାଇ ହୋପ୍ ଅର୍ଦ୍ଧଶତକ ଆଡ଼କୁ ଅଗ୍ରସର ହେଉଥିବାବେଳେ ୪୨ ରନ କରି ମହମ୍ମଦ ସାମିଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ସେ ୫୦ ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୪ ଚୌକା ମାରିଥିଲେ। ଟପ୍ ଅର୍ଡରର ଅନ୍ୟତମ ବ୍ୟାଟ୍ସମ୍ୟାନ ରୋଷ୍ଟନ ଚେଜ୍ ଓ ମିଡଲ ଅର୍ଡରରେ ଶିମରନ ହେଟମେର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। କ୍ୟାରିୟରର ପ୍ରଥମ ଦିନିକିଆ ଖେଳୁଥିବା ସଇନୀ ଏହି ଦୁଇଜଣଯାକ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ହେଟମେର ୩୩ ବଲ୍‌ରୁ ୩୭(୨ ଚୌକା, ୨ ଛକା) ଓ ଚେଜ୍ ୪୮ ବଲ୍‌ରୁ ୩୮ (୩ ଚୌକା) ରନ କରିଥିଲେ। ୩୩ତମ ଓଭରରେ ୱେଷ୍ଟଇଣ୍ଡିଜର ୧୫୦ ରନ ପୂରଣ ହୋଇଥିଲା। ନିକୋଲାସ ପୁରନ ଓ ଅଧିନାୟକ କିରନ ପୋଲାର୍ଡ କ୍ରିଜରେ ଯୋଗଦେବାପରେ ୱେଷ୍ଟଇଣ୍ଡିଜ ରନହାର ଦ୍ରୁତ ହାରରେ ବଢ଼ିଥିଲା। ଏହି ଦୁଇ ବ୍ୟାଟ୍ସମ୍ୟାନ ଆକ୍ରମଣାତ୍ମକ ଖେଳି ୪୦.୫ ଓଭରରେ ୨୦୦ ରନ ପୂରଣ କରି ବଡ଼ ସ୍କୋରର ସୂଚନା ଦେଇଥିଲେ। ଏହା ମଧ୍ୟରେ ପୁରନ କ୍ୟାରିୟରର ୫ମ ଅର୍ଦ୍ଧଶତକ ହାସଲ କରିଥିଲେ। ୫ମ ଉଇକେଟରେ ଶତକୀୟ (୧୩୫ ରନ) ଭାଗୀଦାରି ଗଢ଼ିଥିଲେ ଏହି ଦୁଇ ଖେଳାଳି। ବିସ୍ଫୋରକ ବ୍ୟାଟିଂ କରି ଶତକ ଆଡ଼କୁ ଅଗ୍ରସର ହେଉଥିବା ପୁରନ ବ୍ୟକ୍ତିଗତ ୮୯ ରନ କରିଥିବାବେଳେ ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ଡିପ୍ ପଏଣ୍ଟ ଅଞ୍ଚଳରେ ରବୀନ୍ଦ୍ର ଜାଡେଜାଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୬୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ପୁରନ ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୩ ଛକା ମାରିଥିଲେ। ଅଧିନାୟକ ପୋଲାର୍ଡ ଧୂଆଁଧାର ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ। ସେ ୫୧ ବଲ୍‌ରୁ ୩ ଚୌକା ଓ ୭ ଛକା ସହାୟତାରେ ୭୪ ରନ କରି ଅପରାଜିତ ରହିବାରୁ ୱେଷ୍ଟଇଣ୍ଡିଜ ୫୦ ଓଭରରେ ୫ ଉଇକେଟ ହରାଇ ୩୧୫ ରନ କରିବାକୁ ସକ୍ଷମ ହୋଇଥିଲା। ଜାସନ ହୋଲ୍ଡର ୭ ରନରେ ଅପରାଜିତ ରହିଥିଲେ। ଭାରତୀୟ ବୋଲରମାନେ ଆରମ୍ଭରେ ଚମତ୍କାର ବୋଲିଂ କରିଥିଲେ ହେଁ ପୁରନ ଓ ପୋଲାର୍ଡଙ୍କ ମାଡ଼ରେ ଘାଇଲା ହୋଇ ଯାଇଥିଲେ। ସଇନୀ ୨ଟି ଏବଂ ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସାମି ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ରାଶ୍ୟାଧିପତି ଓ ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ଭଲ ରହିବ। ଯାନବାହନ ଚଳାଚଳ, ଆଲୋଚନା କ୍ଷେତ୍ର, ମାତୃବର୍ଗ,ଜମିଜମା, ଦୋକାନବାଡ଼ି, ହୋଟେଲ ଆଦି ବ୍ୟବସାୟିକ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଅଫିସରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ସମ୍ମାନ ଅକ୍ଷୁଣ୍ଣ ରହିବ।

**ବୃଷ** ନିଜର ସରଳ ସ୍ୱଭାବ ବଶତଃ ଅନ୍ୟକୁ ସାହାଯ୍ୟ କରିବେ କିନ୍ତୁ ଅଭାବ ଅସୁବିଧା ଯୋଗୁ ଧାର କରିବାକୁ ପଡ଼ିପାରେ। ପରିବାର ମଧ୍ୟରେ ପତିଆରା ଦେଖାନ୍ତୁ ନାହିଁ, କାରଣ ଭଲ ବଦଳରେ ତାହା ମନ୍ଦରେ ପରିଣତ ହେବ। କୌଣସି ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସଭାସମିତିରେ ମନ୍ଥର ଗତିରେ କାମ କରିବା ଭଲ ହେବ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ଟିକିଏ ଧୈର୍ଯ୍ୟଧରି ରହିପାରିଲେ କାମଗୁଡ଼ିକ ଶୃଙ୍ଖଳିତ ହୋଇପାରିବ। ନୂତନ ଭାବେ କୌଣସି କାମ ଆରମ୍ଭ କରି ଏକ ପ୍ରକାର ଆତ୍ମତୃପ୍ତି ଲାଭ କରିପାରନ୍ତି। ସମସ୍ୟା ସମ୍ପର୍କରେ ସମାଧାନର ଦାୟିତ୍ୱ ନେବା ପାଇଁ ଭାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଅତିଥି ଚର୍ଚ୍ଚାକୁ ନେଇ ପରିବାର ଲୋକମାନଙ୍କ ସହ ରହିବା ମୁସ୍କିଲ ହୋଇପାରେ।

**କର୍କଟ** ଆଜି ହଠାତ୍ କୌଣସି ମହିଳାଙ୍କୁ ମାଧ୍ୟମ କରି ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ନୂତନ ଭାବେ କୌଣସି ମୂଲ୍ୟବାନ ଜିନିଷ କିଣାବିକାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପରିବହନରେ ସମସ୍ୟା ରହିବ, କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ସିଂହ** ଆପଣ ଅନ୍ୟମାନଙ୍କ ଟେକାଟେକି କଥାରେ ଉତ୍ଫୁଲ୍ଲିତ ହୋଇ କାମକଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ବୃଥା ସନ୍ଦେହ କାରଣରୁ ନିଜଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି। ଆଜି ଦିନଟିରେ ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବନାହିଁ। ଆର୍ଥିକ ସ୍ଥିତି ସୁଧୁରିଯିବାର ଆଶାକରି କେତେକାଂଶରେ ଖୁସୀ ହେବେ।

**କନ୍ୟା** ସବୁ ପ୍ରକାର ସୁବିଧାଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ହିଁ ସମସ୍ୟାକୁ ବଢ଼ାଇ ଦେଇପାରେ। ପାରିପାର୍ଶ୍ୱିକ ଓ ପାରିବାରିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଆଇନ ଅଦାଲତ, ପ୍ରକାଶନ ଓ ପ୍ରଶାସନ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଆର୍ଥିକ ଅନଟନ, ଶାରୀରିକ ପୀଡ଼ାଜନିତ ମନ ବିରସ ରହିପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। ଗୃହ ସମସ୍ୟା, ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପୂର୍ବରୁ ପରଖି ନ ଥିବା ଗାଡ଼ିର ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବ। ପାଖରେ ଥିବା ଲୋକଟିର କାର୍ଯ୍ୟକାଳାପ ସନ୍ଦେହଜନକ ହୋଇପାରେ।

**ବିଛା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅନ୍ୟମନସ୍କତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନିର ସୂଚନା ରହିଛି। ସାମାଜିକ ସ୍ତରରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ,ସାମ୍ବାଦିକତା, ପ୍ରଶାସନ, ରାଜନୀତି, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ ଯୋଗୁ ବିଶେଷ ଅଗ୍ରଗତି ହୋଇପାରିବ ନାହିଁ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି କିନ୍ତୁ କିଛି ଅସୁବିଧା ହେବନାହିଁ। ଆବଶ୍ୟକତା ପୂରଣ କରିବା ପାଇଁ ଧାର ଉଧାର କରିବାକୁ ପଡ଼ିପାରେ। ସାଧାରଣ କଥାରେ ନିଜ ଲୋକଙ୍କୁ ସନ୍ଦେହ କରିବେ।

**ମକର** ସାଧାରଣ କଥାରେ ତର୍କବିତର୍କ ଜନିତ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆକସ୍ମିକ ଭାବରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଶୁଭେଚ୍ଛୁମାନଙ୍କ ସାନ୍ନିଧ୍ୟ ଲାଭକରି ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ଆଜି ଦିନଟିରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ଅବଶ୍ୟ ଦୀର୍ଘ ଦିନରୁ ଚିନ୍ତା କରିଥିବା ନୂତନ କର୍ମାରମ୍ଭ କରିପାରନ୍ତି। ସାମାଜିକ ସ୍ତରରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବନ୍ଧୁମିଳନ ସାଙ୍ଗକୁ ଦୂରଯାତ୍ରା କରିବାର ସୁଯୋଗ ପାଇପାରନ୍ତି। ବିଶେଷ ଭାବରେ ଆଜିଦିନଟିରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ।

**ମୀନ** ଈର୍ଷା ଓ ଅସୂୟାର ବଶବର୍ତ୍ତୀ ହୋଇ ପାଖ ପଡ଼ୋଶୀମାନେ ନିଆଁରେ ଘିଅ ଢାଳିଲା ଭଳି କଥା କହିପାରନ୍ତି। ଆକସ୍ମିକ ଭାବରେ ସ୍ୱାୟବିକ ଦୁର୍ବଳତା ଅନୁଭବ କରିବେ, ଫଳରେ କାମ ପ୍ରତି ସ୍ପୃହା ରହିବ ନାହିଁ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ଯାତ୍ରା ସ୍ଥଗିତ ରହିଯିବାର ଆଶଙ୍କା ରହିଛି।

ଆଜି ପୌଷ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ସୋମବାର, ଡିସେମ୍ବର ୨୩ ତାରିଖ,ରାଶି ନକ୍ଷତ୍ର-ବିଶାଖା/ତୁଳା, ଦିବା ଘ୧୨।୫୨ମି. ଗତେ, ବିଛା ଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ସକାଳ ଘ୯।୧୪ମି. ଗତେ ଘ୧୧।୨୩ମି. ମଧ୍ୟେ ଅମୃତବେଳା। ସକାଳ ଘ୯।୦୩ମି. ଗତେ ଘ୧୦।୨୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୭।୪୨ମି. ଗତେ ଘ୯।୦୩ମି. ମଧ୍ୟେ ରାହୁକାଳ।



# classifieds Everyday
0674-2580101, 2549302




**SALE**

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15790

ଭୁବନେଶ୍ୱର ପାହାଳ, ନଖରାରେ ଘରକଲା ଭଳି plot 30' ରାସ୍ତାଥାଇ ମିଳୁଅଛି। **8249728525.** D-68458

**Bhubaneswar Infocity-2 ଆଗରେ sqft.560/- immediate possession then registration. 9658383304, 9348232008.** D-68456

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68936

Agriculture land for sale Patrapada Gahir near AIIMS. Broker excuse. 8895549929. D-67737

ଭୁବନେଶ୍ୱର ତମାଣ୍ଡୋ ବଜାର ପାଖରେ ଘରବାରି, **Boundary, Bank, Finance** ଥାଇ **plot** କିଣନ୍ତୁ **sqft.- 1800/-, 8480281029.** D-68459

ଭୁବନେଶ୍ୱର ଫୁଲନଖରା ତ୍ରିନାଥବଜାର ନିକଟରେ ଘରବାରି, **Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘରକଲା ଭଳି **developed** ପ୍ଲଟ୍ କିଣନ୍ତୁ। **(Limited plots).** ଯୋଗାଯୋଗ- **7381029351, 9937111658.** D-68455




Construct your building as per your terms and condition. Contact: 9937064680. D-27284

**GENERAL**

**SALE**

**52seat capacity, modular kitchen, fully AC, running condition Restaurant for sale at Jayadurga nagar, Cuttack road, Bhubaneswar. 7008257791, 9937099977, 9438525977.** D-68634




300sqft. Shop, A/43 near Reliance Fresh, Ruchika Market, Baramunda, Bhubaneswar, 8917512423, 8763246739. D-67269

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784




Rejuvenate and ayurvedic full body massage by smart therapist. 9114402304. D-68904

Newly open full body massage by ladies, gents therapist. 8018656899 D-60858

Take full body therapy. Just call 7852986810. D-68528

Ayurvedic full body massage by ladies, gents therapist. 7008773793 D-60859

Full body herbal massage with refreshment expert therapist. 7381239385, 06 742540855. D-68929

Experience full body massage with us (expert). Call: 7377048581, 06742597822. D-68930

Herbal full body massage by smart / expert therapist. Contact: 8338067247. D-68931

Experience winter therapeutic Abhyanga massage feeling refreshing energetic: Appointment-9668374480. D-68932

Ayurvedic full body massage ladies & gents smart therapist, 9668814589. D-68733

Sai herbal spa refresh your body with smart, expert therapist. 7608062524. D-68923

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68730

Ayurvedic full body massage ladies/ gents smart experts therapist: 8480939300. D-68726

Monalisa Massage Club: All types body massage with hiprofile smart lady rooms service available- 9708545108. D-15810

Refresh your mind and soul with best therapy at Orchid Salon/Spa. 9937287222. D-68729

Ayurvedic full body massage ladies and gents. Contact: 9861064981. D-68732




**Caterer/ gharka khana/ Tiffin system north indian Lunch & Dinner weekly three days Nonveg with home delivery @ 3500/- per month. Bhubaneswar, for details Contact: 9668732935.** D-67267

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



**LEGAL NOTICE**

**ମାନ୍ୟବର ବରିଷ୍ଠ ଦେୱାନି ବିଚାରପତି ମହୋଦୟଙ୍କ ଅଦାଲତ, ଢେଙ୍କାନାଳ**

Intestate case No. 1 of 2019

Notice under order 5 rule 20 of CPC read with section 372 of Indian Succession Act 1955.

ମଞ୍ଜୁବାଂଳା ପରିଡା, ବୟସ ୬୫ବର୍ଷ, ପିତା: ସ୍ୱର୍ଗତ ରାହାସ ବିହାରୀ ପରିଡା.... ଦରଖାସ୍ତକାରିଣୀ, ସା- କାଙ୍କଲୁଣ୍ଡା, ପୋ- ମହିମାଗାଦି, ଥା- ଗଁଦିଆ, ଜି- ଢେଙ୍କାନାଳ

ବନାମ୍

ପ୍ରିନ୍ସିପାଲ ଏକାଉଣ୍ଟ ଜେନେରାଲ (A & E) ଓଡିଶା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା...... ଅପରପକ୍ଷ ଓ ଅନ୍ୟମାନେ

ଯେହେତୁ ଅତ୍ର ବିଜ୍ଞାପନ ଦ୍ୱାରା ଘୋଷଣା କରାଯାଉଛିଯେ, ସ୍ୱାମୀଙ୍କ ମୃତ୍ୟୁ ପରେ ଫାମିଲି ପେନସନ୍ ପାଉଥିବା ଜୟନ୍ତୀ ପରିଡା ଗତ ତା. ୧୯.୦୧.୨୦୧୬ ତାରିଖରେ ମୃତ୍ୟୁବରଣ କରିଛନ୍ତି। ଉପରୋକ୍ତ ଦରଖାସ୍ତକାରିଣୀ ଉତ୍ତରାଧିକାରୀ ସୂତ୍ରେ ଉତ୍ତରାଧିକାରୀ ସାର୍ଟିଫିକେଟ୍ ଓ ତାଙ୍କର ଫାମିଲି ପେନ୍‌ସନ୍ ନିମନ୍ତେ ଉକ୍ତ ଅଦାଲତରେ ମୋକଦ୍ଦମା କରିଛନ୍ତି।

ଏଣୁ ଏଥିରେ ପକ୍ଷ ଥିବା ବ୍ୟକ୍ତି କିମ୍ବା ପକ୍ଷ ନଥିବା ବ୍ୟକ୍ତି ଯଦି କାହାର କିଛି ଦାବି ଆପତ୍ତି ଥାଏ ତେବେ ସେମାନେ ଆସନ୍ତା ତା. ୧୦.୦୧.୨୦୨୦ ରିଖ ପୂର୍ବାହ୍ନ ୧୦.୩୦ ମିନିଟ୍ ସମୟେ ଉକ୍ତ ଅଦାଲତରେ ନିଜେ କିମ୍ବା ତାଙ୍କ ଓକିଲଙ୍କ ଜରିଆରେ ହାଜିର ହୋଇ ତାଙ୍କର ଦାବି ଆପତ୍ତି ଦାଖଲ କରିବେ। ନଚେତ୍, ସେମାନଙ୍କ ଅନୁପସ୍ଥିତିରେ ଉକ୍ତ ମୋକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଅଦ୍ୟ ତା.୦୬.୧୨.୨୦୧୯ ରିଖ ଆମ୍ଭର ସ୍ୱାକ୍ଷର ସହ ଅଦାଲତର ମୋହର ଯୁକ୍ତ କରାଗଲା।

**Sd./- ଆଲ୍ପନା ସ୍ୱାଇଁ**
**ସିଭିଲ ଜଜ୍ (ସିନିୟର ଡିଭିଜନ)**
**ଢେଙ୍କାନାଳ**

D-66839

**IN THE COURT OF THE ADDITIONAL DISTRICT JUDGE KHALLIKOTE,**

R.F.A.9/2016

Laxmi Dalei......
APPELLANT

VERSUS

Keshaba Tarei and others ...... Respondents.

To

1. Keshaba Tarei, Son of Punia Tarei, Resident of village/ PO: Odia Alapur, Via: Khallikote r.s, Dist: Ganjam
2. Nandi Pallei, Wife of Makadam Pallei, Resident of Vill/ Po" Bakutagam, Via: Khallikote r.s, Dist: Ganjam

You are hereby summoned to appear in this court in person or by a pleader duly instructed and able to answer all material questions relating to the case or who shall be accompanied by some person able to answer all such question on the 13th day of January 2020 at 10.30 AM O'clock in the noon to answer the claim and you are directed to produce on that day all the documents upon which you intend to rely in support your show cause. Take notice that in default of your appearance on the day before mentioned, the case will be heard and determined in your absence.

Given under my seal and signature of 6th day Dec. 2019.

**Sd./- A.D.J., Khallikote**

D-15863



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଶ୍ରୀୟଙ୍କା ରାଉତ



ପ୍ରଦୀପ କୁମାର ନାଏକ



ପ୍ରେମସାଗର ବଳବନ୍ତରା



ଶାନ୍ତିଲତା ସାହୁ ଏବଂ ଦୀତ୍ୟା ସାହୁ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

■ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଆଣ୍ଠେଇବା ଭିଡିଓ ଭାଇରାଲ

## ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

**ଭଦ୍ରକ ଅଫିସ/ଧାମନଗର, ୨୨।୧୨(ଡି.ଏନ.ଏ.)**

ବିଦ୍ୟାଳୟକୁ ଦଣ୍ଡମୁକ୍ତ କରିବା ସକାଶେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଜଣେ ଶିକ୍ଷୟିତ୍ରୀ ୩ ଜଣ ଛାତ୍ରୀଛାତ୍ରଙ୍କୁ ଖରାରେ ଆଣ୍ଠେଇବାକୁ କହି ଦଣ୍ଡଦେବା ତାଙ୍କୁ ମହଙ୍ଗା ପଡ଼ିଛି। ଏନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। କେତେଜଣ ବ୍ୟକ୍ତି ଏ ସମ୍ପର୍କରେ ରବିବାର ଟୁଇଟର୍ ଯୋଗେ ଗଣଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ତତ୍‌କ୍ଷଣାତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଘଟଣାର ତଦନ୍ତ କରିବାକୁ କହିଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କ ତଦନ୍ତ ରିପୋର୍ଟ ଭିତ୍ତିରେ ଜିଲାପାଳ ସମ୍ପୃକ୍ତ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ରାଉତଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡ଼ିଛି।



ସୂଚନାଯୋଗ୍ୟ ଯେ, ଧାମନଗର ବ୍ଲକ ପଦ୍ମପୋଖରୀ ପ୍ରାଥମିକ ବିଦ୍ୟାଳୟରେ ୩ଦିନ ପୂର୍ବେ ମଧ୍ୟାହ୍ନଭୋଜନ ବଣ୍ଟନ ସମୟରେ କେତେଜଣ ଛାତ୍ରୀଛାତ୍ର ପରସ୍ପର ମଧ୍ୟରେ ଝଗଡ଼ା ଲାଗିଥିଲେ। ଏହା ଦେଖି ଉପସ୍ଥିତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ୩ ଜଣ ପିଲାଙ୍କୁ ବିଦ୍ୟାଳୟ ପରିସରରେ ଖରାରେ କାନ ଧରି ଆଣ୍ଠେଇ ଦେଇଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଏବେ ଘୂରି ବୁଲିବାର ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ନେଇ ବ୍ଲକ ଶିକ୍ଷାଧିକାରୀ ତଦନ୍ତ କରିବାରେ ଘଟଣା ସତ ମଧ୍ୟ ଜଣାପଡ଼ିଥିଲା। ତଦନ୍ତ ରିପୋର୍ଟକୁ ଆଧାର କରି ଶିକ୍ଷା ବିଭାଗ ତଦନ୍ତ କରି ଚିଠି ନଂ. ୨୯୬୩/ତା୨୦।୧୨।୧୯ରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରାଉତଙ୍କୁ ନିଲମ୍ବିତ କରିଥିବା ଧାମନଗର ବିଇଓ ପବିତ୍ର ମୋହନ ବାରିକ ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

**ବିଜେପୁର**
- ନବନିର୍ମିତ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବିଗ୍ରହ ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, କୁଲିତାଟୁକୁରା, ଅପରାହ୍ନ ୩।୧୫।
- ରାମଜୀ ମନ୍ଦିରର ଶତବାର୍ଷିକୀ ସମାରୋହ, ସିନ୍ଧୁରାବାହାଲ, ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ।

**ଭେଡେନ**
- କଳାପଟା ସାହିତ୍ୟ ବାସପତ୍ରି ବାର୍ଷିକ ଉତ୍ସବ, ବାହାଲପାଲି, ପୂର୍ବାହ୍ନ ୧୧ଟା।
- ଧନୁଯାତ୍ରା ଉଦ୍‌ଯାପନୀ ଉତ୍ସବ, ଥୁଆପାଲି କପବାରି ପଡିଆ, ରାତ୍ର ୮ଟା।

**ବରଗଡ଼**
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୋବିନ୍ଦପୁରର ବାର୍ଷିକୋତ୍ସବ, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଫଟୋ ଫିଲିକ୍ସ ସମ୍ବଲପୁର ଶାଖାର ବୈଠକ, ଚିତ୍ରଗୁପ୍ତ କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ସାଢ଼େ ୧୦ଟା।
- ବୀର ସୁରେନ୍ଦ୍ର ସାଏ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ଧନକଉଡାସ୍ଥିତ ସ୍କୁଲ ପ୍ରେକ୍ଷାଳୟ, ଅପରାହ୍ନ ୨ଟା।
- କ୍ରିୟାଯୋଗ ଓ ଗୀତା ପ୍ରବଚନ କାର୍ଯ୍ୟକ୍ରମ, ଗୋପାଳମାଳ ହରିହରାନନ୍ଦ କ୍ରିୟାଯୋଗ ଆଶ୍ରମ, ସନ୍ଧ୍ୟା ସାଢ଼େ ୬ଟା।



## ଜିଲା ଟିଠି
### ମାଲକାନଗିରି

## କର୍ମଚାରୀ ସଙ୍କଟ

ରାଜ୍ୟ ସରକାର ଜଙ୍ଗଲ ସୁରକ୍ଷା ଏବଂ ନୂତନ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରତି ମଧ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର କର୍ମଚାରୀ ଅଭାବ ଏହି ସମସ୍ତ କାର୍ଯ୍ୟରେ ପ୍ରତିବନ୍ଧକ ସାଜିଛି। ଫଳରେ ୧୦ ବର୍ଗ କିଲୋମିଟର ଅଞ୍ଚଳ ମଧ୍ୟରେ ଥିବା ଜଣେ ବନରକ୍ଷୀଙ୍କ ପକ୍ଷେ ଜଙ୍ଗଲ ଅପରାଧୀଙ୍କୁ ଧରିବା ସମ୍ଭବ ହେଉନାହିଁ। ମାଲକାନଗିରି ଜିଲାରେ ୩୫୨.୪୪ ବର୍ଗ କିଲୋମିଟର ସଂରକ୍ଷିତ ଜଙ୍ଗଲ ଥିବା ବେଳେ ୯୪୦.୬୧ ବର୍ଗ କିଲୋମିଟର ଚିହ୍ନଟ ଓ ସୁରକ୍ଷିତ ଜଙ୍ଗଲ ରହିଛି। ୦.୩୦ ବର୍ଗ କିଲୋମିଟର ଅବର୍ଗୀକରଣ ଜଙ୍ଗଲ ଅଛି। ସେହିପରି ରାଜସ୍ୱ ବିଭାଗ ଅଧୀନରେ ୧୪.୬୧ ବର୍ଗ କିଲୋମିଟର ଅନ୍ୟାନ୍ୟ ଜଙ୍ଗଲ ରହିଥିବା ବେଳେ ୬୬୧.୬୨ ବର୍ଗ କିଲୋମିଟର ସୁରକ୍ଷିତ ଜଙ୍ଗଲ ରହିଛି। ବନ ବିଭାଗ ଦ୍ୱାରା ରେକର୍ଡଭୁକ୍ତ ହୋଇ ନ ଥିବା ୮.୩୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି। ଜିଲାରେ ଏହି ସବୁ ଜଙ୍ଗଲ ଅନେକ ପାହାଡ଼ପର୍ବତ ଏବଂ ଆଭ୍ୟନ୍ତରୀଣ ଅଞ୍ଚଳରେ ଅଛି। ଫଳରେ ଉପରୋକ୍ତ ଜଙ୍ଗଲ ସବୁର ସୁରକ୍ଷା ପାଇଁ ଆବଶ୍ୟକ ସଂଖ୍ୟକ ବନ କର୍ମଚାରୀ ନାହାନ୍ତି। ଫଳତଃ ଆଗାମୀ ଦିନରେ ଜଙ୍ଗଲ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାଲକାନଗିରି ଜିଲାରେ ୩ ସହକାରୀ ବନ ସଂରକ୍ଷକ ପଦବୀ ଥିବାବେଳେ ସେଥିମଧ୍ୟରୁ ୨ଟି ପଦବୀ ଖାଲିପଡ଼ିଛି। ୬ ରେଞ୍ଜର ପଦବୀ ମଧ୍ୟରୁ ଗୋଟିଏ ପଦବୀ ଖାଲି ପଡିଥିବା ବେଳେ ୫ ସହକାରୀ ଅଫିସରଙ୍କ ସ୍ଥାନରେ ୨ଜଣ ଅଛନ୍ତି। ଯେଉଁ ସ୍ୱଳ୍ପସଂଖ୍ୟକ କର୍ମଚାରୀ ଅଛନ୍ତି ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ଯଥା ନର୍ସରୀ, ବୃକ୍ଷରୋପଣ ଅଞ୍ଚଳର ଦାୟିତ୍ୱ, ଜଙ୍ଗଲ ସର୍ଭେ, ବାଉଁଶ ଉନ୍ନୟନ ଜଙ୍ଗଲ ସୃଷ୍ଟି, ବନ୍ୟଜନ୍ତୁ ସଂରକ୍ଷଣ, ବିଭିନ୍ନ ବନ ସଂରକ୍ଷଣ ସମିତିକୁ ତାଲିମ ପ୍ରଦାନ ଆଦି କାର୍ଯ୍ୟରେ ନିୟୋଜିତ କରାଯାଉଛି। ଏଥିଯୋଗୁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜିଲାର ଜଙ୍ଗଲ ଅଞ୍ଚଳକୁ ଦୃଷ୍ଟିରେ ରଖି ୩ଶହରୁ ଊର୍ଦ୍ଧ୍ୱ ବନରକ୍ଷୀଙ୍କ ଆବଶ୍ୟକତା ଥିଲା, ମାତ୍ର ସରକାର ଜିଲା ପାଇଁ ୧୩୦ଟି ପଦବୀ ସୃଷ୍ଟି କରିଛନ୍ତି। ସେଥିମଧ୍ୟରୁ ୫୧ ବନରକ୍ଷୀ ପଦବୀ ଖାଲିଥିବା ବେଳେ ସରକାର ୧୬ଟି ପଦବୀ ପୂରଣ ପାଇଁ ଅଳ୍ପଦିନ ତଳେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି ୧୬ ପଦବୀରୁ ୧୪ ମହିଳାଙ୍କ ପାଇଁ ଏବଂ ୨ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ମାଲକାନଗିରି ପରି ଆଦିବାସୀ ଅଧ୍ୟୁଷିତ ତଥା ମାଓବାଦୀ ପ୍ରବଣ ଅଞ୍ଚଳରେ ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଅଧିକ ସଂଖ୍ୟକ କର୍ମଚାରୀ ନିଯୁକ୍ତି ଉପରେ ସର୍ବଦା ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ନଚେତ୍ କେବଳ କାଗଜକଲମରେ ହିଁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ସୀମିତ ରହିଯିବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

– ଦୁର୍ଯ୍ୟୋଧନ ପାତ୍ର

■ ଓୟୁଜେର ୪୮ତମ ପ୍ରତିଷ୍ଠା ଦିବସ ସମାରୋହ

## ସାମ୍ବାଦିକଙ୍କ ସୁରକ୍ଷା ଲାଗି ସମ୍ମିଳିତ ପ୍ରୟାସ ହେବ

**ଭୁବନେଶ୍ୱର, ୨୧।୧୨ (ବ୍ୟୁରୋ)**

ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏଥିଲାଗି ସମ୍ମିଳିତ ପ୍ରୟାସ ହେବ। ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଖୁବଶୀଘ୍ର ଏକ ମିଳିତ ବୈଠକ ବସିବାର ଆବଶ୍ୟକତା ରହିଛି ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ର ୪୮ତମ ପ୍ରତିଷ୍ଠା ଉତ୍ସବରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି।

ରବିବାର ସ୍ଥାନୀୟ ଇଉ୍‌କଲ୍ ଅଡିଟୋରିୟମରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଦାସ କହିଲେ, ସାମ୍ବାଦିକଙ୍କ ପକ୍ଷରୁ ଉପସ୍ଥାପିତ ବିଭିନ୍ନ ଦାବି ସମ୍ପର୍କରେ ରାଜ୍ୟ ସରକାର ଅନୁଧ୍ୟାନ କରୁଛନ୍ତି। ଖୁବଶୀଘ୍ର ସବୁ ପକ୍ଷ ସହ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର କହିଲେ, ଖବରଦାତାମାନେ ପ୍ରକୃତ ତଥ୍ୟକୁ ବିକୃତ ନ କରି ନିଚ୍ଛକ ଖବର ପରିବେଷଣ କରନ୍ତୁ। ସମ୍ପ୍ରତି ସାମ୍ବାଦିକତା କ୍ଷେତ୍ରରେ ନକଲିଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଏହା ଉପରେ ଅଙ୍କୁଶ ଲାଗିବାର ଆବଶ୍ୟକତା ରହିଥିବା ସେ କହିଥିଲେ।

ଓୟୁଜେ ସଭାପତି ପ୍ରସନ୍ନ ମହାନ୍ତି ସାମରୋହରେ ଅଧକ୍ଷତା କରି ସାମ୍ବାଦିକଙ୍କ ବୀମା ରାଶିକୁ ୨ ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ସାମ୍ବାଦିକ ପେନ୍‌ସନ୍ ଯୋଜନା ଲାଗୁ କରିବା ଓ ରାଜ୍ୟରେ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବାକୁ ଦାବି କରିଥିଲେ। ଏହି ଅବସରରେ ଓୟୁଜେ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉଭୟ ମନ୍ତ୍ରୀଙ୍କୁ ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଖବରଦାତା ନିମାଇଁ ଚରଣ ମହାନ୍ତିଙ୍କୁ ଓୟୁଜେ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିଭଳି ଖବରଦାତା ବିଭୂତି ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ହଳଧର ଧିର ଓ ଶିଶିର କୁମାର ଦାସ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। ଓୟୁଜେ ସାଧାରଣ ସମ୍ପାଦକ ଅଶୋକ କୁମାର ନନ୍ଦ ବିବରଣୀ ପାଠ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଏକ ହଜାରରୁ ଅଧିକ ସଦସ୍ୟ ଯୋଗଦେଇଥିଲେ।




ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଓୟୁଜେ ସଭାପତି ପ୍ରସନ୍ନ ମହାନ୍ତି ଓ ଅନ୍ୟ ଅତିଥି।

**ନିମାଇଁ ଚରଣ ମହାନ୍ତିଙ୍କୁ 'ଓୟୁଜେ ସମ୍ମାନ'**

ପୁରୀ ମଙ୍ଗୁ ମଠ ଭଙ୍ଗା ବିରୋଧରେ ପଞ୍ଜାବ ବିଧାୟକଙ୍କ ଶୋଭାଯାତ୍ରା

## 'ମଠ ନ ଭାଙ୍ଗି ମଧ୍ୟ ସୌନ୍ଦର୍ଯ୍ୟକରଣ ସମ୍ଭବ'

**ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ)**

ପୁରୀରେ ମଙ୍ଗୁ ମଠ ଭଙ୍ଗାଯିବାକୁ ନେଇ ପୁଣିଥରେ ଜୋରଦାର ବିରୋଧ କରାଯାଇଛି। ଶନିବାର ପୁରୀରେ ଶିଖ୍ ସମାଜ ପକ୍ଷରୁ ଏହାକୁ ଦୃଢ଼ ବିରୋଧ କରାଯାଇଥିବାବେଳେ ରବିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ଏନେଇ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପଞ୍ଜାବର ଲୋକ୍ ଇନ୍‌ସାଫ୍ ପାର୍ଟି ପକ୍ଷରୁ ହୋଇଥିବା ଏହି ଶୋଭାଯାତ୍ରାରେ ପଞ୍ଜାବର ୨ ବିଧାୟକ ସମରଜିତ୍ ସିଂହ ଓ ବଲୱନ୍ତ ସିଂହ ସାମିଲ ହୋଇଥିଲେ। ମଙ୍ଗୁ ମଠ ଭଙ୍ଗାକୁ ଉଭୟ ବିଧାୟକ ଦ୍ୱୟ ଦୃଢ଼ ନିନ୍ଦା କରିଥିଲେ। ଖାରବେଳ ନଗରରୁ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ହୋଇଥିବା ଏହି ଶୋଭାଯାତ୍ରାରେ ଯୋଗଦେଇ ପଞ୍ଜାବର ଏହି ଦୁଇ ବିଧାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ମଠ ମନ୍ଦିର ନ ଭାଙ୍ଗି ମଧ୍ୟ ସହରର ସୌନ୍ଦର୍ଯ୍ୟକରଣ ହୋଇପାରିବ। କିପରି ସୌନ୍ଦର୍ଯ୍ୟକରଣ ହୋଇପାରିବ ତାହା ସେ ପଞ୍ଜାବ ଯାଇ ଦେଖିପାରିବେ ବୋଲି କହିଥିଲେ। ଅନ୍ୟପକ୍ଷରେ ଏ ବିଷୟରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ କରିବାକୁ ଚାହିଁଥିଲେ ମଧ୍ୟ ସୁଯୋଗ ନ ମିଳିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଯଦି ମୁଖ୍ୟମନ୍ତ୍ରୀ ମଙ୍ଗୁ ମଠ ଭଙ୍ଗାଯିବା ବିରୋଧରେ ପଦକ୍ଷେପ ନ ନିଅନ୍ତି, ତା'ହେଲେ ପଞ୍ଜାବରୁ ଲକ୍ଷ ଲକ୍ଷ ଶିଖ୍ ଆସି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ। ଶେଷରେ ପୁରୀ ଅଭିମୁଖେ ଏହି ଶୋଭାଯାତ୍ରା ବାହାରିଥିଲା।

## ଲାଲବାହିନୀ ହାତ ଛାଡ଼ିଲେ ୨୫୦ ମାଓବାଦୀ ସମର୍ଥକ

**ମାଲକାନଗିରି, ୨୨।୧୨(ସ୍ୱ.ପ୍ର.)**

ଲାଲବାହିନୀର ହାତ ଛାଡିଛନ୍ତି ୨୫୦ରୁ ଊର୍ଦ୍ଧ୍ୱ ମାଓବାଦୀ ସମର୍ଥକ। ଏଭଳି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ମାଥିଲି ବ୍ଲକର ମହୁପଦର ଅଞ୍ଚଳରେ। ରବିବାର ସେମାନେ ମାଥିଲି ପୋଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି। ମହୁପଦରରେ ପୋଲିସର ସ୍ଥାୟୀ କ୍ୟାମ୍ପ ହେବା ପରେ ସେହି ଅଞ୍ଚଳରେ ପ୍ରଶାସନର ମୌଳିକ ସୁବିଧା ପହଞ୍ଚିବ ଏବଂ ଉନ୍ନତି ହେବା ଆଶାରେ ସେମାନେ ଏହି ପଦକ୍ଷେପ ନେଇଛନ୍ତି। ଗତ ଦିନରେ ଏମାନେ ପୋଲିସ ବିରୋଧରେ ମାଓବାଦୀଙ୍କ ପାଇଁ କାମ କରୁଥିଲେ। ୨୫୦ରୁ ଊର୍ଦ୍ଧ୍ୱ ମାଓବାଦୀ ସମର୍ଥକଙ୍କ ଆତ୍ମସମର୍ପଣ ପରେ ମାଓବାଦୀଙ୍କୁ ଶକ୍ତ ଧକ୍କା ଲାଗିଛି। ପୋଲିସ ଏଠାରେ ଆତ୍ମସମର୍ପଣ କରିଥିବା ଲୋକଙ୍କୁ କମ୍ବଳ ଓ ଡ୍ରେସ ବଣ୍ଟନ କରି ଶୁଭେଚ୍ଛା ଜଣାଇଥିଲା।

**4th Birthday Wish**



ପ୍ରଜ୍ଞା ପ୍ରିୟଦର୍ଶିନୀ ମହାପାତ୍ର (ଭୂମି)
ଖୋର୍ଦ୍ଧା
ଆଜି ତୋର ଚତୁର୍ଥ ଜନ୍ମଦିନରେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା, ପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ, ନୀରୋଗ ରଖନ୍ତୁ ଏବଂ ତୋର ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ।
ଶୁଭେଚ୍ଛା ସହ
Loving Father, Sweet Mama & all relatives.
ଧ-୧୫୭୮୦

## ଗୁଣି ଗାରେଡ଼ି ସନ୍ଦେହରେ ଯୁବକଙ୍କୁ ପିଟି ହତ୍ୟା, ୪ ଗିରଫ

**କାଳିମେଳା, ୨୨।୧୨(ଡି.ଏନ.ଏ.)**

ମାଲକାନଗିରି ଜିଲା କାଳିମେଳା ବ୍ଲକ ପଟେରୁ ଫାଣ୍ଡି ଅନ୍ତର୍ଗତ ଚିତ୍ରାଙ୍ଗପାଲି ପଞ୍ଚାୟତର ଇନ୍ତାଗୁଡା ଗ୍ରାମରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ଗୁଣିଗାରେଡି କରୁଥିବା ସନ୍ଦେହରେ ଗ୍ରାମର ଜଣେ ଯୁବକଙ୍କୁ କେତେକ ବ୍ୟକ୍ତି ପିଟିପିଟି ହତ୍ୟା କରିଥିବା ଜଣାପଡିଛି। ମୃତକଙ୍କ ନାମ ଇର୍ମା କାର୍ତ୍ତାମୀ(୪୦)। ଏନେଇ ତାଙ୍କ ସ୍ତ୍ରୀ କାଳିମେଳା ଥାନାରେ ୧୦ ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ୪ ଜଣଙ୍କୁ ଗିରଫ କରିଛି।

ଇର୍ମାଙ୍କ ସ୍ତ୍ରୀ ଯୋଗୀ କାର୍ତ୍ତାମୀ ଏତଲାରେ ଦର୍ଶାଇଛନ୍ତି ଯେ ସ୍ୱାମୀ ଇର୍ମାଙ୍କୁ ସେହି ଗ୍ରାମର ଉରା ବେଟୀ, ଦୁଲା ସୋଡି, କସା ମାଢ଼ି, ସମା ମାଢ଼ି, ପଦ୍ମ ମାଢ଼ି, ଦେବା ମାଢ଼ି, ଇର୍ମା ମାଢ଼ି, ଗଙ୍ଗା ମାଢ଼ି, ଜଗା କାର୍ତ୍ତାମୀ, ପଦିଆ ବେଟି ପ୍ରମୁଖ ଶନିବାର ରାତି ୮ଟାରେ ଗ୍ରାମରେ ବୈଠକ ଅଛି ଆସ କହି ଘରୁ ଡାକି ନେଇଥିଲେ। ପରେ ଗ୍ରାମବାସୀ ଇର୍ମାଙ୍କୁ ନେଇ ଗ୍ରାମରେ ଏକ ବୈଠକ କରିଥିଲେ। ଇର୍ମା ଗୁଣିଗାରେଡି କରି ଗ୍ରାମରେ ବହୁ ଲୋକଙ୍କ ଜୀବନ ନେଉଥିବା ସେମାନେ ଅଭିଯୋଗ କରିବା ସହ ନିକଟରେ ଇନ୍ତାଗୁଡା ଗ୍ରାମର ଜଗା ମାଢ଼ିଙ୍କ ମୃତ୍ୟୁ ହୋଇଥିବା କହିଥିଲେ। ପରେ ଗ୍ରାମବାସୀ ଇର୍ମାଙ୍କୁ ଗାଳିଗୁଲଜ କରିବା ସହ କାଠଫାଳିଆ ଓ ବାଡିରେ ପିଟି ପିଟି ହତ୍ୟା କରିଥିଲେ। ଏହି ସମୟରେ ଗରାମର ୱାର୍ଡମେମ୍ବର ଦୁଲା କାର୍ତ୍ତାମୀ ମଧ୍ୟ ଉପସ୍ଥିତ ଥିଲେ। ପରେ ଗ୍ରାମଠାରୁ କିଛି ଦୂରରେ ଏକ କେନ୍ଦୁଗଛ ମୂଳରେ ଇର୍ମାଙ୍କ ମୃତଦେହ ଫିଙ୍ଗି ଅଭିଯୁକ୍ତମାନେ ଚାଲିଯାଇଥିଲେ। ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଲେ ତମ ପରିବାରକୁ ଗ୍ରାମରୁ ବାହାର କରିଦେବୁ ବୋଲି ଗ୍ରାମବାସୀ ତାଙ୍କୁ ଧମକ ଦେଇଥିବା ଯୋଗୀ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ୨୦୬/୧୯ରେ ଏକ ହତ୍ୟା ମମଲା ରୁଜୁ କରି ଗ୍ରାମର ସମା ମାଢ଼ି, ଇର୍ମା ମାଢ଼ି, ଜଗା କାର୍ତ୍ତାମୀ ଓ ପଦିଆ ବେଟିଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶେଷଦେବ ବେହେରା କହିଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆକୁ ପୋଲିସ ଜବତ କରିଛି। ଇର୍ମାଙ୍କ ମୃତଦେହକୁ କାଳିମେଳା ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏସ୍‌ଆଇ ସୋମନାଥ ଦଳବେହେରା ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି।



ଗିରଫ ୪ ଅଭିଯୁକ୍ତ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସାରଦା ମହାକୁଡ଼
ସ୍ଥାନ: ପଥରଗାଡ଼ିଆ, ଭୁବନେଶ୍ୱର
ତୋର ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ତ୍ୟାଗ, ପରୋପକାର ଓ ଅନୁଷ୍ଠାନ ଆମପାଇଁ ପ୍ରେରଣାର ଉତ୍ସ ହେଉ। ଚାହୁଁ ଚାହୁଁ ଏକବର୍ଷ ହୋଇଗଲା। ଏ ତେଲ, ଲୁଣ ସଂସାରରୁ ଚାଲି ଯିବାର କିନ୍ତୁ ଆଜି ବି ସେହି ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟନିଷ୍ଠା ଆମକୁ ଅନୁପ୍ରାଣିତ କରୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୭୬୪

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ହାରାମଣୀ ସାହୁ
ରାଣୀପଡ଼ା, ଗୋବିନ୍ଦପୁର, କଟକ
ତିରୋଧାନ: ୧୩।୧୨।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର–ସନାତନ ସାହୁ, ଅକ୍ଷୟ କୁମାର ସାହୁ, ଅନିରୁଦ୍ଧ ସାହୁ, ରମେଶ ଚନ୍ଦ୍ର ସାହୁ, କନ୍ୟା– ଅନ୍ନପୂର୍ଣ୍ଣା ସାହୁ, ଜ୍ୱାଇଁ– ଅଜୟ କୁମାର ସାହୁ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୧୫୮୬୪

**ଦ୍ୱାଦଶାହ ଉପଲକ୍ଷେ**



ସ୍ୱର୍ଗତ ଲକ୍ଷ୍ମୀଧର ଦାଶ
ଅବସରପ୍ରାପ୍ତ କୃଷି ଅଧିକାରୀ
ଗୋଳବାଇ, ଖୋର୍ଦ୍ଧା
ଆବିର୍ଭାବ: ୧୧।୦୩।୧୯୪୩
ତିରୋଧାନ: ୧୨।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ:
ଝିଅ–ଜ୍ୱାଇଁ: ଲିଲି ଓ ଦିଲ୍ଲୁ, ବଡ଼ପୁଅ–ବୋହୂ: ସଂଜୀବ ଓ ସଂଗୀତା, ସାନପୁଅ–ବୋହୂ: ମାଧବ–ରାନୀ, ନାତିମାନେ ଓ ନାତୁଣୀ: ହିଲ୍ଲୁ, ସିଲୁ, ସୂର୍ଯ୍ୟ, ସପନି ଓ ବନ୍ଧୁବର୍ଗ ।
ଧ-୬୮୭୩୭

## ପୂର୍ବ ତଟ ରେଳପଥ
### ଭଡ଼ା ସୂତ୍ରରେ ଗାଡ଼ି

ଟେଣ୍ଡର ବିଜ୍ଞପ୍ତି ସଂ. SBP-OPTG-HV-03-19, ତା: 17.12.2019

**କାର୍ଯ୍ୟର ନାମ :** 03 (ତିନି) ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ପରିଚାଳନା ବିଭାଗର ଅଧିକାରୀ ମାନଙ୍କ ବ୍ୟବହାର ନିମନ୍ତେ ଚାଳକ ସହିତ ଏକ ନନ୍ ଏସି ସଡ଼କ ଗାଡ଼ି (ଟାଟା ସୁମୋ, ବୋଲେରୋ, ସ୍କର୍ପିଓ କିମ୍ବା ଅନୁରୂପ) ଅହୋରାତ୍ର (24 ଘଣ୍ଟା) କାର୍ଯ୍ୟ କରିବାପାଇଁ ଭଡ଼ା ସୂତ୍ରରେ ନେବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹13,68,104.00, EMD : ₹ 27,400.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 2,000.00, କାର୍ଯ୍ୟ ସମାପ୍ତିର ଅବଧି: 03 ବର୍ଷ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 22.01.2020 ରିଖ 1500 ଘଟିକା

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm) ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ, ସମ୍ବଲପୁର
PR-604/K/19-20

ଯାହା କିଛି ଘଟୁନା କାହିଁକି, ନିଶ୍ଚଳ ଓ ପ୍ରଶାନ୍ତ ରହ। ଏକ ବିଶୁଦ୍ଧ ଶାନ୍ତି ଏବଂ ଈଶ୍ୱରଙ୍କ କରୁଣା ଉପରେ ସଂପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରଶୀଳତା ରଖ। ଯଦି ଏହା ରଖିପାର ତେବେ ନିଶ୍ଚିତ ଥାଅ ଯେ, ତୁମର କିଛି ବିପଦ ଘଟିବ ନାହିଁ।
-ଶ୍ରୀମା

# ମଦରୁ ମୁକ୍ତି କେବେ



ସୁଧିରାଜ ରାଉତ

ଏକ ଘରୋଇ ସ୍କୁଲର ସାଂସ୍କୃତିକ ଉତ୍ସବକୁ ଅତିଥି ହୋଇ ଯାଇଥାଏ। କାର୍ଯ୍ୟକ୍ରମ ଆରମ୍ଭ ହୋଇ ନ ଥାଏ। ଦୁଇଟି ଶିଶୁ ଖୁବ୍ ଦୁଷ୍ଟାମି କରୁଥାନ୍ତି। ସମସ୍ତଙ୍କ ବାରଣ ସତ୍ତ୍ୱେ ଦୌଡ଼ାଦୌଡ଼ିରେ ମାତିଥାନ୍ତି। ସେ ଦୁହିଁଙ୍କୁ ନିକଟକୁ ଡାକି କହିଲି, ତୁମେ ଦୁହେଁ ଘନିଷ୍ଠ ବନ୍ଧୁ। ବହୁଦିନ ପରେ ହଠାତ୍ ମିଶୁଛ। ବର୍ତ୍ତମାନ ମଞ୍ଚରେ କେହି ନାହାନ୍ତି। ସେଠାକୁ ଯାଇ ଅଭିନୟରେ ଏହା ଦେଖାଅ। ଦୁହେଁ ମଞ୍ଚକୁ ଯିବା ପାଇଁ ଦୁଇ ଭିନ୍ନ ଭିନ୍ନ ରାସ୍ତା ଦେଇ ପ୍ରବେଶ କଲେ ଏବଂ ଦୁହେଁ ଦୁହିଁଙ୍କୁ ଦେଖି ଖୁସିହେବାର ଅଭିନୟ ସହ ପରସ୍ପରକୁ କୋଳାଗ୍ରତ କରିବା ଦକ୍ଷ ଅଭିନେତାଙ୍କ ଅଭିନୟ ଭଳି ଲାଗୁଥିଲା। ଏହାପରେ ସେଇ ଦେବଶିଶୁଦ୍ୱୟ ମଞ୍ଚର ଏକ ପାର୍ଶ୍ୱକୁ ଚାଲିଯାଇ ବସିପଡ଼ି ବୋତଲ ଫିଟାଇ ମଦ ପିଇବାର ଅଭିନୟ କରିବା ଏବଂ ଏହାପରେ ନାଟଗୋଇଠା ମରାମରି ହେବା ସହ ଦେଖଣାହାରୀଙ୍କ କରତାଳି ମୋତେ ସ୍ଥାଣୁ କରିଦେଇଥିଲା। ବଲବଲ ହୋଇ ସଭିଙ୍କୁ ଚାହିଁଲି। ସମସ୍ତେ ହସୁଥିଲେ। ସେଦିନ ରାତି ତମାମ ଶିଶୁ ଦୁଇଙ୍କର ସରଳ ଆଖି ମୋତେ ଶୁଆଇ ଦେଲାନାହିଁ। ଦୁଇ ଦେବଶିଶୁ ମନେହେଉଥିଲା ଦୁଇ ଦେବଦୂତ ହୋଇ ଆମ ସଭିଙ୍କୁ ଆଙ୍ଗୁଠି ଦେଖାଇ କହି ଦେଉଥିଲେ ଏ ଜାତିର, ଏ ଯୁବମାନସର, ଏ ସଭ୍ୟତାର ଗତି କୁଆଡ଼େ।

ଭୋ ଭୋ କାନ୍ଦିବାକୁ ଇଚ୍ଛା ହେଉଥିଲା, ପାଟି ଚିଲାଇ ମୋ ସହରର ସବୁଙ୍କୁ ଉଠାଇ ଦେବାକୁ ଇଚ୍ଛା ହେଉଥିଲା କିନ୍ତୁ କାହାକୁ କହିବି, କିଏ ଏଠି ଶୁଣିବ? ଏଠି ତ ଆଜି ରାଜାରୁ ପ୍ରଜାଯାଏ ମଦ ମାହାତ୍ମ୍ୟ ଗାନ କରୁଛନ୍ତି। ମଦକୁ ଆମ ଅର୍ଥନୀତିର ମେରୁଦଣ୍ଡ ମଣୁଛନ୍ତି। ଆଜି ଦେଶର ବହୁରାଜ୍ୟରେ ମଦ ବନ୍ଦ ହେବା ସତ୍ତ୍ୱେ ଓଡ଼ିଶାରେ କାହିଁକି ମଦର ବନ୍ୟା ଚାଲିଛି, ଉତ୍ତର କିଏ ଦେବ? ଏ ଦରିଦ୍ର ମାଟିରେ ବହୁ ଅର୍ଥ ମଦକୁ ଅର୍ଘ୍ୟରୂପେ କାହିଁକି ଅର୍ପଣ ହେଉଛି ଏହାର ଉତ୍ତର ଏ ମାଟିର ଜନମାନସ, ବୁଦ୍ଧିଜୀବୀ, ଶାସକ କେବେ ଖୋଜିବେ? ଏଇ କେତେ ସପ୍ତାହ ମଧ୍ୟରେ ମୋ କୁନି ସହରରେ ଯାହା ଘଟିଗଲା ତାହା ଏଇଭଳି- ରାତ୍ରି ବାରଟା ପରେ ଜଣେ ଲୋକ ଡାକ୍ତରଙ୍କ ଘରକୁ ରୋଗୀ ହୋଇ ଯାଇ ଛୁରି ଦେଖାଇ ସବୁ ସୁନା ଟଙ୍କା ଲୁଟି ନେଲା। ଜଣେ କଅଁଳ ଯୁବକ ଗଛରେ ଗାଡ଼ି ବାଡ଼େଇ ମରିଗଲା। ଆଉ ଏ ଶାନ୍ତ ଜାଗାରେ ଦିନ ଦି'ପହରେ ଖଣ୍ଡାକାତି ବୁଲିଲା। ଏ ଘଟଣାସବୁର ନାୟକ ଖଳନାୟକ ସମସ୍ତେ ଆକଣ୍ଠ ମଦ୍ୟପାନ କରିଥିଲେ।

କେବଳ ମୋ କୁନି ସହର ନୁହେଁ ଦଶହରା ଛୁଟିରେ ବହୁବର୍ଷ ପରେ ଗାଁକୁ ଯାଇଥିଲି, ଅନେକ ବାଲ୍ୟବନ୍ଧୁ ସହପାଠୀଙ୍କ ସହ ଦେଖାହେଲା। ବନ୍ଧୁମାନେ ମୋତେ ଠାକୁରାଣୀ ମନ୍ଦିର ପଛ ତୋଟାକୁ ଡାକିନେଇ ବୋତଲ ଖୋଲି ବଢ଼ାଇ ଦେଲେ। କହିଲି କେବେ ପିଇନାହିଁ। ଜଣେ ବନ୍ଧୁ ଅଭିଯୋଗ ସ୍ୱରରେ କହିଲା- "ଆମକୁ କ'ଣ ମଦୁଆ ଭାବିଲୁ?" ଆଉ ଜଣେ ବନ୍ଧୁ କହିଲା "ମଦ ଦୁଇ ଢୋକ ହଜମ କରିପାରୁନୁ, କି ମରଦ? ମାଇଚିଆଟା।" ଆଉ ଜଣେ ପୁରାଣପଣ୍ଡିତ ଭଳି କହିଲା, "ପୁରାଣରେ ଯେଉଁ ସୋମରସ ଦେବତାମାନେ ପାନ କରୁଥିଲେ, ତାହା ଆଉ କ'ଣ କି?" ତିନିଦିନ ଗାଁରେ ରହିଲି। ମୋ ବୟସରୁ କମ୍ ଏଭଳି ଜଣେ ଯୁବକ ଦେଖିଲି ନାହିଁ ଯିଏ ମଦ ପିଏ ନାହିଁ। ଆଜି ସବୁ ଗାଁର ସବୁ କଲଭର୍ଟ, ତୋଟା, ନଈପଠା ମଦ ବୋତଲରେ ଭର୍ତ୍ତି, ଯେଉଁ ଗାଁରେ ଦିନେ ସପ୍ତମ ଶ୍ରେଣୀ ପଢ଼ିବା ଯାଏ ଗୋଟିଏ ମଦ୍ୟପ ଦେଖି ନ ଥିଲି। ଏହାପରେ ବାପାଙ୍କ ସହ ସହର ଚାଲିଗଲି। ଆଜି କେଇ ଦଶନ୍ଧି ମଧ୍ୟରେ ସେ ଗାଁର ହେଲା କ'ଣ? ଆଜି ତମାମ ଦେଶରେ ଯେଉଁ ହୃଦୟବିଦାରକ ଘଟଣାସବୁ ଘଟୁଛି, ଏ ଦେବଭୂମିରେ ମାନବ ନୁହେଁ ଦାନବ ମଧ୍ୟ ଲଜ୍ଜିତ ହେବେ। ଆଜି ଏ ଦେବଭୂମିରେ ବିବେକ ଓ ଆତ୍ମାକୁ ମାରି ମଦପିଶାଚର ଜୟଗାନ ଚାଲିଛି।

ପୁରାଣରେ ବର୍ଣ୍ଣନା ଅଛି କଳି ଯେବେ ପୃଥିବୀକୁ ପ୍ରବେଶ କଲା ମହାରାଜା ପରିକ୍ଷିତ ତାକୁ ବଧ କରିବାକୁ ବାହାରନ୍ତେ ସେ ପାଦତଳେ ପଡ଼ି ଅନୁନୟ ବିନୟ କଲା। ସେତେବେଳେ ରାଜା ତାକୁ ରହିବାକୁ ଯେଉଁ ତିନୋଟି ସ୍ଥାନ ଦେଲେ ସେଥି ମଧ୍ୟରୁ ପ୍ରଥମ ସ୍ଥାନ ମଦ। ମୋ ରାଜ୍ୟର ମଦବନ୍ୟା ମୋତେ କହୁଛି କଳି ତା' କାଳପଞ୍ଝାରେ କଷିକି ଧରିଛି ଓଡ଼ିଶାକୁ। ଏଠି ମଦ ବିରୋଧରେ ସବୁ ଆନ୍ଦୋଳନ, ସବୁ ଧର୍ମଘଟ, ସବୁ ଗୁହାରି ପ୍ରାର୍ଥନା ଫସର ଫାଟିଛି। ଓଡ଼ିଶା ସରକାରଙ୍କ ଏସବୁ ବିରୋଧ, ଗୁହାରି ପ୍ରତି ସାମାନ୍ୟ ନିଘା ନାହିଁ। ଅର୍ଥ ବିଶାରଦ ଏଠି ବଖାଣୁଛନ୍ତି- ମଦରୁ ଓଡ଼ିଶାର ରାଜସ୍ୱ ଆୟ ଅଧିକ। ଏହି ଆୟ ବିନା ଏ ଗରିବ ରାଜ୍ୟ ଚାଲିପାରିବ ନାହିଁ। ଯେଉଁ ରାଜ୍ୟର ମାଟି ତଳେ ଭରି ହୋଇ ରହିଛି କୁବେର ଭଣ୍ଡାର, ମାଟି ଉପରେ ସୁନା ଫଳାଇବା ଭଳି ଉର୍ବର ଜମି, ବିଶାଳ ସମ୍ଭାବନାର ସମୁଦ୍ରତଟ, ପର୍ଯ୍ୟଟନର ଅମାପ ସୁଯୋଗ, ସେଠି ମଦ ହିଁ ଅର୍ଥନୀତିର ମେରୁଦଣ୍ଡ ହୋଇ କେମିତି ଅଛି? ବିହାର, କେରଳ ଆମଠାରୁ ମଦରେ ବହୁ ଅଧିକ ଆୟ କରୁଥିବା ସତ୍ତ୍ୱେ ଏବଂ ସେମାନଙ୍କର ଆମଭଳି ବିକଳ୍ପ ସାଧନ କମ୍ ଥିବା ସତ୍ତ୍ୱେ ସେମାନେ ଯଦି ନିଜ ରାଜ୍ୟରୁ ମଦ ନିଷେଧ କରି ପାରିଲେ ଏ ପୌରାଣିକ ମହାଜାତି କାହିଁକି ଏହା କରିପାରିବ ନାହିଁ?

ସରକାର ଏଠି ଯୋଜନା ପରେ ଯୋଜନା କରି ଚାଲିଛନ୍ତି କିନ୍ତୁ ଦରିଦ୍ର ରାକ୍ଷସ ଏଠି ରାଜା ହୋଇ ରହିଛି, ଶିଶୁଟିଏ କହିଥିବା କାହାଣୀ ମନେପଡୁଛି- ଜଣେ ରାକ୍ଷସ ଥିଲା। ତାକୁ ପ୍ରସନ୍ନ କଲାରୁ ଯାହା କହିଲେ ସେ ଶୁଣିଲା। ହିଂସା ଛାଡ଼ିଦେ- ଆଜ୍ଞା ହଁ କହିଲା, ଲୋଭ ଛାଡ଼ିଦେ- ହଁ କହିଲା, ମିଛ ଛାଡ଼ିଦେ- ହଁ କହିଲା। କିନ୍ତୁ ମଦ ଛାଡ଼ିଦେ କହିବାରୁ କହିଲା- ମଦ ଛାଡ଼ିଦେଲେ ମୁଁ କ'ଣ ଆଉ ରାକ୍ଷସ ହୋଇ ରହିପାରିବି? ହିଂସା, କ୍ରୋଧ, ରାଗସବୁ ଛାଡ଼ିଥିଲେ ବି ମଦ ଟିକେ ପିଇଲେ ସବୁ ମୋ ପାଖକୁ ପୁଣି ଫେରି ଆସିବ। ମୋତେ ଲାଗୁଛି ଏ କାହାଣୀର ରାକ୍ଷସ ଭଳି ଓଡ଼ିଶାକୁ କବଳିତ କରିଥିବା ଦରିଦ୍ର ରାକ୍ଷସ କହୁଛି- ଯାହା ଯୋଜନା କରୁଛ କର ମୋର ମନା ନାହିଁ। ମଦ ଥିବା ଯାଏ ମୁଁ ଦରିଦ୍ର ରାକ୍ଷସ ଏ ସୁଜଳା ସୁଫଳା ଉତ୍କଳର ଅଧୀଶ୍ୱର ହୋଇ ରହିଥିବି। ଏକ ଆକଳନ କହେ କାଳିଆ ଯୋଜନା ଯେବେ ମିଳିଲା ସେହି ଦିନମାନଙ୍କରେ ସବୁଠାରୁ ଅଧିକ ମଦ ବିକ୍ରି ହୋଇଛି, ଏମିତି ସବୁ ଯୋଜନା ଏଠି ଫସର ଫାଟିଛି ଆଉ ମଦ ଏ ପବିତ୍ର ଭୂଇଁକୁ ପୌରୁଷହୀନ, ପ୍ରଗତିହୀନ ପଶୁ-ମଣିଷର ଚରାଭୂଇଁ କରିଛି।

ବିହାରରେ ଯେବେ ମଦ ଉପରେ କଟକଣା ଲାଗୁ ହେଲା ସେଠି ରହୁଥିବା ଜଣେ ବାନ୍ଧବୀ ଫୋନରେ ପ୍ରଶ୍ନ କଲା, "ଓଡ଼ିଶାରେ ଏହା କେବେ ହେବ ଭାଇ?" ବାନ୍ଧବୀର ଏ ପ୍ରଶ୍ନରେ ଲଜ୍ଜିତ ହୋଇ କିଛି ସମୟ ନୀରବ ରହି କାହାଣୀଟିଏ କହିଲି- "ରାଜା ନିଜ ଇଷ୍ଟଦେବୀଙ୍କ ପାଖେ ବଳିଭୋଗ ନ ଚଢ଼ାଇବା ଯାଏ କିଛି ବି ଖାଉ ନ ଥିଲେ ଆଉ ପ୍ରତିଦିନ ଡଉଲ ଡାଉଲ କେତୋଟି ଖାସି ଇଷ୍ଟଦେବୀ ବଳି ରୂପେ ପାଉଥିଲେ। ବଳିକୁ ବିରୋଧ କରି କିଛି ସାଧୁସନ୍ଥ ରାଜାଙ୍କୁ ବଳି ବନ୍ଦ କରିବାକୁ ପ୍ରାର୍ଥନା କରୁଥିଲେ। କିନ୍ତୁ ରାଜାଙ୍କର ଏ ଆବେଦନ ପ୍ରତି ସାମାନ୍ୟ କର୍ଣ୍ଣପାତ ନ ଥିଲା। କିଛିବର୍ଷ ଅନ୍ତେ ରାଜାଙ୍କ ଦାନ୍ତ ସବୁ ଝଡ଼ିଗଲା ଆଉ ଖାଇ ହେଲାନି ବଳିଭୋଗ ରୂପୀ ମାଂସ ତରକାରୀ। ଏବେ ରାଜାଙ୍କୁ ଏହା ପ୍ରତୀତ ହେଲା ଯେ ବଳିପ୍ରଥା ଏକ ଘୃଣ୍ୟ ଓ ଅସଭ୍ୟ ପ୍ରଥା। ସେ ଘୋଷଣା କଲେ ମୋ ରାଜ୍ୟରେ ବଳିପ୍ରଥା ବନ୍ଦ ହେଲା। ମୋ ରାଜ୍ୟର ରାଜାମାନେ ତ ଏବେ ସକାଳୁ ମଦରେ ମୁହଁ ପଖାଳୁଛନ୍ତି। କେବେ ସେମାନଙ୍କ ମଦଦାନ୍ତ ଝଡ଼ିବ, ଯକୃତରୋଗରେ ପୀଡ଼ିତ ହେବା ପରେ ଡାକ୍ତରଙ୍କ ପରାମର୍ଶରେ ମଦ ସେମାନଙ୍କୁ ଅରୁଚି ଲାଗିବ ଏହା ଏ ମାଟିର ଠାକୁର ଜଗନ୍ନାଥ ହିଁ ଜାଣନ୍ତି। ସେତେ ଦିନ ଆମ ସଭିଙ୍କୁ ଅପେକ୍ଷା କରିବାକୁ ହେବ।

ଇନ୍ଦ୍ରାବତୀ, ନବରଙ୍ଗପୁର, ମୋ - ୯୮୬୧୯୬୯୬୭୮

# ବଡ଼ବଡ଼ିଆଙ୍କ ଉତ୍ପାତ



ଡ. କୁଳାଙ୍ଗାର

ଶୀର୍ଷକଟିକୁ ପଢ଼ି ଅନେକେ ଆମ ଉପରେ ବିରକ୍ତି ପ୍ରକାଶ କରି ସାରିବେଣି! କାରଣ ଆମେ ଅଧିକାଂଶ ନିଜକୁ ବଡ଼ଲୋକ ଭାବୁ। କିଏ ଭାବେ ମୁଁ ଏତେ ବର୍ଷ ବୟସ୍କ ତେଣୁ ମୁଁ ବଡ଼। କିଏ କହେ ମୋର ଚେହେରା ଦେଖୁନ- ମୁଁ କେଡ଼େ ଡେଙ୍ଗା, ତେଣୁ ମୁଁ ବଡ଼। ପୁଣି କିଏ କହେ ଉଚ୍ଚତାରୁ କ'ଣ ମିଳିବ ହେ.. ଓଜନ ଦେଖ ଓଜନ, ମୁଁ ମୋଟା ତେଣୁ ମୁଁ ବଡ଼। ଆଉ କିଏ କହେ ମୋର ଚେହେରା ନ ଥିଲେ କ'ଣ ହେଲା ଯାହା ଧନସମ୍ପତ୍ତି ଅଛି ସେଇ ବଳରେ ମୁଁ ବଡ଼। ଆଉ କିଏ କହେ ମୋ ହାତରେ ଯେତିକି କ୍ଷମତା ଅଛି ଓ ମୋ ପଛରେ ଯେତିକି ଲୋକ ଅଛନ୍ତି ସେଇ ଅନୁସାରେ ମୁଁ ହିଁ ବଡ଼।

ବିବାହ ଅନୁଷ୍ଠାନରେ କନ୍ୟାଠାରୁ ବର ବଡ଼ ହେବାର ପରମ୍ପରା ବହୁକାଳର। ବଡ଼ମାନଙ୍କୁ ଆମେ ଭୟ କରୁ, ସମ୍ମାନ ଦେଉ, ଆଦର୍ଶ ମନେ କରୁ। ଆମ ଜୀବନ ସ୍ୱଭାବତଃ ଊର୍ଦ୍ଧ୍ୱମୁଖୀ। ଆଜି ନ ହେଲେ କାଲି, ଦିନେ ନା ଦିନେ ବଡ଼ ହେବାପାଇଁ ଆମେ ସ୍ୱପ୍ନ ଦେଖୁ। ଏମିତି ବଡ଼ହେବାର ପ୍ରତିଯୋଗିତାରେ ଅନ୍ୟକୁ ଛୋଟ କରି ନିଜକୁ ଖୁସି କରିବାକୁ ସମସ୍ତେ ପ୍ରୟାସରତ। ତେଣୁ ଛୋଟମାନେ ବାରମ୍ବାର ବଳି ପଡି ଯାଆନ୍ତି। ଅତଏବ ଛୋଟପିଲାଙ୍କୁ ହିସାବକୁ ବା କିଏ ନେଉଛି!

ଟିଭିରୁ ବାରମ୍ବାର ଦୁଷ୍କର୍ମ ଶବ୍ଦ ଶୁଣି ବାପାକୁ ତା'ର କୁନିଝିଅ କହିଲା- ବାପା, ଦୁଷ୍କର୍ମ କ'ଣ? ଝିଅଠାରୁ ଏ ପ୍ରଶ୍ନ ଶୁଣି ତା'ର ମୁଣ୍ଡ ଘୂରିଗଲା। ସିଏ ମନେମନେ ଭାବିଲା ଏ ଟିଭିଟା ପିଲାଟାକୁ ବରବାଦ କରି ଛାଡିବ ଲାଗୁଛି। ସିଏ କହିଲା- ସେଇଟା ଗୋଟେ ବୋମା! ବିପଜ୍ଜନକ ଜିନିଷ। ତୋତେ ସେଥିରୁ ମିଳିବ କ'ଣ? ଝିଅ କହିଲା- ନାଇଁ ଟିଭିରେ ବାରମ୍ବାର କହୁଚି ତ ସେଥିପାଇଁ ପଚାରିଲି। ବାପା କହିଲା- ସେ ଗୁଡାକ ବାଜେ କଥା।

ଝିଅ କହିଲା- ବାପା! ଆମ ଘରକୁ ଦୁଷ୍କର୍ମ ଆଣୁନ। ଆମେ ଛାତ ଉପରେ ଫୁଟାନ୍ତେ! ବାପା କହିଲା- ଚୁପ୍। ସେଗୁଡା ଆମର କ'ଣ ହେବ? ଝିଅ କହିଲା- ଆମ ଘରେ ଦୁଷ୍କର୍ମ ବୋମା ଫୁଟିଲେ ଲୋକେ ଦେଖନ୍ତେ। ଆମକୁ ଟିଭିରେ ଦେଖାନ୍ତା। ପୋଲିସ ବି ଆମ ଘରକୁ ଆସନ୍ତା। ଆମକୁ ଲୋକେ ଡରି ଯାଆନ୍ତେ! ବାପା କହିଲା- ନାଇଁ ଲୋ ମାଆ, ଆମ ଘର ଜଳିପୋଡି ପାଉଁଶ ହୋଇଯିବ ଯେ। ଝିଅ ପଚାରିଲା- ତା' ହେଲେ ଯାହା ଘରେ ଦୁଷ୍କର୍ମ ଫୁଟୁଛି ତାଙ୍କ ଘର ବି ଜଳି ପୋଡି ଯାଉଥିବ? ବାପା କହିଲା- ହଁ, ଯାଉଛି! ଝିଅ ପଚାରିଲା- ତା' ହେଲେ ତ ବହୁତ ଖରାପ! ସେ ବୋମା ତିଆରି କାରଖାନାଟାକୁ ଆଗ ବନ୍ଦ କରାଯାଉନାହିଁ କାହିଁକି? ବାପା କହିଲା- କାରଖାନା ବନ୍ଦ କଲେ କ'ଣ ହେବ ଲୋକେ ପରା ନିଜେ ସେ ବୋମା ତିଆରି କରୁଛନ୍ତି! ଝିଅ କହିଲା- ଶତ୍ରୁ ହୋଇଥିବେ ନିଶ୍ଚୟ! ବାପା କହିଲା- ନାଇଁ ଲୋ ନାଇଁ! ଅଧିକାଂଶ ନିଜ ଲୋକ! ଝିଅ କହିଲା- ତା' ହେଲେ ଛୋଟ ପିଲା ହୋଇଥିବେ, ଜାଣି ନ ପାରି ଫୁଟେଇ ଦେଉଥିବେ! ବାପା କହିଲା- ନାଇଁ ଲୋ ଝିଅ। ଅଧିକାଂଶ ବଡ଼ଲୋକ। ଝିଅ କହିଲା- ତା' ହେଲେ ପାଗଳ ହୋଇଥିବେ? ବାପା କହିଲା- ନାଇଁ, ଜାଣିଶୁଣି ଏମିତି ଦୁଷ୍କର୍ମ ବୋମା ବିସ୍ଫୋରଣ କରି ଅନେକ ଜୀବନ ଓ ପରିବାର ଛାରଖାର କରିଥାଆନ୍ତି।

ଝିଅ କହିଲା- ତା' ହେଲେ ତ ବଡ଼ଲୋକମାନେ ଭାରି ଖରାପ। ମୁଁ ଆଦୌ ବଡ଼ ନ ହୋଇ ଏମିତି ଛୋଟ ହୋଇ ରହି ଯାଇ ପାରନ୍ତି କି? ବାପା କହିଲା- ନା ନା। ଛୋଟ ପିଲା ବୋଲି ତ ଛୋଟ ଶରୀର ଓ ଛୋଟ ସ୍ୱରକୁ ଦବେଇ ଦେଇ ହୁଏ। କିନ୍ତୁ ବଡ଼ ହେଲେ ସେ ଚିନ୍ତା ସାମାନ୍ୟ ଦୂର ହୋଇଯାଏ। ଝିଅ କହିଲା- ହେଲେ ବଡ଼ ଝିଅମାନଙ୍କ ଘରେ ତ ଦୁଷ୍କର୍ମ ହେଉଛି। ବାପା କହିଲା- ତୁ ସେ କଥା ଛାଡ। ସେ ବୋମା ଏ ବୋମା ଏକଦମ୍ ଅଲଗା। ତୁ ବଡ଼ ହେଲେ ସେ କଥା ଜାଣିପାରିବୁ।

ଝିଅ ପୁଣି ପଚାରିଲା- ହେଲେ ବାପା, ଦୁଷ୍କର୍ମ ଯଦି ଗୋଟେ ବୋମା, ତାହା ଯଦି ଲୋକେ ନିଜେ ଫୁଟେଇ ଏମିତି ହଇରାଣ କରୁଛନ୍ତି, ତା' ହେଲେ ସେଥିପାଇଁ ସରକାର ଦାୟୀ ହେଲେ କେମିତି? ବାପା କହିଲା- ପ୍ରକୃତରେ ଆମେ ସମସ୍ତେ ଏଥିପାଇଁ ଦାୟୀ। କିନ୍ତୁ ଦୋଷ ଦେବା ଆମର ସ୍ୱଭାବ ହୋଇଥିବାରୁ ଆମେ ସବୁଠୁ ସହଜ ଉପାୟରେ ସରକାରକୁ ଦାୟୀ କରିଦେଉଛୁ। ଝିଅ କହିଲା- ବିଜ୍ଞାନ ଓ ଗବେଷଣା ତ ଉନ୍ନତ ହେଲାଣି। ଯେତେ ସବୁ ଦୁଷ୍କର୍ମ ବୋମାଧାରୀ ସମସ୍ତଙ୍କୁ ଏକାଠି ଅଟକ ରଖି ନିଷ୍କ୍ରିୟ କି ଅକାମୀ କରିଦିଆଯାଉ ନାହିଁ କାହିଁକି? ସେମିତି ହେଲେ ଅନେକେ ଆଉ ଏପରି ବିପଜ୍ଜନକ କାମ କରିବାକୁ ଭୟ କରନ୍ତେ! ବାପା କହିଲା- ଉହୁଁ... ସେମିତି କଲେ ମାନବିକ ଅଧିକାର ଉଲ୍ଲଂଘନ ହୋଇଯିବନି! ଝିଅ ପଚାରିଲା- ମାନବିକ ଅଧିକାର ଖାଲି କ'ଣ ବଡ଼ମାନଙ୍କର ଅଛି? ବାପା କହିଲା- ଅଛି ତ ସମସ୍ତଙ୍କ ପାଇଁ। କିନ୍ତୁ ସେମାନେ ସୁବିଧାରେ ତାକୁ ହାସଲ କରିନେଇ ପାରନ୍ତି।

ଝିଅ ପଚାରିଲା- ସତ କହିଲ ପାପା, ଏମିତି ବୋମା ଫୁଟେଇ ଅପରାଧ କରୁଥିବା ଲୋକମାନଙ୍କୁ ଛୋଟ ନ କହି ଆମେ ବଡ଼ ବୋଲି କହି ପୁଣି ଭୁଲ୍ କରୁନେ କି? ଝିଅର କଥା ଶୁଣି ବାପା ଆଖିରୁ ଦୁଇଧାର ଲୁହ ବୋହି ଆସିଲା। ସିଏ ମନେମନେ ଭାବିଲା ସତେ ତ, ସତୁରି ବର୍ଷର ବୃଦ୍ଧ ଯିଏ ସାତବର୍ଷର ଝିଅ ସହିତ ଦୁଷ୍କର୍ମ କରୁଛି ତାକୁ କ'ଣ ଆମେ ବଡ଼ ବୋଲି କହିବା? ନିଜର ଚେହେରାର ଉଚ୍ଚତା କ'ଣ ନୀଚକାମକୁ ଲୁଚେଇ ଦେଇ ପାରେ? ଏମାନଙ୍କୁ ସାବାଡ କରିବା ଦାୟିତ୍ୱରେ ଥିବା ପୋଲିସ ମଧ୍ୟ ବଡ଼। ତେଣୁ ତାଙ୍କର ଦୃଷ୍ଟି ଛୋଟ ଉପରେ ପଡିବା ଭାଗ୍ୟର କଥା। ନିଜକୁ ବଡ଼ କହି ଗ୍ରାମର ଭଦ୍ରଲୋକ ବୋଲାଉଥିବା ଲୋକ ଯିଏ ଛୋଟ ପିଲାଟିଏ ସହିତ ହୋଇଥିବା ଦୁର୍ବ୍ୟବହାରକୁ ଦଫାରଫା କରିବାକୁ ବାଧ୍ୟ କରିଥାଆନ୍ତି ତାକୁ କ'ଣ ଆମେ ବଡ଼ ବୋଲି କହିବା? ଯଦି ଏଇମାନଙ୍କୁ ଆମେ ବଡ଼ ବୋଲି କହିବା ତା'ହେଲେ ଏ କଥାକୁ ସ୍ୱୀକାର କରିବାକୁ ହେବ କି ଏବେ ଚାରିଆଡେ ବଡ଼ବଡ଼ିଆଙ୍କ ଉତ୍ପାତ ବଢିଯାଇଛି!

ମୋ- ୯୩୩୮୫୮୧୩୦୯, ଇମେଲ୍: dr.kulangar@gmail.com

## ଏଇ ଭାରତରେ

ଗଣତନ୍ତ୍ର ରାଷ୍ଟ୍ରରେ ଯଦି କେଉଁଠି ତୋଗଲକି କଟକଣା ଲଗାଇବା ଦେଖିବାକୁ ମିଳେ ତାହା ହେଉଛି ହରିୟାଣାର ଖାପ୍ ପଞ୍ଚାୟତ। ଭିନ୍ନ ଜାତିରେ ବିବାହ ଓ ପ୍ରେମ ବିବାହକୁ ଏହା ବିରୋଧ କରେ। ଏମିତି କି ଅନର କିଲିଂ ଭଳି ପରିସ୍ଥିତି ସାମ୍ନାକୁ ଆସେ। କିନ୍ତୁ ଏବେ ହରିୟାଣାର ଜିନ୍ଦ ଜିଲାର ବରସୋଲା ପଞ୍ଚାୟତ ଏଭଳି ବିବାହକୁ ବିରୋଧ କରିବ ନାହିଁ ବୋଲି ନିଷ୍ପତ୍ତି ନେଇ ସାମାଜିକ ସଂସ୍କାରର ଏକ ନୂଆ ଧାରା ଆରମ୍ଭ କରିଛି। ଏହି ପଞ୍ଚାୟତର ସବୁ ଗାଁକୁ ଏମିତିକା ବିବାହ କରିବା ପାଇଁ ସବୁଜ ସଙ୍କେତ ଦେଇ ସେମାନଙ୍କୁ ସମର୍ଥନ କରିବା ପାଇଁ ଘୋଷଣା କରିଛି। ଏହି ପଞ୍ଚାୟତର ବରସୋଲା ଗାଁରେ ରହୁଥିବା ଖେଡା ଖାପ ପଞ୍ଚାୟତର ମୁଖ୍ୟ ସତବୀର ପହଲମାନ ଏଭଳି ଘୋଷଣା କରିଛନ୍ତି। ପ୍ରଥମେ ବରସୋଲା ଗାଁରେ ଏହାକୁ ଲାଗୁ କରାଯାଇଛି। ଜାତିଭେଦ ଦୂର କରିବା ଲାଗି ପ୍ରତ୍ୟେକ ଲୋକ ନିଜ ନାଁ ପରେ ଉପନାମ ଭାବେ ଗାଁ ନାମ ରଖିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଖେଡା ଖାପ ପଞ୍ଚାୟତ ଅଧୀନରେ ଥିବା ୨୪ଟି ଗାଁର ଲୋକମାନେ ଏବେ ପ୍ରେମ ବିବାହ ଓ ଭିନ୍ନ ଜାତିର ବିବାହକୁ ବିରୋଧ କରିବେ ନାହିଁ କି ବାହାଘର କରୁଥିବା ଲୋକମାନଙ୍କୁ ଡ଼ରିବାର କୌଣସି କାରଣ ନାହିଁ ବୋଲି ସତବୀର କହିଛନ୍ତି।

## ଚିରନ୍ତନୀ

ବରଷା ଆସିଲା ଚଷା କି ଭାବନା କରେ ବସି
ଚୁଲିରେ ପଶଇ ପାଣି ଅଧେ ଚାଳ ପଡେ ଖସି।
(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଡିସେମ୍ବର ୧୯୯୪

- ଅକ୍ଷୟ ଶକ୍ତିର ବିକାଶ, ମିଳିତ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଭାରତ ଓ ଆମେରିକା ମଧ୍ୟରେ ଆଜି ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି।
- କେନ୍ଦ୍ର ମନ୍ତ୍ରିମଣ୍ଡଳର ୩ଜଣ ବରିଷ୍ଠ ସଦସ୍ୟ ବି. ଶଙ୍କରାନନ୍ଦ, କଳ୍ପନାଥ ରାୟ ଓ ରାମେଶ୍ୱର ଠାକୁର ଆଜି ଅପ୍ରତ୍ୟାଶିତ ଭାବେ ସେମାନଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୧୬- ବହୁଚର୍ଚ୍ଚିତ ୨୦୧୭ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ଭାଜପାରୁ ବହିଷ୍କୃତ ବିଧାୟକ କୁଲଦୀପ ସେଙ୍ଗାର (୫୩) ଦିଲ୍ଲୀର ତିସ୍‌ହଜାରୀ (ସ୍ୱତନ୍ତ୍ର) କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଛନ୍ତି।

୧୭- ପାକିସ୍ତାନର ପୂର୍ବତନ ଏକଚ୍ଛତ୍ରବାଦୀ ଶାସକ ପରଭେଜ ମୁଶରଫଙ୍କୁ ଦେଶଦ୍ରୋହ ମାମଲାରେ ସେଠାକାର ଏକ ସ୍ୱତନ୍ତ୍ର କୋର୍ଟ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି।

୧୮- ୨୦୧୯ ପାଇଁ ଓଡ଼ିଶାରୁ ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ ଖ୍ୟାତନାମା ଲେଖକ ତରୁଣକାନ୍ତି ମିଶ୍ର। ସେ ତାଙ୍କର କ୍ଷୁଦ୍ରଗଳ୍ପ ସଙ୍କଳନ 'ଭାସ୍ୱତୀ' ପାଇଁ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।

୨୦- ଉତ୍ତରପ୍ରଦେଶରେ ନାଗରିକ ସଂଶୋଧନ ଆଇନ (ସିଏଏ) ବିରୋଧରେ ଆନ୍ଦୋଳନ ବିଭିନ୍ନ ସ୍ଥାନରେ ହିଂସାର ରୂପ ନେଇଛି। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ପୋଲିସ ସ୍ପଷ୍ଟ କରିଛି।

* ରାଜସ୍ଥାନର ଜୟପୁରରେ ୨୦୦୮ ମେ ୧୩ରେ ହୋଇଥିବା ସିରିଜ୍ ବୋମା ବିସ୍ଫୋରଣ ମାମଲାରେ ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ୪ ଦୋଷୀସାବ୍ୟସ୍ତ ଆତଙ୍କବାଦୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ମିଳିଛି। ଏହି ଆତଙ୍କବାଦୀ ବିସ୍ଫୋରଣରେ ୭୧ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ୧୮୫ ଜଣ ଆହତ ହୋଇଥିଲେ।

# କାଠଗଡ଼ାରେ କୁକୁଡ଼ା



ତୁଳସୀଦାସ ମିଶ୍ର

ଗତ ଦଶହରା ସମୟରେ ଅଭିଯୋଗକାରୀଙ୍କୁ ସେବାର ପ୍ରତିଦାନରେ ଜଣେ ପୋଲିସ ବାବୁ କୁକୁଡ଼ା ଏବଂ ଅଣ୍ଡା ଦେବାକୁ କହିବାରୁ ତାଙ୍କ ମୁଣ୍ଡରେ ଖଣ୍ଡା ଖସିଛି। ତାଙ୍କ ଉପରିସ୍ଥ ଅଧିକାରୀ ତାଙ୍କୁ ନିଲମ୍ବିତ କରିଛନ୍ତି। ଏ ଖବର ଶୁଣି ଏବଂ ପଢ଼ି କିଛି ଲୋକ ପ୍ରତିକ୍ରିୟା ରଖିଲେ ଯେ, ପୋଲିସ ବାବୁ ଜଣକ ତାଙ୍କ ଧର୍ମ ପାଳନ କଲେ ନାହିଁ, ତେଣୁ ତାଙ୍କର ଏଇ ଦଶା ହେଲା। ତେବେ ଧର୍ମର ବ୍ୟାଖ୍ୟା କରିବାକୁ ଯାଇ ସେମାନେ ଶାନ୍ତି ପ୍ରତିଷ୍ଠା ଏବଂ ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କଥା କହିଲେନି। ବରଂ ଓଡ଼ିଶାର ଘରେ ଘରେ ବ୍ୟବହୃତ ପୁରୁଣା ଢଗଟେ ଦୋହରେଇଲେ- 'ମାଛ ଖାଇବ ଇଲିଶି, ଚାକିରି କରିବ ପୋଲିସ।'

ଇଲିଶି ମାଛ ଯେମିତି ତା'ର ନିଆରା ସ୍ୱାଦ ପାଇଁ ବିଖ୍ୟାତ, ପୋଲିସ ଚାକିରି ସେମିତି ତା'ର ପତିଆରା ପାଇଁ ପ୍ରଖ୍ୟାତ। ଆଉ ଏକ ଦୃଷ୍ଟିକୋଣରୁ ଇଲିଶି ଦୁଷ୍ପ୍ରାପ୍ୟ ଏବଂ ଦୁର୍ମୂଲ୍ୟ ହୋଇଥିବାରୁ ତାକୁ ଏକନଳୀ ଆୟୁଧ ଧରି ଦୁଇନଳାରେ ଉପାର୍ଜନ କରୁଥିବା ପୋଲିସବାବୁମାନେ ହିଁ ସହଜରେ ସେବନ କରିପାରିବେ। ଅନ୍ୟମାନଙ୍କ ପାଇଁ ଇଲିଶି ଆକାଶ କଇଁଆ ଚିଲିକା ମାଛ ପରି ଦୁର୍ଲ୍ଲଭ। କିନ୍ତୁ ଏଇ ପୋଲିସ ବାବୁ ଜଣକ ଇଲିଶିର ହକ୍‌ଦାର ହୋଇ ମଧ୍ୟ ଯେହେତୁ ଅଣ୍ଡା, କୁକୁଡ଼ା ସ୍ତରକୁ ଖସିଆସିଲେ ଏବଂ ପୋଲିସ ପଦବୀର ଗରିମା କ୍ଷୁଣ୍ଣ କଲେ, ତେଣୁ ତାଙ୍କର କ୍ଷୁବ୍ଧ ଉପରିସ୍ଥ ତାଙ୍କୁ ଦଣ୍ଡିତ କଲେ।

ଏତେସବୁ ଯୁକ୍ତିର ବାତଚକ୍ରରେ ଫସିଥିବା ବିଚରା ଶ୍ରୋତାଙ୍କୁ ପ୍ରତେ ହେଲା, ସେ ଯେମିତି ପାଣିପାଗ ବିଭାଗ ପ୍ରାଙ୍ଗଣରେ ବାୟୁର ଦିଗ ନିର୍ଣ୍ଣୟ ଯନ୍ତ୍ର ଉପରେ ଖଞ୍ଜା ହୋଇଥିବା ଗଞ୍ଜା। ସମସ୍ତେ ଧାପେ ଧାପେ ପବନ ମାରି ତା' ମୁହଁକୁ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ପଟେ କରି ଚାଲିଛନ୍ତି।

କୁକୁଡ଼ା ଏବଂ ଅଣ୍ଡା ପାଇଁ କେବଳ ପୋଲିସ ବାବୁମାନେ ନୁହନ୍ତି ଶିକ୍ଷକମାନେ ମଧ୍ୟ ବେଶ୍ ହଇରାଣ ହେଉଛନ୍ତି। ଯେଉଁଦିନୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଯୋଡ଼ା ହେଲା, ସେଇଦିନଠୁ ଭାବନ୍ତୁ ଶିକ୍ଷକଙ୍କ ବୋଝ ଉପରେ ନଳିତାବିଡ଼ା ପଡ଼ିଲା। କିଛି ସପ୍ତାହ ତଳେ ଛାତ୍ରଙ୍କୁ ଘରକୁ ଭୋକିଲା ପଠେଇ ଖୋଦ୍ ଜଣେ ଶିକ୍ଷାଧିକାରୀ ଚିକେନ ଖୋଳରେ ଭୋଳ ହେଲେ ବୋଲି ଗଣମାଧ୍ୟମବାଲା ହଇଚଗୋଳ କଲେ। କୁକୁଡ଼ାଙ୍କ ପରି କଥାକଥାକେ ଯେଉଁମାନେ ଆତଙ୍କିତ ହୋଇ ଚିତ୍କାର କରନ୍ତି, ଇଂଲିଶରେ ସେମାନଙ୍କୁ ଚିକେନ ହାର୍ଟେଡ କୁହାଯାଏ। ଆଉ ଆମର ଶିକ୍ଷକ ସମାଜ ଯେ ଖୁବ୍‌ଶୀଘ୍ର ଏମିତି ହୃଦ୍‌ରୋଗରେ ଆକ୍ରାନ୍ତ ନ ହେବେ, ସେ କଥା କିଏ କହିବ।

କେବଳ କୁକୁଡ଼ା ମାଗିଲେ କି ଖୋଳ ହାପୁଡ଼ିଲେ ନୁହେଁ, କୁକୁଡ଼ା ପାଳିଲେ ବି ବିପଦ ଅଛି। ଆମେ ସମସ୍ତେ ଜାଣୁ ଯେ ପ୍ରତି ପ୍ରହର ଶେଷରେ କୁକୁଡ଼ା ରାବେ ଏବଂ ଏକ ପ୍ରାକୃତିକ ନିର୍ଘଣ୍ଟ ଘୋଷକର କାମ କରେ। ତେବେ କୁକୁଡ଼ାର ଏଇ ସ୍ୱଭାବ ଫ୍ରାନ୍ସର ଗ୍ରାମ୍ୟ ଇଲାକାରେ ଜଣେ ଗଞ୍ଜା ମାଲିକଙ୍କୁ ଅଦାଲତ ଯାଏ ଟାଣିକି ନେଇଛି। ମାଲିକଙ୍କ ପଡ଼ିଶା ଲୋକଙ୍କ ଅଭିଯୋଗ ହେଲା, ତାଙ୍କ କୁକ୍କୁଟର କର୍କଶ, ଉତ୍କଟ ଉଦ୍‌ଘୋଷଣା ସେମାନଙ୍କ ନିଶାନ୍ତର ନିଦ ଭାଙ୍ଗି ପାହାନ୍ତା ସପନକୁ ଚୂରମାର କରି ଦେଉଛି। ଧନ୍ୟ କହିବ ବିଦେଶ ମାଟିର ନାଗରିକ ସଚେତନତାକୁ। ଆମର ଏଠି ତ ଆଜ୍ଞା ସାରା ରାତି ଦୀପାବଳି ଫଟକା ଫୁଟୁ, ଡିଜେ ବାଜୁ, ବୁଲେଟ ବାୟାମାନଙ୍କ ଗର୍ଜନରେ ସାହି ଲୋକେ ତ୍ରାହି ତ୍ରାହି ଡାକନ୍ତୁ, କାର୍ଯ୍ୟାନୁଷ୍ଠାନ କିନ୍ତୁ ଶୂନ। ଅଦାଲତ ତ ଦୂରର କଥା, କନଷ୍ଟେବଲ ଜଣେ ଆସି ସାଙ୍କେତିକ ତାଗିଦ୍‌ଟେ ବି କରିବେନି। କୁକୁଡ଼ା ତ କେବେ କେବେ ରାବେ, ସାରା ରାତି ପଡ଼ିଶା ଘର କୁକୁର ଭୁକିଲେ ବି ଆପଣ ପ୍ରତିବାଦ କରିପାରିବେନି। ତେଣିକି ଆପଣ ବୃଦ୍ଧ, ରୋଗୀ, ପରୀକ୍ଷାର୍ଥୀ କି କ୍ଲାନ୍ତ ସଂସାରୀ ହୋଇଥାନ୍ତୁ କି ଆଉ କେହି।

ତେବେ କୁକୁଡ଼ା ଆଉ ଅଣ୍ଡାକୁ ନେଇ କେବଳ ବାହାରେ ବିବାଦ ଉପୁଜୁନି ଘରେ ମଧ୍ୟ କଳି, ଝଗଡ଼ା ଆରମ୍ଭ ହୋଇଗଲାଣି। ପ୍ରତିଦିନ ଅଣ୍ଡାରେ ଆପ୍ୟାୟିତ କରି ପାରିଲେନି ବୋଲି ପତ୍ନୀ ଜଣେ ପତିଙ୍କ ଉପରେ ନିକମା ଆରୋପ ଲଗେଇ, କୋପ କରି ଏବଂ ଅଣ୍ଡାର ଥୋପକୁ ଅନୁସରଣ କରି, ପୁରୁଣା ପ୍ରେମିକ ସାଙ୍ଗେ ପଳେଇଛନ୍ତି। 'ସଣ୍ଡେ ହୋ ୟା ମଣ୍ଡେ, ରୋଜ୍ ଖାଓ ଅଣ୍ଡେ' ସ୍ଲୋଗାନ ଦ୍ୱାରା ଉଦ୍‌ବୁଦ୍ଧ ଏଇ ଭଦ୍ର ମହିଳାଙ୍କୁ କେହି ଜଣେ ଅତ୍ୟଧିକ ଅଣ୍ଡା ଆସକ୍ତିରୁ ବିରତ ରହିବାକୁ କହିବାର ଥିଲା, କାହିଁକି ନା ପଚାଶଟି ଅଣ୍ଡା ଖାଇଲେ ଦୁଇ ହଜାର ଟଙ୍କା ଜିତିଯିବେ ଭାବି ଉତ୍ତରପ୍ରଦେଶରେ ଜଣେ ବ୍ୟକ୍ତି ବୟାଳିଶଯାଏ ପହଞ୍ଚୁ ପହଞ୍ଚୁ, ଅଚେତ ହୋଇ, ପରେ ଆଖି ବୁଜିଦେଲେ।

ଆମେ ସମସ୍ତେ ଜାଣୁ ଯେ ଉତ୍କୋଚ ନେବାଲୋକ ପରି ଦେବାଲୋକ ବି ଦୋଷୀ। ତେବେ ପ୍ରଥମେ ଗ୍ରହୀତାଙ୍କ ଆବିର୍ଭାବ ହେଲା ନା ଦାତାଙ୍କ ଉଦ୍ଭବ, ସେ ଏକ ରହସ୍ୟ। ଯେମିତି କହିବା ମୁସ୍କିଲ, ପ୍ରଥମେ କୁକୁଡ଼ା ଆସିଲା ନା ଅଣ୍ଡା। ପ୍ରଥମେ ପ୍ରକୃତିରେ ଜନ୍ମ ଗ୍ରହଣ କରି ପରେ ଉପନୟନ ସମୟରେ ଆଉ ଥରେ ପ୍ରତୀକାତ୍ମକ ଜନ୍ମପର୍ବ ପାଳନ କରୁଥିବାରୁ ବ୍ରାହ୍ମଣମାନଙ୍କୁ ଦ୍ୱିଜ କୁହାଯାଏ। ଠିକ୍ ସେମିତି କୁକୁଡ଼ା ସମେତ ବାକି ବିହଙ୍ଗ ଏବଂ ସରୀସୃପ ଯେଉଁମାନେ ପ୍ରଥମେ ଅଣ୍ଡା ଆକାରରେ ଭୂମିଷ୍ଠ ହୋଇ ପୁଣି ତା' ଭିତରୁ ଆଉ ଥରେ ଆବିର୍ଭାବ ହୁଅନ୍ତି, ତାଙ୍କୁ ମଧ୍ୟ ଦ୍ୱିଜ କୁହାଯାଏ। ସେଦିନ ବନ୍ଧୁ ଜଣେ କହିଲେ, ହରିଣର ନାମ ବଦଳେଇ ହଇରାଣ ଡାକିବା ଉଚିତ ହେବ। କାରଣ ରାମ ଯୁଗରେ ଏଇ ଚତୁଷ୍ପଦଟି ସୀତାଙ୍କୁ କନ୍ଦେଇଲା। ଖୁବ୍‌ଶୀଘ୍ର ଏଇ ତାଲିକାରେ କୁକୁଡ଼ା ଏବଂ ମୟୂରଙ୍କ ନାମ ଯୋଡ଼ା ହେବ। କିଛି ସପ୍ତାହ ତଳେ ପଶ୍ଚିମ ଓଡ଼ିଶାରେ ଏକ ମାଓବାଦୀ ଶିବିର ଦଖଲ କଲା ସମୟରେ ଅନ୍ୟସବୁ ସାମଗ୍ରୀ ସହ ପୋଲିସ ବାବୁମାନେ ଦୁଇଟି ମୟୂରଙ୍କୁ ଉଦ୍ଧାର କଲେ। ପରେ କିନ୍ତୁ ଏଇ ଜାତୀୟ ପକ୍ଷୀଦ୍ୱୟ ଅନ୍ତର୍ଦ୍ଧାନ ହୋଇ ପ୍ରାଦେଶିକ ଖବର ପାଲଟିଲେ। ସାମ୍ବାଦିକମାନେ ପଚାରିବାରୁ କୁଆଡେ ବଲାଙ୍ଗୀର ଜିଲା ପୋଲିସ ମୁଖିଆ ଖୋଦ୍ ଜିଲାପାଳଙ୍କ ଉପସ୍ଥିତିରେ ନାଲିଆଖି ଦେଖେଇ ନକାରାତ୍ମକ ଉତ୍ତର ଦେଲେ।

ଆରେ ବାବା ସେ ଥିଲା କାର୍ତ୍ତିକ ମାସ। କାର୍ତ୍ତିକେୟଙ୍କୁ କେଉଁ ମନ୍ଦିର କି ଘାଟ ପାଖରେ ଓହ୍ଲେଇଦେଇ ବାହନଦ୍ୱୟ ହୁଏ ତ ଜଳପାନ କରୁଥିଲେ ଏବଂ ପୋଲିସବଳ ହାତରେ ଧରାପଡ଼ିଲେ। ପୁଣି ସୁଯୋଗ ଦେଖି ବଣପକ୍ଷୀ ବଣକୁ ଉଡ଼ିଗଲେ। କୁକୁଡ଼ାଲୋଭୀ କର୍ମଚାରୀଙ୍କୁ କାଠଗଡ଼ାରେ ଅବଶ୍ୟ ଛିଡ଼ା କରାଯାଉ, କିନ୍ତୁ ଏ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଚେଷ୍ଟା କରାଯାଉ।

ଶୈଳଶ୍ରୀବିହାର, ଭୁବନେଶ୍ୱର,
ମୋ-୯୬୫୮୧୧୦୪୪୭, ୯୮୬୧୫୫୨୭୯୩

## ଆମ ସମସ୍ୟା

### ଜନସ୍ୱାସ୍ଥ୍ୟ ଓ ପରିମଳ ବିଭାଗର ଦୃଷ୍ଟିପଡୁ

ମହାଶୟ,

ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁର ବଜାର ଦେଇ ଯାଇଥିବା ମାଇନର କେନାଲରେ ବ୍ୟବହୃତ ଜଳ ଓ ବର୍ଜ୍ୟବସ୍ତୁ ଜମାହୋଇ ପଚି ଶଢିଯିବା ଫଳରେ ଏହି ବଜାରର କେନ୍ଦ୍ର ସ୍ଥଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଉତ୍କଟ ଗନ୍ଧରେ ଏଠାରେ ଚଳପ୍ରଚଳ କରିବା ସମ୍ଭବ ହେଉନାହିଁ। ପ୍ରଦୂଷିତ ପରିବେଶ ପାଇଁ ସଂକ୍ରାମକ ରୋଗ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ଏକାଧିକବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବା ସତ୍ତ୍ୱେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଜନସ୍ୱାସ୍ଥ୍ୟ ଓ ପରିମଳ ବିଭାଗର ସ୍ଥାନୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ବଳଙ୍ଗା-ଗବକୁଣ୍ଡ ରାସ୍ତା ମରଣଯନ୍ତା

ଆଜକୁ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚନ୍ଦନପୁର ବ୍ରାଞ୍ଚ୍ କେନାଲ ବାମପଟ ବଳଙ୍ଗା-ଗବକୁଣ୍ଡ ରାସ୍ତା ମରଣଯନ୍ତା ପାଲଟିଛି। କର୍ତ୍ତୃପକ୍ଷ ତୁରନ୍ତ ଏ ରାସ୍ତା ମରାମତି ଦିଗରେ ଦୃଷ୍ଟି ଦିଅନ୍ତୁ।

ଗଦାଧର ପଣ୍ଡା ଓ ଦୟାନିଧି ସାହୁ, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ

### ପୁରୁଣା ଟୋଲ ଫାଟକ ହଟାଯାଉ

କଟକ ସଦର ଫକୀରପଡ଼ାଠାରେ ଥିବା ପୁରୁଣା ଟୋଲ ଫାଟକ ଯାତାୟାତରେ ଅସୁବିଧା ଯୋଗୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି। ଡିଭାଇଡର, ହମ୍ପସ ତଥା ଟିକେଟ ଗୃହ ଭଙ୍ଗାଯାଇ ନାହିଁ। ତୁରନ୍ତ ଟୋଲ ହଟାଇଲେ ବସ୍ ଓ ଟ୍ରକ ଚଳାଚଳରେ ସୁବିଧା ହେବ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | B | | 8 | C | 1 | | 4 | | 5 | | D | | |
| | | E | B | | | | | | | | 3 | | | |
| | 1 | | 7 | E | | 8 | | 6 | | 9 | | B | C | A |
| 3 | | | | | | | D | A | | | | | | |
| | 4 | A | | | 5 | C | | | | | | E | | |
| B | | | | 7 | D | | | | | | | | 2 | 1 |
| 7 | | 1 | | | | 2 | | | C | A | 4 | | 9 | |
| | | | | 0 | | | 5 | | | 8 | 7 | | | |
| | | 2 | | | | | 8 | | | | | 0 | 3 | |
| E | D | 5 | | 2 | 6 | | | | B | | | A | | C |
| 1 | | | | A | B | | | | | | 6 | | | 7 |
| D | | | E | | | | | | 8 | | | 9 | | |
| | A | | 6 | | | 0 | | | 9 | | 2 | 1 | | |
| | 5 | 8 | | 3 | | | | 9 | | | | | A | B |
| | | 9 | | | | | | 3 | E | | | 2 | D | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | A | E | 1 | D | 8 | 4 | 9 | 7 | 5 | C | B | 0 | 3 | 6 |
| 7 | B | D | A | 4 | 0 | C | 5 | 1 | 2 | 6 | 3 | 8 | E | 9 |
| C | 6 | 3 | E | 9 | 5 | 8 | A | D | 7 | 0 | 1 | 4 | 2 | B |
| 1 | 5 | 4 | C | 2 | B | 0 | 3 | 6 | 9 | 8 | E | D | A | 7 |
| 8 | 9 | 0 | 3 | 7 | 6 | E | 2 | B | A | 4 | D | 1 | C | 5 |
| D | 3 | 8 | B | 5 | A | 2 | E | C | 4 | 1 | 7 | 9 | 6 | 0 |
| A | 0 | 2 | 6 | E | 1 | 7 | D | 9 | 3 | 5 | C | B | 8 | 4 |
| E | 4 | 7 | 8 | C | 2 | 3 | 0 | 5 | 6 | B | 9 | A | D | 1 |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |

ଗତକାଲିର ଉତ୍ତର

## ସଂକ୍ଷେପରେ

■ ସିଙ୍ଗଝର କ୍ରିକେଟ ଟୁର୍ଣ୍ଣାମେଣ୍ଟ-୨୦୧୯

## ଫାଇନାଲରେ ସମ୍ବଲପୁର ଏକାଦଶ

ସିନାପାଲି,୨୨।୧୨ (ଡି.ଏନ.ଏ.) ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ସିଙ୍ଗଝର କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ସମ୍ବଲପୁର ଏକାଦଶ କାନ୍ଦୁଲଝର ଏକାଦଶକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ସିଙ୍ଗଝରସ୍ଥିତ ରାଜୀବ ନାଏକ ଖେଳ ପଡିଆରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ସମ୍ବଲପୁର ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୬ ଓଭରରେ ୯ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କାନ୍ଦୁଲଝର ଏକାଦଶ ୧୪ ଓଭରରେ ସମସ୍ତ ଉଇକେଟ ହରାଇ କେବଳ ୧୦୧ ରନ କରି ପରାଜୟ ବରଣ କରିଥିଲା। ସମ୍ବଲପୁର ଦଳ ୩୩ ରନରେ ବିଜୟୀ ଲାଭ କରି ଫାଇନାଲକୁ ପ୍ରବେଶ କରିଛି। ମ୍ୟାଚରେ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସମ୍ବଲପୁର ଏକାଦଶର ବିକିଙ୍କୁ ପ୍ରଦାନ କରାଯାଇଛି । ଅମ୍ପାୟାର ଭାବେ ମାନସରଞ୍ଜନ କଶ୍ୟପ ଓ ଦୟାଶଙ୍କର କଶ୍ୟପ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବରେ ମକରଧ୍ୱଜ ବୈଠାରୁ ଦାୟିତ୍ୱ ତୁଲାଇଥିଲେ । ବରିଷ୍ଠ ଉଦଘୋଷକ ଲଳିତ କୁମାର ସୁନାରୀ ଓ ଜୀତୟ କୁମାର ସେଠୀ ଓଡିଆ ଓ ହିନ୍ଦୀରେ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସିନାପାଲି ମହାବିଦ୍ୟାଳୟ ଇତିହାସ ବିଭାଗ ଅଧାପକ ବ୍ରଜମୋହନ ଧାକଡ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ସିଙ୍ଗଝର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏକ ମହାମିଳନର ପେଣ୍ଠସ୍ଥଳୀ, ଅଞ୍ଚଳର ଜନସାଧାରଣ, କ୍ରୀଡାପ୍ରେମୀ, କ୍ରୀଡାବିତ ଓ ପ୍ରଂଶକମାନଙ୍କୁ ନେଇ ଯେଉଁ ଉତ୍ସାହ ଦେଖିବାକୁ ମିଳିଛି ତାହା ଉଦାହରଣ ହୋଇରହିବ ବୋଲି କହିଥିଲେ।


ରବିବାର ସମ୍ବଲପୁର କଚେରି ଛକଠାରେ ଆୟୋଜିତ ରାହଗିରିରେ ସମଲେଶ୍ୱରୀ କଲେଜ ଛାତ୍ରୀମାନେ ନୃତ୍ୟ କରୁଛନ୍ତି ।


ରବିବାର ସମ୍ବଲପୁର କଚେରି ଛକଠାରେ ଆୟୋଜିତ ରାହଗିରିରେ ସୁନାପାଲିର ସଂପ୍ରଦା ମଣ୍ଡଳୀ ।









କଚେରି ଛକଠାରେ ରାହଗିରି କାର୍ଯ୍ୟକ୍ରମରେ ଅତିଥି ଓ ଚିତ୍ରକର ଏବଂ କଳାକାର(ବାମ) । ମହାନଗର ନିଗମ କମିଶନର ଲିଙ୍ଗରାଜ ପଣ୍ଡା ସ୍ୱଚ୍ଛତା ବାର୍ତ୍ତା ନେଇ କାନଭାସରେ ରଙ୍ଗ ଦେଉଛନ୍ତି(ମଝି) । ଆୟୋଜିତ ରାହଗିରିରେ ସଂଗୀତ କାର୍ଯ୍ୟକ୍ରମ ।

# ସୁସ୍ଥ, ସ୍ୱଚ୍ଛ ସମ୍ବଲପୁର ପାଇଁ ଆହ୍ୱାନ

**ସମ୍ବଲପୁର, ୨୨।୧୨ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା ପାଇଁ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ମହାନଗର ନିଗମ ପକ୍ଷରୁ ମନୋରଞ୍ଜନ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ମାଧ୍ୟମରେ ସହରବାସୀଙ୍କୁ ସଚେତନତ କରାଯାଉଛି। ରବିବାର ଦ୍ୱିତୀୟ ପର୍ଯ୍ୟାୟରେ କଚେରି ଛକରେ ରାହାଗିରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋକନୃତ୍ୟ, ଲୋକଗୀତ, ଲୋକବାଦ୍ୟ, ପଥପ୍ରାନ୍ତ ନାଟକ ପଦର୍ଶିତ ହୋଇଥିଲା। ସେହିଭଳି ରଙ୍ଗୋଲି, ଚିତ୍ରାଙ୍କନ, ଜୁଡୋ ଆଦି ପ୍ରତିଯୋଗିତା ମଧ୍ୟ କରାଯାଇଥିଲା। ସମସ୍ତଙ୍କୁ ପ୍ଲାଷ୍ଟିକ ବର୍ଜନ କରିବା ନେଇ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସବୁ ବର୍ଗର ଲୋକେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମହାନଗର ନିଗମ କମିଶନର ଲିଙ୍ଗରାଜ ପଣ୍ଡା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଡିଏଫଓ ସଞ୍ଜୀତ କୁମାର ଯୋଗ ଦେଇଥିଲେ। କମିଶନର ପଣ୍ଡା ନିଜେ ଚିତ୍ର ଆଙ୍କି ମୃଦଙ୍ଗ ବଜାଇ ଥିବା ବେଳେ ଡିଏଫଓ ସଞ୍ଜୀତ କୁମାର ଓ ବିଧାୟକ ନାଏକ ମଧ୍ୟ କରତାଳ (ଝାଞ୍ଜ)ବଜାଇ ଲୋକଙ୍କୁ ଆକୃଷ୍ଟ କରୁଥିଲେ। ଅତିଥି ଓ ଉପସ୍ଥିତ ସହରବାସୀ ସମ୍ବଲପୁରକୁ ସ୍ୱଚ୍ଛ, ସୁସ୍ଥ, ସୁନ୍ଦର ଓ ପ୍ଲାଷ୍ଟିକ ଫ୍ରି କରିବା ପାଇଁ ସଂକଳ୍ପ ନେଇଥିଲେ। ଏହି ଅବସରରେ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ର ସ୍ୱଚ୍ଛତା ଉପରେ ନୃତ୍ୟ ପରିବେଷଣ କରିଥିଲେ। ସୁଶ୍ରିତା ପାଣିଗ୍ରାହୀ, ଶ୍ୟାମସୁନ୍ଦର ଧର, କିଶୋର ବାଗ, ମୋତିଲାଲ ଦୋରା ଗୀତ ପରିବେଷଣ କରିଥିବା ବେଳେ ବାଦ୍ୟଯନ୍ତ୍ରରେ କପିଳେଶ୍ୱର ସାହୁ ଓ ସାଥିମାନେ ସହଯୋଗ କରିଥିଲେ। ରାମାଶିଷ ତ୍ରିପାଠୀ ଓ ସସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅପର୍ଣ୍ଣା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

■ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

## ଭାଗ ନେଲେ ୧୮ ହାଇସ୍କୁଲର ୧୨୩ ଛାତ୍ରୀଛାତ୍ର

**ରେଢାଖୋଲ.୨୨।୧୨(ଡି.ଏନ.ଏ.)**

### ୧୦ ବିଭାଗରେ ୨୦ ଛାତ୍ରୀ ଛାତ୍ର ଜିଲ୍ଲା ସ୍ତରକୁ ମନୋନିତ

ଓଡିଶା ମାଧ୍ୟମିକ ଶିକ୍ଷକ ସଂଘର ରେଢାଖୋଲ ଶାଖା ପକ୍ଷରୁ ବଡବାହାଲସ୍ଥିତ ପଞ୍ଚଖଣ୍ଡା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ବ୍ଲକର ୧୮ଟି ହାଇସ୍କୁଲର ୧୨୩ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଏକକ ଅଭିନୟ, ଗଳ୍ପ ଲିଖନ, କବିତା ରଚନା, କୁଇଜ୍ ଆଦି ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହୋତ୍ସବକୁ ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଓଷ୍ଟା ରେଢାଖୋଲ ଶାଖାର ସଭାପତି ଶୁଭ୍ରାଂଶୁ ପ୍ରଧାନ ଅଧକ୍ଷତା କରିଥିଲେ। ଜିଲା ଉପସଭାପତି ଶତ୍ରୁଘ୍ନ ସ୍ୱାଇଁ ଓ ବ୍ଲକ ସାଧାରଣ ସଂପାଦକ ବିଜୟାନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତର୍କରେ ତନୁଶ୍ରୀ ପ୍ରଧାନ, ବବଲୁ ପ୍ରଧାନ, ସୋନାଲିକା ପ୍ରଧାନ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। କଣ୍ଠସଙ୍ଗୀତରେ ଆଶା ପ୍ରଧାନ, ସୋନାଲିକା ପ୍ରଧାନ ଓ ମନୋଜ ବେହେରା, ଚିତ୍ରାଙ୍କନରେ ଲିପୁନ ମୁଣ୍ଡା, ଆଶିଷ ମୁଣ୍ଡା ଓ ରୁକ୍ମିଣୀ ମୁଣ୍ଡା, ଏକକ ନୃତ୍ୟରେ ପୂର୍ଣ୍ଣେଶ୍ୱରୀ ଦେଓ, ବର୍ଷାପ୍ରିୟଦର୍ଶିନୀ ବେହେରା, ପ୍ରିୟଙ୍କା ବିଶି, ଏକକ ଅଭିନୟରେ ଲିଲି ମହାପାତ୍ର, ସାଧାରଣଜ୍ଞାନରେ ଭବାନୀ ପ୍ରଧାନ, ଗଳ୍ପ ଲିଖନରେ ରୋଜାଲିନ ପ୍ରଧାନ, ବର୍ଷାରାଣୀ ପ୍ରଧାନ, ଯସ୍ମିନ ପ୍ରଧାନ, କବିତା ରଚନାରେ ସୌମିତ୍ରୀ ପ୍ରଧାନ, ଯାଜ୍ଞସେନି ପ୍ରଧାନ ଓ କୁଇଜରେ ସତ୍ୟନାରାୟଣ ପ୍ରଧାନ, ସୁପ୍ରିୟା ପ୍ରଧାନ ଓ ପ୍ରିତମ ପ୍ରଧାନ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନିତ ହୋଇଛନ୍ତି। ଉଦଯାପନୀ ସମାରୋହରେ ଜିଲା ସଭାପତି ଗଗନ ବିହାରୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଜୟନ୍ତ ମାହାର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ନରେନ୍ଦ୍ର ଦେହୁରୀ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ପବିତ୍ର ମୋହନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ କନ୍ଦର୍ପ ବାରିକ, କୈଳାଶ ଦାସ, ବୀରେନ୍ଦ୍ର ସାହୁ, ଈଶ୍ୱର ବେହେରା, ଜଳନ୍ଧର ପ୍ରଧାନ, ସୁରମଣି ପ୍ରଧାନ, ପ୍ରତାପ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ବଡବାହାଳ ପଞ୍ଚଖଣ୍ଡା ଉଚ୍ଚ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ବ୍ଲକସ୍ତରୀୟ ଶିଶୁ ମହୋତ୍ସବରେ ଜଣେ ଛାତ୍ରୀ ଅତିଥିଙ୍କଠଶରୁ ପୁରସ୍କାର ଗ୍ରହଣ କରୁଛନ୍ତି।


ରବିବାର ସମ୍ବଲପୁର ଲୋକମହୋତ୍ସବ- ୨୦୨୦ ମଞ୍ଚ ପୂଜାର୍ଚ୍ଚନା କରାଯାଉଛି।

## ସମ୍ବଲପୁର ଲୋକ ମହୋତ୍ସବ ମଞ୍ଚପୂଜା ସମ୍ପନ୍ନ

**ସମ୍ବଲପୁର, ୨୨।୧୨ (ବ୍ୟୁରୋ):** ସମ୍ବଲପୁର ଲୋକ ମହୋତ୍ସବ-୨୦୨୦ର ମଞ୍ଚ ପୂଜା ରବିବାର ଅଇଁଠାପାଲି ପିଏଚଡି ପଡିଆଠାରେ ରୀତିନୀତି ସହ ସମ୍ପନ୍ନ ହୋଇଛି। ଦୁଲଦୁଲି ବାଦ୍ୟ ସହ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ମୁଖରିତ ହୋଇଥିବା ଅଞ୍ଚଳ। ପଣ୍ଡିତ ଜିତେନ୍ଦ୍ର ନନ୍ଦ ପୂଜାର୍ଚ୍ଚନା କରିଥିଲେ। ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ସୌମେନ୍ଦ୍ର ପୂଜାରୀ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତଥା ମହୋତ୍ସବ ନୋଡାଲ ଅଧିକାରୀ ସୁକାନ୍ତ ତ୍ରିପାଠୀ, ମଞ୍ଚ ଓ ପ୍ରେକ୍ଷାଳୟ ଉପ କମିଟି ଆବାହକ ସତ୍ୟରଞ୍ଜନ ବେହେରା ଓ ନନ୍ଦ କିଶୋର ସାହୁ କର୍ତ୍ତା ଥିଲେ। ଅର୍ଥ ଉପକମିଟି ଆବାହକ ଦେବେନ୍ଦ୍ର କୁମାର ନନ୍ଦ, ଚିତ୍ରକଳା ପ୍ରଦର୍ଶନୀର ସୁକାନ୍ତ କୁମାର ବଢ଼େଇ, ପ୍ରଚାରପ୍ରସାର କମିଟିର ଚନ୍ଦ୍ରଶେଖର ପାତ୍ର, ତଥ୍ୟ ସଂଗ୍ରହର ଅମନଦୀପ ସାଲୁଜା, ସମ୍ବର୍ଦ୍ଧନାର ସୂର୍ଯ୍ୟ ପାଣିଗ୍ରାହୀ, ଅଭ୍ୟର୍ଥନାର ଭୋଲା ମହତମ, ଆଲୋଚନା ଚକ୍ରର ଅତିଶ କୁମାର ଶତପଥୀ, ସ୍ମାରଣିକାର ଗୁଣରଞ୍ଜନ ସାଲିମା, ରହଣୀର ମହମ୍ମଦ ସୋନାଉଲ୍ଲା, ପରିବହନର ସୁଧାଂଶୁ ପୂଜାରୀ, ଦଳର ଦୁର୍ଗାପ୍ରସାଦ ଦାଶ, ମିଡିଆ ସବ୍‌କମିଟି ଆବାହକ ପ୍ରମୋଦ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।






ରବିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଚଳଚ୍ଚିତ୍ର ଅଭିନେତା ପୃଥ୍ୱୀରାଜ ନାୟକଙ୍କୁ ପ୍ରାଞ୍ଜଶ୍ରୀ ସମ୍ମାନ ପ୍ରଦାନ କରାଯାଉଛି(ବାମ) । ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ଚତୁର୍ଥ ସମ୍ବଲପୁର ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲ

**ସମ୍ବଲପୁର, ୨୨।୧୨ (ବ୍ୟୁରୋ)**

ଚତୁର୍ଥ ସମ୍ବଲପୁର ଆନ୍ତର୍ଜାତିକ ସମ୍ବଲପୁର ଫିଲ୍ମ ଫେଷ୍ଟିଭାଲ ରବିବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଚଳଚ୍ଚିତ୍ର ଅଭିନେତା ପୃଥ୍ୱୀରାଜ ନାୟକଙ୍କୁ ପ୍ରାଞ୍ଜଶ୍ରୀ ସମ୍ମାନ ପ୍ରଦାନ ସହ ଓଡିଶାରେ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର ଓ ବୃତ୍ତ ଚିତ୍ରର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କମଲେଶ ଚକ୍ରବର୍ତ୍ତୀ ଓ ରମାକାନ୍ତ ହରିପାଲଙ୍କ ସମଲେଶ୍ୱରୀ ଭଜନ ଗାନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏହାସହ ୟଙ୍ଗଷ୍ଟାର ଗ୍ରୁପ, ଟିଟିଲାଗଡ଼, ଢଲିଆଖୁସା ବରଗଡ, ବିଡି ତୁଷୁରା କୃଷ୍ଣପ୍ରିୟ କଳା ପରିଷଦର ଘୁଡୁକାନାଚ ପରିବେଷିତ ହୋଇଥିଲା। ହାସ୍ୟ ଅଭିନୟ ଟିଙ୍ଗୁଟିଙ୍ଗାଲୁ ଓ ସୁମନ୍ତ ଭୋଇ, ଆଶିଷ ଓ ରବିବାଙ୍କ ଗୀତ ଗାନ କରିଥିବା ବେଳେ ସମ୍ବଲପୁରୀ ବସ୍ତ୍ରର ଫେସନ ଶୋ ହୋଇଥିଲା। ଗୀତିକାର ବିନୋଦ ପଶାୟତ, ଚଳଚ୍ଚିତ୍ର ଅଭିନେତା ରାଣା, ପ୍ରଦୀପ ଦତ୍ତ, ଭାରତ ଗୌରବ, ଅଭିନେତ୍ରୀ ଲିଜା, ଇଜି ସୁମନ୍ତ ପ୍ରିୟା, ସାମାଜିକ କର୍ମୀ ଜୟଲାଲ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଞ୍ଜଶ୍ରୀ ସଲ୍ୟୁସନ ଆୟୋଜିତ ଫିଲ୍ମ ଫେଷ୍ଟିଭାଲର ପରିଚାଳନା ନିର୍ଦ୍ଦେଶକ ପାଣିନୀ ପ୍ରାଞ୍ଜ, ନିର୍ଦ୍ଦେଶକ ନାରାୟଣ ଅଗ୍ରୱାଲ, ଜନସଂପର୍କ ଅଧିକାରୀ ପ୍ରମୋଦ ମହାପାତ୍ର, ସଂଯୋଜକ ଶାନ୍ତନୁ ହୋତା, ବୈଷୟିକ ନିର୍ଦ୍ଦେଶକ ବିଶ୍ୱଜିତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଉତ୍ସବ ହୋଇଥିଲା। ଓଡିଶାର ୧୫ଟି କ୍ଷୁଦ୍ର ଚଳଚ୍ଚିତ୍ର ଓ ରାଜସ୍ଥାନ ଫିଲ୍ମ ଫେଷ୍ଟିଭାଲ ଜରିଆରେ ୧୦ଟି ଅନ୍ତର୍ଜାତୀୟ ସ୍ତରର ଫିଲ୍ମ ପ୍ରଦର୍ଶିତ ହୋଇଥିଲା।


ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଫେସନ ଶୋ।

୨୦୧୯ ବର୍ଷ ଉପକୂଳ ଓଡ଼ିଶା ପାଇଁ ବେଶ୍ ଚର୍ଚ୍ଚିତ ଥିଲା। ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲା ଫନୀ ଓ ବୁଲ୍‌ବୁଲ୍ ବାତ୍ୟାର ପ୍ରକୋପରେ ବିଶେଷଭାବେ ପ୍ରଭାବିତ ହୋଇଥିବାବେଳେ ଯାଜପୁର ଜିଲାରେ ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଥିଲା। ସେହିପରି ନୟାଗଡ଼ ଜିଲାର ମୁଦୁଲିଗାଡ଼ିଆ ଗ୍ରାମକୁ ଇକୋ ଭିଲେଜ ଭାବେ ଘୋଷଣା କରାଯିବାର ମୁହୂର୍ତ୍ତ କିଛି ସ୍ୱତନ୍ତ୍ର ଥିଲା।...

## ଝିଲ୍ଲି ପାଇଲେ ଏକଲବ୍ୟ ପୁରସ୍କାର

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ମକରପ୍ରସାଦ ଗ୍ରାମର ଭାରୋତ୍ତୋଳିକା ଝିଲ୍ଲି ଦଳବେହେରାଙ୍କୁ ମିଳିଛି ଏକଲବ୍ୟ ପୁରସ୍କାର। ଇଣ୍ଡିୟାନ ମେଟାଲ୍ସ ପବ୍ଲିକ୍ ଚ୍ୟାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ଝିଲ୍ଲିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଦୁଇବର୍ଷ ମଧ୍ୟରେ ସେ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏକ ଅଖ୍ୟାତ ପଲ୍ଲିରେ ଜନ୍ମ ହୋଇଥିବା ଝିଲ୍ଲି ଅନ୍ୟମାନଙ୍କ ପାଇଁ ଆଲୋକର ବର୍ତ୍ତିକା ପାଲଟିଛନ୍ତି।





## ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ

ଅକ୍ଟୋବର ୧୬ରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରିଣୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଭତ୍ତା ବାଣ୍ଟି ଫେରିବା ପରେ ମଧ୍ୟାହ୍ନ ଭୋଜନ ପାଇଁ ସ୍ମିତାରାଣୀ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କ ଗେଷ୍ଟହାଉସକୁ ଯାଇଥିଲେ। ହେଲେ କିଛି ସମୟପରେ ଗେଷ୍ଟହାଉସର ଏକ କୋଠରିରୁ ସ୍ମିତାରାଣୀଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଏହି ମୃତ୍ୟୁ ଘଟଣାରେ ରୂପେଶଙ୍କ ଭୂମିକା ବେଶ୍ ଚର୍ଚ୍ଚାରେ ଥିଲା। ସ୍ମିତାରାଣୀଙ୍କୁ ଆତ୍ମହତ୍ୟା କରିବା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ପୋଲିସ ରୂପେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ସୁଦ୍ଧା ମୃତ୍ୟୁର ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇପାରି ନାହିଁ। ଅପରପକ୍ଷରେ ଏସ୍‌ପି ଚରଣ ସିଂ ମୀନା ସ୍ମିତାରାଣୀଙ୍କ ସମ୍ପର୍କରେ ଦେଇଥିବା ବିବୃତି ବିରୋଧୀଙ୍କୁ ମୁହଁ ଖୋଲିବାକୁ ଏକ ପ୍ରକାର ଖୋରାକ ଯୋଗାଇ ଥିଲା। ଶେଷରେ ନିଜକୁ ଅସୁରକ୍ଷିତ ମନେ କରି ସ୍ମିତାରାଣୀଙ୍କ ମା'ବାପା ୬ବର୍ଷର ନାତୁଣୀକୁ ଧରି ଗାଁ ଛାଡ଼ିବାକୁ ମଧ୍ୟ ବାଧ୍ୟ ହୋଇଥିଲେ।

## ଚର୍ଚ୍ଚାରେ ପାଟକୁରା ନିର୍ବାଚନ

ଗତ ସାଧାରଣ ନିର୍ବାଚନରେ କେନ୍ଦ୍ରାପଡ଼ା ଲୋକ ସଭା ଓ ଏହା ଅଧୀନ ୬ ବିଧାନସଭା ଆସନ ପାଇଁ ଏପ୍ରିଲ ୨୯ରେ ଭୋଟ ଗ୍ରହଣ ହୋଇଥିଲା। ପାଟକୁରା ବିଜେଡି ବିଧାୟକ ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ମୃତ୍ୟୁ ଯୋଗୁ ଏଠାରେ ନିର୍ବାଚନ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ନିର୍ବାଚନ ପାଇଁ ମେ ୧୭ ତାରିଖ ଘୋଷଣା କରାଯାଇଥିଲେ ହେଁ ସାମୁଦ୍ରିକ ଝଡ଼ ଫନୀ ଯୋଗୁ ପୁଣି ନିର୍ବାଚନ ସ୍ଥଗିତ ରଖାଯାଇ ଜୁଲାଇ ୨୦ରେ ଭୋଟ ଗ୍ରହଣ ହୋଇଥିଲା। ନିର୍ବାଚନରେ ଭାଜପା ପ୍ରାର୍ଥୀ ତଥା ବରିଷ୍ଠ ନେତା ବିଜୟ ମହାପାତ୍ର ଓ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ମଧ୍ୟରେ ଜୋରଦାର ମୁକାବିଲା ହୋଇଥିଲା। ଏଥିରେ ବିଜେଡି ପ୍ରାର୍ଥୀ ଅଗ୍ରୱାଲ ବିଜୟୀ ହୋଇଥିଲେ।

## ଏନ୍‌ଜିଟିରେ ଡଙ୍କାରୀ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ରେ ବେଆଇନ ଖନନ ଓ ପରିବେଶଗତ କ୍ଷତି ପାଇଁ ଏନ୍‌ଜିଟିରେ ମାମଲା ଓ ରାୟକୁ ନେଇ ରାଜ୍ୟ ସରକାର ହରଡ଼ଘଣାରେ ପଡ଼ିଥିଲେ। ଏନ୍‌ଜିଟିରେ ୪।୧।୨୦୧୯ରେ ୬୦୪/୨୦୧୮ ନମ୍ବରରେ ହୋଇଥିବା ମାମଲାର ଶୁଣାଣି କରି ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ଏସ.ପି. ୱାଙ୍ଗଡି, ଜଷ୍ଟିସ ରାମକ୍ରିଷ୍ଣନ ଓ ଡ. ନାଗିନ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଡଙ୍କାରୀରେ ବେଆଇନ ଉତ୍ତୋଳନ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କୁ ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ଭାବେ ୨୫କୋଟି ଟଙ୍କା ଜମା କରିବାକୁ ଏନଜିଟି ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଏହି ଅର୍ଥ ପରିବେଶ ସୁରକ୍ଷା, ଲଘୁ ଖଣିଜ ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ହିତରେ ଖର୍ଚ୍ଚ ହେବ ବୋଲି ରାୟରେ ଦର୍ଶାଯାଇଥିଲା।

## ଇକୋ ଭିଲେଜ ମୁଦୁଲିଗାଡ଼ିଆ

ନୟାଗଡ଼ ଜିଲା ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଅନ୍ତର୍ଗତ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର ମୁଦୁଲିଗାଡ଼ିଆ ଗ୍ରାମକୁ ନଭେମ୍ବର ୩ତାରିଖରେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଇକୋ ଭିଲେଜ ଭାବେ ଘୋଷଣା କରାଯାଇଥିଲା। ଏଥିଲାଗି ଗ୍ରାମର ପ୍ରତ୍ୟେକ ଘରକୁ ରଙ୍ଗ କରାଯିବା ସହ ଝୋଟି ଚିତାରେ ସଜାଯାଇଥିଲା।



## ଗଡ଼ିଲା 'ସେବା' ଏକ୍ସପ୍ରେସ୍

୧୫ ଅକ୍ଟୋବରରେ ନୟାଗଡ଼ରୁ ଭୁବନେଶ୍ୱର ଯିବା ପାଇଁ ସେବା ନାମକ ଏକ ଏକ୍ସପ୍ରେସ୍ ଟ୍ରେନ୍ ଗଡ଼ିଥିଲା। ରେଳମନ୍ତ୍ରୀ ପୀୟୂଷ ଗୋଏଲ ଦିଲ୍ଲୀରୁ ଭିଡିଓ କନଫରେନ୍ସିଂରେ ଏହାକୁ ଉଦ୍‌ଘାଟନ କରିଥିଲେ। ଦୀର୍ଘବର୍ଷର ଦାବି ପୂରଣ ହୋଇଥିବାରୁ ଜିଲାବାସୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଥିଲା। ଉକ୍ତ ଟ୍ରେନ୍ ପ୍ରତିଦିନ ସକାଳ ୬ଟା ୩୦ରେ ନୟାଗଡ଼ରୁ ଛାଡ଼ି ୯ଟାରେ ଭୁବନେଶ୍ୱରରେ ପହଞ୍ଚୁଛି। ପୁଣି ସନ୍ଧ୍ୟା ୬ଟା ୪୦ରେ ଭୁବନେଶ୍ୱରରୁ ଛାଡ଼ି ରାତି ୮ଟା ୪୫ରେ ନୟାଗଡ଼ରେ ପହଞ୍ଚୁଛି।




## ଦେବଦୂତ ସବିତା ଓ ପୂର୍ଣ୍ଣିମା

ମହାକାଳପଡ଼ା ବ୍ଲକ ନିପାଣିଆ ବାଲିଘାଟ ନିକଟରେ ଡଙ୍ଗା ବୁଡ଼ି ବେଳେ ନଦୀ ଭିତରେ ଲୋକଙ୍କ ଆର୍ତ୍ତଚିତ୍କାର ଶୁଣି ଲୋକମାନଙ୍କୁ ଉଦ୍ଧାର କରିବାକୁ ନଦୀ ଭିତରକୁ ଡେଇଁ ପଡ଼ିଥିଲେ ଦୁଇ ଭଉଣୀ। ନଦୀଠାରୁ ମାତ୍ର ୫୦ମିଟର ଦୂରରେ ବସବାସ କରୁଥିବା ଉତ୍ତମ ଗିରିଙ୍କ ଝିଅ ପୂର୍ଣ୍ଣିମା ଓ ବୁଦ୍ଧଦେବ ଗିରିଙ୍କ ଝିଅ ସବିତା ନଦୀ ମଧ୍ୟରୁ ପ୍ରାୟ ୧୨ରୁ ୧୫ ଯାତ୍ରୀଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ। ଖୋଳାନଦୀରେ କୁମ୍ଭୀର ଭୟ ଥିବା ବଳେ ସବିତା ଓ ପୂର୍ଣ୍ଣିମା ଏହାକୁ ଖାତିର ନ କରି ନଦୀରେ ପଶି ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ସବିତା ଓ ପୂର୍ଣ୍ଣିମାଙ୍କ ଉଦ୍ୟମକୁ ଜିଲା ପ୍ରଶାସନ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିବା ସହିତ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିପାଇଁ ସବିତା ଓ ପୂର୍ଣ୍ଣିମାଙ୍କୁ ଜାତୀୟ ସାହସିକତା ପୁରସ୍କାର ଦିଆଯିବାକୁ ନିଷ୍ପତ୍ତି ହୋଇଛି।

## ଚିନ୍ତାବଢାଇଥିଲା ବାତ୍ୟା ଫନୀ, ବୁଲ୍‌ବୁଲ୍

ଫନୀ ଓ ବୁଲ୍‌ବୁଲ୍ ଭଳି ବାତ୍ୟା କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାବାସୀଙ୍କୁ ବିଶେଷଭାବେ ପ୍ରଭାବିତ କରିଥିଲା। ମେ' ୩ରେ ହୋଇଥିବା ଫନୀ ପ୍ରଭାବରେ ପ୍ରଭୁତ କ୍ଷତି ଘଟିଥିଲା। ଶତାଧିକ ହେକ୍ଟର ଫସଲ ନଷ୍ଟ ହେବା ସହ ଚାଳି, ଝାଟିମାଟି ଘର ଓ ବହୁ ସଂଖ୍ୟାରେ ଗଛ ଭାଙ୍ଗିଥିଲା। ବିଦ୍ୟୁତ୍ ସେବା ପାଇବାକୁ ଜିଲାବାସୀଙ୍କୁ ପାଖାପାଖି ୧ ମାସ ସମୟ ଲାଗିଥିଲା। 'ଫନୀ'ବାତ୍ୟା ସମୟରେ ଜଗତ୍‌ସିଂହପୁର ଜିଲାର ୧ଲକ୍ଷ ୧୭ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଏହି ବାତ୍ୟା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ନଭେମ୍ବରରେ ବାତ୍ୟା ବୁଲ୍‌ବୁଲ୍ ଲୋକଙ୍କ ଚିନ୍ତା ବଢାଇଥିଲା। ଏହା ପ୍ରଭାବରେ ପନିପରିବା, ଧାନ ଫସଲ ଓ ଗଛଲତା କ୍ଷତିଗ୍ରସ୍ତ ହୋଇଥିଲେ ସୁଦ୍ଧା ସେଭଳି କିଛି ଅଘଟଣ ଘଟି ନ ଥିଲା। କ୍ଷୟକ୍ଷତିର ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଥିଲେ। ସେହିପରି ବୁଲ୍‌ବୁଲ୍ ସମୟରେ ଜଗତ୍‌ସିଂହପୁର ଜିଲାର ୫୮ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ୬୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ହୋଇଥିବା ଆକଳନ କରାଯାଇଛି।



## ପରଲୋକରେ ଦୁଇ ବରିଷ୍ଠ ନେତା



୨୦୧୯ ସାଧାରଣ ନିର୍ବାଚନୀ ପ୍ରକ୍ରିୟା ଚାଲିଥିବାବେଳେ ବରିଷ୍ଠ ବିଜେଡି ନେତା ତଥା ପାଟକୁରା ବିଜେଡିବିଧାୟକ ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ଏପ୍ରିଲ ୨୦ରେ ପରଲୋକ ଘଟିଥିଲା। ସେହିପରି ଡିସେମ୍ବର ୮ରେ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ଦେହାନ୍ତ ହୋଇଯାଇଛି। ଏହି ଦୁଇ ବରିଷ୍ଠ ନେତାଙ୍କ ବିୟୋଗ ଜିଲା ରାଜନୀତି ପାଇଁ ଅପୂରଣୀୟ କ୍ଷତି ଘଟାଇଛି।

## ଜିଲାରେ ପ୍ରଥମ ଫାଶୀ ଦଣ୍ଡାଦେଶ

୨୦୧୮ରେ ଏରସମା ଥାନା ଗଡ଼ହରିଶପୁରରେ ଜଣେ ନାବାଳିକାଙ୍କୁ ଏହି ଗାଁର କାଳିଆ ଓରଫ ଲବ ମାନା(୨୬) ବଳାତ୍କାର ପରେ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ମାର୍ଚ୍ଚ ୧୦ରେ ପ୍ରକାଶ ପାଇଥିଲା। ଜଗତ୍‌ସିଂହପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ମୁନରାଣୀ ମିଶ୍ର ଅଭିଯୁକ୍ତ ଲବଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ଜିଲାର ଏହା ଥିଲା ପ୍ରଥମ ତଥା ଚଳିତବର୍ଷର ପ୍ରମୁଖ ଖବର ଥିଲା।

## ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ

ଜାନୁୟାରୀ ୧୭ ତାରିଖରେ ଓଡ଼ଗାଁ ଥାନା ଅଞ୍ଚଳରେ ଜଣେ ମାନସିକ ବିକୃତ ଯୁବକଙ୍କ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଥାନା ଅଧିକାରୀଙ୍କ ସମେତ ଅନ୍ୟ ୨ ସାଧାରଣ ଲୋକ ଗୁରୁତର ହୋଇଥିଲେ। ୧୬ ତାରିଖ ରାତି ୩ଟାରୁ ୧୭ ତାରିଖ ଭୋର ମଧ୍ୟରେ ସାକେରୀ ପଞ୍ଚାୟତ କୁଶଡିପି ଗ୍ରାମର ମାନସିକ ବିକୃତ ଯୁବକ ନିରଞ୍ଜନ ମଲ୍ଲିକଙ୍କ ଠେଙ୍ଗା ଓ ପଥର ମାଡ଼ ଯୋଗୁ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ ରାଜ୍ୟ ରାଜପଥ ଅବରୋଧ କରିଥିଲେ।

## ପ୍ରେମିକ ହିଁ ଥିଲେ ନୀହାରିକା ହତ୍ୟାକାରୀ

ବହୁ ଚର୍ଚ୍ଚିତ ନର୍ସ ନିହାରିକା ପାତ୍ର ହତ୍ୟା ମାମଲା ପ୍ରମୁଖ ଘଟଣା ଥିଲା। ନୀହାରିକାଙ୍କୁ ଆଉ କେହି ନୁହେଁ, ବିରିଡ଼ି ଥାନା ହଜିପୁରର ତାଙ୍କ ପ୍ରେମିକ କିଶୋର ଚନ୍ଦ୍ର ଆଞ୍ଚଳ ଓରଫ ରାଜା ହିଁ ହତ୍ୟା କରିଥିଲେ। ନିହାରିକାଙ୍କୁ ତଣ୍ଟିଚିପି ହତ୍ୟା ପରେ ମୃତଦେହ ଅଖାରେ ଭର୍ତ୍ତିକରି ବାଇକ୍‌ରେ ନେଇ ନିଜ ଗାଁ ନିକଟ ବିଲୁଆଖାଇ ନଦୀରେ ଫିଙ୍ଗି ଦେଇଥିଲେ।

## ବୋଟ୍ ଆମ୍ବୁଲାନ୍ସ ସେବା ଆରମ୍ଭ

ଚର୍ଚ୍ଚିତ ବର୍ଷ ଭିତରକନିକା ଜାତୀୟ ଉଦ୍ୟାନ ଅଞ୍ଚଳରେ ରହୁଥିବା ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟସେବା ସମସ୍ୟାର ଆଂଶିକ ସମାଧାନ ହୋଇଛି। ମାର୍ଚ୍ଚ ୫ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ବୋଟ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି। ଏହି ଅଞ୍ଚଳର ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ତୁରନ୍ତ ସ୍ୱାସ୍ଥ୍ୟସେବା ପାଇଁ ନଦୀ ପଥ ବାଧକ ଥିଲା। ବୋଟ ଆମ୍ବୁଲାନ୍ସ ଯୋଗାଇ ଦିଆଯିବା ପରେ ରୋଗୀଙ୍କ ଯାତାୟାତରେ ସୁବିଧା ହୋଇଛି।



## ନିପାଣିଆ ଡଙ୍ଗା ବୁଡ଼ିରେ ଗଲା ୧୦ ଜୀବନ

୨୦୧୯ ବର୍ଷ ଆରମ୍ଭର ଗୋଟିଏ ଦିନ ପରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଘଟିଥିଲା ଏକ ଦୁଃଖଦ ଘଟଣା। ଜାନୁୟାରୀ ୨ରେ ମହାକାଳପଡା ବ୍ଲକ ନିପାଣିଆଠାରେ ଡଙ୍ଗା ବୁଡି ୧୦ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ଭିତରେ ୮ଶିଶୁ ଓ ୨ ଜଣ ମହିଳା ଥିଲେ। କୁଜଙ୍ଗ ବ୍ଲକ ହସିଣା ଗ୍ରାମର ୪୫ ପରିବାରର ପ୍ରାୟ ୫୫ଜଣ ମା' ମଙ୍ଗଳା ନାମକ ଏକ ଡଙ୍ଗାରେ ମହାକାଳପଡ଼ାର ହୁକିଟୋଲାକୁ ବଣଭୋଜି କରିବାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଖୋଳାନଦୀର ମହାକାଳପଡ଼ା ବ୍ଲକ ଅଧୀନ ବଡିଘର ପଞ୍ଚାୟତ ନିପାଣିଆ ବାଲିଘାଟଠାରେ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।





“ ବାହାରକୁ ଗଲାବେଳେ ମୋତେ ପ୍ରସ୍ତୁତ ହେବାଲାଗି ମାତ୍ର ୫ ମିନିଟ୍ ଲାଗିଥାଏ। ହେଲେ ଶାହରୁଖ୍‌ଙ୍କୁ ଏଥିଲାଗି ୫ ଘଣ୍ଟା ସମୟ ଲାଗିଥାଏ।

-ଗୌରୀ ଖାନ୍,
ଫିଲ୍ମ ପ୍ରଯୋଜିକା

# କୁକୁର ଖୋଜିବାକୁ ବିମାନ ଟିକେଟ୍ ବୁକିଂ



**ୱାଶିଂଟନ୍:** ମଣିଷ ଏବଂ ପଶୁପକ୍ଷୀଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ନିବିଡ଼। ଏହାର ଅନେକ ଉଦାହରଣ ମଧ୍ୟ ରହିଛି। ସେଥିମଧ୍ୟରୁ ଏକ ଉଦାହରଣ ଆମେରିକାରେ ଦେଖିବାକୁ ମିଳିଛି। ଏଠାକାର ଜଣେ ମହିଳା ଚୋରି ହୋଇଯାଇଥିବା ନିଜର ପୋଷା କୁକୁରକୁ ଖୋଜିବା ପାଇଁ ବିମାନରେ ଟିକେଟ୍ ବୁକ୍ କରିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ କୁକୁରର କୌଣସି ସନ୍ଧାନ ପାଇପାରିନାହାଁନ୍ତି। ତଥାପି ଖୋଜିବା ଜାରି ରଖିଛନ୍ତି ସେ। ଖାଲି ଏତିକି ନୁହେଁ, କୁକୁରକୁ କେହି ଖୋଜି ଆଣିଦେଲେ ପୁରସ୍କାର ଦେବେ ବୋଲି ଘୋଷଣା ମଧ୍ୟ ସେ କରିସାରିଛନ୍ତି।

ଏମିଲି ଟେଲେର୍ମୋ ନାମକ ଜଣେ ମହିଳାଙ୍କର ପୋଷା କୁକୁରକୁ କେହି ଚୋରିକରି ନେଇଯାଇଛି। ଏହାକୁ ଖୋଜିବା ପାଇଁ ସେ ସବୁକିଛି କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି। କାରଣ ସେ ତାଙ୍କ କୁକୁରକୁ ନିଜ ଜୀବନଠାରୁ ମଧ୍ୟ ଅଧିକ ଭଲପାଆନ୍ତି। ଏମିଲିଙ୍କ ଅଷ୍ଟ୍ରେଲିଆନ୍ ଶେଫର୍ଡ ଜ୍ୟାକ୍‌ସନ୍ ୧୫ ଡିସେମ୍ବରରେ ଚୋରି ହୋଇଯାଇଛି। ସେ କହିଛନ୍ତି, ଯଦି କେହି ଖୋଜିଆଣି ଦେବ ତେବେ ତାଙ୍କୁ ୭ ହଜାର ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୪.୯୭ ଲକ୍ଷ ଟଙ୍କା ପୁରସ୍କାର ମିଳିବ। କୁକୁରକୁ ଖୋଜିବା ପାଇଁ ଏକ ବିମାନରେ ୮୫ ହଜାର ଟଙ୍କାର ସେ ଟିକେଟ୍ ବୁକ୍ କରିଛନ୍ତି। ବିମାନରୁ ସେ ଫ୍ରାନ୍‌ସିସ୍କୋ ଏବଂ ଓକ୍‌ଲ୍ୟାଣ୍ଡର ପ୍ରତି ଗଳିକନ୍ଦି ନଜର କରିବେ। ବିମାନରେ କୁକୁରଙ୍କୁ ଖୋଜିବା ପାଇଁ ଏକ ବ୍ୟାନର ବି ସେ ଲଗାଇଛନ୍ତି। ଯେଉଁଥିରେ ୱେବ୍‌ସାଇଟ୍ ସୂଚନା ଦେବାକୁ କୁହାଯାଇଛି। ଏମିଲି କହିଛନ୍ତି, ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି ଜଣେ ବ୍ୟକ୍ତି କୁକୁର ନିକଟକୁ ଯାଉଛନ୍ତି। ବ୍ୟକ୍ତିଜଣକ ମୁଖା ପିନ୍ଧିଥିବାରୁ ଚିହ୍ନି ହେଉନାହାନ୍ତି। ଏମିଲି ତାଙ୍କର କୁକୁର ଖୋଜିବା ପାଇଁ ସବୁଆଡୁ ପ୍ରୟାସ ଜାରି ରଖିଥିଲେ ହେଁ ଏ ପର୍ଯ୍ୟନ୍ତ କୌଣସି ସନ୍ଧାନ ପାଇପାରିନାହାଁନ୍ତି।

# ପାହାଡ଼ ଉପରେ ଝୁଲି ରହିଛି ୫୦୦ ବର୍ଷର ଗାଁ



**ମସ୍କଟ୍:** ଜନବସତି ସାଧାରଣତଃ ସ୍ଥଳଭାଗରେ ଗଢ଼ି ଉଠିଥାଏ। ମାତ୍ର ପାହାଡ଼ ଉପରେ ଝୁଲି ରହିଥିବା ଗାଁ କଥା ଶୁଣିଲେ ଟିକେ ଆଶ୍ଚର୍ଯ୍ୟ ଲାଗେ। ତଥାପି ଏକ ପାହାଡ଼କୁ ଦେଖିଲେ ଏହାକୁ ସତ ବୋଲି ମାନିବାକୁ ହେବ। ଏହିପରି ଏକ ଗାଁ ଝୁଲି ରହିଛି ଓମାନ୍‌ରେ ଥିବା ପାହାଡ଼ ଉପରେ। ପ୍ରାୟ ୫୦୦ ବର୍ଷ ତଳୁ ଏହି ଗାଁଟି ଏଠାରେ ଗଢ଼ି ଉଠିଛି। ୪୫ରୁ ଊର୍ଦ୍ଧ୍ୱ ଜନଜାତି ପରିବାର ଏଠାରେ ବସବାସ କରୁଛନ୍ତି। ମସ୍କଟରୁ ୧୯୫ କିଲୋମିଟର ଦୂର ଦକ୍ଷିଣ ପଶ୍ଚିମରେ ଚୂନ ପଥରର ଏକ ଉଚ୍ଚ ପାହାଡ଼ ରହିଛି। ୨୯୮୦ ମିଟର ଉଚ୍ଚତା ବିଶିଷ୍ଟ ଏହି ପାହାଡ଼ ଜବାଲ୍-ଅଲ୍-ଅଖ୍‌ଦାର ନାମରେ ଜଣାଶୁଣା। ପାଦଦେଶରୁ ପାହାଡ଼ ଉପର ଗାଁକୁ ଯିବା ପାଇଁ ହେଲେ ପ୍ରାୟ ୨୦ ମିନିଟ୍ ସମୟ ଲାଗେ। ୨୦୦୫ ମସିହାରେ କିଛି ଗ୍ରାମବାସୀ ପଥର କାଟି ଏଠାରେ ରାସ୍ତା ତିଆରି କରିଛନ୍ତି। ଏହି ରାସ୍ତାଦେଇ ଲୋକେ ଏବେ ଯିବା ଆସିବା କରୁଛନ୍ତି। ଗ୍ରାମବାସୀଙ୍କ ବ୍ୟତୀତ ପୂର୍ବରୁ ଏଠାକୁ ଯିବା ପାଇଁ ବିଦେଶୀମାନଙ୍କୁ ବାରଣ କରାଯାଉଥିଲା। ମାତ୍ର ବର୍ତ୍ତମାନ କୌଣସି କଟକଣା ନାହିଁ। ଲୋକେ ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ସ୍ୱଚ୍ଛନ୍ଦରେ ଯିବାଆସିବା କରୁଛନ୍ତି।

# ପ୍ରି ୱେଡିଂ ଫଟୋ ଶୁଟ୍‌ରେ ସିଏଏ-ଏନ୍‌ଆର୍‌ସିକୁ ନା




**ଥିରୁଭାନନ୍ତପୁରମ:** ସାରା ଦେଶରେ ଏବେ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଓ ଜାତୀୟ ନାଗରିକତା ପଞ୍ଜୀକା (ଏନ୍‌ଆର୍‌ସି)କୁ ନେଇ ବିରୋଧ ପ୍ରଦର୍ଶନ କରାଯାଉଥିବା ବେଳେ ଏବେ ଏମିତି ଏକ ଚିତ୍ର ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। କେରଳର ଥିରୁଭାନନ୍ତପୁରମରେ ଏମିତି ଏକ ପ୍ରି ୱେଡିଂ ଫଟୋ ଶୁଟ୍ କରି ସିଏଏ ଓ ଏନ୍‌ଆର୍‌ସିକୁ ବିରୋଧ କରାଯାଇଥିବା ଦେଖାଯାଇଛି। ଜି. ଏଲ୍. ଅରୁଣ ଗୋପି ଓ ଆଶା ଶେଖର୍ ନାମକ ଏହି ଦମ୍ପତି ଆସନ୍ତା ଜାନୁୟାରୀ ୩୧, ୨୦୨୦ରେ ବିବାହ କରିବାକୁ ଯାଉଛନ୍ତି। ଏଥିପାଇଁ ସେ ଯେଉଁ ଫଟୋ ଶେୟାର କରିଛନ୍ତି ସେଥିରେ ‘ସେଭ୍ ଦ ଡେଟ୍’ ଲେଖିବା ସହ ‘ନୋ ସିଏଏ’ ଓ ନୋ ‘ଏନ୍‌ଆର୍‌ସି’ ଲେଖି ପ୍ଲାକାର୍ଡ ଧରିଥିବା ଦେଖିବାକୁ ମିଳିଛି। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଫାଷ୍ଟଲୁକ୍ ଫଟୋଗ୍ରାଫି ଦ୍ୱାରା ପ୍ରଥମେ ଏହା ଫେସ୍‌ବୁକ୍‌ରେ ଶେୟାର୍ କରାଯିବା ପରେ ଏବେ ଏହା ଭାଇରାଲ୍ ହୋଇଛି। ଅରୁଣ ଜଣେ ସରକାରୀ କର୍ମଚାରୀ ଭାବେ କାମ କରୁଥିବା ବେଳେ ଆଶା ପୂର୍ବରୁ ସାମ୍ବାଦିକତା କରୁଥିଲେ। କିନ୍ତୁ ଏବେ ଦୁହେଁ ସିଭିଲ୍ ସର୍ଭିସ୍ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏମାନଙ୍କ ଫଟୋ ଭାଇରାଲ୍ ହେବା ପରେ କେହି କେହି ଏହାକୁ ପସନ୍ଦ କରୁଥିବା ବେଳେ ଆଉ କେହି ଏହାକୁ ବିରୋଧ ମଧ୍ୟ କରୁଛନ୍ତି।




**ମୁମ୍ବାଇ:** ବି-ଟାଉନ୍ ତାରକାଙ୍କୁ ଆଜିକାଲି ନିଜ ଫ୍ୟାନ୍‌ମାନଙ୍କ ସହ ଯୋଡ଼ି ହୋଇ ରହିବାରେ ବିଶେଷ ଅସୁବିଧା ହେଉନାହିଁ। ସେମାନଙ୍କୁ ଗଣମାଧ୍ୟମ ଏବଂ କନସର୍ଟ ତଥା କୌଣସି ଇଭେଣ୍ଟକୁ ଅପେକ୍ଷା କରିବାକୁ ମଧ୍ୟ ପଡୁନାହିଁ। ସୋସିଆଲ୍ ମିଡିଆରେ ପ୍ରତିଦିନ ତାରକାମାନେ ଫ୍ୟାନ୍‌ମାନଙ୍କୁ ନିଜ ଅପ୍‌ଡେଟ୍ ଦେଇ ଡିଜିଟାଲ ଯୋଗାଯୋଗ କରିପାରୁଛନ୍ତି। ତେବେ ଏଥିରୁ ବାଦ୍ ଯାଇନାହାନ୍ତି ବଲିଉଡ୍ ହଟ୍ ଆକ୍ଟ୍ରେସ୍ ଜରୀନ୍ ଖାନ୍। ନିୟମିତ ଅନ୍ତରାଳରେ ସେ ସୋସିଆଲ୍ ମିଡିଆରେ ନିଜ ଅପ୍‌ଡେଟ୍ସ ଦେଇ ଫ୍ୟାନ୍‌ମାନଙ୍କୁ ଖୁସି କରିଥାନ୍ତି। ତେବେ ନିକଟରେ ସେ ନିଜର ଲାଟେଷ୍ଟ ଫଟୋଶୁଟ୍ କରାଇଛନ୍ତି, ଯାହାର ଫଟୋଗୁଡ଼ିକୁ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଶେୟାର ମଧ୍ୟ କରିଛନ୍ତି। ଜରୀନ୍‌ଙ୍କ ଏହି ଫଟୋ ସବୁ ସୋସିଆଲ୍ ମିଡିଆରେ ଏବେ ଚର୍ଚ୍ଚାରେ ରହିଛି। ସେ ଏତେ ସୁନ୍ଦର ଦେଖାଯାଉଛନ୍ତି ଯେ, ଫ୍ୟାନ୍‌ମାନଙ୍କ ନିଦ ହଜିଯାଇଛି। ଜରୀନ୍‌ଙ୍କ ଏହି ଫଟୋଗୁଡ଼ିକୁ ହଜାର ହଜାର ଲାଇକ୍, କମେଣ୍ଟ ସହ ଲକ୍ଷାଧିକ ଭ୍ୟୁ ମିଳିଚାଲିଛି, ଯେଉଁଥିରେ ସେ ଫ୍ୟାନ୍‌ମାନଙ୍କୁ ରିପ୍ଲାଇ ସହ ଇମୋଜି ରିଆକ୍ସନ ମଧ୍ୟ ଦେଉଛନ୍ତି। ଫଟୋରେ ଜରୀନ୍‌ଙ୍କୁ ଏକ ଇଣ୍ଡୋ-ୱେଷ୍ଟର୍ନ ଆଉଟ୍-ଫିଟ୍‌ରେ ଦେଖିବାକୁ ମିଳିଛି। କିଛିଦିନ ପୂର୍ବରୁ ମଧ୍ୟ ସେ ଏକ ଭିଡିଓ ଶେୟାର କରି ଫ୍ୟାନ୍‌ମାନଙ୍କ ଧ୍ୟାନଆକର୍ଷଣ କରିଥିଲେ। ଭିଡିଓରେ ଜରୀନ୍ ବୁଲେଟ୍ ଚଲାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ସେ ଏବେ ପଞ୍ଜାବୀ ଫିଲ୍ମ କରୁଥିବା ଏବଂ ଖୁବ୍‌ଶୀଘ୍ର ସାଉଥ୍ ଫିଲ୍ମରେ ମଧ୍ୟ ନଜରକୁ ଆସିବେ ବୋଲି ଶୁଣିବାକୁ ମିଳିଛି।

# ସୋସିଆଲ୍ ମିଡିଆରେ ଜରୀନ୍‌ଙ୍କ ଜଲ୍‌ୱା




# ହିରୋ ହେଲା ଭଳି ଚେହେରା ନ ଥିଲା: ଭିକି

**ମୁମ୍ବାଇ:** ୨୦୧୯ ବଲିଉଡ୍ ଆକ୍ଟର ଭିକି କୌଶଳଙ୍କ କ୍ୟାରିୟରକୁ ଶୀର୍ଷରେ ପହଞ୍ଚାଇଦେଇଛି। ଫିଲ୍ମ ‘ଉରି: ଦି ସର୍ଜିକାଲ ଷ୍ଟ୍ରାଇକ୍’ ବର୍ଷ ଆରମ୍ଭରୁ ତାଙ୍କ ପାଇଁ ସଫଳତା ଆଣିଦେଇଥିଲା। ଏହି ଫିଲ୍ମ ପାଇଁ ସେ ‘ବେଷ୍ଟ ଆକ୍ଟର’ ଭାବେ ନ୍ୟାଶନାଲ ଆୱାର୍ଡ ହାସଲ କରିଥିଲେ। ଏବେ ଭିକିଙ୍କ ହାତରେ ‘ଉଧମ୍ ସିଂହ’ ଏବଂ କରଣ ଜୋହରଙ୍କ ‘ତଖ୍‌ତ’ ଭଳି ଦୁଇଟି ବଡ଼ ଫିଲ୍ମ ରହିଛି। ଏହାଛଡ଼ା ସେ ମେଘନା ଗୁଲ୍‌ଜାରଙ୍କ ଫିଲ୍ମ ଫିଲ୍ଡ ମାର୍ଶାଲ ସାମ୍ ମାନିକ୍‌ଶାଙ୍କ ବାୟୋପିକ୍‌ରେ ମଧ୍ୟ ଲିଡ୍ ରୋଲ୍‌ରେ ନଜରକୁ ଆସିବେ। ତେବେ ନିକଟରେ ଏକ ଜାତୀୟ ଗଣମାଧ୍ୟମକୁ ନିଜ ସଫଳ କ୍ୟାରିୟର୍ ନେଇ ସାକ୍ଷାତ୍‌କାର ଦେବା ସମୟରେ ଭିକି କହିଥିଲେ, ଅଭିନୟ ଆରମ୍ଭ କରିବା ସମୟରେ ହିରୋ ହେବା ଭଳି ତାଙ୍କ ଚେହେରା ନୁହେଁ ବୋଲି ସେ ଭାବୁଥିଲେ। ଗତ କିଛି ବର୍ଷ ମଧ୍ୟରେ ‘ହିରୋ’ଙ୍କ ଚେହେରା ନେଇ ତଥାକଥିତ ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି, ଯେଉଁ କାରଣରୁ ସାମାନ୍ୟ ଚେହେରା ଥିବା କଳାକାରମାନ ମଧ୍ୟ ଫିଲ୍ମରେ ‘ହିରୋ’ ହୋଇପାରୁଛନ୍ତି। ଆଉ ଏହା ଏକ ଖୁସିର ବିଷୟ ବୋଲି ସେ କହିଛନ୍ତି।

ଭିକି ପୁଣି କହିଛନ୍ତି, କଲେଜ ସମୟରେ ହିଁ ସେ ଇଞ୍ଜିନିୟର ହେବେ ନାହିଁ ବୋଲି ନିଷ୍ପତ୍ତି ନେଇଯାଇଥିଲେ। ତେବେ ହିରୋ ହେବାକୁ ଚକ୍‌ଲେଟି ଚେହେରା ଦରକାର, ଯାହା ତାଙ୍କ ପାଖରେ ନାହିଁ। ଏହାସହ ସେ ବହୁତ ପତଳା ହୋଇଥିବାରୁ ଜୀବନରେ କେବେ ହିରୋ ହୋଇପାରିବେ ନାହିଁ ବୋଲି ସେ ଚିନ୍ତା କରୁଥିଲେ। ଆଜି କୋଟି କୋଟି ଦର୍ଶକଙ୍କ ପାଇଁ ପ୍ରଥମ ପସନ୍ଦର ହିରୋ ହେଉଛନ୍ତି ଭିକି କୌଶଳ।

# ଖାଦ୍ୟରେ ସାମିଲ୍ କରନ୍ତୁ ପଞ୍ଚରତ୍ନ ଡାଲି

ସବୁ ଡାଲିରେ ନିଜର ଏକ ସ୍ୱତନ୍ତ୍ର ଗୁଣ ରହିଥାଏ। ହେଲେ ସବୁ ଡାଲିକୁ ମିଶାଇ ପ୍ରସ୍ତୁତ ହେଉଥିବା ପଞ୍ଚରତ୍ନ ଡାଲି(ମିକ୍ସଡ୍ ଡାଲି)ର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଏହା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରି ଶରୀରକୁ ସୁସ୍ଥ ରଖିଥାଏ। ଏହି ଡାଲିରେ ଏମିତି କେତେକ ଗୁଣ ରହିଛି, ତାହା ଜାଣିଲେ ଆପଣ ନିଶ୍ଚୟ ଏହାକୁ ଖାଦ୍ୟରେ ସାମିଲ୍ କରିବେ। ଯଦି ଏକ ପ୍ରକାର ଡାଲି ସବୁବେଳେ ଖାଇବାକୁ ଭଲ ଲାଗୁନି, ତେବେ ସପ୍ତାହରେ ୨ ଦିନ ଏହି ମିକ୍ସଡାଲିକୁ ବନାଇ ଖାଇପାରିବେ। ଏଥିରେ ଭରପୂର୍ ମାତ୍ରାରେ କ୍ୟାଲ୍‌ସିୟମ୍, ଫସ୍‌ଫରସ୍, ଆୟରନ୍, ପ୍ରୋଟିନ୍, ମ୍ୟାଗ୍ନେସିୟମ୍ ସହ ଅନ୍ୟ ଖଣିଜ ଲବଣ ପାଇପାରିବେ। ପଞ୍ଚରତ୍ନ ଡାଲି ଖାଇବାର ସବୁଠୁ ବଡ଼ ଲାଭ ହେଲା ସବୁ ଡାଲିରେ ଥିବା ପୋଷକ ତତ୍ତ୍ୱ ପାଇପାରିବେ। ଏହା ଖାଇବା ଦ୍ୱାରା ପାଚନ ସମ୍ବନ୍ଧୀୟ ସମସ୍ୟାରୁ ରାକ୍ଷା ପାଇପାରିବେ। ଏହା ସହ ଶରୀର ଅସୁସ୍ଥ ସମୟରେ ଦୁର୍ବଳତା ଦୂର କରି ଶକ୍ତି ଯୋଗାଇବାର କାମ କରିଥାଏ। ସେହିପରି ରକ୍ତ ଜନିତ ସମସ୍ୟାଗୁଡ଼ିକୁ ମଧ୍ୟ ଦୂର କରି ତ୍ୱଚାକୁ ସଫା ରଖିଥାଏ। ଏଥିରେ ମସୁର ଡାଲି ରହିଥିବାରୁ ତାହା ସୌନ୍ଦର୍ଯ୍ୟ ବଢ଼ାଇବାରେ ସାହାଯ୍ୟ କରିଥାଏ। ପାଞ୍ଚ ପ୍ରକାର ଡାଲି ମିଶିଥିବାରୁ ଏହାକୁ ସପ୍ତାହରେ ୨ ଦିନ ଖାଦ୍ୟରେ ସାମିଲ୍ କରିବା ଦ୍ୱାରା ମଧୁମେହ-୨ ଏବଂ ହୃଦ୍‌ରୋଗ, ଏନିମିଆ, କଫ ଓ ପିତ୍ତ ସମସ୍ୟା, କବ୍ଜ ଆଦି ରୋଗରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଫାଇବର୍‌ର ମାତ୍ରା ଭରପୂର ଯୋଗୁ ଶରୀରରେ କୋଲେଷ୍ଟେରୋଲ୍‌ର ମାତ୍ରାକୁ ମଧ୍ୟ କମ୍ ରଖିଥାଏ।

ପୋଷଣରେ ଭରପୂର





ଯେକୌଣସି ଦେଶର ସଂସ୍କୃତି ତାର ସାଧାରଣ ଜନତାଙ୍କ ହୃଦୟ ଓ ଆତ୍ମାରେ ବାସ କରିଥାଏ ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅଣଶିକ୍ଷକ ପଦବୀ ପୂରଣ ଦାବି

**ସମ୍ବଲପୁର,୨୨।୧୨(ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସ୍ଥାୟୀ ଅଣଶିକ୍ଷକ ପଦବି ଦୀର୍ଘ ଦିନ ହେବ ଖାଲି ପଡିଛି। ଏଥିପାଇଁ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ଦୀର୍ଘ ଦିନ ହେବ ଦାବି କରି ଆସୁଛି। ଅପରପକ୍ଷେ ୧୯ ତାରିଖରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚିଠି ମାଧ୍ୟମରେ ସମସ୍ତ ପଦବୀକୁ ବିଶ୍ୱବିଦ୍ୟାଳୟ ଜରିଆରେ କରାଯିବ ବୋଲି ଜଣାପଡିଛି । ବିଶ୍ୱବିଦ୍ୟାଳୟ ମାଧ୍ୟମରେ ନିଯୁକ୍ତି କରାଗଲେ ସ୍ଥାନୀୟ ଶିକ୍ଷିତ ଯୁବପିଢ଼ି ସୁଯୋଗ ପାଇବେ ବୋଲି ସଂଘ ତରଫରୁ ଦାବୀପତ୍ରରେ ଉଲ୍ଲେଖ ରହିଛି। ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ୪୧ ଜଣ ଠିକାଭିତ୍ତିକ କର୍ମଚାରୀଙ୍କୁ ଖାଲି ରହିଥିବା ଜୁନିୟର ଆସିଷ୍ଟାଣ୍ଟ ପଦରେ ଅବସ୍ଥାପିତ କରାଯିବାକୁ ମଧ ଦାବି ହୋଇଛି। କର୍ମଚାରୀ ସଂଘର ଉପସଭାପତି ବିଶ୍ୱନାଥ ଧର, ସୁରେନ୍ଦ୍ର ବାରିକ, ମହେନ୍ଦ୍ର ମିଶ୍ର, ସତ୍ୟନାରାୟଣ କର, ଦିଲୀପ ବଡପଣ୍ଡା, ପ୍ରଫୁଲ୍ଲ ମିଶ୍ର, ସରୋଜ ମିଶ୍ର, ହରିଶଙ୍କର ପଣ୍ଡା, ଶଙ୍କର୍ଷଣ ପୁରୋହିତ, ସନ୍ତୋଷ ମିଶ୍ର, ଅଶୋକ ମିଶ୍ର, ଅଶୋକ ପାଣିଗ୍ରାହୀ, ବ୍ରଜବିହାରୀ ପଣ୍ଡା, ସୁରିମନ ମହାନ୍ତି, ରାଜେନ୍ଦ୍ର ପଣ୍ଡା, ଦିଲୀପ ବଘାର ପ୍ରମୁଖ କୁଳପତି ପ୍ରଫେସର ଦୀପକ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝିଙ୍କ ଜୟନ୍ତୀ

**ସମ୍ବଲପୁର, ୨୨।୧୨ (ବ୍ୟୁରୋ):** ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝିଙ୍କ ଜୟନ୍ତୀ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଫୁଲ୍ଲ ହୋତାଙ୍କ ଅଧକ୍ଷତାରେ ସଭା ହୋଇଥିଲା। ରେଣ୍ଡୋ ମାଝି ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ବ୍ରିଟିଶ ଓ ରାଜତନ୍ତ୍ର ବିରୋଧରେ ଆଦିବାସୀ ସଂପ୍ରଦାୟ ପକ୍ଷରୁ ସ୍ୱର ଉତ୍ତୋଳନ କରିଥିଲେ ବୋଲି ବକ୍ତାମାନେ କହିଥିଲେ । ଅରବିନ୍ଦ ମହାପାତ୍ର, ସରୋଜ ଦାଶ, ହରିଶଙ୍କର ପଣ୍ଡା, ସତ୍ୟନାରାୟଣ ଠାକୁର ଆଲୋଚନାରେ ଭାଗ ନେଇଥିଲେ।

### ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ସମାବେଶ

**ସମ୍ବଲପୁର, ୨୨।୧୨ (ବ୍ୟୁରୋ):** ସମ୍ବଲପୁର ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ବାର୍ଷିକ ସମାବେଶ ପରମାଣପୁରଠାରେ ଅନୁଷ୍ଠିତ ହୋଇଯାଇଛି। ରବିନାରାୟଣ ନନ୍ଦଙ୍କ ଅଧକ୍ଷତାରେ ସଭା ହୋଇଥିଲା । ରାଜେନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ତନୁ ଚନ୍ଦ୍ର ପ୍ରଧାନ ଓ କୃଷ୍ଣ ଚନ୍ଦ୍ର ପାଣ୍ଡେଙ୍କ ବିୟୋଗରେ ସଭ୍ୟମାନେ ଶୋକ ପ୍ରକାଶ କରିଥିଲେ। ସନ୍ତୋଷ ମିଶ୍ର, ରବି ନନ୍ଦ, ଉଦିତ ଚନ୍ଦ୍ର ପାଢୀଯୋଶୀ, ସନ୍ତୋଷ ପ୍ରଧାନ ଆଲୋଚନାରେ ଭାଗ ନେଇଥିଲେ। ହୀରାଲାଲ ବାରିକ, କୈଳାଶ ବାରିକ, ପଦ୍ମଲୋଚନ ନାଥ ଓ ତ୍ରିଲୋଚନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପଦ୍ମନାଭ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ବଲପୁର ଜିଲାରେ ଧାନକିଣାରେ ଦୁର୍ନୀତି

# ଏସ୍‌ଏଚ୍‌ଜିକୁ ମାଧ୍ୟମ କରୁଛନ୍ତି ମିଲର୍ସ, ବେପାରୀ

**ସମ୍ବଲପୁର,୨୨।୧୨(ବ୍ୟୁରୋ)**

- ସତ ହେଲା ଚାଷୀ ସଂଗଠନର ଅଭିଯୋଗ
- ଗାଡି ଗୋଟିଏ, ୨ ମାର୍କେଟରୁ ମିଲ୍‌କୁ ଯାଇଛି
- ମିଲର୍ସ, ଯୋଗାଣ ବିଭାଗ ଅଧିକାରୀ ସମ୍ପୃକ୍ତ
- ବନ୍ଦ ନ ହେଲେ ୨୦୧୨ ମସିହା ଭଳି ହେବ

ସମ୍ବଲପୁର ଜିଲାରେ ଚଳିତ ବର୍ଷ ମୋଟ ୮ଟି ଏସ୍‌ଏଚ୍‌ଜିକୁ ଧାନ କିଣା ପାଇଁ ଅନୁମତି ଦିଆଯାଇଛି। ଏଥିରୁ ଝୁଝୁମୁରା ବ୍ଲକରେ ୩ଟି ଏସ୍‌ଏଚ୍‌ଜିକୁ ଦାୟିତ୍ୱ ଦିଆଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏସ୍‌ଏଚ୍‌ଜିକୁ ଆଳ କରି ବେପାରୀମାନେ ଲାଭ ନେଉଥିବା ଚାଷୀ ସଂଗଠନ ପକ୍ଷରୁ ହୋଇଥିବା ଅଭିଯୋଗ ଏବେ ସତ ହୋଇଛି । ଝୁଝୁମୁରା ବ୍ଲକରେ ଏଭଳି ଘଟଣା ଘଟିଛି। ଏହାକୁ ନେଇ ଏବେ ସମବାୟ ବିଭାଗ, ଆରଏମ୍‌ସି, ଏସ୍‌ଏଚ୍‌ଜି ଗ୍ରୁପ ଅଡୁଆରେ ପଡି ଯାଇଛନ୍ତି। ଡିସେମ୍ବର ୧୨ ତାରିଖ ଗୋଟିଏ ଗାଡିରେ ଝୁଝୁମୁରା ମାର୍କେଟ ଓ କୟାକୁଦ ଏସ୍‌ଏଚ୍‌ଜି କିଣିଥିବା କ୍ରୟ କେନ୍ଦ୍ରରୁ ଧାନ ନେଇ ୨ଟି ମିଲ୍‌କୁ ଯାଇଛି। ଗୋଟିଏ ଗାଡିରେ ଝାଙ୍କରପାଲି ମାଁ ମେଟାକାନୀ ଓ ଗୋଶାଳା ନିକଟସ୍ଥ ମାଁ ନାରାୟଣୀ ରାଇସ୍ ମିଲ୍‌କୁ ଦିନରେ କିଭଳି ଭାବେ ଧାନ ପଠା ଗଲା ସେନେଇ ଏବେ ବଡ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଥିରେ ମିଲର୍ସ, ଯୋଗାଣ ବିଭାଗର ସମ୍ପୃକ୍ତି ଥିବା ଅଭିଯୋଗ ହେଉଛି । ନିୟମ ଅନୁସାରେ ସମବାୟ ସମିତି ହେଉ କିମ୍ବା ଏସ୍‌ଏଚ୍‌ଜି ହେଉ ଧାନ କିଣିଲା ପରେ ଚାଷୀ, ଡ୍ରାଇଭରମାନଙ୍କର ମୋବାଇଲ ନମ୍ବର ସହ ଗାଡିର ସବୁ ତଥ୍ୟ ଦେଇ ଅନ୍‌ଲାଇନରେ ଟ୍ରାଞ୍ଜିଟ ପାସ (ଟି.ପି.) ଦେଇ କ୍ରୟ ସଂସ୍ଥାମାନେ ମିଲ୍‌କୁ ଯିବାକୁ ଅନୁମତି ଦେଇଥାନ୍ତି। ମିଲ୍‌ରେ ଧାନ ଖାଲି ହେଲା ପରେ ମିଲର୍ସ ଧାନ ପାଇଥିବା ନେଇ ରିପୋର୍ଟ ଦେଇଥାନ୍ତି। ୱେବ୍‌ସାଇଟରେ ତଥ୍ୟ ଅପଡେଟ୍ (ସ୍କାନ) ପରେ ଚାଷୀଙ୍କ ଜମା ଖାତାକୁ ଟଙ୍କା ଆସିଥାଏ । ହେଲେ ଏହି ଘଟଣାରେ ଗୋଟିଏ ଗାଡିରେ ଦୁଇଟି ମିଲ୍‌କୁ କିଭଳି ଧାନ ଗଲା ଓ ମିଲର୍ସ କିଭଳି ଭାବେ ଧାନ ପାଇଥିବା ନେଇ ସ୍କାନ କଲେ ତାହା ସନ୍ଦେହ ସୃଷ୍ଟି କରିଛି। ଏଣୁ ଏଥିରେ ମିଲର୍ସଙ୍କ ସମ୍ପୃକ୍ତି ମଧ ରହିଛି ବୋଲି ଅଭିଯୋଗ ହୋଇଛି।

ଡିସେମ୍ବର ୧୨ ତାରିଖ ଝୁଝୁମୁରା ମାର୍କେଟୟାର୍ଡକୁ ଗୋଟିଏ ଗାଡି (ଓଆର-୧୫ଜେ-୯୬୨୯)ରେ ଚାଷୀ ସଞ୍ଜୟ ବିଶ୍ୱାଳ ଧାନ ବିକିବାକୁ ଆସିଥିଲେ । ଝୁଝୁମୁରା ସମବାୟ ସମିତି ପକ୍ଷରୁ ଧାନ କିଣା ପରେ ଟ୍ରାଞ୍ଜିଟ ପାସ୍ ଦେଇ ମାଁ ମେଟାକାନୀ ରାଇସ୍ ମିଲ୍‌କୁ ଧାନ ପଠା ଯାଇଥିଲା। ଠିକ୍ ସେହିଦିନ ଉକ୍ତ ଗାଡିରେ କୟାକୁଦ ଏସ୍‌ଏଚ୍‌ଜି ପକ୍ଷରୁ ଚାଷୀ ବିଶ୍ୱାମିତ୍ର ବିଶ୍ୱାଳଙ୍କ ଧାନ କିଣାଯାଇ ମାଣିକେଶ୍ୱରୀ ରାଇସ୍ ମିଲ୍‌କୁ ଟ୍ରାଞ୍ଜିଟ୍ ପାସ୍ ଦେଇ ପଠାଯାଇଥିଲା। ମିଲର୍ସ ଦୁଇ, ଚାଷୀ ଦୁଇ, ମାର୍କେଟ ଦୁଇ ହେଲେ ଗାଡି ଗୋଟିଏ। ଏଥିରୁ ସ୍ପଷ୍ଟ ଯେ, ଏସଏଚଜିକୁ ଆଳ କରି ବେପାରୀମାନେ ସକ୍ରିୟ ହୋଇଛନ୍ତି। ଏଥିରେ ମିଳୁଥିବା ଲାଭ ଯୋଗାଣ ବିଭାଗ ମଧ ପାଉଛି। ତେଣୁ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛ ଘୁଞ୍ଚା ଦେଉଛି। ସେହିପରି କେଶାପାଲି ମାର୍କେଟୟାର୍ଡ ସମ୍ପୂର୍ଣ୍ଣ ଭାବେ ବେପାରୀଙ୍କ କବ୍ଜାରେ ରହିଛି। ଏ ସମ୍ପର୍କରେ ଡିଆରସିଏସ ଲିଙ୍ଗରାଜ ନାଏକଙ୍କୁ ପଚାରିବାରୁ ଏମିତି ହେବା କଥା ନୁହଁ। ଏହାକୁ ନେଇ ତଦନ୍ତ କରାଯିବ । ହେଲେ ଏସଏଚଜି ଦ୍ୱାରା ଧାନ କିଣାବିକା ନେଇ ଯୋଗାଣ ବିଭାଗ ଓ ଡିଏସ୍‌ଡବ୍ଲ୍ୟୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଇ ପାରିବ ବୋଲି କହିଥିଲେ । ଏ ସମ୍ପର୍କରେ ଯୋଗାଣ ବିଭାଗ ଓ ଡିଏସ୍‌ଡବ୍ଲ୍ୟୁ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ । ହେଲେ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି ଯେ, ମହିଳାଙ୍କୁ ପ୍ରୋତ୍ସାହନ ଦେବାକୁ ସଙ୍ଗଠନ ବିରୋଧ କରୁନାହିଁ । ସେମାନେ ଧାନ କିଣାବିକା କାମ କରିବା କଷ୍ଟକର। ସେମାନଙ୍କୁ ଆଳ କରି ବେପାରୀ ସକ୍ରିୟ ହୋଇଯିବେ। ଏହାକୁ ବନ୍ଦ କରା ନ ଗଲେ କୋଟି କୋଟି ଟଙ୍କାର ଦୁର୍ନୀତି ହେବ । ୨୦୧୨ ମସିହାରେ କୁଚିଣ୍ଡା ଉପଖଣ୍ଡରେ ହୋଇଥିବା ୩୯ କୋଟି ଟଙ୍କାର ଦୁର୍ନୀତିର ପୁନରାବୃତ୍ତି ହେବା ଆଶଙ୍କା ରହିଛି।

### ଭୂୟାଁ ସମାଜର ବନ୍ଧୁ ମିଳନ କାର୍ଯ୍ୟକ୍ରମ

**ଦେବଗଡ଼,୨୨।୧୨(ଡି.ଏନ୍.ଏ.)**

ଦେବଗଡ଼ ପାଞ୍ଚଶତ ଭୂୟାଁ ସମାଜର ବନ୍ଧୁ ମିଳନ ମୁନସିପାଲିଟି ଡାକବଙ୍ଗଳାରେ ଅନୁଷ୍ଠତ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ଟିକେଶ୍ୱର ଗୁରୁ ବିବରଣୀ ପାଠ କରିଥିଲେ। ରାଘବ ନାୟକ, ନିଧି ନାୟକ, ବାବାଜୀ ଫଦ୍‌କାର, ରୋହିଣୀ ନାୟକ, ପ୍ରେମକାନ୍ତି ନାୟକ, ହେମ ଦେଇ, ଚକ୍ରଧର ନାୟକ, ଶକୁନ୍ତଳା ନାୟକ, କିଶୋର ଚନ୍ଦ୍ର ନାୟକ, ଜଗବନ୍ଧୁ ନାୟକ, ଦିଗାମ୍ବର ଗୁରୁ, ବାଦାମୀ ଗୁରୁ, ରଜନୀକାନ୍ତ ଦେହୁରୀ, କୃଷ୍ଣ ଚନ୍ଦ୍ର ନାୟକ, ଜାନକୀ ନାୟକ, ପ୍ରିୟମ୍ବଦା ଫଦ୍‌କାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭିମ୍‌ସେନ୍ ନାୟକ, ଶ୍ରବଣ ନାୟକ, ବିଜୟ ଦେହୁରୀ, ସୁଶାନ୍ତ କୁମାର ନାୟକ, କାଳିଆ ନାୟକ, କୃଷ୍ଣ ଚନ୍ଦ୍ରନାୟକ, ପପୁ ନାୟକ, ଉଷାରାଣୀ ନାୟକ, ଇତିସୁନ୍ଦା ନାୟକ, ସୁବାସିନୀ ଦେହୁରୀ, ଲୀନାଲିପ୍ସା ନାୟକ, ଅରୁଣ ଫଦ୍‌କାର, ଗୁରୁଚରଣ ପଦ୍‌କାର, ବୈଦ୍ୟନାଥ ବେହେରା, ଶିବଶଙ୍କର ଦେହୁରୀ, ବିଜୟ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।



ରେଢ଼ାଖୋଲ ଗୌରଚନ୍ଦ୍ର ହାଇସ୍କୁଲରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ସହପାଠୀମାନଙ୍କ ଗହଣରେ ଦେବାଶିଷ।

## ୧୭ବର୍ଷରୁ କମ୍ ରାଜ୍ୟ କ୍ରିକେଟ ଦଳରେ ଦେବାଶିଷ ବାଘ

**ରେଢାଖୋଲ,୨୨।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଗୌରଚନ୍ଦ୍ର ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଦେବାଶିଷ ବାଘ ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ କ୍ରିକେଟ ଦଳରେ ସାମିଲ ହୋଇଛନ୍ତି। ସେ ଆସନ୍ତା ଜାନୁୟାରୀ ୩ ତାରିଖଠାରୁ ୮ତାରିଖ ପର୍ଯ୍ୟନ୍ତ ଡାମନଡିଉଠାରେ ଅନୁଷ୍ଠିତ ହେବାକୁ ଥିବା ୧୭ ବର୍ଷରୁ କମ୍ ଜାତୀୟସ୍ତର ପ୍ରତିଯୋଗିତାରେ ଓଡିଶା ଦଳ ପକ୍ଷରୁ ଅଲରାଉଣ୍ଡର ଭାବେ ଖେଳିବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ୨୭ ତାରିଖ ଅନୁଗୋଳରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଅଭ୍ୟାସ ମ୍ୟାଚରେ ଖେଳିବା ପରେ ଡିସେମ୍ବର ୩୧ରେ ରାଜ୍ୟ ଦଳ ସହ ଡାମନଡିଉ ଅଭିମୁଖେ ଯାତ୍ରା କରିବେ। ଦେବାଶିଷଙ୍କ ଏହି ସଫଳତା ପାଇଁ ରେଢାଖୋଲର କ୍ରୀଡା ଶିକ୍ଷକ ସଂଘ, ଜିଲା ଶାରୀରିକ ଶିକ୍ଷା ବିଭାଗ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗୌରଚନ୍ଦ୍ର ହାଇସ୍କୁଲର ସହପାଠୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ତାଙ୍କୁ ସମ୍ବର୍ଦ୍ଧିତ କରି ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ପ୍ରଧାନ, ଶିକ୍ଷୟିତ୍ରୀ ଗୀତା ଦାସ, ନମିତା ପ୍ରଧାନ, ଶିକ୍ଷକ ରାଜେଶ ଚାନ୍ଦ, ପ୍ରମୋଦ ପ୍ରଧାନ ପ୍ରମୁଖ ଦେବାଶିଷଙ୍କ ଲାଗି ବିଦ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, ନଭେମ୍ବର ୧୧ରେ ରେଢାଖୋଲ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହାଇସ୍କୁଲସ୍ତରୀୟ କ୍ରିକେଟ ଖେଳାଳି ଚୟନ ଶିବିରରେ ଚୟନ ହୋଇ ୧୮ ତାରିଖରେ ଅନୁଷ୍ଠିତ ଜିଲାସ୍ତରୀୟ ଚୟନ ଶିବିରରେ ମନୋନୀତ ହୋଇଥିଲେ। ସେହିପରି ଅନୁଗୋଳଠାରେ ଗତ ୨୬ରୁ ୧ ଡିସେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ରାଜ୍ୟସ୍ତରୀୟ ଖେଳାଳି ଚୟନ ଶିବିରରେ ରାଜ୍ୟସ୍ତରୀୟ ଟିମ୍‌କୁ ମନୋନୀତ ହୋଇଥିଲେ। ଦେବାଶିଷ ଏହି ସଫଳତା ପାଇଁ ନିଜର କ୍ରିକେଟ ଖେଳ ପ୍ରତି ଆଗ୍ରହ ଓ ଅକ୍ଳାନ୍ତ ପରିଶ୍ରମ ସହ ତାଙ୍କ ମୁଖ୍ୟ କୋଚ୍ ଆଇନଜୀବୀ ହାରୁନ ଖାନ, ଖେଳ ଶିକ୍ଷକ ସୁକାନ୍ତ ପ୍ରଧାନ ଓ ପିତାମାତାଙ୍କୁ ଶ୍ରେୟ ଦେଇଛନ୍ତି। ସୂଚନାଯୋଗ୍ୟ, ଦେବାଶିଷ ରେଢାଖୋଲ ସହରର ଯଦୁମଣିପାଟଣାସ୍ଥିତ ସୁମନ୍ତ ବାଘ ଓ ରଞ୍ଜିତା ବାଘଙ୍କ ପୁଅ।

### ବସ୍ ଧକ୍କାରେ ଦିନ ମଜୁରିଆଙ୍କ ମୃତ୍ୟୁ

**ବାମରା, ୨୨।୧୨ (ଡି.ଏନ.ଏ.)**

ସମ୍ବଲପୁର ଜିଲା ବାମରା ବ୍ଲକ୍ ସାଧପଡା ନିକଟସ୍ଥ ବୁଲାଣିରେ ରବିବାର ସକାଳ ସାଢ଼େ ୬ଟାରେ ଦୁର୍ଘଟଣା ଘଟିଛି। ବାମରାରୁ ଦେବଗଡ ଯାଉଥିବା 'ପଟେଲ' ନାମକ ଯାତ୍ରୀବାହୀ ବସ୍ (ଓଡି ୧୫ ଇ- ୧୨୧୩) ଧକ୍କାରେ ଜଣେ ବାଟୋଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରେଙ୍ଗାପଡା ନୂଆଡିହି ଗ୍ରାମର ପ୍ରୀତମ ବାଗେ (୪୦)। ବସ୍‌ର ଆଗ ଚକା ତାଙ୍କ ମୁଣ୍ଡରେ ଚଢ଼ି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ସେ ଦିନ ମଜୁରିଆ ଭାବେ କାମ କରୁଥିଲେ । ଦୁର୍ଘଟଣା ପରେ ଗ୍ରାମବାସୀ ରାସ୍ତାରେ ମୃତଦେହ ରଖି କ୍ଷତିପୂରଣ ଦାବି କରିଥିଲେ। ଏଣୁ ପ୍ରାୟ ୧ଘଣ୍ଟା ଧରି ବାମରା-କୁଚିଣ୍ଡା ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିଲା । ଗୋବିନ୍ଦପୁର ଥାନା ପୋଲିସ ପହଞ୍ଚି ମୃତକଙ୍କ ପରିବାର ବର୍ଗଙ୍କ ସହ ଆଲୋଚନା କରିଥିଲେ। ଆର୍ଥିକ ସହାୟତା ଯୋଗାଇ ଦେବାକୁ ପୋଲିସ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ତହସିଲଦାର ଅନିଲ କୁଲୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସେହିଭଳି ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଓ ବସ୍ ମାଲିକଙ୍କ ତରଫରୁ ମୃତକଙ୍କ ପରିବାରଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି।

'ଓଷ୍ଟା' ପକ୍ଷରୁ ଜିଲାସ୍ତରୀୟ ଶିଶୁମେଳା

## ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ଦେବଗଡ,୨୨।୧୨(ଡି.ଏନ.ଏ.)**

ସ୍ଥାନୀୟ ଟାଉନ ହାଇସ୍କୁଲରେ 'ଓଷ୍ଟା'ଦେବଗଡ ଜିଲା ଶାଖା ପକ୍ଷରୁ ଜିଲାସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ପ୍ରଧାନ ଓ ହେମନ୍ତ ପ୍ରଧାନଙ୍କ ଆବାହକତ୍ୱରେ ରୋମଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ 'ଓଷ୍ଟା'ର ଦେବଗଡ ଜିଲା ସଭାପତି ଗୋପବନ୍ଧୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ 'ଓଷ୍ଟା'ର ରାଜ୍ୟ ଉପ ସଭାପତି ସନ୍ତୋଷ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ଜିଲା ଓଷ୍ଟା ଶଖାର ସଭାପତି ରଶ୍ମିରଞ୍ଜନ ସାହାଣୀ, ଓଷ୍ଟାର ଦେବଗଡ ଜିଲା ଉପସଭାପତି ସଂଧାରାଣୀ ପାତ୍ର, ରାମଚନ୍ଦ୍ର ମହାପାତ୍ର, ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ସାହୁ, ପରମାନନ୍ଦ ସାହୁ, 'ଓଷ୍ଟା'ର ପୂର୍ବତନ ଜିଲା ସଭାପତି ସୁରଥି ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସଞ୍ଜୟ କୁମାର ବ୍ରହ୍ମା, ଜିଲା ଯୁଗ୍ମ ସମ୍ପାଦକ ଆଲୋକ ରଞ୍ଜନ ପ୍ରଧାନ, ରିଆମାଳ ବ୍ଲକ ସଭାପତି ସୁକାନ୍ତ କୁମାର ନନ୍ଦ, ସମ୍ପାଦକ ନିରଞ୍ଜନ ଦୀପ, ତିଲେଇବଣି ବ୍ଲକ ସମ୍ପାଦକ ରଞ୍ଜନ କୁମାର ବ୍ରହ୍ମା, ବାରକୋଟ ବ୍ଲକ ସମ୍ପାଦକ କନ୍ତାରୁ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। 'ଓଷ୍ଟା'ର ରିଆମାଳ ବ୍ଲକ ସଭାପତି ସୁକାନ୍ତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମେଳାର ବିଭିନ୍ନ ଇଭେଣ୍ଟରେ ବିଚାରକ ଭାବେ କୁମୁଦ ଚନ୍ଦ୍ର ଶତପଥୀ, ପରମାନନ୍ଦ ସାହୁ, ଦେବାଶିଷ କର, ଆଲୋକ ରଞ୍ଜନ ପ୍ରଧାନ, ଦିଲ୍ଲୀପ କୁମାର ସାହୁ, ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମେଳା ଆୟୋଜନରେ 'ଓଷ୍ଟା'ର ସଦାନନ୍ଦ ମହନ୍ତ, ଦିଲ୍ଲୀପ କୁମାର ସାହୁ, ଦମୟନ୍ତୀ ବେହେରା , ରଞ୍ଜିତା ମିଶ୍ର, ନିନା ମିଶ୍ର, କୁନିତା ସାହୁ ଓ ପ୍ରଣୟ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।

### ପାଣି ପଞ୍ଚାୟତ କର୍ମକର୍ତ୍ତା ନିର୍ବାଚନ

**ଦେବଗଡ଼,୨୨।୧୨(ଡି.ଏନ୍.ଏ.)**

ଗୋହୀରା ଜଳସେଚନ ପ୍ରକଳ୍ପ ଅଧୀନ ଗୋଦାବରୀ ପାଣିପଞ୍ଚାୟତ, କେନ୍ଦୁଘାଟ ୟୁନିଟ-୧୮ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ତଥା ସହକାରୀ ନିର୍ବାହୀ ଯନ୍ତ୍ରୀ ଘନଶ୍ୟାମ ଦ୍ୱିବେଦୀ ଓ ଉପ-ନିର୍ବାଚନ ଅଧିକାରୀ ତଥା ସହକାରୀ ଯନ୍ତ୍ରୀ ବିମଳ କୁମାର ବାରାଙ୍କ ତତ୍ତ୍ୱାଧାନରେ ସଭାପତି ଭାବରେ କେନ୍ଦୁଘାଟର ବସନ୍ତ କୁମାର ବେହେରା, ସଂପାଦିକା ଭାବେ ତାଳକୁଣ୍ଡିର ସୁମିତ୍ରା ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ତାଳକୁଣ୍ଡିର ସସ୍ମିତା ଆଚାର୍ଯ୍ୟ ନିର୍ବାଚିତ ହୋଇଛନ୍ତି। ଜଳସେଚନ ବିଭାଗର ହୃଦାନନ୍ଦ ପୃଷ୍ଟି, ଶ୍ରବସ ରଣଜିତ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ପ୍ରକ୍ରିୟାରେ ସହଯୋଗ କରିଥିଲେ।

## ନୀତିଶିକ୍ଷା ଦିଏ ପାଲା

**ସମ୍ବଲପୁର, ୨୨।୧୨ (ବ୍ୟୁରୋ)**

ପାଲା ପ୍ରାଚ୍ୟ ସାହିତ୍ୟ। ନୃତ୍ୟ, ସଂଗୀତ ଓ ବାଦ୍ୟର ସମାହାରରେ ଧର୍ମୀୟ ଚେତନା ସୃଷ୍ଟି କରିଥାଏ। ଏହା ଲୋକଙ୍କୁ ଭାଇଚାର ଡୋରିରେ ବାନ୍ଧିଥାଏ। ପ୍ରକୃତ ପକ୍ଷେ ପାଲା ସଂଗୀତ ମାଧ୍ୟମରେ ସମାଜରେ ନୀତି ଶିକ୍ଷା ବାଣ୍ଟିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ପରିତାପର ବିଷୟ ଯେ, ସଂପ୍ରତି ଏହି ପାଲା ବିଲୁପ୍ତ ହେବାରେ ଲାଗିଛି । ତେଣୁ ପ୍ରତ୍ୟେକ ସ୍ତରରେ ଏହାର ପ୍ରଚାରପ୍ରସାର ଓ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ସମୟ ଆସିଛି । ସମଲେଶ୍ୱରୀ ମଣ୍ଡପଠାରେ ଆୟୋଜିତ ପଶ୍ଚିମ ଓଡିଶା ପାଲା ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବରେ ବକ୍ତାମାନେ ଏହା କହିଛନ୍ତି । ଡ. ଶ୍ୟାମସୁନ୍ଦର ଧରଙ୍କ ସଂଯୋଜନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ଏମ୍‌ପି ଭବାନୀଶଙ୍କର ହୋତା ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ଡ. ଦ୍ୱାରିକାନାଥ ନାୟକ ମୁଖ୍ୟବକ୍ତା, ପ୍ରଫେସର ଶଙ୍କର ପ୍ରସାଦ ପତି, ଅରବିନ୍ଦ ମହାପାତ୍ର, ପ୍ରଫେସର ସୁରୁବାବୁ ମେହେର, ରଘୁନାଥ ମିଶ୍ର, ଜୟ ଜର୍ଜ, ରାଧେଶ୍ୟାମ ପଣ୍ଡା, ବିଜୟ କୁମାର ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ସମ୍ବଲପୁର ଡୁମେରମାଲ ନିବାସୀ ରିନା ଦାଶ, ଝାରସୁଗୁଡା କୁସମେଲର ଯଦୁମଣି ଭଏଁଶାଲ, ନୂଆପଡା ବିରିଘାଟର ଅର୍ଜୁନ ଛତ୍ରିଆ, ସୁନ୍ଦରଗଡର ଲଳିତ କୁମାର ନାୟକ ଓ ରୋହିତ କୁମାର ବରଗାଏଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜନ ସମର୍ପଣ ସମ୍ପାଦକ ଭଜରାମ ମହାପାତ୍ର ସୂଚନା ପ୍ରଦାନ କରିଥିବା ବେଳେ ବୈଶମ୍ପାୟନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶଶିଭୂଷଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସରୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୫ଟି ଦଳର କଳାକାରମାନେ ପାଲା ପରିବେଷଣ କରିଥିଲେ ।

## କେନ୍ଦୁପତ୍ର ବିକ୍ରି ନୀତିର ସଂଶୋଧନ ଆବଶ୍ୟକ

**ସମ୍ବଲପୁର, ୨୨।୧୨ (ବ୍ୟୁରୋ)**

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଦଲେଇପଡା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଲୋଚନା ହୋଇଥିଲା । ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ତ୍ରିପାଠୀ ବିବରଣୀ ପାଠ କରିଥିଲେ । କେନ୍ଦ୍ର ସରକାର କେନ୍ଦୁ ପତ୍ର ଓ ବିଡି ଉପରେ ଅତ୍ୟାଧିକ ଜିଏସଟି ଲାଗୁ କରିଛନ୍ତି । ସେହିପରି ତ୍ରୁଟିପୂର୍ଣ୍ଣ ବିକ୍ରିନୀତି ଲାଗୁ କରିଥିବାରୁ, କେନ୍ଦୁପତ୍ର ବିକ୍ରି ଉପରେ ମାନ୍ଦାବସ୍ଥା ସୃଷ୍ଟି ହୋଇଛି । ଯଦ୍ଦ୍ୱାରା ତୋଳାଳି, ଶ୍ରମିକ ଓ କର୍ମଚାରୀ ସାମାଜିକ ନିରାପତ୍ତା କ୍ଷେତ୍ରରେ ଅବହେଳିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦୁପତ୍ରରୁ ଜିଏସଟି ସଂପୂର୍ଣ୍ଣ ଛାଡ କରିବାକୁ ସଭ୍ୟମାନେ ମତପ୍ରକାଶ କରିଥିଲେ । ଗୋକୁଳ ମେହେର, ଅନାଦି ସାହୁ, ପଦ୍ମାବତୀ କିଶାନ, ସଞ୍ଜିତ ମହାନ୍ତି, ମହମ୍ମଦ ମୁତ୍ୟୁର୍ଜା, କୀର୍ତ୍ତନ ସେନାପତି, ବିନୋଦ ପ୍ରଧାନ, କୋକିଳ ସାହୁ, ଦୀନବନ୍ଧୁ ବେହେରା, ଯଦୁମଣି ପାଣିଗ୍ରାହୀ, ଜଗନ୍ନାଥ ବାବୁ, କ୍ଷେତ୍ରଚନ୍ଦ୍ର ବାରିକ, ପ୍ରଦୀପ ମିଶ୍ର, ବିନୋଦ ପାଣିଗ୍ରାହୀ, ବିନୋଦ ଜେନା, ଚିତ୍ତ ବେହେରା, କିଶୋର ପ୍ରଧାନ, ଉପେନ୍ଦ୍ର ଶ୍ୟାମଲ, ପ୍ରହଲ୍ଲାଦ ପରିଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।




ସମ୍ବଲପୁରରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ବୈଠକରେ ଗୋକୁଳ ମେହେର ସୂଚନା ଦେଉଛନ୍ତି ।

## ଫଟୋରେ ଖବର







ସମ୍ବଲପୁର ସମଲେଶ୍ୱରୀ ମଣ୍ଡପଠାରେ ପାଲା ଗାୟକ ଓ ପାଳିଆଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି (ବାମ)। ରୀନା ଦାଶ ଓ ସାଥୀ ପାଲା ପରିବେଷଣ କରୁଛନ୍ତି (ମଝି)। ରବିବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଜଣେ ପାଲା ଗାୟକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ୨୨ ଗ୍ରାମ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ):** ବ୍ରାଉନସୁଗାର କାରବାର ଓ ଚୋରା ଚାଲାଣରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ କ୍ୟୁଏଟି ଏବଂ ଖାରବେଳ ନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ମାଛଗାଁ ଅଞ୍ଚଳର ଆଲୋକ ପରିଡା। ସୂଚନା ମୁତାବକ, ଆଲୋକ ଭୁବନେଶ୍ୱର ମସ୍‌ଜିଦ କଲୋନୀରେ ରହି ସହରର ବିଭିନ୍ନ ଅଞ୍ଚଳରେ ଲୁଚା ଛପାରେ ବ୍ରାଉନସୁଗାର ବେପାର ଚଳାଇଥିଲା। ଏ ନେଇ କ୍ୟୁଏଟି ନିକଟରେ ଖବର ପହଞ୍ଚିବା ପରେ ତାଙ୍କୁ ଧରିବା ପାଇଁ ଯୋଜନା ହୋଇଥିଲା। ଶନିବାର ସନ୍ଧ୍ୟାରେ କ୍ୟୁଏଟି ଓ ଖାରବେଳ ଥାନା ପୋଲିସର ଏକ ମିଳିତ ଟିମ୍ ମସ୍‌ଜିଦ କଲୋନୀ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତ ଆଲୋକଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୨ ଗ୍ରାମ ବ୍ରାଉନସୁଗାର, ମୋବାଇଲ ଫୋନ ଓ ୧୨ ଶହ ଟଙ୍କା ଜବତ କରିଥିଲା। ଏ ନେଇ ପୋଲିସ ୩୫୨/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ବିଷ ପିଇ ସ୍କୁଲ ଛାତ୍ରଙ୍କ ଆତ୍ମହତ୍ୟା

**ବାସୁଦେବପୁର, ୨୨।୧୨(ଡି.ଏନ.ଏ.)** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନନ୍ଦପୁର ଅଞ୍ଚଳର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ର ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଛି। ଶନିବାର ଭଦ୍ରକ ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ସେ ବିଷ ପିଇ ଦେବାରୁ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇ ପରେ ଭଦ୍ରକ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ତେବେ କେଉଁ କାରଣ ପାଇଁ ସେ ବିଷ ପିଇଲେ ତାହା ସ୍ପଷ୍ଟ ହୋଇପାରି ନ ଥିବା ସୂଚନା ମିଳିଛି।

■ ମାନବିକ ଅଧିକାର ଉଲ୍ଲଂଘନ ମାମଲା

# ଏସ୍‌ଡିଜେଏମ୍ କୋର୍ଟରୁ ପାଟଣାଗଡ଼ ବିଧାୟକଙ୍କୁ ନୋଟିସ୍

**ବଲାଙ୍ଗୀର ଅଫିସ, ୨୨।୧୨**

କନିଷ୍ଠ ଯନ୍ତ୍ରୀଙ୍କୁ ଉଠବସ୍ କରି ପାଟଣାଗଡ଼ ବିଧାୟକ ସରୋଜ ମେହେର ଅଡୁଆରେ ପଡିଥିଲେ। ତାଙ୍କ ବିରୋଧରେ ମାମଲା ଦାଏର ହେବା ପରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଧାୟକ ମେହେର ବିଚାର ବିଭାଗୀୟ ଜେଲ ହାଜତ୍‌ରେ ରହି ପରେ ଜାମିନ୍‌ରେ ଆସିଥିଲେ। ହେଲେ ଏତିକିରେ ତାଙ୍କ ସମସ୍ୟା ସରି ନ ଥିଲା। ବଲାଙ୍ଗୀରର ଆଡଭୋକେଟ ଭବାନୀ ଶଙ୍କର ଶତପଥୀ ବିଧାୟକ ମେହେରଙ୍କ ସମେତ ଅନ୍ୟ ୬ଜଣଙ୍କ ନାଁରେ ମାନବିକ ଅଧିକାର ଉଲ୍ଲଂଘନ ନେଇ ଏକ ପିଟିସନ୍ ଜିଲାଜଜ୍‌ଙ୍କ କୋର୍ଟରେ ଦାଖଲ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଅଭିଯୋଗକୁ ନେଇ ଜିଲା ଦୌରାଜଜ୍‌ଙ୍କ କୋର୍ଟରୁ ପାଟଣାଗଡ଼ ଏସ୍‌ଡିଜେଏମ୍ କୋର୍ଟକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ଦୌରାଜଜ୍‌ଙ୍କ ଆଦେଶ ମୁତାବକ ପାଟଣାଗଡ଼ ଏସ୍‌ଡିଜେଏମ୍ ବିଧାୟକ ସରୋଜ ମେହେରଙ୍କୁ ମାନବିକ ଅଧିକାର ଉଲ୍ଲଂଘନ ମାମଲାକୁ ନେଇ ନୋଟିସ୍ ଇସ୍ୟୁ କରିଛି। ଗତ ୫ ତାରିଖରେ ଏହି ନୋଟିସ ଇସ୍ୟୁ କରିବାକୁ ଆଦେଶ ଦିଆଯାଇଥିଲା। ଏସ୍‌ଡିଜେଏମ୍ କୋର୍ଟ ପକ୍ଷରୁ ବିଧାୟକ ମେହେରଙ୍କୁ ନୋଟିସ୍ ପ୍ରେରଣ କରାଯାଇଥିଲା। ତେବେ ବ୍ୟକ୍ତିଗତ ଭାବେ ଗ୍ରହଣ କରି ନ ଥିବାରୁ ପୁନର୍ବାର ଏକ ନୋଟିସ ବିଧାୟକ ମେହେରଙ୍କୁ ପ୍ରେରଣ କରିବାକୁ ପାଟଣାଗଡ଼ ଏସଡିଜେଏମ୍ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ନେଇ ବିଧାୟକ ମେହେରଙ୍କୁ ମୋବାଇଲ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

ଉଲ୍ଲେଖ୍ୟଯୋଗ୍ୟ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ଉଠବସ୍ କରି ଚାପୁଡା ଘଟଣା ମାନବିକ ଅଧିକାର ଉଲ୍ଲଂଘନ ବୋଲି ଆଡଭୋକେଟ୍ ଶତପଥୀ ଜିଲା ଦୌରାଜଜ୍ କୋର୍ଟରେ ଅଭିଯୋଗକରି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ଏହି ମାମଲାରେ ବିଧାୟକ ମେହେରଙ୍କ ସମେତ ବଲାଙ୍ଗୀର ଏସ୍‌ପି, ପାଟଣାଗଡ ଏସ୍‌ଡିପିଓ, ଥାନା ଅଧିକାରୀ ଓ ଜିଲାପାଳଙ୍କୁ ମଧ୍ୟ ପକ୍ଷଭୁକ୍ତ କରିଥିଲେ। କନିଷ୍ଠ ଯନ୍ତ୍ରୀଙ୍କ ମାନବିକ ଅଧିକାର ଉଲ୍ଲଂଘନ କରାଯାଇଥିବାରୁ ତାଙ୍କୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପିଟିସନ୍‌ରେ ଉଲ୍ଲେଖ କରିଥିଲେ। ପାଟଣାଗଡ ଏସ୍‌ଡିଜେଏମ୍ କୋର୍ଟ ପୁନର୍ବାର ବିଧାୟକ ମେହେରଙ୍କୁ ନୋଟିସ ପଠାଇବାକୁ ନିର୍ଦ୍ଦେଶ ଦେଇଥିବା ସମ୍ପର୍କରେ ପାଟଣାଗଡରେ ମାମଲା ପରିଚାଳନା କରୁଥିବା ଆଡଭୋକେଟ୍ ରାଜେଶ ପୁରୋହିତ ସୂଚନା ଦେଇଛନ୍ତି।

■ ବ୍ୟାଙ୍କ ଅଧିକାରୀଙ୍କୁ ପୋଲିସର ପରାମର୍ଶ

# ଏଟିଏମ୍‌ରେ ସୁରକ୍ଷାକର୍ମୀ ଦିଅ, ନ ହେଲେ ବିକଳ୍ପ ବ୍ୟବସ୍ଥା କର

**ସମ୍ବଲପୁର,୨୨।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ପୋଲିସ ଓ ବ୍ୟାଙ୍କ ଅଧିକାରୀମାନଙ୍କୁ ନେଇ ଟାଉନ୍ ଥାନା ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଟିଏମ୍ ଠକେଇ, ଲୁଟ୍ ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ବ୍ୟାଙ୍କ ଅଧିକାରୀମାନଙ୍କୁ ସମସ୍ତ ଏଟିଏମ୍‌ରେ ସୁରକ୍ଷା କର୍ମୀ ନିୟୋଜିତ କରିବାକୁ ପୋଲିସ ପରାମର୍ଶ ଦେଇଛି। ନ ହେଲେ ବିକଳ୍ପ ବ୍ୟବସ୍ଥା କରିବାକୁ କହିଛି। ଏହା ସହ ପ୍ରତ୍ୟେକ ଏଟିଏମ୍ କାଉଣ୍ଟର ଭିତରେ ଓ ବାହାରେ ସିସି ଟିଭି ଲଗାଇ ଆଲାରାମ ସୁବିଧା ମଧ୍ୟ କରିବାକୁ କହିଛି। ହେଲମେଟ ପିନ୍ଧି ଏଟିଏମ୍ ଭିତରକୁ ଯାଉଥିବା ବ୍ୟକ୍ତିଙ୍କ ପାଇଁ ରୋକ ଲଗାଯାଉ। ରାତି ସମୟରେ ଏଟିଏମ୍‌ରେ ଅଧିକ ପରିମାଣର ନଗଦ ଟଙ୍କା ନ ରଖିବାକୁ ଚେଷ୍ଟା କରାଯାଉ। ଏଟିଏମ କାର୍ଡର ସୁରକ୍ଷା ଲାଗି ହେଲ୍ପ ଲାଇନ ନମ୍ବର ଦିଆଯାଉ ବୋଲି ବ୍ୟାଙ୍କ ଅଧିକାରୀମାନଙ୍କୁ ପୋଲିସ କହିଛି। ତେବେ ବରିଷ୍ଠ ନାଗରିକ ଓ ଏଟିଏମ୍ ବ୍ୟବହାର ନ ଜାଣିବା ଗ୍ରାହକ ସଚେତନ ହେବା ଆବଶ୍ୟକ ରହିଛି ବୋଲି ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି କହିଛନ୍ତି। ଏହି ଅବସରରେ ଟାଉନଥାନା ଅଧିକାରୀ ରମେଶଚନ୍ଦ୍ର ଡୋରା, ଧନୁପାଲି ଥାନା ଅଧିକାରୀ କମଳଲୋଚନ ପଣ୍ଡାଙ୍କ ସମେତ ସରକାରୀ ଓ ଘରୋଇ ବ୍ୟାଙ୍କର ୩୬ ଜଣ ଅଧିକାରୀ ଉପସ୍ଥିତ ଥିଲେ।

■ ମୁଖିଗୁଡ଼ା ଏୟାରଟେଲ୍ ଟାୱାର ତଳୁ ମୃତଦେହ ଉଦ୍ଧାର

# ନିଖୋଜ ଜିଏମ୍‌ଙ୍କ ମୃତଦେହ ସନ୍ଦେହ

**ଜୟପାଟଣା,୨୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମୁଖିଗୁଡ଼ାସ୍ଥିତ ଡାକ ବଙ୍ଗଳା ପଛପଟ ଏକ ବେସରକାରୀ ଜମିରେ ଅବସ୍ଥିତ ଏୟାରଟେଲ୍ ଟାୱାର ପରିସରରେ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଶରୀରର ମୁଣ୍ଡ ଓ କିଛି ଅଂଶ ନ ଥିବା ବେଳେ ଅନ୍ୟ ସବୁ ଆକୃତିକୁ ଦେଖି ନିଖୋଜ ଓଏଚ୍‌ପିସି ମହା ପ୍ରବନ୍ଧକ(ଜିଏମ୍)ଙ୍କ ବୋଲି ଅନୁମାନ କରାଯାଉଛି। ଖବର ଲେଖାହେବା ଯାଏ ଘଟଣାସ୍ଥଳରେ ପରିବାରବର୍ଗ ପକ୍ଷରୁ ପହଞ୍ଚି ନ ଥିବାରୁ ତାହା ଓଏଚ୍‌ପିସି ମହା ପ୍ରବନ୍ଧକ ନାରାୟଣ ପ୍ରସାଦ ମେହେରଙ୍କ ମର ଶରୀର କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ମୁଖିଗୁଡ଼ା ଓ ଜୟପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇବା ସହିତ ସାଇଣ୍ଟିଫିକ୍ ଟିମ୍‌କୁ ଅପେକ୍ଷା କରି ରହିଥିବା ଜଣାପଡ଼ିଛି। କଳାହାଣ୍ଡି ଜିଲା ମୁଖିଗୁଡ଼ାଠାରେ ଇନ୍ଦ୍ରାବତୀ ଜଳ ବିଦ୍ୟୁତ ନିଗମରେ କାର୍ଯ୍ୟରତ ମହାପ୍ରବନ୍ଧକ ମେହେର ଗତ ୧୭ ତାରିଖରୁ କାର୍ଯ୍ୟାଳୟରେ ଯୋଗଦେଇ ଆଉ ଘରକୁ ଫେରି ନ ଥିଲେ। ପରେ ତାଙ୍କ ସ୍ତ୍ରୀ ସୁରେଖା ମେହେର ମୁଖିଗୁଡ଼ା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଟେଲିଫୋନ୍ ଟ୍ରାକିଂ କରି ମଧ୍ୟ ନିଷ୍କର୍ଷରେ ପହଞ୍ଚି ପାରି ନ ଥିବା ବେଳେ ବିଭିନ୍ନ ଆଡ଼େ ଖୋଜାଖୋଜି କରିଥିଲେ। ବିଭାଗୀୟ କର୍ମଚାରୀ ମଧ୍ୟ ବିଭିନ୍ନ ସ୍ଥାନରେ ଖୋଜ ଖବର ନେଇ ନିରାଶ ହୋଇଥିଲେ। ରବିବାର ଅପରାହ୍ନରେ ମୁଖିଗୁଡ଼ା ଡ଼ାକ ବଙ୍ଗଳା ନିକଟ ଓ ଫାଣ୍ଡିରୁ ୪୦୦ ମିଟର ଦୂର ଏୟାରଟେଲ୍ ଟାୱାର ପରିସରରେ ଏକ ମୃତଦେହ ପଡ଼ିଥିବା ଦେଖି ଲୋକେ ପୋଲିସକୁ ସୂଚନା ଦେଇଥିଲେ। ମରଶରୀର ମସ୍ତିଷ୍କର ଅନେକ ଅଂଶ ନ ଥିବା ଓ ଏହା ପଚି ଯାଇଇଛି। ପ୍ୟାଣ୍ଟ ଓ ଶରୀର ଆକୃତିକୁ ଦେଖି ଏହା ଜିଏମ୍ ମେହେରଙ୍କ ମୃତଦେହ ବୋଲି ଲୋକେ ଆଲୋଚନା କରୁଛନ୍ତି।

## କ୍ରିକେଟ ଟୁର୍ନାମେଣ୍ଟ: ପଦ୍ମନପୁର, ମକୁନ୍ଦପୁର ବିଜୟୀ

**ଜହ୍ନାପଙ୍କ, ୨୨।୧୨ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ମେଡିକାଲ ପଡିଆରେ ଜହ୍ନାପଙ୍କ ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ ବିବାର ଦ୍ୱିତୀୟ ଦିବସରେ ପଦ୍ମନପୁର ଓ ମନକାମନ ଦଳ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ପଦ୍ମନପୁର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୫ ଉଇକେଟ ହରାଇ ୧୦୯ ରନ କରିଥିଲା। ଜବାବରେ ମନକାମନ ଦଳ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୮୧ ରନ କରିବାରୁ ପଦ୍ମନପୁର ଦଳ ୨୮ ରନରେ ବିଜୟୀ ହୋଇଥିଲା। ଅପରାହ୍ନରେ ଜହ୍ନାପଙ୍କ ଭେଟେରାନ ଓ ମକୁନ୍ଦପୁର ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଜହ୍ନାପଙ୍କ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭ ଉଇକେଟ ହରାଇ ୧୦୩ ରନ କରିଥିଲା। ଜବାବରେ ମକୁନ୍ଦପୁର ଦଳ ୯.୨ ଓଭରରେ ୧ ଉଇକେଟ ହରାଇ ୧୦୫ ରନ କରି ବିଜୟୀ ହୋଇଥିଲା। ଅପରାହ୍ନରେ ମୁଖ୍ୟଅତିଥି ଭାବେ ସ୍ୱେଚ୍ଛାସେବୀ ନବଲ ତିୱାରି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ମୋତିଲାଲ କଲତା, ଈଶ୍ୱର ପ୍ରଧାନ, ଦତ୍ତାତ୍ରେୟ ପ୍ରଧାନ, ଭରତ ବେହେରା ପରିଚାଳନା କରିଥିବା ବେଳେ ଅବନୀ ବାରିକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଶରତ ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ଜହ୍ନାପଙ୍କ (ଏ) ଓ ବ୍ରାହ୍ମଣୀପାଲି ଏବଂ ବୁଢ଼ିପଦର ଓ ମର୍ଯ୍ୟାଦାପୁର ମଧ୍ୟରେ ଖେଳ ହେବ।

■ ୧୯ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ସୋନପୁରକୁ ହରାଇ କଟାପାଲି ବିଜୟୀ

**ରେଢାଖୋଲ,୨୨।୧୨(ଡି.ଏନ.ଏ.)**



ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ବଡମାଳ ଜୟଜଗନ୍ନାଥ କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ ମିନିଷ୍ଟାଡିୟମରେ ରବିବାର ୧୯ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ବଡମାଳ ସରପଞ୍ଚ ଷଡାନନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଫାଣ୍ଡି ଏଏସଆଇ ସନାତନ ପ୍ରଧାନ ଓ ଶହୀଦଙ୍କ ଭାଇ ମୁରଲୀଦେବ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶହୀଦ ଶୁକଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଜାତୀୟ ସଙ୍ଗୀତ ଗାନ କରି ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଥିଲା। ସୋନପୁର (ଏସ.ଡି.ସି) ଓ କଟାପାଲି (ବରଗଡ) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୋନପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରୁ ୧୬.୨ ବଲରେ ସମସ୍ତ ୱିକେଟ ହରାଇ ୮୪ ରନ୍ ସଂଗ୍ରହ କରିଥିଲା। ଦଳର ଉମାଶଙ୍କର ୧୫ ବଲ୍‌ରୁ ୨୮ ରନ୍ ଓ ଆକାଶ ୧୬ ବଲ୍‌ରୁ ୧୪ ରନ୍ ସଂଗ୍ରହ କରିଥିଲେ। ଜବାବରେ କଟାପାଲି ଦଳ ୧୪ ଓଭରରେ ୭ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ। କଟାପାଲି ଦଳର ନରସିଂହ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ମ୍ୟାଚକୁ ସୁଜିତ ନନ୍ଦ ଓ ପ୍ରକାଶ ସାହୁ ପରିଚାଳନା କରିଥିବା ବେଳେ ସୁକାନ୍ତ ପ୍ରଧାନ ଧାରା ବିବରଣି ପ୍ରଦାନ କରିଥିଲେ। ରାଜକିଶୋର ପ୍ରଦାନ ଓ ଶୁଭମ୍ ସେଠ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଜୟ ଜଗନ୍ନାଥ କ୍ରିକେଟ କ୍ଲବର ସଭାପତି ଅଶୋକ ବାଘ ସଂପାଦକ ଗୁପ୍ତେଶ୍ୱର ରଣାଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ।

# କୋଇଲା ଚୋରା ଚାଲାଣ ବେଳେ ୨ଟ୍ରକ ଜବତ

**ବାସୁଦେବପୁର, ୨୨।୧୨(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ପାରାଛକ ନିକଟରୁ ବାସୁଦେବପୁର ପୋଲିସ ଶନିବାର ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ଚୋରା କୋଇଲା ଭର୍ତ୍ତି ୨ଟି ଟ୍ରକକୁ ଜବତ କରିଛି। ଏହି ଟ୍ରକରେ ଧାମରାରୁ ଚୋରା କୋଇଲା ବୋଝେଇ ହୋଇ ରାଜ୍ୟ ବାହାରକୁ ଚାଲାଣ ହେଉଥିଲା। ପୋଲିସ ଜବତ କରିଥିବା ଟ୍ରକ ଦୁଇଟିର ନମ୍ବର ହେଲା ଡବ୍ଲ୍ୟୁ ବି ୩୩ ବି ୦୭୫୩ ଓ ଡବ୍ଲ୍ୟୁ ବି ୩୩ ଇ ୧୪୯୯। ଗିରଫ ଦୁଇ ଟ୍ରକ ଡ୍ରାଇଭର ହେଲେ ପଶ୍ଚିମବଙ୍ଗ ମେଦିନପୁର ଗ୍ରାମର ପ୍ରଭାସ ବେରା ଓ କ୍ରିଷ୍ଣପଦ ମହନ୍ତ। ଗିରଫ ଦୁଇ ଟ୍ରକ ଡ୍ରାଇଭରଙ୍କୁ ବାସୁଦେବପୁର ପୋଲିସ ରବିବାର ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଧାମରା ବନ୍ଦରାଞ୍ଚଳକୁ ବିଦେଶରୁ ଜଳ ଜାହାଜ ଯୋଗେ ଆସୁଥିବା କୋଇଲାକୁ ଚୋରା ବେପାରୀଙ୍କ ହାତେଇ ରାଜ୍ୟ ବାହାରକୁ ପ୍ରତିଦିନ ଏପରି ଚୋରା ଚାଲାଣ କରୁଥିବା କୁହାଯାଉଛି। ଏ ଦିଗରେ ପ୍ରଶାସନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି। ବାସୁଦେବପୁର ପୋଲିସ ଏହି ଚୋରା କୋଇଲା ଜବତ ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା କହିଛି।

# ଦେବଝରନରେ ପୋଲିସ ନିୟୋଜିତ କରିବାକୁ ଦାବି

**ସମ୍ବଲପୁର,୨୨।୧୨(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ଥିବା ପର୍ଯ୍ୟଟନସ୍ଥଳ ଦେବଝରନକୁ ପର୍ଯ୍ୟଟକମାନେ ବଣ ଭୋଜି କରିବାକୁ ଆସୁଛନ୍ତି। ସେମାନଙ୍କ ସୁରକ୍ଷା ଲାଗି ଦେବଝରନରେ ପୋଲିସ ମୁତୟନ କରିବାକୁ ଯୁଯୁମୁରା ଥାନାରେ ଦେବଝରନ ବିକାଶ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଶେଷ କରି ରବିବାର ଗହଳି ହେଉଛି। ପର୍ଯ୍ୟଟକ ଦଳରେ ମହିଳାମାନେ ମଧ୍ୟ ରହୁଛନ୍ତି। ହେଲେ ବାରମ୍ବର ସଚେତନ କଲେ ମଧ୍ୟ କେତେକ ପର୍ଯ୍ୟଟକ ନିଶା ଦ୍ରବ୍ୟ ସେବନ କରୁଛନ୍ତି। ଏହାଦ୍ୱାରା ଗଣ୍ଡଗୋଳ ହେବାର ଆଶଙ୍କା ରହୁଛି। ତେଣୁ ଏଠାରେ ପୋଲିସ ନିୟୋଜିତ କରାଯାଉ ବୋଲି ମଞ୍ଚ ଆବାହକ ଅରୁଣ ଦେହୁରୀ, ଟଙ୍କଧର ପଧାନ, ଦିବାକର ସାହୁ, ରୋହିତ ପ୍ରଧାନ, ପ୍ରକାଶ ନାଏକ, ସୁନୀଲ ହର, ସରୋଜ ଦେହୁରୀ, ବିରେନ ଭୋଇ ପ୍ରମୁଖ ଦାବି କରିଛନ୍ତି।

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ବସ୍ତା, ୨୨।୧୨(ସ୍ୱ.ପ୍ର.):** ବସ୍ତା ଥାନା ୬୦ନଂ. ଜାତୀୟ ରାଜପଥର ଗୋଡିଖାଳ ନିକଟରେ ଏକ ଟାଟା ଏସିଇ ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। କୁଳିଦା ପଞ୍ଚାୟତ ଜୁଣବଳଦା ଗ୍ରାମନିବାସୀ ଭରତ ରାଉତଙ୍କ ସ୍ତ୍ରୀ ଲକ୍ଷ୍ମୀ(୪୦) ନିଜ ଘରକୁ ଯାଉଥିବା ବେଳେ ତାଙ୍କ ପଛପଟୁ ଗାଡି (ନଂ.ଓଡି-୦୧ଏସି-୬୫୯୩) ଧକ୍କା ଦେବା ଯୋଗୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପ୍ରଥମେ ବସ୍ତା ମେଡିକାଲ ଓ ପରେ କଟକ ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅମର୍ଦ୍ଦାରୋଡ ଫାଣ୍ଡି ଜମାଦାର ରସାନନ୍ଦ ବେହେରା ଏକ ମାମଲା (ନଂ.୪୨୫/୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।


**OFFICE OF THE MUNICIPAL COUNCIL, BHAWANIPATNA**

**TENDER CALL NOTICE**

No. 3561/2019 Date: 19.12.2019

(1) Executive Officer, Bhawanipatna Municipality invites sealed Tenders from the intending reputed Suppliers / Dealers for **supply of "Furniture and Assets"** for Shelter for Urban Homeless (SUH), Bhawanipatna, Kalahandi. (2) Tender papers required for the tender can be obtained from the office of the Bhawanipatna Municipality on payment of Rs. 1000/- (Rupees One Thousand) only (Non-refundable) in Demand Draft towards cost of Tender paper on any working day in office hour from **19.12.2019 to 31.12.2019 at 5.30 PM.** (3) The tender papers can also be downloaded from the website **http://www.kalahandi.nic.in**. In case of tender papers downloading from the website the tender shall accompany Bank Draft of Rs. 1000/- (Rupees One Thousand only) in favour of "Executive Officer, Bhawanipatna Municipality" payable at any Nationalized Bank of Bhawanipatna. (4) The tender shall reach the Executive Officer, Bhawanipatna Municipality, Kalahandi by Registered Post / Speed Post only on or before **31.12.2019 at 5.30 PM**. The tender received beyond the date and time mentioned above shall not be taken into consideration. (5) Tender paper must be accompanied with Demand Draft towards cost of Tender papers and other relevant documents as mentioned in the tender paper. Failure to comply the instruction specified there in or non-submission of any of the documents specified, the bid shall summarily be rejected. (6) The sealed tenders will be opened on **03.01.2020 at 3.30 PM** by the undersigned in this office in presence of the tenderers or their authorized representatives and members of the District level purchase committee constituted for the purpose. (7) The undersigned reserves the right to cancel or reject any or all the tenders without assigning any reason thereof. (8) The detail of this tender is available in the Notice Board / District website **http://www.kalahandi.nic.in**.

*Executive Officer, Bhawanipatna Municipality*

**NOTIFIED AREA COUNCIL, KANTABANJI**

**Tender Call Notice No. 1683 / 21.12.2019 NACKBJ**

**Crucial Details of Tender Call Notice**

| | | |
|---|---|---|
| Name of the work | : | Supply of Two nos. of Gardener (Unskilled worker) for Children Park |
| Agency | : | The bidder must have:<br>1. GST Registration certificate<br>2. PAN Card<br>3. Labour Licence<br>4. Affidavit about authentication of submitted documents |
| Period of contract | : | One Year |
| Cost of Tender document | : | Rs. 10,000/- |
| Period of Sale of Tender document | : | From 23.12.2019 to 31.12.2019 |
| Last Date for receipt of Filled in Tender document | : | 31.12.2019 at 1.30 PM |
| Place & date of opening of Bid of eligible Tenders | : | Kantabanji NAC 31.12.2019 at 4.00 PM |
| Officer invited the Tender | : | Executive Officer on behalf of Kantabanji NAC |
| Likely date for commencement of deployment of required manpower | : | 01.01.2020 |

Further details can be seen in NAC Office, Kantabanji during office hours.

*Sd./- Executive Officer*
*Notified Area Council, Kantabanji*

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ

ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା: **30337**/ ଭୁ.ଉ.କ., ଭୁବନେଶ୍ୱର ତା୧୬।୧୨।୨୦୧୯ରିଖ
SRA-12/88

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଫେଜ୍-୨ ପ୍ଲଟେଡ୍ ଡେଭଲ୍‌ପମେଣ୍ଟ ସ୍କିମ୍‌ର EWS ପ୍ଲଟ୍ ନଂ.-S-5/113କୁ ଶ୍ରୀ ଭାଗ୍ୟଧର ବାହାଲିଆ, ପିତା- କୁଳମଣି ବାହାଲିଆ, ଗ୍ରାମ- ତାରିଣୀ ବିହାର, କୁମ୍ଭାର ସାହି, ପୋ/ଥା- ବିଡ଼ାନାସି, ଜିଲ୍ଲା- କଟକ, ପିନ୍-୭୫୩୦୧୪ଙ୍କ ନାମରେ ଆବଣ୍ଟନ କରାଯାଇଅଛି। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଭାଗ୍ୟଧର ବାହାଲିଆ ଉକ୍ତ ପ୍ଲଟ୍‌କୁ ଦାନସୂତ୍ରେ ତାଙ୍କର ଝିଅ ମୋନାଲିସା ବାହାଲିଆ, ଗ୍ରାମ- ତାରିଣୀ ବିହାର, କୁମ୍ଭାର ସାହି, ପୋ/ଥା- ବିଡ଼ାନାସି, ଜିଲ୍ଲା- କଟକ, ପିନ୍- ୭୫୩୦୧୪ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌କୁ ଦାନସୂତ୍ରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୧**

See Career Appointment on every Wednesday & Saturday

**NOTICE INVITING TENDER**
**OFFICE OF DISTRICT MANAGER**
**Odisha State Civil Supplies Corporation Ltd. (OSCSC)**
**Sundargarh (District)**
**Tender No. 3650/ Dated : 20.12.2019**

Online Tenders are invited from eligible tenderers for selection and appointment of (i) Level-I Transport Contractor for transporation of food grains from FSD, FCI to RRCs (ii) Level - II Transport Contractor for transporation of food grains from RRCs to Retail Centers (FPS) (iii) Handling Contractor (Labour works) for Handling Foodgrains (Rice, Wheat) at the RRCs in the district of the State of Odisha.

| | | |
|---|---|---|
| 1. | Availability of tender documents | From Date 21.12.2019 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2. | Date, time and venue for pre-bid conference | On dt. 26.12.2019 at O/O CSO-cum-District Manager, OSCSC Ltd., place, Sundargarh |
| 3. | Late date and time for online submission of completed Tender Documents with enclousers | Through e-Procurement Portal : www.tendersodisha.gov.in upto 05.30 PM of dt. 08.01.2020 |
| 4. | Date, time and venue for opening of Technical Bid by the Tender Committee. | On dt.10.01.2020 at Pragati Mandap, Place Sundargarh. |
| 5. | Date, time and venue of submissioin of original documents in support of scanned copies uploaded in the portal for verification. | on dt. 10.01.2020 at Pragati Mandap, Place Sundargarh. |
| 6. | Date & time of Financial Bid opening by the Tender Committee (Only of Technically Qualified Tenderers) | To be announced after technical bid evaluation. |
| 7. | Venue of the opening of Technical & Financial Bids | Pragati Mandap, Sundargarh |
| 8. | Validity Period | Tenders are to remain open for acceptance for 45 days inclusive of date of opening of tender. Note : The Managing Director, OSCSC ltd. , Bhubaneswar may at his discretion extend this day by 15 (fifteen) days and such extension shall be binding on the tenderers. |
| 9. | Language of the Tender | The tender should be prepared by the tenderer in English language only. |
| 10. | Help dek telephone No. | (v) OSCSC Ltd. : District Manager No. 9438200060, Accounts Head No. 9438288759 (vi) State Procurement Cell. 0674- 2530998/ 18003456765 |

N.B. : 1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any / all of the tenders at any time without assinging any reason thereof.
3. Further details can be obtained in the wesbite www.tendersodisha.gov.in
4. The bidder must deposit Tender Document Fee and EMD at the time of submission of tender.
5. Any amendment / cancellation/re-tender/corrigendum please refer to the website www.tendersodisha.gov.in, www.oscsc.in & www.foododisha.in along with district website.

**Sd./- District Manager, OSCSC Ltd., Sundargarh**

Odisha Coal and Power Limited
OCPL

**ODISHA COAL AND POWER LTD.**
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

**NOTICE INVITING TENDER**

Date: 23.12.2019

Sealed bids in prescribed format are invited from Companies/Contractors / agencies / firms for the following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale/ Download of Tender Document | Last date of Submission/ Opening of bid |
|---|---|---|---|---|---|---|
| **NIT No: OCPL/SUP-104/2019** | | | | | | |
| 01 | Supply of Various Coal Laboratory Equipment for Odisha Coal and Power Limited, Hemgir, Sundargarh, Odisha. | Rs.1,180/- (Rupees One Thousand One Hundred and Eighty Only) including GST @ 18%. | Rs. 10,000/- (Rupees Ten Thousand Only). | 23.12.2019 | 31.12.2019 | 3:00 PM on 06.01.2020<br>3:30 PM on 06.01.2020 |
| **NIT No: OCPL/SER-105/2019** | | | | | | |
| 02 | Appointment of an agency for Providing Comprehensive Maintenance of Rehabilitation & Resettlement (R & R) Colony of Odisha Coal and Power Limited at Hemgir, Sundargarh, Odisha. | Rs.1,180/- (Rupees One Thousand One Hundred and Eighty Only) including GST @ 18%. | Rs. 20,000/- (Rupees Twenty Thousand Only). | 23.12.2019 | 02.01.2020 | 03:00 PM on 07.01.2020<br>03.30 PM on 07.01.2020 |

For further details, bidders may visit our website, i.e. www.ocpl.org.in. Any clarification may please be addressed to the undersigned at the above address or by email to: **a.kanungo@ocpl.org.in**.

*Sd./- Addl. General Manager (Commercial & Contracts)*

# ‘ଚନ୍ଦ୍ରୟାନ-୨’ ମିଶନ

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ଚନ୍ଦ୍ର ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ଚଳିତ ବର୍ଷ ‘ଚନ୍ଦ୍ରୟାନ-୨’ ଅଭିଯାନ କରାଯାଇଥିଲା। ହେଲେ ସଫଳତାର ସହ ମହାକାଶକୁ ସ୍ପେଶ୍‌କ୍ରାଫ୍ଟ ‘ଚନ୍ଦ୍ରୟାନ-୨’କୁ ଉତ୍‌କ୍ଷେପଣ କରାଯାଇଥିଲେ ମଧ୍ୟ ଏହାର ଲ୍ୟାଣ୍ଡର ‘ବିକ୍ରମ’ ଠିକ୍ ଶେଷ ମୁହୂର୍ତ୍ତରେ କକ୍ଷଚ୍ୟୁତ ହୋଇଥିଲା। ଫଳରେ ଏହି ଅଭିଯାନର ସଫଳତା କେବଳ ସ୍ୱପ୍ନ ହୋଇ ରହିଗଲା। ତିନୋଟି ଅଂଶକୁ ନେଇ ଗଠିତ ଏହି ସ୍ପେଶକ୍ରାଫ୍ଟର ପ୍ରଥମ ଅଂଶ ‘ଅର୍ବିଟର’ର ଓଜନ ୨୩୭୯ କିଗ୍ରା, ଦ୍ୱିତୀୟ ଅଂଶ ଲ୍ୟାଣ୍ଡର ବିକ୍ରମର ଓଜନ ୧୪୭୧ କିଗ୍ରା ଏବଂ ତୃତୀୟ ରୋଭର ‘ପ୍ରଜ୍ଞା’ର ଓଜନ ଥିଲା ମାତ୍ର ୨୭ କିଗ୍ରା। ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ ଗବେଷଣା କେନ୍ଦ୍ରରୁ ‘ବାହୁବଳୀ’ ନାମକ ଜିଏସ୍‌ଏଲ୍‌ଭି ରକେଟ୍ ଦ୍ୱାରା ଏହାକୁ ଉତ୍‌କ୍ଷେପଣ କରାଯାଇଥିଲା।




# ଦିଗନ୍ତ

**ଶେଷ ପାଦରେ ଉପନୀତ ୨୦୧୯। ଚଳିତବର୍ଷ ଘଟିଥିବା ପ୍ରମୁଖ ବିଜ୍ଞାନ ତଥା ସ୍ୱାସ୍ଥ୍ୟଭିତ୍ତିକ ତଥ୍ୟାବଳୀକୁ ନେଇ ଉପସ୍ଥାପନା...**

## ନ୍ୟୁରୋଷ୍ଟିମ୍ୟୁଲେଟର ଡିଭାଇସ୍

ପାର୍କିନସନ ପରି ସ୍ନାୟୁଗତ ରୋଗର ସହଜ ଚିକିତ୍ସା ପାଇଁ ‘ନ୍ୟୁରୋଷ୍ଟିମ୍ୟୁଲେଟର’ ନାମକ ଡିଭାଇସ୍ ପ୍ରସ୍ତୁତ କରାଯାଇଛି। ଆମେରିକାସ୍ଥିତ କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏପରି ଏକ ଡିଭାଇସ୍ ତିଆରି କରିଛନ୍ତି। ଉକ୍ତ ଡିଭାଇସ୍‌ର ଏପରି ଶକ୍ତି ରହିଛି, ଯାହା ସ୍ନାୟୁଗୁଡିକୁ ପୂର୍ବାପେକ୍ଷା ଅଧିକ ଚଳଚଞ୍ଚଳ କରିଥାଏ।



## ମିନି ରୋବଟ୍

ରୋବଟ୍‌ର ଚାହିଦା ଦିନକୁ ଦିନ ବଢ଼ିଚାଲିଛି। ବିଭିନ୍ନ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇ ସେଥିରୁ ସଫଳତା ମିଳିବାର ନଜିର ମଧ୍ୟ ରହିଛି। ନିକଟରେ ଇଂଲଣ୍ଡର ବୈଜ୍ଞାନିକମାନେ ଏକ କ୍ଷୁଦ୍ର ରୋବଟ୍ ପ୍ରସ୍ତୁତ କରିଛନ୍ତି। ଏହା କାନ୍ଥ ଉପରେ ଚଢ଼ି ତାହାକୁ ସଫା କରିପାରିବ। ଉକ୍ତ ହାଇଟେକ୍ ରୋବଟ୍‌ର ଶରୀର ‘ଇଲେକ୍ଟ୍ରୋ ସ୍କିନ୍’ରେ ପ୍ରସ୍ତୁତ କରାଯାଇଛି। ଖାସ୍ କଥା ହେଲା କାନ୍ଥ ଉପରେ ଚଢ଼ି ସଫା କରିବା ସମୟରେ ଏହା ନିଜ ଶରୀରକୁ ଅତି ସହଜରେ ସଙ୍କୁଚିତ ଏବଂ ପ୍ରସାରିତ କରିପାରିବ। ପରୀକ୍ଷାମୂଳକ ଭାବେ ଏହି ମିନି ରୋବଟ୍‌ରୁ ସଫଳତା ମିଳିବା ପରେ ତାହାକୁ କିପରି ଆହୁରି କାର୍ଯ୍ୟଦକ୍ଷ କରାଯାଇପାରିବ ସେନେଇ ଚେଷ୍ଟା ଜାରି ରହିଛି।

## କେଶରୁ ଜାଣିହେବ ସ୍କିଜୋଫ୍ରେନିଆ ଲକ୍ଷଣ



ସ୍କିଜୋଫ୍ରେନିଆ ହେଉଛି ଏକ ମସ୍ତିଷ୍କଜନିତ ରୋଗ। ଏପରି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ସ୍ମରଣଶକ୍ତି ପ୍ରଭାବିତ ହୋଇଥାଏ। ମସ୍ତିଷ୍କରୁ ହାଇଡ୍ରୋଜେନ ସଲ୍‌ଫାଇଡ୍ ଅଧିକ କ୍ଷରଣ ହେଲେ ଏହି ରୋଗର ଆଶଙ୍କା ଅଧିକ ରହିଥାଏ। ଆମେରିକାସ୍ଥିତ ଇଏବିଓ ମଲିକୁଲାର ମେଡିସିନ ସଂସ୍ଥା ଦ୍ୱାରା ଏ ନେଇ ଏକ ଗବେଷଣା କରାଯାଇଥିଲା। ଏହି ଗବେଷଣା ସମୟରେ ସେମାନେ ଏକ ଏନ୍‌ଜାଇମ୍‌କୁ ଠାବ କରିବାରେ ସକ୍ଷମ ହୋଇଥିଲେ। ଉକ୍ତ ଏନ୍‌ଜାଇମ୍ ମସ୍ତିଷ୍କରେ ହାଇଡ୍ରୋଜେନ ସଲ୍‌ଫାଇଡ୍ ଅଧିକ କ୍ଷରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେବେ କେଶକୁ ଅନୁଧ୍ୟାନ କରି ଏପରି ଏନ୍‌ଜାଇମକୁ ସେମାନେ ଖୋଜି ପାଇଥିଲେ। ଏହାଦ୍ୱାରା ହାଇଡ୍ରୋଜେନ ସଲ୍‌ଫାଇଡ୍ ଅଧିକ କ୍ଷରଣକୁ ସହଜରେ ରୋକାଯାଇପାରିବ ଏବଂ ସ୍କିଜୋଫ୍ରେନିଆ ମୃତ୍ୟୁହାରକୁ ମଧ୍ୟ କେତେକାଂଶରେ ନିୟନ୍ତ୍ରିତ କରାଯାଇପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ଲିଭର ରୋଗ ଚିହ୍ନଟର ନୂଆ ଉପାୟ

ଲିଭର ରୋଗକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ନିକଟରେ ଉଦ୍ଭାବିତ ହୋଇଛି। ଏ କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି ଆମେରିକାସ୍ଥିତ ଜର୍ଜିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଉକ୍ତ ୟୁନିଭର୍ସିଟିର ପ୍ରଫେସର ୟାଙ୍ଗ୍‌ଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଗ୍ରୁପ୍ ଏ ନେଇ ଗବେଷଣା କରିଥିଲେ। ବର୍ତ୍ତମାନ ଆମେରିକାରେ ନୋନାଲକୋହୋଲିକ ଫ୍ୟାଟି ଲିଭର ରୋଗ କାୟା ବିସ୍ତାର କରିଚାଲିଛି। ଏହି ରୋଗକୁ ସହଜରେ ଚିହ୍ନଟ କରିବାର ଏକ ଉପାୟ ସେମାନେ ଖୋଜିପାଇଛନ୍ତି। ପ୍ରଥମେ ଏକ ମୂଷାର ଟିସୁକୁ ପରୀକ୍ଷା କରି ସେମାନେ ସଫଳ ହୋଇଥିଲେ। ମନୁଷ୍ୟମାନଙ୍କ କ୍ଷେତ୍ରରେ ଏପରି ପ୍ରଣାଳୀ ମଧ୍ୟ ସଫଳ ହେବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ପ୍ରଫେସର ୟଙ୍ଗ୍।

## ମହାକାଶ ମଣ୍ଡଳ

**‘ଅଗ୍ନି-୨’ର ସଫଳ ଉତ୍‌କ୍ଷେପଣ :** ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପଣ କରାଯାଇପାରୁଥିବା କ୍ଷେପଣାସ୍ତ୍ର ‘ଅଗ୍ନି-୨’ର ସଫଳ ପରୀକ୍ଷଣ ବାଲେଶ୍ୱର ଚାନ୍ଦିପୁର ଆଇଟିଆର ଏବଂ ଭଦ୍ରକ ଜିଲାସ୍ଥିତ ଅବଦୁଲ୍ କଲାମ ଦ୍ୱୀପରେ କରାଯାଇଛି।

**ଉତ୍‌କ୍ଷେପିତ ହେଲା ଜିସାଟ୍-୩୧ :** ଆମ ଦେଶରେ ଏଟିଏମ୍ ନେଟୱର୍କ ଏବଂ ଡିଟିଏଚ୍ ସେବାକୁ ଅଧିକ ସମୃଦ୍ଧ କରିବାକୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଯୋଗାଯୋଗ ଉପଗ୍ରହ ‘ଜିସାଟ୍-୩୧’କୁ ମହାକାଶରୁ ଉତ୍‌କ୍ଷେପଣ କରାଯାଇଛି। ଏହି ଉପଗ୍ରହ ୧୫ ବର୍ଷ ପର୍ଯ୍ୟନ୍ତ ମହାକାଶରେ ରହିବ। ‘ଜିସାଟ୍-୩୧’ ହେଉଛି ଭାରତର ୪୦ତମ ଉପଗ୍ରହ।

**‘ଅଗ୍ନି-୩’ର ସଫଳ ପରୀକ୍ଷଣ :** ବାଲେଶ୍ୱର ଜିଲା ଚାନ୍ଦିପୁର ଡିଆର୍‌ଡିଓ ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ତଥା ୧୭ ମିଟର ଲମ୍ବବିଶିଷ୍ଟ କ୍ଷେପଣାସ୍ତ୍ର ‘ଅଗ୍ନି-୩’ର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ପ୍ରାୟ ଦେଢ଼ ଟନ୍ ଆଣବିକ ଯୁଦ୍ଧାସ୍ତ୍ର ବହନ କରି ୩୫୦୦-୫୦୦୦ କିମି ଦୂରରେ ଯେକୌଣସି ଲକ୍ଷ୍ୟକୁ ଭେଦ କରିପାରିବ।

## ଡାଇବେଟିସ୍ ଓ ରୋଟାଭାଇରସ ଇନ୍‌ଫେକ୍‌ଶନ



ନିକଟରେ ଅଷ୍ଟ୍ରେଲିଆସ୍ଥିତ ମେଲ୍‌ବୋର୍ନ ୟୁନିଭର୍ସିଟିର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ରୋଟାଭାଇରସ ଇନ୍‌ଫେକ୍‌ଶନ ମଧ୍ୟ ଟାଇପ-୧ ଡାଇବେଟିସ୍ ପାଇଁ ଦାୟୀ। ଏପରି ଇନ୍‌ଫେକ୍‌ଶନକୁ କମାଇବା ପାଇଁ ଟିକାକରଣ ବ୍ୟବସ୍ଥା ରହିବା ଦ୍ୱାରା ଏପରି ଆଶଙ୍କା କେତେକାଂଶରେ କମ୍ ରହିଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ସେମାନେ କେତେଜଣ ଟାଇପ୍-୧ ଡାଇବେଟିସ୍ ରୋଗୀଙ୍କ ଉପରେ ତର୍ଜମା କରିବା ସମୟରେ ଏପରି ତଥ୍ୟ ଜଣାପଡ଼ିଥିଲା।

**ପୃଥ୍ୱୀ-୨ର ସଫଳ ପରୀକ୍ଷଣ :** ଭୂପୃଷ୍ଠରୁ ଭୂପୃଷ୍ଠକୁ ୩୫୦ କିମି ପର୍ଯ୍ୟନ୍ତ ନିକ୍ଷେପ କରାଯାଇପାରୁଥିବା କ୍ଷେପଣାସ୍ତ୍ର ‘ପୃଥ୍ୱୀ-୨’ର ସଫଳ ପରୀକ୍ଷଣ ଚଳିତ ବର୍ଷ କରାଯାଇଛି।

**‘ବ୍ରହ୍ମୋସ’ର ବ୍ୟବହାରିକ ପରୀକ୍ଷଣ :** ବାଲେଶ୍ୱର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜ (ଆଇଟିଆର) ପକ୍ଷରୁ ସୁପରସୋନିକ କ୍ରୁଜ୍ କ୍ଷେପଣାସ୍ତ୍ର ‘ବ୍ରହ୍ମୋସ’ର ବ୍ୟବହାରିକ ପରୀକ୍ଷଣ କରାଯାଇଛି।

**ଅବତରଣ କଲା ଲୁନାର ପ୍ରୋବୋ :** ଚନ୍ଦ୍ରର ଅନ୍ଧକାର ପାର୍ଶ୍ୱରେ ଚାଇନାର ସ୍ପେଶ୍‌କ୍ରାଫ୍ଟ ‘ଲୁନାର ପ୍ରୋବୋ’ ଅବତରଣ କରିଛି।




## ନୋବେଲ ପୁରସ୍କାର-୨୦୧୯

### ଚିକିତ୍ସା ବିଜ୍ଞାନ

ଶରୀରର ଜୀବକୋଷମାନ ଅମ୍ଳଜାନର ପରିମାଣରେ ବିଭିନ୍ନତାକୁ କିପରି ବାରିପାରନ୍ତି ଓ କିପରି ଏହା ସହ ଖାପଖୁଆଇ ନିଜ ଭିତରେ ଆବଶ୍ୟକ ପରିବର୍ତ୍ତନ କରିପାରନ୍ତି, ତାହା ବହୁଦିନ ଧରି ଅଜଣା ରହି ଆସିଥିଲା। ଏ ସଂକ୍ରାନ୍ତ ଆବିଷ୍କାର ପାଇଁ ଚଳିତବର୍ଷର ଶରୀରତତ୍ତ୍ୱ ଏବଂ ଭେଷଜ ବିଜ୍ଞାନ ନୋବେଲ ପୁରସ୍କାର ତିନିଜଣ ଭେଷଜ ବିଜ୍ଞାନୀ-ଉଇଲିୟମ୍ ଜି. କାଏଲିନ୍ ଜୁନିୟର, ସାର୍ ପିଟର ଜେ.ର୍‍ୟାଟ୍‌କ୍ଲିଫ୍ ଏବଂ ଗ୍ରେଗ୍ ଏଲ୍. ସେମେଞ୍ଜାଙ୍କୁ ପ୍ରଦାନ କରାଯାଇଛି। ୬୨ ବର୍ଷ ବୟସ୍କ ପ୍ରଫେସର କାଏଲିନ୍ ଜଣେ ଆମେରିକୀୟ ଏବଂ ଭେଷଜ ଓ କର୍କଟ ରୋଗ ବିଶେଷଜ୍ଞ। ଲଣ୍ଡନସ୍ଥିତ ଫ୍ରାନ୍‌ସିସ୍ କ୍ରିକ୍ ଇନ୍‌ଷ୍ଟିଚ୍ୟୁଟରେ କ୍ଲିନିକାଲ ରିସର୍ଚ୍ଚ ଶାଖାର ନିର୍ଦ୍ଦେଶକ ପ୍ରଫେସର ର୍‍ୟାଟ୍‌କ୍ଲିଫ (୬୫) ଜଣେ ବୃକ୍କ ରୋଗ ବିଶେଷଜ୍ଞ। ୬୩ ବର୍ଷ ବୟସ୍କ ଆମେରିକୀୟ ବୈଜ୍ଞାନିକ ପ୍ରଫେସର ସେମେଞ୍ଜା ଜଣେ ଶିଶୁରୋଗ ବିଶେଷଜ୍ଞ।



ଚିକିତ୍ସା ବିଜ୍ଞାନ (ବାମରୁ) ଗ୍ରେଗ୍ ଏଲ୍. ସେମେଞ୍ଜା, ସାର୍ ପିଟର ଜେ.ର୍‍ୟାଟ୍‌କ୍ଲିଫ୍, ଉଇଲିୟମ୍ ଜି. କାଏଲିନ୍ ଜୁନିୟର

ପଦାର୍ଥ ବିଜ୍ଞାନ (ବାମରୁ) ଜେମ୍‌ସ ପିବଲ୍‌ସ, ମାଇକେଲ୍ ମେୟର, ଡିଡିଏର୍ କୁଇଲୋଜ୍

ରସାୟନ ବିଜ୍ଞାନ (ବାମରୁ) ଜନ୍ ବି.ଗୁଡ୍‌ଏନଫ୍, ଏମ୍.ଷ୍ଟାନ୍‌ଲେ ଉଇଟିଂହାମ, ଅକିରା ୟୋସିନୋ

### ପଦାର୍ଥ ବିଜ୍ଞାନ

ବିଶ୍ୱର ଜଣା ଗ୍ରହ, ନକ୍ଷତ୍ର, ଗାଲାକ୍‌ସି ଆଦି ଏହାର ମାତ୍ର ୫ ପ୍ରତିଶତ ବସ୍ତୁରୁ ନିର୍ମିତ ଏବଂ ଅବଶିଷ୍ଟ ୯୫ ପ୍ରତିଶତ ସମ୍ବନ୍ଧରେ ଆମକୁ କିଛି ଜଣାନାହିଁ। ଏହି ଅଜଣା ବସ୍ତୁର ନାମ ‘କୃଷ୍ଣବସ୍ତୁ’ ଓ ‘କୃଷ୍ଣଶକ୍ତି’ ଦିଆଯାଇଛି। ପରବର୍ତ୍ତୀ ଅଧ୍ୟୟନରୁ ଜଣାପଡ଼ିଛି ଯେ, ବିଶ୍ୱରେ ୨୬ ପ୍ରତିଶତ ହେଉଛି କୃଷ୍ଣବସ୍ତୁ ଓ ୬୯ ପ୍ରତିଶତ କୃଷ୍ଣଶକ୍ତି। ବର୍ତ୍ତମାନ ପଦାର୍ଥ ବିଜ୍ଞାନୀମାନଙ୍କ ପାଇଁ ଏହି ରହସ୍ୟମୟ ଦୁଇ ବସ୍ତୁ ଆହ୍ୱାନ ସଦୃଶ ହୋଇଛି। କାନାଡ଼ାର ବୈଜ୍ଞାନିକ ଜେମ୍‌ସ ପିବଲ୍‌ସଙ୍କ ଏହି ଯୁଗାନ୍ତକାରୀ ଆବିଷ୍କାର ପାଇଁ ତାଙ୍କୁ ଏ ବର୍ଷ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏହି ବର୍ଷ ଅନ୍ୟ ଦୁଇଜଣଙ୍କୁ ଜ୍ୟୋତିର୍ବିଜ୍ଞାନରେ ଉତ୍କର୍ଷ କାର୍ଯ୍ୟ ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଗ୍ରହଣ କରିଛନ୍ତି। ସେମାନେ ହେଉଛନ୍ତି ସୁଇଜରଲାଣ୍ଡର ଦୁଇ ଜ୍ୟୋତିର୍ବିଦ୍ ମାଇକେଲ୍ ମେୟର ଓ ଡିଡିଏର୍ କୁଇଲୋଜ୍। ଉଭୟେ ୧୯୯୫ ଅକ୍ଟୋବରରେ ଆମ ସୌରଜଗତ ବାହାରେ ପ୍ରଥମ ଗ୍ରହକୁ ଆବିଷ୍କାର କରିଥିବାରୁ ସେମାନଙ୍କୁ ଏହି ସମ୍ମାନ ଲାଗି ମନୋନୀତ କରାଯାଇଛି।

### ରସାୟନ ବିଜ୍ଞାନ

ଲିଥିୟମ୍ ଆୟନ୍ ବ୍ୟାଟେରିର ବ୍ୟବହାର ସାମରିକ ଏବଂ ବିମାନ ଚାଳନା କ୍ଷେତ୍ରରେ ବ୍ୟାପକ ହେବାରେ ଲାଗିଛି। ଏହି ଅତ୍ୟାବଶ୍ୟକ ତଥା ସୁଦୂରପ୍ରସାରୀ ଭବିଷ୍ୟତସମ୍ପନ୍ନ ବ୍ୟବସ୍ଥାର ଉଦ୍ଭାବନ ତଥା ବିବିଧ କ୍ଷେତ୍ରରେ ତାହାର ବ୍ୟବହାର ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ଆମେରିକାର ଜନ୍ ବି.ଗୁଡ୍‌ଏନଫ୍ ଏବଂ ଏମ୍.ଷ୍ଟାନ୍‌ଲେ ଉଇଟିଂହାମ୍ ଓ ଜାପାନର ଅକିରା ୟୋସିନୋ। ଦ୍ରୁତ କ୍ଷୟପ୍ରାପ୍ତ ସଂସାଧନ ଜୀବାଶ୍ମ ଇନ୍ଧନର ବିକଳ୍ପ ରୂପେ ଉଭାହେବା ସହ ବାୟୁ ପ୍ରଦୂଷଣ ହ୍ରାସ କରିବା ଦିଗରେ ଏହାର ଭୂମିକାର ଗୁରୁତ୍ୱ କଥା ବିଚାରକୁ ନେଇ ସେମାନଙ୍କୁ ଚଳିତବର୍ଷର ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଉଇଟିଂହାମ୍ ବର୍ତ୍ତମାନ ବିଂହାମନ୍ ବିଶ୍ୱବିଦ୍ୟାଳୟ ଏବଂ ନ୍ୟୁୟର୍କ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସର ରୂପେ କାର୍ଯ୍ୟରତ। ଅନ୍ୟପକ୍ଷରେ ୟୋସିନୋ ଟୋକିଓସ୍ଥିତ ଆଶି କାସେଇ କର୍ପୋରେଶନର ଫେଲୋ ଏବଂ ନାଗୋୟା(ଜାପାନ)ସ୍ଥିତ ମେଇଜୋ ବିଶ୍ୱବିଦ୍ୟାଳୟଠାରେ ପ୍ରଫେସର ଦାୟିତ୍ୱରେ ଅଛନ୍ତି।



> ସରକାର ୨୨ ଗ୍ରୀନ ଏକ୍ସପ୍ରେସୱେ ନିର୍ମାଣ କରିବାକୁ ଯୋଜନା ରଖିଛନ୍ତି। ଏଥିରେ ପ୍ରାୟ ୧୫ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶ ହେବ।
>
> –ନୀତିନ ଗଡକରୀ, ସଡକ ଓ ପରିବହନ ମନ୍ତ୍ରୀ



> ରାଜସ୍ୱରେ ସ୍ଥିତାବସ୍ଥା ନ ଆସିବା ଯାଏ ଜିଏସ୍‌ଟି ସ୍ଲାବ ପରିବର୍ତ୍ତନ ପ୍ରସ୍ତାବ ଉପରେ କୌଣସି କାର୍ଯ୍ୟକ୍ରମ ଜାରି ହେବ ନାହିଁ।
>
> –ସୁଶୀଲ ମୋଦି, ବିହାର ଉପମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ମାନ୍ଦାବସ୍ଥା ସତ୍ତ୍ୱେ କମିନି ଏଫ୍‌ପିଆଇ ନିବେଶ

ନୂଆଦିଲ୍ଲୀ,୨୨-୧୨

ଦେଶରେ ମାନ୍ଦାବସ୍ଥା ଲାଗି ରହିବା ସତ୍ତ୍ୱେ ଶେୟାର ବଜାର ଉପରେ ବିଦେଶୀ ପୁଞ୍ଜି ନିବେଶକ(ଏଫ୍‌ପିଆଇ)ଙ୍କ ଭରସା ତୁଟିନି। ୨୦୧୯ରେ ବିଦେଶୀ ପୁଞ୍ଜି ନିବେଶକମାନେ ଶେୟାର ବଜାରରେ ୧.୩ ଲକ୍ଷ କୋଟି ଟଙ୍କାର ନେଟ୍ ନିବେଶ କରିଥିବା ଜଣାପଡିଛି। ଏହା ମଧ୍ୟରେ ଇକ୍ୱିଟିରେ ୯୭,୨୫୦ କୋଟି ଟଙ୍କା ସାମିଲ ରହିଛି। ଏହା ୬ ବର୍ଷରେ ସର୍ବାଧିକ। ୨୦୨୦ରେ ମଧ ଏହି ଧାରା ଲାଗି ରହିବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ବିଶ୍ୱସ୍ତରର ସୁଧହାର, ଆରବିଆଇ ଦ୍ୱାରା ବ୍ୟାଙ୍କଗୁଡିକୁ ପୁଞ୍ଜି ଯୋଗାଣ ଏବଂ ଘରୋଇ କର୍ପୋରେଟଗୁଡିକର ଲାଭ ଆଶାକୁ ନେଇ ବଜାର ଉପରେ ଏଭଳି ପ୍ରଭାବ ପଡିଥିବା ବଜାଜ କ୍ୟାପିଟାଲର ରିସର୍ଚ୍ଚ ଆଣ୍ଡ ଆଡଭାଇଜରି ମୁଖ୍ୟ ଆଲୋକ ଅଗରୱାଲା କହିଛନ୍ତି। ଏହାବାଦ ଆମେରିକା ଚାଇନା ବାଣିଜ୍ୟ ଯୁଦ୍ଧ, ଅଶୋଧିତ ତୈଳ ଦରରେ ବୃଦ୍ଧି, ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡିକରେ ଋଣ ପ୍ରଦାନ ସମସ୍ୟା ଲାଗି ରହିଲେ ଏହା ପୁଞ୍ଜି ବଜାର ଉପରେ ପ୍ରଭାବ ପକାଇପାରେ ବୋଲି ସେ ମତ ଦେଇଛନ୍ତି। ଏହି ସମୟରେ ବିଦେଶୀ ନିବେଶକମାନେ ୧୯ ବିଲିୟନ ଡଲାରର ନେଟ ନିବେଶ କରିଛନ୍ତି। ଏଫ୍‌ପିଆଇଙ୍କ ଗ୍ରସ ପରଚେଜ ବା ମୋଟ କ୍ରୟ ୧୮ ଲକ୍ଷ କୋଟି ଟଙ୍କା ରହିଛି।

# ୨୦୨୦ରେ ନିଯୁକ୍ତି ବୃଦ୍ଧି ସମ୍ଭାବନା କ୍ଷୀଣ

ନୂଆଦିଲ୍ଲୀ,୨୨-୧୨




- ବେତନରେ ଏତେଟା ବୃଦ୍ଧି ହେବନି
- ପ୍ରଭାବିତ ବଜାର ସ୍ଥିତି କାରଣ

ଦେଶରେ ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଥିବାବେଳେ ଚଳିତ ନିଯୁକ୍ତି ପ୍ରଭାବିତ ସ୍ଥିତିରେ ରହିଛି। ଏହି ଧାରାରେ ଆସନ୍ତା ବର୍ଷ ମଧ୍ୟ ପରିବର୍ତ୍ତନ ଆସି ନ ପାରେ। ୨୦୨୦ରେ ନିଯୁକ୍ତି ବୃଦ୍ଧି ସମ୍ଭାବନା କ୍ଷୀଣ ରହିଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି। ଆଗାମୀ ବର୍ଷ ମଧ କମ୍ପାନୀଗୁଡିକର ଶ୍ରମଶକ୍ତି ନିଯୁକ୍ତିରେ ମନ୍ଥର ଅବସ୍ଥା ଲାଗି ରହିବା ସହ ବେତନ ମଧ ଏତେଟା ବୃଦ୍ଧି ହେବନି ବୋଲି କୁହାଯାଉଛି। କମ୍ପାନୀଗୁଡିକ ନୂଆ ନିଯୁକ୍ତି ଦେବା ପରିବର୍ତ୍ତେ ସେମାନଙ୍କ ନିକଟରେ କାର୍ଯ୍ୟରତ କର୍ମଚାରୀଙ୍କ କୌଶଳରେ ବିକାଶ ଲାଗି ଅଧିକ ଧ୍ୟାନ କେନ୍ଦ୍ରିତ କରୁଛନ୍ତି। ଶିଳ୍ପ ଜଗତରେ ଟେକ୍ନୋଲୋଜି ଗ୍ରହଣ ଧାରା ଏବେ ତ୍ୱରାନ୍ୱିତ ହୋଇଛି। ଏଭଳି ସ୍ଥିତିରେ କମ୍ପାନୀ ନୂଆ ନିଯୁକ୍ତି ଦେବା ବେଳେ ବିଭିନ୍ନ ସତର୍କତା ଅବଲମ୍ବନ କରୁଛନ୍ତି।

ଇଣ୍ଡିଆନ ଷ୍ଟାଫିଙ୍ଗ ଫେଡେରେଶନର ଅଧ୍ୟକ୍ଷ ଋତୁପର୍ଣ୍ଣା ଚକ୍ରବର୍ତ୍ତୀ କହିଛନ୍ତି ଯେ, ରୋଜଗାର ଦୃଷ୍ଟିକୋଣରୁ ସ୍ଥିର କିମ୍ବା ମାମୁଲି ସୁଧାର ଆସିବ। ଦେଶର ଜିଡିପି ଏବେ ମଧ ଉନ୍ନତ ସ୍ଥିତିରେ ନ ଥିବାରୁ ବିଭିନ୍ନ କ୍ଷେତ୍ରରେ ସମସ୍ୟା ଦେଖା ଯାଉଛି। ନିବେଶ ଏବଂ ଚାହିଦାରେ ଏହି ସମୟରେ କିଭଳି ବୃଦ୍ଧି ଘଟୁଛି ତାହା ଦେଖିବାକୁ ବାକି ରହିଲା। ଯଦି ଏହି ସ୍ଥିତିରେ ଉନ୍ନତି ଆସେ ତେବେ ନିଯୁକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆସିପାରେ ବୋଲି ଚକ୍ରବର୍ତ୍ତୀ କହିଛନ୍ତି। ଶିଳ୍ପ ଜଗତ କଥା ବିଚାରକୁ ନେଲେ ଜଣାଯିବ ଯେ, ଯେଉଁ ସଙ୍ଗଠନରେ ରୋଜଗାର ବଢିଛି ସେମାନଙ୍କ ସଂଖ୍ୟା କମ୍। ବଜାରରେ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କ ଆବଶ୍ୟକତା ରହିଥିବା ବିଶେଷଜ୍ଞ କହିଛନ୍ତି।

ଏକଜିକ୍ୟୁଟିଭ ସୋର୍ସିଂ କମ୍ପାନୀ ଗ୍ଲୋବାଲ ହଣ୍ଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୁନୀଲ ଗୋୟଲ କହିଛନ୍ତି ଯେ, ୨୦୨୦ର ଆରମ୍ଭ ତ୍ରୈମାସ ନିଯୁକ୍ତି କ୍ଷେତ୍ରରେ ଏତେଟା ଉନ୍ନତ ରହିଲା ଭଳି ପ୍ରତୀୟମାନ ହେଉ ନାହିଁ। ଜିଡିପି କମୁଥିବାରୁ କମ୍ପାନୀଗୁଡିକ ସତର୍କତା ଦେଖାଉଛନ୍ତି। ମାତ୍ର ୨୦୨୦ ଦ୍ୱିତୀୟ ତ୍ରୈମାସ ବେଳକୁ କମ୍ପାନୀଗୁଡିକ କାରବାର ସମ୍ପ୍ରସାରଣ ନେଇ ପୁଣି ଧ୍ୟାନ ଦେବାର ସମ୍ଭାବନା ରହିଛି। ଫଳରେ ନିଯୁକ୍ତି ବଢିବା କ୍ଷେତ୍ରରେ କିଛିଟା ପରିବର୍ତ୍ତନ ଆସିପାରେ। ୨୦୧୯ ଅଟୋମୋବାଇଲ, ମାନୁଫାକଚରିଂ ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ ନିଯୁକ୍ତି କମିଛି। କ୍ୟାରିୟର କନସଲଟିଂ ଲିଡର ନମିତା ଭରଦ୍ୱାଜ କହିଛନ୍ତି ଯେ, କମ୍ପାନୀଗୁଡିକ ଏହି ସମୟରେ ନିଜର ଆଭ୍ୟନ୍ତରୀଣ ଶ୍ରମଶକ୍ତି ଉପରେ ଧ୍ୟାନ କେନ୍ଦ୍ରିତ କରିବେ।

# ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଏଲ୍‌ଜି ପୁରସ୍କୃତ




ନୂଆଦିଲ୍ଲୀ,୨୨-୧୨

ଏଲ୍‌ଜି ଇଲେକଟ୍ରୋନିକ୍ସ ଇଣ୍ଡିଆକୁ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଶକ୍ତି ସଂରକ୍ଷଣ ଆୱାର୍ଡ ୨୦୧୯ ପ୍ରଦାନ କରାଯାଇଛି। ବିଇଇ ଷ୍ଟାର ଲେଭଲ ଏସି ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଲାଗି କମ୍ପାନୀକୁ ଏଭଳି ସମ୍ମାନ ମିଳିଛି। କମ୍ପାନୀ ଏହାର ୫ ଷ୍ଟାର ମଡେଲ କେଏସ୍-କ୍ୟୁ ୧୮ ଇଏନ୍‌ଜେଡ୍‌ଏ ଲାଗି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। କେନ୍ଦ୍ର ଶକ୍ତି ମନ୍ତ୍ରୀ ଆର୍.କେ.ସିଂ ଉକ୍ତ ପୁରସ୍କାର କମ୍ପାନୀକୁ ପ୍ରଦାନ କରିଥିଲେ। ସର୍ବୋତ୍ତମ ପ୍ରଡକ୍ଟ ଏବଂ ପରଫରମାନ୍ସକୁ ଧ୍ୟାନରେ ରଖାଯାଇଥିବା କମ୍ପାନୀର ହୋମ ଆପ୍ଲାଏନ୍ସ ଉପସଭାପତି ବିଜୟ ବାବୁ କହିଛନ୍ତି। ଗ୍ରାହକଙ୍କୁ ଏନର୍ଜି ଏଫିସିଏଣ୍ଟ ସଲ୍ୟୁଶନ ଯୋଗାଣ ଦିଗରେ ଉଦ୍ୟମ ଜାରି ରହିଥିବା କମ୍ପାନୀର ଏୟାର କଣ୍ଡିସନର ବାଣିଜ୍ୟ ମୁଖ୍ୟ କୁଳ ଭୂଷଣ ଭରଦ୍ୱାଜ କହିଛନ୍ତି।

# ହୋଣ୍ଡାର ସଡ଼କ ସୁରକ୍ଷା ସଚେତନତା

ଭୁବନେଶ୍ୱର,୨୨-୧୨




ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କଟକ ଫେରିଛି। ଏଥିରେ କଟକର ନୂଆ ବଜାର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୧୦୦ ଶହରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି। ୩ ଦିନ ଧରି ଚାଲିଥିବା କମ୍ପାନୀର ଏହି କାର୍ଯ୍ୟକ୍ରମରେ ଟ୍ରାଫିକ ନିୟମ ଏବଂ ସଡକ ଶୃଙ୍ଖଳା ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। କମ୍ପାନୀ ସାରା ଦେଶରେ ୧୨୦ରୁ ଅଧିକ ସହରରେ ୨.୬୦ ଲକ୍ଷରୁ ଅଧିକ ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଛି। ସଡକ ସୁରକ୍ଷାକୁ ପ୍ରାଥମିକତା ଭାବେ ଗ୍ରହଣ କରି କମ୍ପାନୀ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରିକ ସୂଚନା ଦେଇଛନ୍ତି। କଟକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଲୋଚନା ଅଧିବେଶନ, ପ୍ରାକ୍ଟିକାଲ ଶିକ୍ଷା, ବୈଜ୍ଞାନିକ ତତ୍ତ୍ୱ ଶିକ୍ଷଣୀୟ ମଡ୍ୟୁଲ, ସ୍ୱତନ୍ତ୍ର ଗାଡି ଚାଳନା ତାଲିମ ମଡ୍ୟୁଲ ଏବଂ ଶିଖିବା ଏକ କୌତୂହଳ ଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା।

# ଅଲ୍ ଓଡ଼ିଶା ଟାୟାର ଡିଲର୍ସ ଆସୋସିଏଶନର ଅଧିବେଶନ

ପୁରୀ ଅଫିସ,୨୨-୧୨



ସ୍ଥାନୀୟ ହୋଟେଲ କ୍ରିଷ୍ଣା ସି ସାଇଟ୍‌ରେ ରବିବାର ଅଲ୍ ଓଡ଼ିଶା ଟାୟାର ଡିଲର୍ସ ଆସୋସିଏଶନର ସପ୍ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଲରମାନେ ଯୋଗଦେଇ ଆଗାମୀ ଦିନରେ ବିଜ୍‌ନେସ୍ ଅଭିବୃଦ୍ଧି ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରମୁଖ ଟାୟାର କମ୍ପାନୀଙ୍କ ସହ ବ୍ୟବସାୟିକ ଅଭିବୃଦ୍ଧି ନିମନ୍ତେ ମଧ ଆଲୋଚନା ହୋଇଥିଲା। ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଅଧିବେଶନରେ ସୂଚନା ଦିଆଯାଇଥିଲା। ଏଥିରେ ସଂଘର ସଭାପତି ଭାବେ ସୁରେଶ ପ୍ରସାଦ ଅଗ୍ରୱାଲ, ଉପସଭାପତି ଆନନ୍ଦ ପୋଦ୍ଦାର, ସାଧାରଣ ସମ୍ପାଦକ ବିପିନ ବିହାରୀ ପଣ୍ଡା, ଯୁଗ୍ମ ସମ୍ପାଦକ ସୌମିତ୍ର ପାଣି ଓ ବିଜୟ ପୋଦ୍ଦାର, କୋଷାଧ୍ୟକ୍ଷ ବିରୂପାକ୍ଷ ମହାପାତ୍ର ଏବଂ ଆଞ୍ଚଳିକ ସମ୍ପାଦକ (ସମ୍ବଲପୁର) ଭାବେ ସୁଜିତ ପଣ୍ଡା ନିର୍ବାଚିତ ହୋଇଥିଲେ। ଏଥିରେ ସଂଘର ବହୁ ସଦସ୍ୟ ଯୋଗଦେଇଥିଲେ।

# ବଜେଟରେ ଗ୍ରାମାଞ୍ଚଳ ଚାହିଦା ବୃଦ୍ଧିକୁ ପ୍ରାଥମିକତା ମିଳୁ

ନୂଆଦିଲ୍ଲୀ,୨୨-୧୨

୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଆସିବାକୁ ଥିବା ସାଧାରଣ ବଜେଟରେ ସରକାର ଆୟକରରେ ହ୍ରାସ କରିବା ଅପେକ୍ଷା ଗ୍ରାମାଞ୍ଚଳର ଚାହିଦା ବୃଦ୍ଧିକୁ ପ୍ରାଥମିକତା ଦେବାକୁ ଦେଶର ଅର୍ଥନୀତିଜ୍ଞମାନେ ରବିବାର ପରାମର୍ଶ ଦେଇଛନ୍ତି। ଶିଳ୍ପ ସଂଘ ଫିକିର ବାର୍ଷିକ ଉତ୍ସବରେ ନ୍ୟାଶନାଲ କାଉନସିଲ ଫର ଆପ୍ଲାଏଡ ଇକୋନୋମିକ୍ସ ଆଣ୍ଡ ରିସର୍ଚ୍ଚର ମହାନିର୍ଦ୍ଦେଶକ ଶେଖର ଶାହ କହିଛନ୍ତି ଯେ, ଆୟକର ହ୍ରାସ ହେଲେ ଏହା ଦେଶର ଅର୍ଥ ବ୍ୟବସ୍ଥା ଉପରେ ଏତେଟା ଉନ୍ନତ ପ୍ରଭାବ ପକାଇବ ନାହିଁ। ଗ୍ରାମାଞ୍ଚଳ ଚାହିଦା ବଢିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ସମୟରେ ଆୟକର ହ୍ରାସ କରିବା ଠିକ୍ ନୁହେଁ ବୋଲି ଆଦିତ୍ୟ ବିର୍ଲା ଗ୍ରୁପର ମୁଖ୍ୟ ଅର୍ଥନୀତିଜ୍ଞ ଅଜିତ ରାଣାଡେ କହିଛନ୍ତି। ଏବେ ଟିକସ ସଂଗ୍ରହ କମିଥିବାରୁ ଆୟକର ହ୍ରାସ ହେଲେ ଅଧିକ ଖର୍ଚ୍ଚ କରିବାକୁ ସରକାରଙ୍କୁ ସୁଯୋଗ ମିଳିବ ନାହିଁ ବୋଲି କ୍ରିସିଲର ମୁଖ୍ୟ ଅର୍ଥନୀତିଜ୍ଞ ଡି.କେ. ଜୋଶୀ କହିଛନ୍ତି।

# ବିପିସିଏଲ୍ ବଲାଙ୍ଗୀର ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଲୋକାର୍ପଣ ୨୭ରେ




ଭୁବନେଶ୍ୱର,୨୨-୧୨

**ଯୋଗଦେବେ ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ**

ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍) ପକ୍ଷରୁ ବଲାଙ୍ଗୀରରେ ସ୍ଥାପନ କରାଯାଇଥିବା ନୂଆ ଏଲପିଜି ବଟଲିଂ ପ୍ଲାଣ୍ଟର ଲୋକାର୍ପଣ ଚଳିତ ମାସ ୨୭ରେ ହେବ। ଏଠାରେ କମ୍ପାନୀ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା କାର୍ଯ୍ୟକ୍ରମରେ କମ୍ପାନୀର ଆଞ୍ଚଳିକ ଏଲପିଜି ପ୍ରବନ୍ଧକ ଅତୁଲ କୁମାର ଏହି ସୂଚନା ଦେଇଛନ୍ତି। ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ଏହାକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିବେ। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ବଲାଙ୍ଗୀର ଏମ୍‌ଏଲ୍‌ଏ ନରସିଂହ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

ବଲାଙ୍ଗୀର ରେଳ ଷ୍ଟେଶନଠାରୁ ୧୨ କିମି ଦୂର ବରକାନି ଗ୍ରାମରେ ଏହି ପ୍ଲାଣ୍ଟକୁ ନିର୍ମାଣ କରାଯାଇଛି। ଏଥିରେ ୧୦୩ କୋଟି ଟଙ୍କା ନିବେଶ କରାଯାଇଛି। ଉକ୍ତ ପ୍ଲାଣ୍ଟ ୨୩ ଏକର ପରିମିତ ସ୍ଥାନରେ ଅବସ୍ଥିତ। ଏହାର ବାର୍ଷିକ କ୍ଷମତା ୪୨ ଲକ୍ଷ ସିଲିଣ୍ଡର ରହିଛି। ନୂଆ ଟେକ୍ନୋଲୋଜି ସହ ପ୍ଲାଣ୍ଟକୁ ୧୯ ମାସରେ ସମ୍ପୂର୍ଣ୍ଣ କରାଯାଇଛି। ଏହି ପ୍ଲାଣ୍ଟ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ୧୪ ଜିଲାରେ ଏଲ୍‌ପିଜି ସିଲିଣ୍ଡର ଯୋଗାଣ କ୍ଷେତ୍ରରେ ଏହା ନିଜର ଯୋଗଦାନ ରଖିବ। ଉକ୍ତ ପ୍ଲାଣ୍ଟର ସ୍ଥାପନା ଲାଗି ଗତ ବର୍ଷ ମେ ମାସରେ କେନ୍ଦ୍ର ପେଟ୍ରୋଲିମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରୀ ଥାୱର ଚାନ୍ଦ ଗେହେଲଟ ଭିତ୍ତିପ୍ରସ୍ତର ଦେଇଥିଲେ। କାର୍ଯ୍ୟକ୍ରମରେ ଡିଜିଏମ କେଭିଆର ସୁବୁଦ୍ଧି,ରାଜ୍ୟ ମୁଖ୍ୟ ସଞ୍ଜୟ ଶର୍ମା, ବ୍ରାଣ୍ଡ ଆଣ୍ଡ ପିଆର୍ ଡିଜିଏମ୍ ସୁନ୍ଦର ରାଜନ ପ୍ରମୁଖ ଯୋଗ ଦେଇଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

INDIAN TELICOM TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା - 20,000/ +୨୦ ବର୍ଷର ଏଗ୍ରୀମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

FINANCE FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ । ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ବନ୍ଧନ ଋଣ 1993ରୁ ଆପଣଙ୍କର ସେବାରେ (NBFC Registered) କମ୍ପାନୀ ଦ୍ୱାରା ଏଜୁକେଶନ୍, ସମ୍ପତି, ପେ-ସ୍ଲିପ୍ ଗ୍ରୁପ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9520405151
9520334141

SEE COLOR DISPLAY CLASSIFIED ON EVERY TUESDAY & FRIDAY

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ରୋହିତ ଶର୍ମା–ବିରାଟ କୋହଲିଙ୍କ ତୁଳନାରେ ସୌରଭ ଗାଙ୍ଗୁଲି–ସଚିନ ତେନ୍ଦୁଲକର ଉନ୍ନତମାନର ବୋଲରଙ୍କୁ ସାମ୍ନା କରିଥିଲେ। **–ଇଆନ ଚାପେଲ, ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ**



“ମହମ୍ମଦ ଶାମି ଭଲ ପ୍ରଦର୍ଶନ କରୁଥିବାବେଳେ ମୋ ମନକୁ ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ ବୋଲର ମାଲକମ ମାର୍ଶାଲଙ୍କ କଥା ମନେ ପଡ଼ିଥାଏ। **–ସୁନୀଲ ଗାଭାସ୍କର, ମହାନ ଭାରତୀୟ ବ୍ୟାଟ୍ସମ୍ୟାନ**

# ବାରବାଟୀ ବାଉନ୍ସର

## ଗୋଟିଏ ଛକା, ଗୋଟିଏ ପିଆଜ

ଗୋଟିଏ ଛକା ମାରିଲେ ଗୋଟିଏ ପିଆଜ ଦିଆଯିବ। ଏଭଳି ବ୍ୟଙ୍ଗାତ୍ମକ ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ ଦେଖାଉଥିଲେ କିଛି ଯୁବକ। ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରିବାକୁ ଆସିଥିବା ଏହି ଯୁବକମାନେ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଛାତ୍ର ଅଟନ୍ତି।

## ହୋଲୋଗ୍ରାମ୍ ଡ୍ରାମା

ଟିକେଟରେ ହୋଲୋଗ୍ରାମ ନ ଥିବା ଯୋଗୁ ଷ୍ଟାଡିୟମ ପ୍ରବେଶ ପଥରେ ଦର୍ଶକଙ୍କୁ ସମସ୍ୟା ଭୋଗିବାକୁ ପଡ଼ିଥିଲା। ଟିକେଟ ଯାଞ୍ଚ ବେଳେ ପୋଲିସ କିଛି ଦର୍ଶକଙ୍କୁ ଭିତରକୁ ଯିବାକୁ ଅନୁମତି ଦେଇ ନ ଥିଲା। ଯାହାକୁ ନେଇ ବିଭିନ୍ନ ଗେଟ୍ ନିକଟରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଥିଲା। ଡିସିପି ଅଖିଳେଶ୍ୱର ସିଂ ଘଟଣା ସମ୍ପର୍କରେ ଖବର ପାଇ ପହଞ୍ଚିବା ସହ ଏହାର ଯାଞ୍ଚ କରିଥିଲେ। ପରେ ଭୁଲବଶତଃ ଏଭଳି ହୋଇଛି ବୋଲି ଜଣାପଡ଼ିବା ପରେ ଦର୍ଶକଙ୍କୁ ଷ୍ଟାଡିୟମ ଭିତରକୁ ଯିବାକୁ ଦିଆଯାଇଥିଲା।







## କ୍ରିକେଟ ଭିଡ଼ରେ ପ୍ରେମର ବାର୍ତ୍ତା

ସବୁଆଡେ କ୍ରିକେଟ ପରିବେଶ। କ୍ରିକେଟପ୍ରେମୀଙ୍କ ଗହଣରେ ବାରବାଟୀ ଓ ଏହାର ଆଖପାଖ ଅଞ୍ଚଳରେ କ୍ରିକେଟର ବାସ୍ନା। ହେଲେ ଭିଡ଼ ଭିତରେ ଜଣେ ଏପରି ଲୋକ ଦେଖିବାକୁ ମିଳିଲେ ଯିଏ, ସ୍ୱଚ୍ଛ କ୍ରିକେଟ ଖେଳ ଓ ସମସ୍ତଙ୍କୁ ଭଲ ପାଇବାର ବାର୍ତ୍ତା ଦେଉଥିଲେ। ମୁଣ୍ଡରେ କପୋତ ସଦୃଶ ଟୋପି। ଗୋଟିଏ ହାତରେ ଗାନ୍ଧୀ ଓ ଅନ୍ୟହାତରେ ଗାନ୍ଧୀଙ୍କ ତିନି ମାଙ୍କଡ ଭଳି ବସିଥିବା କିଛି ଲୋକଙ୍କ ଫଟୋ। ଦେହରେ ଲଟକିଛି ଶାନ୍ତି ଓ ପ୍ରେମର ବାର୍ତ୍ତା ବହନ କରୁଥିବା ଏକ କାର୍ଡ। କ୍ରିକେଟ ଖେଳର ଭିଡ଼ ଭିତରେ ଏପରି ବେଶଭୂଷା ବ୍ୟକ୍ତି ଜଣଙ୍କ ଦୂରରୁ ବେଶ ବାରି ହୋଇ ପଡୁଥିଲେ। ଏହି ବ୍ୟକ୍ତି ଜଣଙ୍କ ହେଲେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଏ. ବ୍ରହ୍ମାନନ୍ଦ ଆଚାର୍ଯ୍ୟ।




କିଛି ବର୍ଷ ହେବ ଲଗାତର ଭାବେ ମ୍ୟାଚ୍‌ବେଳେ ବାରବାଟୀ ଷ୍ଟାଡିୟମରେ ସେ ଦେଖିବାକୁ ମିଳୁଛନ୍ତି। ଗତ ୭ ବର୍ଷ ହେବ ସେ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି ବୋଲି କହିଥିଲେ। ଏହାଛଡ଼ା ପ୍ରତିଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ସେ ଏଠାରେ ରହି ଲୋକଙ୍କୁ ଶାନ୍ତି ଓ ପ୍ରେମ ବିଷୟରେ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି। ବ୍ରହ୍ମାନନ୍ଦଙ୍କ ଘର ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳରେ। ଏକ ମୁଖ୍ୟ କଥା ହେଲା, କ୍ରିକେଟ ଏକ ଜୁଆ ଖେଳ ନୁହେଁ ବୋଲି ମଧ୍ୟ ବ୍ରହ୍ମାନନ୍ଦ ନିଜ ବାର୍ତ୍ତାରେ କହିଛନ୍ତି। କ୍ରିକେଟ ଖେଳକୁ ନେଇ ହେଉଥିବା ବିଭିନ୍ନ ବେଆଇନ, ବେନିୟମ କାର୍ଯ୍ୟକ୍ରମକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ ବୋଲି ବ୍ରହ୍ମାନନ୍ଦ କହିଥିଲେ।

ରିପୋର୍ଟ : କୁମାରଶ୍ରୀ
ଫଟୋ: ରାଜକିଶୋର ମହାନ୍ତି
କଟକ ଅଫିସ୍

### ରୋହିତ, କୋହଲିଙ୍କ ୱାଟରମାର୍କ

ପ୍ରଥମଥର ନିମନ୍ତେ ଦର୍ଶକମାନେ ୱାଟରମାର୍କ (ଅସ୍ଥାୟୀ ଟାଟୁ)ର ମଜା ନେଇଛନ୍ତି। କଲିକତାରୁ ଏହି ଟାଟୁ ବ୍ୟବସାୟୀମାନେ ଆସିଛନ୍ତି। ପ୍ରତ୍ୟେକ ୱାଟରମାର୍କ ଟାଟୁର ମୂଲ୍ୟ ୫୦ଟଙ୍କା ଧାର୍ଯ୍ୟ କରାଯାଇଛି। ଅଧିକାଂଶ ଦର୍ଶକ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଟାଟୁ ଗାଲରେ ଆଙ୍କୁଥିବା ଦେଖିବାକୁ ମିଳିଥିଲା।

### ବେଶି ବିକ୍ରି ହେଲା ୭ନଂ ଜର୍ସି

ମହେନ୍ଦ୍ର ସିଂ ଧୋନୀ ନ ଥିଲେ ବି ତାଙ୍କ ୭ନଂ ଜର୍ସି ସବୁଠାରୁ ଅଧିକ ବିକ୍ରି ହୋଇଥିବା ବ୍ୟବସାୟୀମାନେ କହିଛନ୍ତି। କଲିକତାରୁ ଚଳିତବର୍ଷ ୪୦ରୁ ଉର୍ଦ୍ଧ୍ୱ ଜର୍ସି ବ୍ୟବସାୟୀ ଆସିଛନ୍ତି। ଜର୍ସି ଗୁଡ଼ିକର ମୂଲ୍ୟ ୧୫୦ଟଙ୍କା ଧାର୍ଯ୍ୟ କରାଯାଇଛି। ରୋହିତଙ୍କ ୪୫ନଂ ଜର୍ସି ଓ କୋହଲିଙ୍କ ୧୮ନଂ ଜର୍ସି ମଧ୍ୟ ଅଧିକ ମାତ୍ରାରେ ବିକ୍ରି ହୋଇଥିବା ଜଣାପଡ଼ିଛି।

### ୩ଟା ୩୦ରୁ ଫ୍ଲଡ୍‌ଲାଇଟ୍ ଜଳିଲା-

ଦିନ ପ୍ରାୟ ୩.୩୦ରେ ଷ୍ଟାଡିୟମରେ ଫ୍ଲଡଲାଇଟ୍ ଜଳିଥିଲା। ଏହି ସମୟରେ ଖରା ବି କମି ନ ଥାଏ। ଫନୀ ପ୍ରଭାବରେ ଫ୍ଲଡଲାଇଟ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ଯୋଗୁ ଏହା ମ୍ୟାଚ୍ ସମୟରେ ଠିକ ଭାବେ ଜଳିବ ନା ନାହିଁ ସେ ନେଇ ମଧ୍ୟ ଓସିଏର ଡର ରହିଥିଲା। ଏଣୁ ଦିନଥିବା ବେଳେ ପରୀକ୍ଷାମୂଳକ ଭାବେ ସମସ୍ତ ଫ୍ଲଡଲାଇଟକୁ ଆଲୋକିତ କରାଯାଇଥିଲା।

### ଖାଇବା ପାଇଁ ଲମ୍ବା ଲାଇନ୍ -

ବିଭିନ୍ନ ଗ୍ୟାଲେରିରେ ବିକ୍ରି ହେଉଥିବା ଶୁଖିଲା ଓ ରନ୍ଧା ଖାଦ୍ୟ କିଣିବାକୁ ଦର୍ଶକମାନେ ଲମ୍ବା ଲାଇନରେ ଛିଡ଼ା ହୋଇଥିଲେ। ମ୍ୟାଚ୍‌ର ଗୋଟିଏ ଇନିଂସ ସରିବା ପୂର୍ବରୁ ଲାଇନ ଆରମ୍ଭ ହୋଇ ସାରିଥିଲା। ସମସ୍ତ ଗ୍ୟାଲେରିରେ ଓସିଏ ପକ୍ଷରୁ ଭେଣ୍ଡର ଯୋଗାଇ ଦିଆଯାଇଥିବାବେଳେ କେତେକ ଗ୍ୟାଲେରିରେ ବେନିୟମ ଭାବେ ଖାଦ୍ୟ ଦର ଅଧିକ ଦାମରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି।

### ବ୍ଲିଡ ବ୍ଲ୍ୟୁ ବାରବାଟୀ-

ଭାରତୀୟ ଦଳର ସମର୍ଥକଙ୍କ ସ୍ଲୋଗାନ୍ ହେଉଛି ବ୍ଲିଡ ବ୍ଲ୍ୟୁ। ବ୍ଲ୍ୟୁ ଜର୍ସିକୁ ସମର୍ଥନ କରିବା ପାଇଁ ଏହି ସ୍ଲୋଗାନ ବ୍ୟବହାର କରାଯାଉଛି। ରବିବାର ଦିନ ବାରବାଟୀ ମଧ୍ୟ ବ୍ଲ୍ୟୁ(ନୀଳ ରଙ୍ଗ)ରେ ଭରି ହୋଇ ଯାଇଥିଲା। ଉପସ୍ଥିତ ଦର୍ଶକଙ୍କ ମଧ୍ୟରୁ ୭୦ ପ୍ରତିଶତ ଭାରତୀୟ ଦଳର ଜର୍ସି ପିନ୍ଧିଥିଲେ। ନିଶ୍ଚିତ ଭାବେ ଏଭଳି ଦୃଶ୍ୟ ଭାରତୀୟ ଦଳକୁ ଉତ୍ସାହିତ କରିଛି।

### ବଦଳିଲା ବ୍ୟାଟ୍, ବଢ଼ିଲା ଷ୍ଟ୍ରାଇକରେଟ୍

୪୬ତମ ଓଭରରେ ଇଣ୍ଡିଜ ଅଧିନାୟକ କିରନ ପୋଲାର୍ଡ ବ୍ୟାଟ୍ ବଦଳାଇଥିଲେ। ଏହି ସମୟରେ ଇଣ୍ଡିଜର ଦଳୀୟ ସ୍କୋର ଥିଲା ୨୫୧/୪ ଓ ପୋଲାର୍ଡ ବ୍ୟକ୍ତିଗତ ୩୬ ରନ କରିଥିଲେ। ଏହା ମଧ୍ୟରେ ଗୋଟିଏ ଚୌକା ଓ ୩ ଛକା ଥିଲା। ହେଲେ ବଳକା ଓଭର ଗୁଡ଼ିକରେ ପୋଲାର୍ଡଙ୍କ ଦୁର୍ଦ୍ଦଷ ବ୍ୟାଟିଂ ଦେଖିବାକୁ ମିଳିଥିଲା। ଅନ୍ତିମ ୪ ଓଭରରେ ପୋଲାର୍ଡ ଆଉ ୨ ଚୌକା ଓ ୩ ଛକା ମାରିବା ସହ ମୋଟ୍ ୭୪ ରନର ଅପରାଜିତ ଇନିଂସ ଖେଳିଥିଲେ।

### ଇନିଂସ ଅଧାରେ ପ୍ରଥମ ଛକା

ୱେଷ୍ଟଇଣ୍ଡିଜ ଦଳ ୨୫ଓଭର ଖେଳ ଅତିକ୍ରମ କରିବା ପରେ ପ୍ରଥମ ଛକା ମାରିଥିଲା। ୨୬ତମ ଓଭରର ଶେଷ ବଲରେ ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ଏକ ଫୁଲ୍‌ଲେନ୍ଥ ବଲକୁ ଶିମରନ ହେଟମେର ମିଡ୍ ଉଇକେଟ ଅଞ୍ଚଳରେ ଛକା ମାରିଥିଲେ।









ଟିକେଟ ନ ପାଇ ନିରାଶ ହୋଇଥିବା ଦର୍ଶକମାନେ ଫ୍ୟାନ ପାର୍କରେ ଭିଡ଼ ଜମାଇଥିଲେ। ଷ୍ଟାଡିୟମ ସମ୍ମୁଖ କିଲା ପଡ଼ିଆରେ ଓସିଏ ପକ୍ଷରୁ ଫ୍ୟାନ ପାର୍କର ବ୍ୟବସ୍ଥା କରାଯାଇଥିଲା। ଯେଉଁଠାରେ ଏକ ବିଶାଳ ଆକାରର ଡିଜିଟାଲ ସ୍କ୍ରିନ ଲଗାଯାଇଥିଲା। ମ୍ୟାଚ୍‌ର ସିଧାପ୍ରସାରଣ ପ୍ରଦର୍ଶିତ ହେଉଥିବାବେଳେ ଏଠାରେ ରାଜ୍ୟର ବିଭିନ୍ନ ପ୍ରାନ୍ତ ସମେତ ରାଜ୍ୟ ବାହାରର କ୍ରିକେଟପ୍ରେମୀ ଉପସ୍ଥିତ ଥିଲେ।

## ଫ୍ୟାନ୍ ପାର୍କରେ ଭିଡ଼





# ସଇନୀଙ୍କ କ୍ୟାରିୟର ଆରମ୍ଭ

## ଲାରାଙ୍କ ପଛକୁ ହୋପ୍

କଟକ, ୨୨।୧୨(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଭାରତ ବିପକ୍ଷ ମ୍ୟାଚରେ ୫୦ ବଲ୍‌ରୁ ୪୨ ରନ ସଂଗ୍ରହ କରିଥିଲେ ୱେଷ୍ଟଇଣ୍ଡିଜ ଓପନର ଶାଇ ହୋପ୍। ଏଥିସହ ସେ ଚଳିତ କ୍ୟାଲେଣ୍ଡର ବର୍ଷରେ ୧୩୪୫ ରନ କରିବାକୁ ସକ୍ଷମ ହୋଇଛନ୍ତି। ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନଙ୍କ କ୍ଷେତ୍ରରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଏହା ହେଉଛି ଦ୍ୱିତୀୟ ସର୍ବାଧିକ ରନ। ଏ କ୍ଷେତ୍ରରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରାଙ୍କ ପଛରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହୋପ୍। ଲାରା ୧୯୯୩ରେ ୧୩୪୯ ରନ କରି ଏହି ତାଲିକାର ଶୀର୍ଷରେ ଅଛନ୍ତି। ହୋପ୍ ଆଉ ମାତ୍ର ୫ ରନ ପାଇଁ ଲାରାଙ୍କୁ ଅତିକ୍ରମ କରିବାରୁ ବଞ୍ଚିତ ହୋଇଛନ୍ତି।

### ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ରନ(ୱେଷ୍ଟଇଣ୍ଡିଜ)

**୧୩୪୯:** ବ୍ରାଏନ ଲାରା (୧୯୯୩)
**୧୩୪୫:** ଶାଇ ହୋପ୍ (୨୦୧୯)
**୧୨୩୨:** ଡେସମଣ୍ଡ ହେନ୍ସ (୧୯୮୫)
**୧୨୩୧:** ଭିଭିଆନ ରିଚାର୍ଡ୍ସ(୧୯୮୫)
**୧୨୧୭:** କ୍ରିସ୍ ଗେଲ୍ (୨୦୦୬)

## ୫ମ ଉଇକେଟରେ ରେକର୍ଡ ଭାଗୀଦାରି

ନିକୋଲାସ ପୁରନ ଓ କିରନ ପୋଲାର୍ଡ ୫ମ ଉଇକେଟ ଯୋଡ଼ିରେ ୧୩୫ ରନ ସଂଗ୍ରହ କରିଥିଲେ। ବାରବାଟୀ ଗ୍ରାଉଣ୍ଡରେ ୫ମ ଉଇକେଟରେ ଏହା ରେକର୍ଡ ପାର୍ଟନରଶିପ୍। ପୂର୍ବରୁ ୨୦୦୩ ନଭେମ୍ବର ୬ରେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ସ୍କଟ ଷ୍ଟାଇରିସ ଓ କ୍ରେଗ ମ୍ୟାକକୁଲମ ୧୨୭ ରନ ସଂଗ୍ରହ କରି ଏପର୍ଯ୍ୟନ୍ତ ରେକର୍ଡର ଅଧିକାରୀ ଥିଲେ। ତେବେ ବାରବାଟୀରେ ଯେ କୌଣସି ଉଇକେଟରେ ସର୍ବାଧିକ ଭାଗୀଦାରି ଗଢ଼ିବା ରେକର୍ଡ ମହମ୍ମଦ ଆଝାରୁଦ୍ଦିନ ଓ ଅଜୟ ଜାଡେଜାଙ୍କ ନାମରେ ରହିଛି। ୧୯୯୮ ଏପ୍ରିଲ ୯ରେ ଜିମ୍ବାୱେ ବିପକ୍ଷରେ ଏହି ଭାରତୀୟ ଯୋଡ଼ି ୪ର୍ଥ ଉଇକେଟରେ ୨୭୫* ରନର ଭାଗୀଦାରି ଗଢ଼ିଥିଲେ।



ନବଦୀପ ସଇନୀ

**ବାରବାଟୀ ଦିନିକିଆ**

ଭୁବନେଶ୍ୱର, ୨୨।୧୨(କ୍ରୀଡ଼ା ପ୍ରତିନିଧି)

କଟକର ବାରବାଟୀ ଷ୍ଟାଡିୟମରେ ରବିବାର ଭାରତର ୨୨୯ତମ ଖେଳାଳିଭାବେ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି ଦ୍ରୁତ ବୋଲର ନବଦୀପ ସଇନୀ। ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ ପୂର୍ବରୁ ଅଧିନାୟକ ବିରାଟ କୋହଲି ତାଙ୍କୁ ଟିମ୍ ଇଣ୍ଡିଆ କ୍ୟାପ ପ୍ରଦାନ କରିଥିଲେ। ଆହତ ଦୀପକ ଚହରଙ୍କ ସ୍ଥାନରେ ସେ ଦଳରେ ସ୍ଥାନ ପାଇଥିଲେ। ମ୍ୟାଚର ୭ମ ଓଭରରେ କ୍ଲବ ହାଉସ ପଟରୁ ଶାର୍ଦ୍ଦୁଳ ଠାକୁରଙ୍କ ସ୍ଥାନରେ ବୋଲିଂଭାର ପାଇଥିଲେ ସଇନୀ। ପ୍ରଥମ ବଲ୍‌ରେ ଚୌକା ମାରି ତାଙ୍କୁ ସ୍ୱାଗତ କରିଥିଲେ ଇଭିନ ଲିୱିସ। ପ୍ରଥମ ଓଭରରେ ସଇନୀ ୮ ରନ ବ୍ୟୟ କରିଥିଲେ। ମାତ୍ର ପରବର୍ତ୍ତୀ ଓଭରରେ ମାତ୍ର ୧ ରନ ଦେଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ଏହି ଡାହାଣହାତୀ ପେସର। ୧୫ତମ ଓଭରର ଶେଷ ବଲ୍‌ରେ ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ଲଙ୍ଗଅନ୍‌ରେ ଏକ ଚିତ୍ତାକର୍ଷକ କ୍ୟାଚ ନେଇ ସେ ଇଭିନ ଲିୱିସଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। କେବଳ ସେତିକି ନୁହେଁ ନିଜ ୫ମ ଓଭରର ଦ୍ୱିତୀୟ ବଲ୍‌ରେ ବିପଜ୍ଜନକ ଶିମରନ ହେଟମେର ଏବଂ ୬ଷ୍ଠ ଓଭରର ତୃତୀୟ ବଲ୍‌ରେ ରୋଷ୍ଟନ ଚେଜ୍‌ଙ୍କୁ ଆଉଟ କରି ୱେଷ୍ଟଇଣ୍ଡିଜର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ସଇନୀ। ଶେଷ ଭାଗରେ ମହଙ୍ଗା ରହିଥିବା ସଇନୀ ନିଜ ୧୦ ଓଭର ସ୍ପେଲରେ ୫୮ ରନ ଦେଇ ୨ଟି ଉଇକେଟ ନେଇଥିଲେ। ୧୯୯୨ ନଭେମ୍ବର ୨୩ରେ ହରିୟାଣାର କର୍ନାଲରେ ଜନ୍ମିତ ସଇନୀ ପୂର୍ବରୁ ୫ଟି ଟି୨୦ ଅନ୍ତର୍ଜାତୀୟ, ୪୫ଟି ପ୍ରଥମଶ୍ରେଣୀ ଓ ୪୭ଟି ଲିଷ୍ଟ-ଏ ମ୍ୟାଚ ଖେଳିଥିଲେ। ଲିଷ୍ଟ-ଏ ମ୍ୟାଚରେ ସେ ୧୯୯୬ ରନ ଦେଇ ୭୫ ଉଇକେଟ ନେଇଥିଲେ। ଗତ ଟି୨୦ ସିରିଜରେ ଭଲ ପ୍ରଦର୍ଶନ ପାଇଁ ତାଙ୍କୁ ଦିନିକିଆ ଦଳରେ ସ୍ଥାନ ମିଳିଛି।

### ୨୨ ବର୍ଷର ରେକର୍ଡ ଭାଙ୍ଗିଲେ ରୋହିତ

ଭାରତୀୟ ଓପନର ତଥା ଉପ ଅଧିନାୟକ ରୋହିତ ଶର୍ମା କଟକରେ ୬୩ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିବା ଅବସରରେ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି। ଗୋଟିଏ ବର୍ଷରେ କ୍ରିକେଟର ସମସ୍ତ ଫର୍ମାଟରେ ସର୍ବାଧିକ ରନ ସଂଗ୍ରହକାରୀ ଓପନର ହେବାର ସୌଭାଗ୍ୟ ପାଇଛନ୍ତି। ସେ ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ସନଥ ଜୟସୁରିୟାଙ୍କ ୨୨ ବର୍ଷର ରେକର୍ଡ ଭାଙ୍ଗିଛନ୍ତି। ଜୟସୁରିୟା ୧୯୯୭ରେ ଦିନିକିଆ ଓ ଟେଷ୍ଟରେ ମୋଟ ୨,୩୮୭ ରନ୍ କରିଥିଲେ। ଏହାକୁ ଅତିକ୍ରମ କରିଯାଇଛନ୍ତି ରୋହିତ। ସେ ଚଳିତବର୍ଷ ରୋହିତ ଏପର୍ଯ୍ୟନ୍ତ ୨,୪୪୨ ରନ୍ କରିଛନ୍ତି।

### ହୋପ୍‌ଙ୍କ ୩୦୦୦ ରନ ପୂରଣ

ବାରବାଟୀରେ ୱେଷ୍ଟଇଣ୍ଡିଜର ଶାଇ ହୋପ୍ ଦିନିକିଆ କ୍ରିକେଟରେ ୩୦୦୦ ରନ ପୂରଣ କରିଛନ୍ତି। ୧୫ତମ ଓଭରର ପ୍ରଥମ ବଲ୍‌ରେ ରବୀନ୍ଦ୍ର ଜାଡେଜାଙ୍କ ବୋଲିଂରେ ସିଙ୍ଗଲ ରନ ନେଇ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ସେତେବେଳକୁ ତାଙ୍କ ସ୍କୋର ଥିଲା ୩୫।

### ଉତ୍କଣ୍ଠା, ଉତ୍ସାହ

ବାରବାଟୀରେ ରବିବାର ଅନୁଷ୍ଠିତ ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ନାହିଁ ନ ଥିବା ଉତ୍କଣ୍ଠା ପରିଲକ୍ଷିତ ହୋଇଛି। ମ୍ୟାଚ ଅପରାହ୍ନ ୧ଟା ୩୦ରେ ଆରମ୍ଭ ହୋଇଥିଲେ ହେଁ ଷ୍ଟାଡିୟମ ଗେଟ୍ ସକାଳ ୧୦ଟାରେ ଖୋଲିଥିଲା। ମାତ୍ର ଏହାର ଅନେକ ସମୟ ପୂର୍ବରୁ ଦର୍ଶକମାନେ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇଥିବା ଦେଖାଯାଇଥିଲା। ମୁହଁରେ ରଙ୍ଗବୋଳି ନିଜ ପ୍ରିୟ ତାରକାଙ୍କୁ ଉତ୍ସାହିତ କରିବାକୁ ଷ୍ଟାଡିୟମରେ ପ୍ରବେଶ କରିଥିଲେ ଓଡ଼ିଶା ଦର୍ଶକ। ମ୍ୟାଚ ଆରମ୍ଭ ପୂର୍ବରୁ ଷ୍ଟାଡିୟମ ଦର୍ଶକରେ ଭରି ଯାଇଥିଲା। ଅଧିକାଂଶ ଦର୍ଶକ ଭାରତୀୟ ଖେଳାଳିଙ୍କ ସଦୃଶ ଜର୍ସି ପିନ୍ଧିଥିବାରୁ ପୂରା ଷ୍ଟାଡିୟମ ନୀଳ ରଙ୍ଗରେ ରଙ୍ଗିନ ହୋଇଥିଲା।

### ୭ ନମ୍ବର ଶୂନଶାନ

ଫନୀ ବାତ୍ୟାର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବାରୁ ୭ ନମ୍ବର ଗ୍ୟାଲେରି ଦର୍ଶକଙ୍କ ପାଇଁ ଉପଲବ୍ଧ ନ ଥିଲା। ତେଣୁ ଷ୍ଟାଡିୟମର ଅନ୍ୟ ଗ୍ୟାଲେରି ଗୁଡ଼ିକ ଦର୍ଶକଙ୍କ କୋଳାହଳରେ ପ୍ରକମ୍ପିତ ହେଉଥିବାବେଳେ ୭ ନମ୍ବର ଶୂନଶାନ ଥିଲା। ଏଠାରେ ଦର୍ଶକଙ୍କ ପାଇଁ ବାଲୁକାକଳା ପ୍ରଦର୍ଶିତ ହୋଇଥିଲା। ଏଥିରେ 'ୱେଲକମ୍' ଲେଖାଯାଇ ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜ ଦଳକୁ ସ୍ୱାଗତ କରାଯାଇଥିଲା।

### ସ୍ପାଇଡର, ସ୍ପାଇକମ୍ ଅନ୍ୟତମ ଆକର୍ଷଣ

ଅନ୍ତର୍ଜାତୀୟ କ୍ରିକେଟର ପ୍ରତିଟି ମୁହୂର୍ତ୍ତକୁ ଧରି ରଖିବାପାଇଁ ଦିନକୁ ଦିନ ଆଧୁନିକ ଟେକ୍ନୋଲୋଜିର ବ୍ୟବହାର ବଢ଼ୁଛି। ସେହି କ୍ରମରେ ବାରବାଟୀରେ ମ୍ୟାଚର ବିଭିନ୍ନ ସମୟର ଫଟୋ ଉତ୍ତୋଳନ ପାଇଁ ସ୍ପାଇଡର ଓ ସ୍ପାଇକମ୍ କ୍ୟାମେରା ବ୍ୟବହୃତ ହୋଇଥିଲା। ସ୍ପାଇଡର କ୍ୟାମେରା ଉପରେ ଝୁଲି ରହିଥିବାବେଳେ ଚକଲଗା ସ୍ପାଇକମ୍ କ୍ୟାମେରା ପଡ଼ିଆରେ ବିଶେଷ ମୁହୂର୍ତ୍ତର ଫଟୋ ନେଉଥିଲା। ବିଶେଷ କରି ବ୍ୟାଟ୍ସମ୍ୟାନ ଆଉଟ ହୋଇ ପ୍ୟାଭିଲିୟନ ଫେରିବା ସମୟରେ ଏବଂ ନୂଆ ବ୍ୟାଟ୍ସମ୍ୟାନ କ୍ରିଜକୁ ଯିବାବେଳେ ଏହା ତାଙ୍କ ଚାରିପଟରେ ବୁଲି ଚିତ୍ର ଉତ୍ତୋଳନ କରୁଥିଲା। ଏହାକୁ ରିମୋଟରେ କଣ୍ଟ୍ରୋଲ କରାଯାଉଥିଲା।

## ସ୍କୋର ବୋର୍ଡ

**ୱେଷ୍ଟଇଣ୍ଡିଜ ଇନିଂସ**

ଇଭିନ ଲିୱିସ-କ-ସଇନୀ-ବୋ-ଜାଡେଜା-୨୧
ଶାଇ ହୋପ୍-ବୋ-ଶାମି-୪୨
ରୋଷ୍ଟନ ଚେଜ୍-ବୋ-ସଇନୀ-୩୮
ଶିମରନ ହେଟମେର-କ-କୁଲଦୀପ-ବୋ-ସଇନୀ-୩୭
ନିକୋଲାସ ପୁରନ-କ-ଜାଡୋଜା-ବୋ-ଠାକୁର-୮୯
କିରନ ପୋଲାର୍ଡ-ନଟ୍ ଆଉଟ୍-୭୪
ଜାସନ ହୋଲ୍‌ଡର-ନଟ୍ ଆଉଟ୍-୭
ଅତିରିକ୍ତ-୭
ମୋଟ (୫୦ ଓଭର, ୫ ଉଇକେଟ) ୩୧୫।
ଉଇକେଟ ପତନ:୧/୫୭, ୨/୭୦, ୩/୧୩୨, ୪/୧୪୪, ୫/୨୭୯।

**ବୋଲିଂ(ଭାରତ)**

ଶାର୍ଦ୍ଦୁଳ ଠାକୁର ୧୦-୦-୬୬-୧
ମହମ୍ମଦ ଶାମି ୧୦-୨-୬୬-୧
ନବଦୀପ ସଇନୀ ୧୦-୦-୫୮-୨
କୁଲଦୀପ ଯାଦବ ୧୦-୦-୬୭-୦
ରବୀନ୍ଦ୍ର ଜାଡେଜା ୧୦-୦-୫୪-୧

**ଭାରତ ଇନିଂସ**

ରୋହିତ ଶର୍ମା-କ-ଶାଇ ହୋପ୍-ବୋ- ହୋଲ୍‌ଡର-୬୩
ଲୋକେଶ ରାହୁଲ-କ-ଶାଇ ହୋପ୍-ବୋ-ଅଲ୍‌ଜାରି-୭୭
ବିରାଟ କୋହଲି-ବୋ-କିମୋ ପଲ୍-୮୫
ଶ୍ରେୟାସ ଆୟାର-କ-ଅଲଜାରି-ବୋ-କିମୋ ପଲ୍-୭
ରିଷଭ ପନ୍ତ-ବୋ-କିମୋ ପଲ୍-୭
କେଦାର ଯାଦବ-ବୋ-କୋଟ୍ରେଲ-୯
ରବୀନ୍ଦ୍ର ଜାଡେଜା-ନଟ୍ ଆଉଟ୍-୩୯
ଶାର୍ଦ୍ଦୁଳ ଠାକୁର-ନଟ୍‌ଆଉଟ୍-୧୭
ଅତିରିକ୍ତ-୧୨
ମୋଟ: (୪୮.୪ ଓଭର, ୬ ଉଇକେଟ) ୩୧୬।
ଉଇକେଟ ପତନ:୧/୧୨୨, ୨/୧୬୭, ୩/୧୮୮, ୪/୨୦୧, ୫/୨୨୮, ୬/୨୮୬।

**ବୋଲିଂ (ୱେଷ୍ଟଇଣ୍ଡିଜ)**

ଶେଲ୍‌ଡନ କଟ୍ରେଲ ୧୦-୧-୭୪-୧
ଜାସନ ହୋଲ୍‌ଡର ୧୦-୦-୬୩-୧
କିମୋ ପଲ୍ ୯.୪-୦-୫୯-୩
ରୋଷ୍ଟନ ଚେଜ୍ ୪-୦-୧୯-୦
ଖାରି ପିଏରେ ୭-୦-୪୬-୦
ଅଲ୍‌ଜାରି ଜୋସେଫ୍ ୮-୦-୫୩-୧।

### ୩୦୦ରୁ ଊର୍ଦ୍ଧ୍ୱ ରନ ଚେଜ୍‌ରେ ଭାରତ ଆଗରେ

ଏକଦିବସୀୟ କ୍ରିକେଟରେ ଭାରତ ଏହାକୁ ମିଶାଇ ସର୍ବାଧିକ ୧୭ ଥର ୩୦୦ରୁ ଊର୍ଦ୍ଧ୍ୱ ରନ ଚେଜ କରି ବିଜୟୀ ହୋଇଛି। ତା' ପଛକୁ ଇଂଲଣ୍ଡ ୧୧, ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ୧୦ ଥର ଲେଖାଏ ଏବଂ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ୬ ଥର ଲେଖାଏ ଏହି ସଫଳତା ପାଇଛନ୍ତି।

# ବିଜୟ ଦ୍ୱାରରେ ପାକିସ୍ତାନ

**ଦ୍ୱିତୀୟ ଟେଷ୍ଟ**

କରାଚୀ,୨୨।୧୨

ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ପାକିସ୍ତାନ ବିଜୟର ଦ୍ୱାର ଦେଶରେ ପହଞ୍ଚିଛି। ପ୍ରଥମ ଇନିଂସରେ ୮୦ ରନ ପଛରେ ପଡିଥିଲେ ମଧ ପାକିସ୍ତାନ ଦ୍ୱିତୀୟ ଇନିଂସରେ ଦମ୍‌ଦାର ବ୍ୟାଟିଂ କରି ପ୍ରତ୍ୟାବର୍ତ୍ତନ କରିବା ସହ ମ୍ୟାଚ୍ ନିୟନ୍ତ୍ରଣକୁ ଆଣିଛି। ଟପ୍ ଅର୍ଡର ୪ଜଣ ବ୍ୟାଟ୍ସମ୍ୟାନ ଶତକ ହାସଲ କରି ପାକିସ୍ତାନକୁ ବୃହତ୍ ସ୍କୋର ପ୍ରଦାନ କରିଛନ୍ତି। ଦ୍ୱିତୀୟ ଇନିଂସରେ ପାକିସ୍ତାନ ୧୩୧ ଓଭରରେ ୩ ଉଇକେଟ ହରାଇ ୫୫୫ ରନକରି ପାଳି ଘୋଷଣା କରିଛି। ଫଳରେ ଶ୍ରୀଲଙ୍କା ସମ୍ମୁଖୀନରେ ୪୭୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୬୦.୧ ଓଭରରେ ୭ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଛି। ଫଳରେ ମ୍ୟାଚ୍ ଆଉ ଗୋଟିଏ ଦିନ ବାକି ଥିବା ବେଳେ ପାକିସ୍ତାନ ବିଜୟ ପାଇଁ ୩ ଉଇକେଟ ଆବଶ୍ୟକ କରୁଛି। ଅନ୍ୟପଟେ ୩ ଉଇକେଟ ହାତରେ ରଖି ଶ୍ରୀଲଙ୍କା ବିଜୟ ପାଇଁ ୨୬୪ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଓଶାଡା ଫର୍ନାଣ୍ଡୋ ୧୦୨ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ନିରୋଶାନ ଡିକ୍‌ୱାଲା ୬୫ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଛନ୍ତି। ଏହି କ୍ରମରେ ଓପନ ତଥା ଅଧିନାୟକ ଦିମୁଥ କରୁଣାରତ୍ନେ ୧୬, ଆଞ୍ଜେଲୋ ମାଥ୍ୟୁସ ୧୯, ଦିନେଶ ଚାଣ୍ଡିମଲ ୨, ଦିଲରୁୱାନ ପେରେରା ୫ ରନକରି ଆଉଟ ହୋଇଥିବା ବେଳେ କୁଶଲ ମେଣ୍ଡିସ୍ ଓ ଧନଞ୍ଜୟ ଡି ସିଲଭା ଖାତା ଖୋଲିପାରି ନ ଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ନସିମ ଶାହା ସର୍ବାଧିକ ୩, ଶାହିନ ଶାହ ଆଫ୍ରିଦି, ମହମ୍ମଦ ଆବାସ, ୟସିର ଶାହା ଓ ହାରିସ ସୋହେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୯୫/୨ରୁ ଖେଳ ଆରମ୍ଭ କରି ପାକିସ୍ତାନ ଇନିଂସ ଘୋଷଣା କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ଅଝାର ଅଲି ୫୭ରୁ ଖେଳ ଆରମ୍ଭ କରି ୧୧୮ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେହିପରି ୨୨ ରନରୁ ଖେଳ ଆରମ୍ଭ କରି ବାବର ଆଜମ ୧୦୦ ରନ କରି ଅପରାଜିତ ରହିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ରିଜୱାନ ୨୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଲାହିରୁ କୁମାରା ୨ ଓ ଲାସିଥ ଏମ୍ବୁଲଡେନିଆ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।


ଶତକ ହାସଲକାରୀ ବାବର ଆଜମ୍।

# ମୀରାବାଙ୍କୁ ଦ୍ୱିତୀୟ ଟାଇଟଲ

ଢାକା, ୨୨।୧୨ (ପି.ଟି.)

ଭାରତର ମୀରାବା ଲୁୱାଙ୍ଗ ବିଡବ୍ଲ୍ୟୁଏଫ୍ ବାଂଲାଦେଶ ଜୁନିୟର ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ସିରିଜ ୨୦୧୯ ଜିତିଛନ୍ତି। ମଣିପୁରର ତଥା ଟପ୍ ସିଡ୍ ମୀରାବା ଫାଇନାଲରେ କେନ୍ ୟଙ୍ଗ ଅଙ୍ଗ୍‌ଙ୍କୁ ୨୧-୧୪, ୨୧-୧୮ରେ ହରାଇ ଦେଇଛନ୍ତି। ସେମିଫାଇନାଲରେ ସେ ଆହୁରି ମଧ୍ୟ ମଲେସିଆର ଅନ୍ୟ ଜଣେ ଖେଳାଳିଙ୍କୁ ପରାସ୍ତ କରିଥିଲେ। ଗତ ମାସରେ ମୀରାବା ଓନଚେଅନ ୟୋନେକ୍ସ କୋରିଆ ଜୁନିୟର ଓପନ୍ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜରେ ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଟାଇଟଲ ଜିତିଥିଲେ। ବାଂଲାଦେଶ ଟୁର୍ନାମେଣ୍ଟର ମୁଖ୍ୟ ଡ୍ର'ରେ ଭାରତର ଯେଉଁ ୫ ଜଣ ଖେଳାଳି ସ୍ଥାନ ପାଇଥିଲେ, ମୀରାବା ସେମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ।

**ଜାତୀୟ ସବ୍ ଜୁନିୟର ବ୍ୟାଡମିଣ୍ଟନ**

# ଶ୍ୱେତପର୍ଣ୍ଣା ମିକ୍ସଡ ଡବଲ୍ସ ଚାମ୍ପିୟନ

ଭୁବନେଶ୍ୱର,୨୨।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ୟୋନେକ୍ସ- ସନରାଇଜ୍ ୩୩ତମ ଜାତୀୟ ସବ୍ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ତାମିଲନାଡ୍ତୁ, ରାଜସ୍ଥାନ, ହରିୟାଣା ଭିନ୍ନ ଭିନ୍ନ ବର୍ଗରେ ଏକାଧିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଶ୍ୱେତପର୍ଣ୍ଣା ପଣ୍ଡା ୧୫ ବର୍ଷରୁ କମ୍ ମିକ୍ସଡ ଡବଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ମୋଟ ୧୦ଟି ସ୍ୱର୍ଣ୍ଣ ପଦକ ମଧ୍ୟରୁ ତାମିଲନାଡ୍ତୁ, ରାଜସ୍ଥାନ, ହରିୟାଣାର ଖେଳାଳିମାନେ ୬ଟି ସ୍ୱର୍ଣ୍ଣ ଜିତିଛନ୍ତି। ତାମିଲନାଡ୍ତୁ ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ୧୫ ବର୍ଷରୁ କମ୍ ବାଳକ ଡବଲ୍ସ ମ୍ୟାଚ୍‌ରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିବା ସହ ଗୋଟିଏ ରୌପ୍ୟ ପଦକ ମଧ୍ୟ ହାସଲ କରିଛି। ସେହିପରି ହରିୟାଣା ୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ୧୭ ବର୍ଷରୁ କମ୍ ବାଳିକା ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଛି। ସେହିପରି ରାଜସ୍ଥାନ ୧୫ ଓ ୧୭ ବର୍ଷରୁ କମ୍ ବାଳକ ଡବଲ୍ସ ମ୍ୟାଚ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଛି।


ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଓଡ଼ିଶାର ଶ୍ୱେତପର୍ଣ୍ଣା ପଣ୍ଡା ନିଜ ତେଲଙ୍ଗାନା ପାର୍ଟନର ସାତ୍ତ୍ୱିକ ରେଡ୍ଡୀଙ୍କ ସହ ୧୫ ବର୍ଷରୁ କମ୍ ମିକ୍ସଡ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ଏହି ଯୋଡି ଫାଇନାଲ ମ୍ୟାଚ୍‌ରେ ପ୍ରତିପକ୍ଷ ଚଣ୍ଡିଗଡ ଓ ହରିୟାଣା ଯୋଡି ସମରବୀର ଓ ରିଜୁଲ ସାଇନିଙ୍କୁ ୨୧-୧୪, ୨୧-୮ରେ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ଏଥିସହିତ ଶ୍ୱେତପର୍ଣ୍ଣା କୌଣସି ଜାତୀୟ ସ୍ତରର ପ୍ରତିଯୋଗିତାରେ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ଆୟୁଷ ପଟ୍ଟନାୟକ ଓ ତାଙ୍କ କର୍ନାଟକ ପାର୍ଟନର ଭି ସୁବାସ ୧୭ ବର୍ଷରୁ କମ୍ ବାଳକ ଡବଲ୍ସରେ ରାଜସ୍ଥାନ ଯୋଡି ହିମାଂଶୁ ଖତାନା ଓ ଶୁଭମ୍ ପଟେଲଙ୍କଠାରୁ ୨୧-୧୮, ୨୪- ୨୨ରେ ପରାସ୍ତ ହୋଇ ରନର୍ସଅପ୍ ହୋଇଛନ୍ତି। ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଶିଳ୍ପମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଲ କେ ଦେବ, ପ୍ରତିଯୋଗିତାର କନ୍‌ଭେନର ରାଜେଶ ପ୍ରଭାକର ପାଟିଲ, ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଆଇଏ) ସାଧାରଣ ସଚିବ ଅଭୟ କୁମାର ସିଂହାନିଆ, ଓଡ଼ିଶା ଷ୍ଟେଟ ବ୍ୟାଙ୍କ ଆସୋସିଏଶନ (ଓଏସ୍‌ବିଏ) ଅଧ୍ୟକ୍ଷ ରୋହିତ ପୂଜାରୀ ଓ ସଚିବ ନଳୀନ କୁମାର ପ୍ରମୁଖ ଯୋଗଦେଇ ସଫଳ ପ୍ରତିଯୋଗୀମାନଙ୍କୁ ପଦକ, ଟ୍ରଫି ଓ ନଗଦ ପୁରସ୍କାର ରାଜି ପ୍ରଦାନ କରିଥିଲେ।



କ୍ଲବ ବିଶ୍ୱକପ୍ ଚାମ୍ପିୟନ ଲିଭରପୁଲ ଦଳ।

# ଲିଭରପୁଲ ଜିତିଲା କ୍ଲବ ବିଶ୍ୱକପ୍

ଦୋହା, ୨୨।୧୨

ଅତିରିକ୍ତ ମିନିଟ୍‌ରେ ରବର୍ଟୋ ଫିର୍ମିନୋଙ୍କ ଗୋଲ ଯୋଗୁ ଲିଭରପୁଲ ୧-୦ ଗୋଲରେ ବ୍ରାଜିଲର ଫ୍ଲାମେଙ୍ଗୋଙ୍କୁ ହରାଇ କ୍ଲବ ବିଶ୍ୱକପ୍ ଜିତିଛି। ସ୍ଥାନୀୟ ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ୧୩ ହଜାର ଦର୍ଶକଙ୍କ ସାମ୍ନାରେ ଲିଭରପୁଲ ତା'ର ପ୍ରଥମ କ୍ଲବ ବିଶ୍ୱକପ୍ ଟାଇଟଲ ହାତେଇଛି। ଇଂଲଣ୍ଡର ଦ୍ୱିତୀୟ କ୍ଲବ ଭାବେ ଲିଭରପୁଲ ଦଳ ଏହି ସଫଳତା ହାସଲ କରିଛି। ଏଥିପୂର୍ବରୁ ମାଞ୍ଚେଷ୍ଟର ୟୁନାଇଟେଡ୍ ୨୦୦୮ରେ ଟ୍ରଫି ଜିତିଥିଲା। ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ର ପ୍ରଥମ ୯୦ ମିନିଟ୍‌ରେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଅତିରିକ୍ତ ସମୟର ପ୍ରଥମାର୍ଦ୍ଧରେ ଫିର୍ମିନୋ (୯୯ତମ ମିନିଟ୍) ଗୋଲ ଦେଇଥିଲେ। ଏହି ଗୋଲ ପରିଶୋଧ କରିବା ପାଇଁ ଫ୍ଲାମେଙ୍ଗୋ ନିକଟରେ ୨୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଥିଲା। ଦଳ ପକ୍ଷରୁ ଖେଳାଳିମାନେ ବହୁ ପ୍ରୟାସ କରି ବିଫଳ ହୋଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଡିସେମ୍ବର ୨୩/୨୦୧୯ Sambalpur, Monday, December 23 / 2019

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ରତିକାନ୍ତ


ସୁମତୀ


ଶିବରାମ


ଆଶିଷ


ରାଜୁ


ପୁଷ୍ପା

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ସାମୂହିକ ନିକାହରେ ୪ ହିନ୍ଦୁ ଯୋଡ଼ିଙ୍କ ବିବାହ

**ସମ୍ବଲପୁର,୨୨।୧୨(ବ୍ୟୁରୋ)**

ସମ୍ବଲପୁରରେ ଆଲା ହଜରତ ୱେଲ୍‌ଫେୟାର କମିଟି ପକ୍ଷରୁ ପ୍ରତିବର୍ଷ ସାମୂହିକ ନିକାହ (ଗଣ ବିବାହ) ଆୟୋଜିତ ହୋଇ ଆସୁଛି। ଏଥିରେ ମୁସଲମାନ ସମ୍ପ୍ରଦାୟର ଗରିବ ପୁଅ ଝିଅଙ୍କ ବିବାହ ଲାଗି କମିଟି ସମ୍ପୂର୍ଣ୍ଣ ସାହାଯ୍ୟ ସହଯୋଗ କରିଥାଏ। ଚଳିତ ବର୍ଷର ସାମୂହିକ ନିକାହ ରବିବାର ପୂର୍ବାହ୍ନ ସାଢେ ୧୧ଟାରେ ସୁନାପାଲି ରାଜନଗର ସାହାଜାନ ପଡିଆରେ ଆୟୋଜିତ ହୋଇଥିଲା। ହେଲେ ଏଥର ଏହି କାର୍ଯ୍ୟକ୍ରମରେ ଏକ ସ୍ୱତନ୍ତ୍ରତା ଆଉ ବ୍ୟତିକ୍ରମ ଦେଖିବାକୁ ମିଳିଛି। ମୋଟ ୧୭ ଯୋଡିଙ୍କ ଗଣବିବାହ ବା ନିକାହ ସମ୍ପନ୍ନ ହୋଇଛି। ହେଲେ ଏଥିରେ ୪ ଯୋଡା ହିନ୍ଦୁ ବର-କନ୍ୟାଙ୍କୁ କମିଟି ବିବାହ କରାଇ ସମାଜରେ ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିଛି। ସମ୍ବଲପୁର ସହରରେ ଏହା ଭାଇଚାରାର ବାର୍ତ୍ତା ଦେଇଛି। ସାମ୍ପ୍ରଦାୟିକ ସଦ୍‌ଭାବନାରେ ଆଉ ଏକ ନୂଆ ଅଧ୍ୟାୟ ମଧ୍ୟ ସୃଷ୍ଟି କରିଛି। ସମଗ୍ର ସହର ଓ ଜିଲାରେ ଏହା ଚର୍ଚ୍ଚାର ବିଷୟ ମଧ୍ୟ ପାଲଟିଛି। ନବ ଦମ୍ପତି ତଥା ବର-କନ୍ୟା ପରସ୍ପରକୁ ଫୁଲ ମାଳ ଦେଇ ଓ ମୁଦି ପିନ୍ଧାଇ ଜୀବନ ସାଥୀ କରିଛନ୍ତି। ତେବେ ଏହାକୁ ସ୍ୱୀକୃତି ପାଇଁ ସବ୍‌ରେଜିଷ୍ଟ୍ରାର ଏସ.ଏନ. ହାତୀ ଉପସ୍ଥିତ ଥିଲେ। ନବ ବିବାହିତଙ୍କ ବିବାହ ପଞ୍ଜୀକରଣ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଆବଶ୍ୟକ ଫର୍ମରେ ଆବଶ୍ୟକ କାଗଜପତ୍ର ସହ ବର-କନ୍ୟା ଆବେଦନ କରିଛନ୍ତି। ସମ୍ବଲପୁର ଡିଏଫଓ ଡ. ସଞ୍ଜୀତ କୁମାର, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ନବ ଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ। ଆବଶ୍ୟକ ଘରକରଣା ସାମଗ୍ରୀ ଦେଇ ଅପରାହ୍ନ ୪ଟାରେ କନ୍ୟା ବିଦା କରାଯାଇଥିଲା।


ସମ୍ବଲପୁର ଆଲ୍ଲା ହଜରଦ୍ କମିଟି ପକ୍ଷରୁ ସାମୂହିକ ନିକାହ ବା ଗଣ ବିବାହରେ ନବ ଦମ୍ପତିମାନେ।

୧୩ ଯୋଡି ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବତୀ ଯୁବକ ଗରିବ ଶ୍ରେଣୀର। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ବିବାହ ହୋଇ ପାରୁ ନ ଥିଲା। ସେମାନେ ବୟସ ଓ ଅନ୍ୟ ପ୍ରମାଣ ପତ୍ର ଦେଇ ବିବାହ ଲାଗି ସହଯୋଗ କରିବାକୁ ଆଲା ହଜରତ କମିଟି ପାଖରେ ଅନୁରୋଧ କରିଥିଲେ। ଆବେଦନପତ୍ର ପାଇବା ପରେ ପ୍ରଶାସନ ପକ୍ଷରୁ ବୟସ ପ୍ରମାଣ ପତ୍ର ଯାଞ୍ଚ କରାଯାଇ ନିକାହ ଓ ବିବାହ ପାଇଁ ଅନୁମତି ମିଳିଥିଲା। ତେବେ ଏଥିରେ ବିବାହ କରିଥିବା ଝାଡୁଆପଡାର ଜଣେ ହିନ୍ଦୁ ଯୁବତୀଙ୍କ ପରିବାର ସୂଚନା ଦେଇ କହିଛନ୍ତି ଯେ, ତାଙ୍କ ବାପା ରୋଗରେ ପୀଡିତ। ମା'ପର ଘରେ କାମ କରି ପରିବାର ଚଳାଉଛନ୍ତି। ତେଣୁ ଝିଅର ବିବାହ କରିବାକୁ ସେମାନେ ସକ୍ଷମ ନୁହନ୍ତି। ଆଲା ହଜରତ କମିଟି ପକ୍ଷରୁ ଗଣବିବାହ ଲାଗି ସହଯୋଗ ମିଳୁଥିବା ଘର ମାଲିକଙ୍କଠାରୁ ସୂଚନା ପାଇଥିଲେ। ଏଣୁ କମିଟି ନିକଟରେ ଝିଅର ବିବାହ ଲାଗି ଆବେଦନ କରିଥିଲେ। ନିଜ ସମ୍ପ୍ରଦାୟର ନ ହୋଇ ମଧ୍ୟ ଏଭଳି ଏକ ପାରିବାରିକ, ମାଙ୍ଗଳିକ ଓ ସାମାଜିକ କାମରେ ସମ୍ପୂର୍ଣ୍ଣ ସାହାଯ୍ୟ ସହଯୋଗ କରିଥିବା ଆଲା ହଜରତ ୱେଲ ଫେୟାର କମିଟିକୁ ସେ ସାଧୁବାଦ ଜଣାଇଛନ୍ତି।

## ଚୋରି ଅଭିଯୋଗରେ ୩ ଗିରଫ

**ସମ୍ବଲପୁର,୨୨।୧୨(ବ୍ୟୁରୋ)**

ସମ୍ବଲପୁର କ୍ଷେତରାଜପୁର ଥାନା ପୋଲିସ ଚୋରି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାଜେଶ ବାଗ (୨୦), ମଦନ ନାଗ (୨୧), ବାବୁନ ପାଣ୍ଡେ ( ୫୭)। ସେହିଭଳି ଜଣେ ନାବାଳକ ମଧ୍ୟ ଧରା ପଡିଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ଗାଡିର ଟାୟାର, କଟର, ପାଣି ମୋଟର, ଲୁହା ଛଡ, ଫ୍ୟାନ୍ ଜବତ କରି ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ତାଳଭଟାପଡାର ସୁଶାନ୍ତ ରାଉତଙ୍କ ଗାଡି (ଓଡି-୧୫-ପି-୩୪୪୨)ରୁ ଟାୟାର ଚୋରି ନେଇ ଅଭିଯୋଗ ହୋଇଥିଲା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ରେଳଧାରଣା କଡ଼ରୁ ନବଜାତ ଶିଶୁକନ୍ୟା ଉଦ୍ଧାର

**ବରଗଡ଼ ଅଫିସ୍/ବରପାଲି, ୨୨।୧୨:** ବରଗଡ଼ ଜିଲା ବରପାଲି ଯୋଗୀମୁଣ୍ଡା ନିକଟ ରେଳଧାରଣା କଡରୁ ରବିବାର ସକାଳେ ବ୍ୟାଗରେ ଥିବା ଜଣେ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ସେହି ରେଳଧାରଣା କଡ଼ ଦେଇ ଯାଉଥିବା ଜଣେ ବ୍ୟକ୍ତି ପଡ଼ିଥିବା ଏକ ବ୍ୟାଗ ଭିତରୁ ଶିଶୁର କାନ୍ଦ ଶୁଣିବାକୁ ପାଇଥିଲେ। ବ୍ୟାଗ ଖୋଲିବା ପରେ ସେଥିରେ ଏକ ଶିଶୁକନ୍ୟା ଥିବା ଦେଖିବାକୁ ପାଇଥିଲେ। ଶିଶୁକୁ ତୁରନ୍ତ ବରପାଲି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଆଣିଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଥିଲା ଜିଲା ଶିଶୁ ସୁରକ୍ଷା ଅଧିକାରୀ(ଡିସିପିଓ) ମଞ୍ଜୁ ଏକ୍କା କହିଛନ୍ତି ଯେ, ଶିଶୁକନ୍ୟା ଉଦ୍ଧାର ହେବା ନେଇ ବରପାଲି ଥାନା ଅଧିକାରୀ ରୋଜାଲିନ ପଟେଲଙ୍କଠାରୁ ସୂଚନା ମିଳିଥିଲା। ବରପାଲି ଅଟୋ ଆସୋସିଏଶନ ସମ୍ପୃକ୍ତ ଶିଶୁକନ୍ୟାକୁ ଉଦ୍ଧାର କରିଥିବା ସେ କହିଥିଲେ। ଏହାପରେ ବିଭାଗୀୟ କର୍ମଚାରୀ ଏବଂ ଚାଇଲ୍ଡ ଲାଇନର ସ୍ୱେଚ୍ଛାସେବୀମାନେ ବରପାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଶିଶୁକନ୍ୟାକୁ ଆଣି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ନବଜାତ ଶିଶୁଯତ୍ନ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଶିଶୁର ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି, ଡିସଚାର୍ଜ ପରେ ତାକୁ ଜିଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରାଯିବ ବୋଲି ଡିସିପିଓ ଏକ୍କା କହିଥିଲେ। ସୂଚନାଯୋଗ୍ୟ, ଗତ ୧୪ତାରିଖରେ ପଦ୍ମପୁରର ଏକ ଡ୍ରେନରୁ ନବଜାତ ଶିଶୁକନ୍ୟା ଉଦ୍ଧାର ହୋଇଥିଲା। ବର୍ତ୍ତମାନ ତାକୁ କସ୍ତୁରବା ଗାନ୍ଧୀ ମାତୃ ନିକେତନ ପରିଚାଳିତ ଅମ୍ବାପାଲିସ୍ଥିତ ପୋଷ୍ୟ କେନ୍ଦ୍ରରେ ରଖାଯାଇଛି।

■ ଅଖିଳ ଭାରତୀୟ ଗଲ୍ଫ ଟୁର୍ନାମେଣ୍ଟ

## ସମ୍ବଲପୁର ଏମ୍‌ସିଏଲ୍ ଚାମ୍ପିୟନ

**ସମ୍ବଲପୁର, ୨୨।୧୨ (ବ୍ୟୁରୋ)**

ବୁର୍ଲା ଜାଗୃତୀ ବିହାର ମହାନଦୀ ଗଲ୍ଫ କ୍ଲବଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ଅଖିଳ ଭାରତୀୟ ଗଲ୍ଫ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଚାମ୍ପିୟନ ହୋଇଥିବାବେଳେ କୋଥା ଗୋଦାମ ଏମ୍‌ସିଏଲ୍ ରନର୍ସ ଅପ୍ ଟ୍ରଫି ହାସଲ କରିଛି। ସେହିପରି କୋଲକତା କୋଲ ଇଣ୍ଡିଆ ଦଳ ଦ୍ୱିତୀୟ ରନର୍ସ ଅପ୍ ହୋଇଛି। ଏମ୍‌ସିଏଲ୍‌ର ଜେ କୁମାର, ପି.କେ. ସିହ୍ନା, ବି.କେ. ଆନାରାଓଙ୍କୁ ନେଇ ଗଠିତ ଦଳ ଚାମ୍ପିୟନ ହୋଇଥିବା ବେଳେ କୋଥା ଗୋଦାମ ଏମ୍‌ସିଏଲର ମନୋହର କେ.ପି. ରମେଶ, ଜେ. ବିଶ୍ୱନାଥନ୍, କେ. ଗଣେଶନ୍ ଦଳ ରନର୍ସଅପ୍ ହୋଇଛନ୍ତି। ଏମ୍‌ସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। କାର୍ମିକ ନିର୍ଦ୍ଦେଶକ କେଶବ ରାଓ ସମ୍ମାନୀତ ଅତିଥି ଥିଲେ। ଏମ୍‌ସିଏଲ୍‌ର ସିର୍ଦ୍ଧାଥ ଭୋଇନା ବେଷ୍ଟ ଗ୍ରାସ୍ ବିଜେତା, ବିଶ୍ୱନାଥନ୍ ଜେଙ୍କୁ ବେଷ୍ଟ ଆଉଟଷ୍ଟାଣ୍ଡିଂ ଗଲ୍ଫର, ପି.କେ. ଚୌକିଆରଙ୍କୁ ନ୍ୟାରେଷ୍ଟ ଟୁପିନ୍ ଟ୍ରଫି ପ୍ରଦାନ କରାଯାଇଥିଲା। ଜୟପୁରର ଡା. ଦେବେନ୍ଦ୍ର କୁମାରଙ୍କୁ ଲଙ୍ଗେଷ୍ଟ ଡ୍ରାଇଭ୍ ଓ ଟ୍ରେଷ୍ଟ ଡ୍ରାଇଭ ଟ୍ରଫି ଦିଆଯାଇଥିଲା। ଏଥିସହ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜନସମ୍ପର୍କ ବିଭାଗ ମୁଖ୍ୟ ଡିକେନ୍ ମେହେରା ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ। କଲ୍ୟାଣ ମହାପ୍ରବନ୍ଧକ କେ.ଏଲ. ଖଟିକ, ବିନାୟକ ଜସୱାଲ, ଆସ୍ତିକ ପ୍ରସାଦ ସାହୁ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଏମ୍‌ସିଏଲ୍ ଅଧ୍ୟକ୍ଷ ଭୋଳାନାଥ ଶୁକ୍ଳା ଟ୍ରଫି ପ୍ରଦାନ କରୁଛନ୍ତି।

## ଏସ୍‌ୟୁ-ଓଏସ୍‌ଓୟୁ ମଧ୍ୟରେ ଚୁକ୍ତି

**ସମ୍ବଲପୁର, ୨୨।୧୨ (ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଓ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ମଧ୍ୟରେ ସୁଇଟ ସଭା କକ୍ଷରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ଓ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ଚୁକ୍ତ ସ୍ୱାକ୍ଷର କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ସଞ୍ଜୀତ ସାହୁ, ସ୍ନାତକୋତ୍ତର ସମୂହ ଅଧ୍ୟକ୍ଷ ପ୍ରଫେସର ଅର୍କକେଶରୀ ଦାଶ ମହାପାତ୍ର, ସୁଇଟ ନିର୍ଦ୍ଦେଶକ ଡ. ନିହାରରଞ୍ଜନ ଶତପଥୀ ଏବଂ ଓଏସ୍‌ଓୟୁ କୁଳସଚିବ ଡ. ମାନସରଞ୍ଜନ ପୂଜାରୀ ପ୍ରମୁଖ ଚୁକ୍ତିନାମା ସ୍ୱାକ୍ଷର ବେଳେ ଉପସ୍ଥିତ ଥିଲେ। ଦୁଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତିନାମା ହୋଇଥିବାରୁ ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ ହୋଇପାରିବ। ଏଥିସହ ଜନଜାତି, ସଂସ୍କୃତି, ପରମ୍ପରା, ପ୍ରଚାରପ୍ରସାର ଲାଗି ଷ୍ଟୁଡିଓରେ ରେକର୍ଡିଂ ହେବ। ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏକ ଷ୍ଟୁଡିଓ ପ୍ରସ୍ତୁତ କରିବା ସହ କ୍ୟାମେରାମ୍ୟାନ୍ ବ୍ୟବସ୍ଥା କରିଛି। ଏହି ସମସ୍ତ ଭିତ୍ତିଭୂମି ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ରହିଛି।



ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷର କରାଯାଉଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

**ବରଗଡ଼ ଅଫିସ୍,୨୨।୧୨**

ବରଗଡ଼-ବଲାଙ୍ଗୀର ରାସ୍ତାର ଏକାମ୍ର ଛକ ନିକଟରେ ଥିବା ଏକ ଗଛରୁ ଡାଳ କାଟୁଥିବାବେଳେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ଼ ସଦର ଥାନା ଗୁଡ଼େଶିରା ନିକଟ ଡୁମେରପାଲି ଗ୍ରାମର ଈଶ୍ୱର ଛତର(୩୦)। ତେବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ସ୍ଥାନୀୟ ଲୋକେ ଏକାମ୍ର ଛକ ନିକଟରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ବରଗଡ଼-ବଲାଙ୍ଗୀର ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ ଯାନବାହନ ଅଟକି ରହିଥିଲା। ଖବର ପାଇ ପୋଲିସ ଓ ଅତିରିକ୍ତ ତହସିଲଦାର ଅନୁରାଗ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ସେମାନଙ୍କ ଦାବିକୁ ବିଚାର କରି ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ। ଆନ୍ଦୋଳନ ହଟିବା ପରେ ମୃତଦେହକୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୩ ଡିସେମ୍ବର, ୨୦୧୯



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଏଡ୍‌ୱାର୍ଡ



## ସଂକ୍ଷେପରେ

### ସିର୍କିଡି ସ୍କୁଲର ପ୍ଲାଟିନମ ଜୁବିଲି ଉଦ୍‌ଯାପିତ

**ବରପାଲି, ୨୨।୧୨ (ଡି.ଏନ.ଏ):** ବରପାଲି ବ୍ଲକ ସିର୍କିଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଚାଲିଥିବା ୨ ଦିନିଆ ପ୍ଲାଟିନମ ଜୁବିଲି ସମାରୋହ ରବିବାର ଉଦ୍‌ଯାପିତ ହୋଇଛି। ଏହାର ପ୍ରଥମ ଅଧିବେଶନରେ ହଳଧର ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି ଓ ସମ୍ବଲପୁରୀ ଭାଷାବିତ୍ ଉପେନ୍ଦ୍ର କୁମାର ଭୋଇ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାକୁ ଉତ୍ତର କୁମାର ସାହୁ ସଂଯୋଜନା କରିଥିଲେ। ମୋରାରଜୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ ପରିଚାଳନା କମିଟି ସଭାପତି ସରୋଜ ସେଠ, ଉତ୍ତର ସାହୁ, ତେଜରାଜ ଭୋଇ, ଶିକ୍ଷୟିତ୍ରୀ ଲବଙ୍ଗଲତା ମିର୍ଦ୍ଧା ପ୍ରମୁଖ ଶିକ୍ଷକ, ଅଭିଭାବକ ସହଯୋଗ କରିଥିଲେ ।

### ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବିନିକା, ୨୨।୧୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅନ୍ତର୍ଗତ ସେଣ୍ଟଭେଲି ଆବାସିକ ଉଚ୍ଚ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ହ୍ୟୁମାନ ଡେଭ୍‌ଲପମେଣ୍ଟ ରିସର୍ଚ୍ଚ ଫାଉଣ୍ଡେସନ ସଭାପତି ପ୍ରଶାନ୍ତ କୁମାର ପୂଜାହାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ବାଣିଜ୍ୟ ପରିବହନ ଓ ଯୋଜନା ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସୋନପୁର କଲେଜର ଅବସରପ୍ରାପ୍ତ ଅଧକ୍ଷ କ୍ୟାପଟେନ୍ ରାମସ୍ୱାମୀ ମହାପାତ୍ର ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ପ୍ରମୋଦ କୁମାର ପଣ୍ଡା ଯୋଗ ଦେଇଥିଲେ। ପଞ୍ଚାନନ ନାଏକ ସ୍ୱାଗତ ଭାଷଣ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଳଗୋପାଳ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସେଣ୍ଟ୍‌ଭେଲି ହାଇସ୍କୁଲର ଶିକ୍ଷକ ସୁଦାମ ନାଏକ ସଭା ସଂଯୋଜନା କରିଥିବା ବେଳେ ନିତ୍ୟାନନ୍ଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

### ରାମ, ଲକ୍ଷ୍ମଣଙ୍କ ବନ ଗମନ ମଞ୍ଚସ୍ଥ

**ଅତାବିରା, ୨୨।୧୨ (ଡି.ଏନ.ଏ):** ଅତାବିରା ବ୍ଲକ କୁଲିତା ଟୁକୁରାରେ ବିଗ୍ରହ ପ୍ରତିଷ୍ଠା ମହୋତ୍ସବର ତୃତୀୟ ଦିବସରେ ବିଗ୍ରହମାନଙ୍କର ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଏହି ଉପଲକ୍ଷେ ଚାଲିଥିବା ରାମଲୀଳାରେ ମହାରାଜ ରାବଣଙ୍କ ଦିଗ୍‌ବିଜୟୀ ଯାତ୍ରା, ସୀତା ସ୍ୱୟମ୍ବର, ରାମ, ଲକ୍ଷ୍ମଣଙ୍କ ବନଗମନ ଦୃଶ୍ୟ ଅଭିନୀତ ହୋଇଥିଲା। ଏହି ଅବସରରେ କର୍ଣ୍ଣେଲ ପ୍ରଭାତ ପଣ୍ଡା ମୁଖ୍ୟଅତିଥି, ଦେବେନ୍ଦ୍ର ସାମନ୍ତରାୟ, ଶଙ୍କର ରାମଚନ୍ଦାନୀ, ଡ. ଅରୁଣ କୁମାର ଶର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଗଲପୁର ବାବାଙ୍କ ଦ୍ୱାରା ପ୍ରବଚନ, ସୁଶ୍ରୀ ବିଦ୍ୟୁତଛାୟା ନନ୍ଦଙ୍କ ଦ୍ୱାରା ରାମାୟଣ, ଲହରୀ ସାଂସ୍କୃତିକ ଅନୁଷ୍ଠାନର ପଦ୍ମିନୀ ଦୋରା ଓ ସାଥିଙ୍କ ମେଲୋଡି କାର୍ଯ୍ୟକ୍ରମ କରାଯାଇଥିଲା।

ଉଲୁଣ୍ଡା ଧନୁଯାତ୍ରାର ନବମ ରଜନୀ

# ଧନୁଯାତ୍ରା ଆୟୋଜନ, ଗୋପରେ ନାବକେଳୀ

**ଉଲୁଣ୍ଡା ୨୨।୧୨ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ଆନୁକୂଲ୍ୟରେ ଆୟୋଜିତ ବିରାଟ ଧନୁଯାତ୍ରା ମହୋତ୍ସବର ରବିବାର ନବମ ରଜନୀ ଥିଲା। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟରେ ଦେବକୀର ଅଷ୍ଟମ ପୁତ୍ର ସନ୍ତାନ ଗୋପପୁରରେ ବଢୁଥିବା ଜାଣି ପୁତନା ସମେତ ଷଡମଲ୍ଲ ବୀର ଏବଂ କାଳୀନାଗ ଆଦି ପ୍ରେରଣ କରି ବିଫଳ ହୋଇଥିବା କଂସାସୁର ବ୍ୟସ୍ତବିବ୍ରତ ହୋଇପଡିଛନ୍ତି। ଏହି ଅସମୟରେ ମଥୁରାକୁ ଦେବର୍ଷୀ ନାରଦଙ୍କ ଆକସ୍ମିକ ପ୍ରବେଶରେ କଂସ ସାମାନ୍ୟ ଆସ୍ୱସ୍ତି ଲାଭ କରନ୍ତି। ନାରଦଙ୍କୁ ଗୋଟି ଗୋଟି କରି ସମସ୍ତ ବିଷୟ ଜଣାଇଲା ପରେ ରଙ୍ଗସଭାର ଆୟୋଜନ କରିବାକୁ ସେ କଂସକୁ ପରାମର୍ଶ କରନ୍ତି। ପରେ ସବୁଦେଶର ଯୋଦ୍ଧା ରାଜା ମାନଙ୍କୁ ନିମନ୍ତ୍ରଣ କରି ରଙ୍ଗସଭାରେ ସାମିଲ କରାଯାଇ ଶତ୍ରୁ ବିନାଶ ପାଇଁ ଆପାତ ବୈଠକର ଆୟୋଜନ କରନ୍ତି ମହାରାଜା କଂସ। ସମସ୍ତ ରାଜନ୍ୟମଣ୍ଡଳୀ ଓ ଦେବର୍ଷୀ ନାରଦଙ୍କ ପରାମର୍ଶକ୍ରମେ କଂସ ଧନୁଯାତ୍ରା ଆୟୋଜନର ନିଷ୍ପତ୍ତି ଗ୍ରହଣ କରନ୍ତି। ଉଦ୍ଦେଶ୍ୟ କୃଷ୍ଣ ଓ ବଳରାମଙ୍କୁ ଧନୁଯାତ୍ରା ଦେଖିବା ପାଇଁ ନିମନ୍ତ୍ରଣ କରି ଷଡଯନ୍ତ୍ର ମାଧ୍ୟମରେ ହତ୍ୟା କରିବା। ଏଥିପାଇଁ ବନ୍ଦୀଶାଳାରୁ ଭକ୍ତ ଅକ୍ରୁରଙ୍କୁ ମୁକ୍ତ କରିବା ସହ ଗୋପରୁ ମଥୁରାକୁ କୃଷ୍ଣ ଓ ବଳରାମଙ୍କୁ ଘେନି ଆସିବା ପାଇଁ ପ୍ରେରଣ କରାଯାଏ। ସେହିପରି ଗୋପରେ ରାଧା, କୃଷ୍ଣଙ୍କ ସମେତ ଗୋପାଙ୍ଗନାଙ୍କ ନାବକେଳୀ ଦୃଶ୍ୟ ଦର୍ଶକଙ୍କୁ ବିମୋହିତ କରିଛି। ନାବକେଳୀ ସମୟରେ ଯମୁନା ନଈ ତଥା ବାରବନ୍ଧରେ ସାରସମୁଣ୍ଡା ଗ୍ରାମର କୁବିହାରୀ ଦାଶ ପଦ୍ମାଶନରେ ପାଣି ଉପରେ ଦୀର୍ଘ ୨ ଘଣ୍ଟା ଶୋଇ ରହିଥିଲେ। ଶ୍ରୀକୃଷ୍ଣ ମଣ୍ଡପରେ ନିଜ ସାଥିଙ୍କ ସମେତ ବଡମାଲ ଗ୍ରାମର ସ୍ୱପ୍ନାରାଣୀ ଦାଶଙ୍କ ସଙ୍ଗୀତମୟ ସୁନ୍ଦରାକାଣ୍ଡ ପାରାୟଣର ଆଧ୍ୟାତ୍ମ ଲାଭ ଉଠାଇଥିଲେ ଶ୍ରଦ୍ଧାଳୁ। ସେହିପରି ରାଜଦରବାରରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଦୟାଲ ସଙ୍ଗୀତ ଏକାଡେମୀ ତରଫରୁ ବିଭିନ୍ନ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଆଲବମ ନାୟିକାଙ୍କ ନୃତ୍ୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।



ମହାରାଜା କଂସଙ୍କ ନଗର ପରିକ୍ରମା।

# ବୁଦାମୂଳରୁ ଉଦ୍ଧାର ଶିଶୁ ମା' କୋଳକୁ ଫେରିଲା

**ସୋନପୁର,୨୨।୧୨(ନି.ପ୍ର.)**

ଜନ୍ମାଷ୍ଟମୀ ଦିନ ବୁଦାମୂଳରୁ ଉଦ୍ଧାର ହୋଇ ପୌଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରରେ ଥିବା ଶିଶୁ ରବିବାର ନିଜ ମା'ଙ୍କ କୋଳକୁ ଫେରିଛି। ଲାବୋରେଟୋରିରେ ଶିଶୁର ପରୀକ୍ଷା ଓ ସମସ୍ତ ଆଇନଗତ ପ୍ରକ୍ରିୟା ପରେ ଶିଶୁ ମଙ୍ଗଳ କମିଟି ଅଧକ୍ଷ ହିମାଂଶୁ ଭୂଷଣ ନାୟକ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଶିଶୁଟିକୁ ତା ଜନ୍ମଦାତ୍ରୀଙ୍କୁ ହସ୍ତାନ୍ତର କରିଛନ୍ତି। ଗତ ଅଗଷ୍ଟ ୨୩ତାରିଖରେ ଉଲୁଣ୍ଡା ବ୍ଲକ କୁକୁଆ ଗ୍ରାମର ବନ୍ଧପାର୍ଶ୍ୱ ବୁଦାମୂଳରେ ଏକ ନବଜାତକ କାନ୍ଦୁଥିବାର ସୂଚନା ମିଳିଥିଲା। ଗ୍ରାମର ରଞ୍ଜନ ବଗର୍ତ୍ତି ଶିଶୁପୁତ୍ରକୁ ଉଦ୍ଧାର କରି ସ୍ଥାନୀୟ ଆଶାକର୍ମୀ ଓ ସୁପରଭାଇଜରଙ୍କ ସହାୟତାରେ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ମୁଖ୍ୟ ଚିକିତ୍ସାଳୟର ଏସଏନସିୟୁରେ ଶିଶୁର ଚିକିତ୍ସା ହୋଇଥିଲା। ସୁସ୍ଥ ହେଲା ପରେ ଶିଶୁକୁ ଜିଲା ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରାଯାଇଥିଲା। ସେହିଦିନଠାରୁ ଶିଶୁପୁତ୍ରକୁ ପଟାଭାଡିସ୍ଥିତ ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଥିଲା। ଜନ୍ମଦାତ୍ରୀଙ୍କୁ ଚିହ୍ନଟ ପରେ ସେ ଶିଶୁକୁ ଗ୍ରହଣ କରିବା ପାଇଁ ରାଜି ହୋଇଥିଲେ। ଶିଶୁ ହସ୍ତାନ୍ତର କାର୍ଯ୍ୟକ୍ରମ ସମୟରେ ଶିଶୁ ମଙ୍ଗଳ କମିଟି ସଭ୍ୟ ମଧୁସୂଦନ ପ୍ରଧାନ, ଶିଶୁ ସୁରକ୍ଷା ୟୁନିଟ୍‌ର ସରିତା ସୁନା, ସା ପରିଚାଳକ ମୃତ୍ୟୁଞ୍ଜୟ ଭୁଜବଳ ଓ ତ୍ରିନାଥ ସାହୁ ଉପସ୍ଥିତ ଥିଲେ।

ଜିଲା ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

# ଅଂଶଗ୍ରହଣ କରିଥିଲେ ୩୪୨ପ୍ରତିଯୋଗୀ

**ସୋନପୁର,୨୨।୧୨(ନି.ପ୍ର.)**

ସୋନପୁର ଗାନ୍ଧୀ ପଡିଆରେ ଚାଲିଥିବା ୨୪ତମ ବାର୍ଷିକ ଜିଲା ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ଜିଲାର ୬ଟି ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ କ୍ଲବଗୁଡିକରୁ ମୋଟ ୩୪୨ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥିଭାବେ ସାଧାରଣ ସମ୍ପାଦକ ପୀୟୁଷ କୁମାର ପଣ୍ଡା, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ନନ୍ଦ କିଶୋର ତ୍ରିପାଠୀ, ପୁରୁଷୋତ୍ତମ ପାଣିଗ୍ରାହୀ ଓ ବଳରାମ ପଟ୍ଟନାୟକ ଯୋଗଦାନ କରିଥିଲେ। ଜିଲା ଆଥଲେଟିକ ଆସୋସିଏଶନ ଉପସଭାପତି ଚିତ୍ତରଞ୍ଜନ ତରାସିଆ ସଭାକୁ ସଂଯୋଜନା କରିଥିଲେ। ୧୪ ବର୍ଷ, ୧୫ ବର୍ଷ, ୧୮ ବର୍ଷ ଓ ୨୦ ବର୍ଷ ମହିଳା ଏବଂ ପୁରୁଷ ବର୍ଗରେ ଦୌଡ, ହର୍ଡଲସ୍, ପୁଟିଂ ଦି ସଟ୍, ଜାଭେଲିନ୍ ଥ୍ରୋ, ଡିସକସ ଥ୍ରୋ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଟ୍ରିପଲ ଜମ୍ପ ପ୍ରଭୃତି ମୋଟ ୧୦୭ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ୭୨ ଜଣ ପ୍ରତିଯୋଗୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । କୃତି ପ୍ରତିଯୋଗୀମାନେ ଆସନ୍ତା ୨୮, ୨୯ ଓ ୩୦ ତାରିଖରେ କଟକ ବାରବାଟି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଆଥଲେଟିକ୍ ମିଟ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ । ଏହି ପ୍ରତିଯୋଗିତାକୁ କଲିମ ମହମ୍ମଦ, ଆଦିତ୍ୟ କିଶୋର ଦାନୀ, ରଘୁନାଥ ଥନାପତି ଓ ଅନ୍ୟ କ୍ରୀଡା ଶିକ୍ଷକ ମାନେ ପରିଚାଳନା କରିଥିଲେ। କ୍ରୀଡାବିତ୍ ସତ୍ୟନାରାୟଣ ରାଓ, ଜୟନାରାୟଣ ମେଣ୍ଡିଲି, କମଳାକାନ୍ତ ସାହୁ, ଭକ୍ତି ରଞ୍ଜନ ଦଳେଇ, କୋଷାଧକ୍ଷ ସୁବାସ ବିଶ୍ୱାଳ, ରାଜୀବ କୁମାର ସାହୁ, ଦିଲ୍ଲୀପ କୁମାର ଗୁରୁ, ବିଦ୍ୟାଧର ମିଶ୍ର ଓ ସୁଦର୍ଶନ ପଣ୍ଡା ପ୍ରମୁଖ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ ।




ଉଦ୍‌ଯାପନୀ ସଭାରେ ଏସ୍‌ପି ଦେବୀପ୍ରସାଦ ଦାଶ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

## ଜାତୀୟ ଗଣିତ ଦିବସ ଅବସରରେ ମେଳା

**ସୋନପୁର,୨୨।୧୨(ନି.ପ୍ର.)**

ସୋନପୁର ସହରସ୍ଥିତ ବଡବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଯୁବ ଓ ଇକୋ କ୍ଲବ ଆନୁକୂଲ୍ୟରେ ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମଦିନ ତଥା ଜାତୀୟ ଗଣିତ ଦିବସରେ ଏକ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ୫୦ଟି ଗଣିତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଏକ ଗଣିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗତ ସମାପ୍ତିମୂଳକ ଆକଳନରେ ଗଣିତରେ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଶ୍ୟାମସୁନ୍ଦର ସୁନା, ସଭ୍ୟ ଦକ୍ଷ ସାଗର, ସଭ୍ୟା ଗୌରି ସୁନା ଓ ସୁମିତ୍ରା କୁଶଳ ଅତିଥିଭାବେ ଯୋଗ ଦେଇଥିଲେ। କ୍ଲବର ନୋଡାଲ ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀଙ୍କ ସମେତ ଶିକ୍ଷୟିତ୍ରୀ ଓ ଶିକ୍ଷକ ରାଜଶ୍ରୀ ପାଣିଗ୍ରାହୀ, ରାଜଲକ୍ଷ୍ମୀ ସାହୁ, ମିତାମଞ୍ଜରୀ ମହାରଣା, ଅଞ୍ଜଳି ମହାରଣା, ଜୟଶ୍ରୀ ମହାପାତ୍ର ଓ ନରେନ୍ଦ୍ର ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଚକ୍ଷୁ ବିଶେଷଜ୍ଞ ଡାକ୍ତର ରୋଗୀଙ୍କ ଚକ୍ଷୁ ପରୀକ୍ଷା କରୁଛନ୍ତି।

# ଶିବିରରେ ୨୪୭ ଜଣଙ୍କ ଚକ୍ଷୁ ପରୀକ୍ଷା

**ଡୁଙ୍ଗୁରିପାଲି, ୨୨।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଶିବାନନ୍ଦ କ୍ଲବ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ୨୪୭ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୮୦ଜଣଙ୍କଠାରେ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ନିଆଯାଇଥିଲା। ଉକ୍ତ ଶିବିରରେ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟରୁ ଡ.ମଧୁସ୍ମିତା ଦାଶ, ବିକୁ ସା, କୈଳାସ କଟାର, ସୁବାସିନୀ ମଲ୍ଲିକ, ମମତା ନାଏକ, ପ୍ରତିମା ଦାଶ, ପ୍ୟାରିପ୍ରତିମା କୁଲ୍ଲୁ, ମାନସ ବେହେରା ଚକ୍ଷୁ ପରୀକ୍ଷା କରିଥିଲେ। ଏହି ଅବସରରେ ସେଠାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୪୬ଜଣ ରକ୍ତଦାନ କରିଥିଲେ। ଭୀମସାର ବୁର୍ଲାରୁ ଡ.ଅବଳାସ ଦେଓ, ସୁରେନ୍ଦ୍ର ନାଥ ମଲ୍ଲିକ, କରୁଣାକର ସାହୁ, ଲାଲୁ ବିଶ୍ୱାଳ, ସଞ୍ଜୀବ କୁମାର ବେରା, ଗଣେଶ ପଧାନ, ପାଏନୁ ଭୋଇ ପ୍ରମୁଖ ରକ୍ତ ସଂଗ୍ରହ କରି ଭିମସାର ରକ୍ତ ଭଣ୍ଡାରକୁ ନେଇଥିଲେ। ଡୁଙ୍ଗୁରିପାଲି ସବଇନ୍‌ସ୍ପେକ୍ଟର ଅନୀଲ କୁମାର ପଧାନ, ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁର ଡ.ମଧୁସ୍ମିତା ଦାଶ, ମୃତ୍ୟୁଞ୍ଜୟ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ଶିବିରରେ କ୍ଲବର ଜ୍ୟୋତି ପ୍ରକାଶ ମିଶ୍ର, ଲବ ପଧାନ, ସୁବୋଧ ମହାଲିଙ୍ଗ, ମୁକେଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଟ୍ରେନରୁ ପଡ଼ି ଦୁଇଗୋଡ଼ ହରାଇଲେ ଯୁବକ

**ବରଗଡ଼ ଅଫିସ୍,୨୨।୧୨**

ବରଗଡ଼ ଜିଲା ଅତାବିରା ରେଳଷ୍ଟେଶନ ନିକଟରେ ଟ୍ରେନରୁ ଖସିପଡ଼ି ରବିବାର ଜଣେ ଯୁବକ ଦୁଇଗୋଡ଼ ହରାଇଛନ୍ତି। ଆହତ ଜଣକ ହେଲେ ସମ୍ବଲପୁର କୁମ୍ଭାରପଡ଼ା ନିବାସୀ ଅରୁଣ ବେହେରା (୩୨) । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଆରପି କର୍ମଚାରୀମାନେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ଅରୁଣ ନାଗାବଳି ଏକ୍ସପ୍ରେସରେ ବିଶାଖାପାଟଣା ଯାଉଥିଲେ। ମାତ୍ର କୌଣସି କାରଣରୁ ସେ ଅତାବିରା ରେଳ ଷ୍ଟେଶନ ନିକଟରେ ସେହି ଟ୍ରେନରୁ ଖସିପଡ଼ିଥିଲେ । ଟ୍ରେନ ଚଢ଼ିଯିବାରୁ ସେ ତାଙ୍କ ଦୁଇଗୋଡ଼ ହରାଇଥିଲେ । ଏହାପରେ ଜିଆରପି କର୍ମଚାରୀମାନେ ତାଙ୍କୁ ବରଗଡ଼ ଡାକ୍ତରଖାନା ଆଣିଥିଲେ । ପରେ ସ୍ୱେଚ୍ଛାସେବୀ ରାଜକୁମର ବନଛୋର ଓ ଆହତଙ୍କ ପରିବାର ଲୋକେ ଅରୁଣଙ୍କୁ ବୁର୍ଲା ଡାକ୍ତରଖାନାକୁ ନେଇ ସେଠାରେ ଭର୍ତ୍ତି କରିଥିଲେ ।

# ଏକଦିବସୀୟ ଫୁଟ୍‌ବଲ: ବରପାଲି ଚାମ୍ପିୟନ

**ବିନିକା,୨୨।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସିସ୍ଥିତ ଉର୍ଲେ ତାରାପୁରଗଡ ଖେଳ ପଡିଆରେ ରବିବାର ଏକଦିବସୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଉର୍ଲେ ଗ୍ରାମ ରଘୁନାଥ କ୍ଲବର ବରିଷ୍ଠ ସଦସ୍ୟ ରଘୁନାଥ ପଣ୍ଡା ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସଡକ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ଆୟୋଜକ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଆର୍‌ଏମ୍‌ସି ସେକ୍ରେଟେରୀ ଉଦିତ୍ ବାବୁ ଯୋଗ ଦେଇଥିଲେ । ମୋଟ ୮ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ ବରପାଲି ଏବଂ ଉର୍ଲେ ମଧ୍ୟରେ ହୋଇଥିଲା । ଉର୍ଲେ ଦଳକୁ ୧-୦ଗୋଲରେ ପରାସ୍ତ କରି ବରପାଲି ଚାମ୍ପିୟନ ବିବେଚିତ ହୋଇଥିଲା। ବରପାଲି ଦଳକୁ ବିଜେତା ଟ୍ରଫି ଓ ଉର୍ଲେକୁ ଉପବିଜେତା ଟ୍ରଫି ମିଳିଥିଲା।

ଅରିଗାଁ-ବିନିକା ଆଞ୍ଚଳିକ ଧନୁଯାତ୍ରା

# ଉଗ୍ରସେନ ଗାଦିଚ୍ୟୁତ, କଂସଙ୍କ ସିଂହାସନ ଆରୋହଣ

**ବିନିକା.୨୨।୧୨ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଅରିଗାଁଠାରେ ବିନିକା-ଅରିଗାଁ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଦିବସ କାର୍ଯ୍ୟକ୍ରମରେ ମଥୁରା ନଗରୀରେ ଦେବକୀ ବସୁଦେବଙ୍କ ବିବାହ, ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସ ସିଂହାସନ ଆରୋହଣ କରିଛନ୍ତି। ଦୈବବାଣୀ ଶୁଣି କଂସ ବିଚଳିତ ହେବା ପରେ ପିତା ଉଗ୍ରସେନଙ୍କୁ କଟୁଆଳ ଭାବେ ନିୟୋଜିତ କରି ଦେବକୀ ବସୁଦେବଙ୍କୁ କାରାଗାରକୁ ପ୍ରେରଣ କରଛନ୍ତି। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି ସବୁ ନାଟ୍ୟାଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

ଶନିବାର ସନ୍ଧ୍ୟାରେ ଧନୁଯାତ୍ରା ମହୋତ୍ସବକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିନିକା ତହସିଲଦାର ତ୍ରୀପୁର ମହାନନ୍ଦ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିନିକା ଥାନା ଆଇଆଇସି କୁଶ ପାଣିଗ୍ରାହୀ, ଯୁବ ଉଦ୍ୟୋଗୀ ପ୍ରତାପ ଭାରତୀ ଯୋଗଦେଇଥିଲେ। ସଭାରେ ଅଧକ୍ଷତା କରିଥିଲେ ଅରିଗାଁ-ବିନିକା ଆଞ୍ଚଳିକ ଧନୁଯାତ୍ରା କମିଟି ସଭାପତି ବିଶ୍ୱମ୍ବର ମିଶ୍ର । ଉଦ୍‌ଘାଟନୀ ପୂର୍ବରୁ ଗୌନ୍ତିଆ ସୁଯୋଗ ମିଶ୍ରଙ୍କ ସହିତ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ମାହେଶ୍ୱରୀ ମନ୍ଦିରରୁ ଆଜ୍ଞାମାଳ ଘେନି ଯାତ୍ରା ପଡିଆ ରଙ୍ଗମଞ୍ଚ ଅଭିମୁଖେ ଯାତ୍ରା କରିଥିଲେ । ରଙ୍ଗମଞ୍ଚରେ ରିତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ମହୋତ୍ସବର ଶୁଭ ଉଦ୍‌ଘାଟନ ହୋଇଥିଲା । ପ୍ରଥମ ରଜନୀରେ ରଙ୍ଗମଞ୍ଚରେ ମଥୁରା ନରେଶ ଚିତ୍ରସେନ ଓ ପାତ୍ର ମନ୍ତ୍ରୀଙ୍କ ସଭା, ଯୁବରାଜ କଂସଙ୍କ ସ୍ୱର୍ଗ ଆକ୍ରମଣ ଓ ଦୁର୍ମିଳାସୁର ବଧ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା । ଏହି ଧନୁଯାତ୍ରା ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଚାଲିବ ।



ଦେବକୀଙ୍କୁ କାରାଗରକୁ ନିଆଯାଉଛି।

# ଦୁର୍ଗେଶ୍ୱରୀ ଫୁଟବଲ: ଦେଓଗାଁ ଚାମ୍ପିୟନ

**ଉଲୁଣ୍ଡା, ୨୨।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପୋଢଟିକିରା ଦୁର୍ଗେଶ୍ୱରୀ କ୍ଲବ ତରଫରୁ ରବିବାର ଚତୁର୍ଥତମ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ପଡିଆରେ ଖେଳାଯାଇଥିବା ଫାଇନାଲ ଖେଳରେ ଦେଓଗାଁ ଦଳ ବିଶିପଡାକୁ ଟାଇବ୍ରେକର ୬-୫ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହା ପୂର୍ବରୁ ଖେଳାଯାଇଥିବା ଲିଗ ମ୍ୟାଚଗୁଡିକରେ ବିଶିପଡା ଦଳ କୁତାମୁଣ୍ଡାକୁ ୧-୦, ଦେଓଗାଁ ଦଳ କଳାପଥରକୁ ଟାଇବ୍ରେକର ଜରିଆରେ ୭-୬, ଘିଚାପାଲି ଦଳ ମାଲିସିରିଗିଡିକୁ ୧-୦ ଏବଂ ପୋଢଟିକିରା ଦଳ ପଣ୍ଡକିପାଲିକୁ ୪-୩ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ପ୍ରଥମ ସେମିଫାଇନାଲରେ ବିଶିପଡା ଦଳ ଘିଚାପାଲିକୁ ୩-୨ ଏବଂ ଦ୍ୱିତୀୟ ସେମିଫାଇନାଲରେ ଦେଓଗାଁ ଦଳ ପୋଢଟିକିରାକୁ ୪-୨ ଗୋଲରେ ପରାସ୍ତ କରି ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ପ୍ରଶାନ୍ତ ସେଠୀ, ସୁଦାମ ଜଗଦଲା, ଅଜିତ ନାୟକ, ସିଦ୍ଧାର୍ଥ ପାତ୍ର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା ଓ ଜଗଦୀଶ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖେଳପ୍ରେମୀ ବିହାରିଲାଲ ମିଶ୍ର, ରମେଶ ମାହାର, ଲକ୍ଷ୍ମୀବଲ୍ଲଭ ପଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପରେ ଆୟୋଜକ ସଭାପତି ଗୋପୀନାଥ ପୋଢଙ୍କ ଅଧକ୍ଷତା ଏବଂ ସମ୍ପାଦକ ମନୋରଞ୍ଜନ ପୋଢଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ବ୍ଲକ ଉପାଧକ୍ଷ ଅଶୋକ କୁମାର ପଣ୍ଡା, ଝସକେତନ ବଘାର, ସନ୍ତୋଷ ଭୁକ୍ତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ବିଜେତା ଦେଓଗାଁ ଦଳକୁ ଟ୍ରଫିସହ ୩ ହଜାର ଏବଂ ଉପବିଜେତା ବିଶିପଡା ଦଳକୁ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଲକ୍ଷ୍ମଣ ପାଣିଗ୍ରାହୀ, ଟିକେଶ୍ୱର ପୋଢ, ରାଧେଶ୍ୟାମ ପାଣିଗ୍ରାହୀ, ଦିଲୀପ ପୋଢ, ବିଜୟ ପୋଢ, ସନାତନ ନାଏକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।



ଜ୍ଞାନୀ ଲୋକମାନେ ଧନନଷ୍ଟ କିମ୍ବା ମୃତ୍ୟୁ ପାଇଁ ଶୋକ କରନ୍ତି ନାହିଁ।

- ବ୍ୟାସଦେବ



## ସଂକ୍ଷେପରେ

### ରାମ୍‌ଜୀ ମନ୍ଦିରର ଶତବାର୍ଷିକୀ ମହୋତ୍ସବ

ଅତାବିରା, ୨୨।୧୨ (ଡି.ଏନ.ଏ)

ଅତାବିରା ବ୍ଲକ ଅନ୍ତର୍ଗତ ସିନ୍ଦୁରବାହାଲ ରାମଜୀ ମନ୍ଦିର ଶତବାର୍ଷିକୀ ସମାରୋହ ଆରମ୍ଭ ହୋଇଛି । ରବିବାର ପ୍ରଥମ ଦିବସରେ ଶତାଧିକ ମହିଳା ଜଳପୂର୍ଣ୍ଣ କଳସକୁ ଏକ ଶୋଭାଯାତ୍ରାରେ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ଅଧିବାସ ହୋଇଥିଲା । ରାମଚନ୍ଦ୍ର ମିଶ୍ର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ବହନ କରିଛନ୍ତି । ପଣ୍ଡିତ ଅସୀତ ପାଢ଼ୀ, ପ୍ରଶାନ୍ତ ଦାଶ ଓ ସାଥି ହୋମଯଜ୍ଞ କରିଥିଲେ । ପରିଚାଳନା କମିଟି ସଭାପତି ଉପେନ୍ଦ୍ର ତନସନା, ସୁଧାଂଶୁ ଶେଖର ଦାଶ, ନାଭିଦତ୍ତ ବୁଡେକ, ଶୁକ୍ରଭାନୁ ବାରିକ, ଯଦୁମଣି ଦାଶ, ମଧୁସୂଦନ ଦାଶ ପ୍ରମୁଖ ଗ୍ରାମବାସୀ ସହଯୋଗ କରୁଛନ୍ତି ।

### ବ୍ଲକସ୍ତରୀୟ ବ୍ରହ୍ମ ସମାଜ ବୈଠକ

ଭେଡ଼େନ, ୨୨।୧୨(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ କୁବେଡ଼େଗା ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ବ୍ରହ୍ମ ସମାଜର ଏକ ସଭା ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣ ସମାଜ ବ୍ଲକ ସଭାପତି ପ୍ରିୟବ୍ରତ କରଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଜିଲା ବ୍ରହ୍ମ ସମାଜ ସଭାପତି ଗୋପବନ୍ଧୁ ଦାଶ, ପଶ୍ଚିମ ଉତ୍କଳୀୟ କର୍ମକାଣ୍ଡ ସଂଘ ଉପସଭାପତି ଶୁଭ୍ରାଂଶୁ ମିଶ୍ର, ସମ୍ପାଦକ କିର୍ତ୍ତିଚନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମ ସମାଜର ସ୍ଥିତି ସୁଦୃଢ଼ କରିବା, ପର୍ଶୁରାମ ଜୟନ୍ତୀ ପାଳନ, କାର୍ଯ୍ୟାଳୟ ନିର୍ମାଣ, ସଂରକ୍ଷଣକୁ ଉଚ୍ଛେଦ କରାଯାଇ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ, ଯୁବ ସମାଜର ସଙ୍ଗଠନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ବରିଷ୍ଠ ବ୍ରାହ୍ମଣ ଗଙ୍ଗା ପ୍ରସାଦ ଶତପଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧକ୍ଷ ଅଧ୍ୟାପକ ପ୍ରେମ ପ୍ରକାଶ ପୁରୋହିତ ସଭା ପରିଚାଳନା, ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସମାଜର ମୁଖ୍ୟ ଉପଦେଷ୍ଟା ଜନ୍ମେଜୟ ମିଶ୍ର, ଭରତ ତ୍ରିପାଠୀ, ସୁବାଶ ତ୍ରିପାଠୀ, ସନ୍ତୋଷ ଶତପଥି, ତେଜରାଜ ଶତପଥିଙ୍କ ସମେତ ବିଭିନ୍ନ ଗ୍ରାମରୁ ଆସିଥିବା ସଦସ୍ୟମାନେ ଯୋଗ ଦେଇଥିଲେ ।

### ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ

ବରଗଡ଼ ଅଫିସ୍,୨୨।୧୨

ବରଗଡ଼ ବ୍ଲକ ଅନ୍ତର୍ଗତ ଜମୁର୍ଦ୍ଦା ବିଶାଳପଡ଼ା ଓ ତଳିପଡ଼ାରେ ଦୁଇଟି ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ସିଡ଼ିପିଓ ନିଳନ ଗୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମାରୋହରେ ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସେହିପରି ନାରୀନେତ୍ରୀ ମହେଶ୍ୱତା ଆଚାର୍ଯ୍ୟ, ଅଙ୍ଗନୱାଡ଼ି ସୁପରଭାଇଜର ସବିତା ପାତ୍ର, ସରପଞ୍ଚ ବାସନ୍ତୀ ଭୁଏ, ସ୍କୁଲ ପରିଚାଳନା କମିଟି ସଭାପତି ରାଧାବଲ୍ଲଭ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମୂହର କର୍ମକର୍ତ୍ତା, ସଭ୍ୟାବୃନ୍ଦ ଏକ ଶୋଭାଯାତ୍ରାରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କେନ୍ଦ୍ରର ସଭାପତି ଗଙ୍ଗାଧର ଗୁରୁ, ପଦ୍ମଲୋଚନ ପ୍ରଧାନ, ସନାତନ ବାରିକ, ରୁକ୍ମଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୧୨ ଚିତ୍ରଶିଳ୍ପୀ ପୁରସ୍କୃତ

ବରଗଡ଼ ଅଫିସ୍,୨୨।୧୨



ଚିତ୍ରଶିଳ୍ପୀ ମକରଧ୍ୱଜ ମେହେରଙ୍କୁ କଳା ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଉଛି ।

ବରଗଡ଼ର ଚିତ୍ରଶିକ୍ଷା ଅନୁଷ୍ଠାନ କଳା ନିକେତନର ବାର୍ଷିକୋତ୍ସବ ରବିବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରୀତମ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି, ନ୍ୟାଶନାଲ ଇନସ୍ୟୁରାନ୍ସ କର୍ପୋରେଶନ, ସମ୍ବଲପୁରର ବ୍ରାଞ୍ଚ ମ୍ୟାନେଜର କେ. ତମନ୍ନା ସମ୍ମାନିତ ଅତିଥି, ବଲାଙ୍ଗୀର ମହିଳା କଲେଜର ଅଧ୍ୟାପିକା ସୁନନ୍ଦିନୀ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅତାବିରା ବ୍ଲକ କାଦୋବାହାଲ ଗ୍ରାମର ଚିତ୍ରକାର, ମୂର୍ତ୍ତି କାରିଗର ମକରଧ୍ୱଜ ମେହେରଙ୍କୁ କଳା ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ ବିବରଣୀ ପାଠ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବରୁ ହୋଇଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତାର ୧୧୫ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ ରିତିକା ମହାପାତ୍ର, ଆଦର୍ଶ ପ୍ରଧାନ, ବନ୍ଦନା ପ୍ରିୟଦର୍ଶନୀ ମେହେର, ଏଟରେୟ ଭୋଇ, ଶାଶ୍ୱତ ଦାଶ, ସ୍ନେହା ପଟେଲ, ହିତାଂଶୁ ଶେଖର ପ୍ରଧାନ ଷ୍ଟେଟ ଚାମ୍ପିୟନ ଭାବେ ପୁରସ୍କୃତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୌଭାଗ୍ୟଲକ୍ଷ୍ମୀ ଦାଶ, ଶାଶ୍ୱତୀ ଭୋସାଗର, ଶ୍ରଦ୍ଧା ଗୁପ୍ତା, ଆଲିସା ସାହୁ, ସାଗର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ସଭ୍ୟ ସହଯୋଗ କରିଥିଲେ। ଅଧ୍ୟକ୍ଷ ଅଭିମନ୍ୟୁ ଭୋସାଗର ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରେନରୁ ପଡ଼ି ଦୁଇଗୋଡ଼ ହରାଇଲେ ଯୁବକ

ବରଗଡ଼ ଅଫିସ୍,୨୨।୧୨

ବରଗଡ଼ ଜିଲା ଅତାବିରା ରେଳଷ୍ଟେଶନ ନିକଟରେ ଟ୍ରେନରୁ ଖସିପଡ଼ି ରବିବାର ଜଣେ ଯୁବକ ଦୁଇଗୋଡ଼ ହରାଇଛନ୍ତି। ଆହତ ଜଣକ ହେଲେ ସମ୍ବଲପୁର କୁମ୍ଭାରପଡ଼ା ନିବାସୀ ଅରୁଣ ବେହେରା (୩୨) । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଆରପି କର୍ମଚାରୀମାନେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ । ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ଅରୁଣ ନାଗାବଳି ଏକ୍ସପ୍ରେସରେ ବିଶାଖାପାଟଣା ଯାଉଥିଲେ। ମାତ୍ର କୌଣସି କାରଣରୁ ସେ ଅତାବିରା ରେଳ ଷ୍ଟେଶନ ନିକଟରେ ସେହି ଟ୍ରେନରୁ ଖସି ପଡ଼ିଥିଲେ । ଟ୍ରେନ ଚଢ଼ି ଯିବାରୁ ସେ ତାଙ୍କ ଦୁଇଗୋଡ଼ ହରାଇଥିଲେ । ଏହାପରେ ଜିଆରପି କର୍ମଚାରୀମାନେ ତାଙ୍କୁ ବରଗଡ଼ ଡାକ୍ତରଖାନା ଆଣିଥିଲେ । ପରେ ସ୍ୱେଚ୍ଛାସେବୀ ରାଜକୁମର ବନଛୋର ଓ ଆହତଙ୍କ ପରିବାର ଲୋକେ ଅରୁଣଙ୍କୁ ବୁର୍ଲା ଡାକ୍ତରଖାନାକୁ ନେଇ ସେଠାରେ ଭର୍ତ୍ତି କରିଥିଲେ ।

## ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ମାତୃ ସମ୍ମିଳନୀ

ବରଗଡ଼ ଅଫିସ୍,୨୨।୧୨

ବରଗଡ଼ ସହର ଉପକଣ୍ଠ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନୂଆ ସରସରାରେ ଶନିବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜୟଦେବ ପଣ୍ଡା ପତାକା ଉତ୍ତୋଳନ କରିବା ସହିତ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସ୍ୱତନ୍ତ୍ର ଶ୍ରୀ ଅରବିନ୍ଦ ପାଠଚକ୍ର ଆୟୋଜିତ ହୋଇଥିଲା। ସେହିପରି ମା'ମାନଙ୍କ ମଧ୍ୟରେ ଝୋଟି, ରଙ୍ଗୋଲି, ହୁଳହୁଳି, ଗୀତ ପ୍ରତିଯୋଗିତା ହୋଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦେବରାଜ ଭାଇ ଶ୍ରୀ ଅରବିନ୍ଦଙ୍କ ଯୋଗ ଦର୍ଶନ ତଥା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ମା'ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ପଙ୍କଜ ଭାଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟ ସଭ୍ୟମାନେ ସହଯୋଗ କରିଥିଲେ ।

## ଶିକ୍ଷାଦାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଭେଡ଼େନ, ୨୨।୧୨(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ମାନପୁର ନୋଡ଼ାଲ ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ପ୍ରହଲ୍ଲାଦ ହୋତାଙ୍କ ଶିକ୍ଷାଦାନର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ସ୍କୁଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଛି। ଶିକ୍ଷକ ହୋତା ୧୯୬୯ ମସିହାରୁ ଏହି ବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ କରି ୨୦୦୫ ମସିହାରେ ଅବସର ନେବା ପରେ ମଧ୍ୟ ବିନା ଦରମାରେ ସ୍ୱେଚ୍ଛାକୃତ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ଶିକ୍ଷାଦାନ କରିଆସୁଛନ୍ତି। ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ଭୋଇଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ବିଡ଼ିଓ ମୁରଲୀଧର ନାୟକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ କୁଶ ପ୍ରଧାନ ମୁଖ୍ୟବକ୍ତା, ଏବିଇଓ ହେମବତୀ ମେହେର, ମାନପୁର ସରପଞ୍ଚ ସୁରୁବାବୁ ମାଝୀ, ଅବସରପ୍ରାପ୍ତ ଶିକ୍ଷକ ଶିବ ପ୍ରସାଦ ପାଣିଗ୍ରାହୀ, ଅଧିକାରୀ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ଉତ୍ତରା ମଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତୁଷାର ରଞ୍ଜନ ବାରିକ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷକ ସୁନୀଲ ଭିତିରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ୟାନସର ଯାଞ୍ଚ, ପରାମର୍ଶ ଶିବିର

ବରଗଡ଼ ଅଫିସ୍,୨୨।୧୨

ବରଗଡ଼ର ସାଇକ୍ରିଷ୍ଣା ପ୍ୟାଲେସରେ ରବିବାର କ୍ୟାନସର ଯାଞ୍ଚ, ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସାମାଜିକ ଅନୁଷ୍ଠାନ ଫାଇଟ୍ ଅନ୍ ରାଇଟ୍(ଫର୍) ପକ୍ଷରୁ ଆୟୋଜିତ ଏହି ଶିବିରରେ ୧୯୮ଜଣଙ୍କ କ୍ୟାନସର ଯାଞ୍ଚ କରାଯାଇଥିଲା। ସେଥିମଧ୍ୟର ପୂର୍ବରୁ ଚିହ୍ନଟ ହୋଇଥିବା ୨୫ଜଣ କ୍ୟାନସର ରୋଗୀ ରହିଥିବାବେଳେ ଅନ୍ୟ ୧୯ଜଣଙ୍କ ନମୁନା ସଂଗ୍ରହ ହୋଇଥିଲା। ସେହିପରି ସୋମବାର ୧୦ଜଣଙ୍କ ସିଟି ସ୍କାନ, ୮ଜଣଙ୍କ ଅଲଟ୍ରାସାଉଣ୍ଡ ଓ ଏକ୍ସରେ କରାଯିବ ବୋଲି ସୂଚନା ମିଳିଛି ।

ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେପୁର ବିଧାୟିକା ରୀତା ସାହୁ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର ମିଶ୍ର, ଜି.ପି ଦେବଦତ୍ତ ମିଶ୍ର, ଉମେଶ ପଣ୍ଡା, ବିକାଶ ଗ୍ରୁପ୍‌ର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ବରଗଡ଼ ଘରୋଇ ବସଷ୍ଟାଣ୍ଡ ସଭାପତି ଭୀଷ୍ମଦେବ ଦୋରାଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର ସିଡ଼ିଏମଓ, ଡ଼ିପିଏମ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିର ପରିଦର୍ଶନ କରିଥିଲେ ।

ସେହିପରି ଡା. ଦୀପକ ପାଣିଗ୍ରାହୀ, ଡା. ପ୍ରଶାନ୍ତ ଚନ୍ଦ୍ର ଦାଶ, ଡା. ରାଜେଶ ପାତ୍ର, ଡା. ପ୍ରବୀଣ ଅଗ୍ରୱାଲ, ଡା. ଅର୍ଚ୍ଚନା ଅଗ୍ରୱାଲ, ଡା. କେ.ରାମଚନ୍ଦ୍ର ରାଓ, ଡା. ପ୍ରଭାତ କୁମାର ରାଉତ, ଡା. ଶୀତଳ ଅଗ୍ରୱାଲ, ଡା. ସଞ୍ଜୟ ନାଏକ, ଡା. ଗଣେଶ ପଣ୍ଡା ପ୍ରମୁଖ କ୍ୟାନସର ଯାଞ୍ଚ କରିଥିଲେ। ବିଜୁ ସ୍ୱାସ୍ଥ୍ୟ ଯୋଜନାର ଜିଲା ସଂଯୋଜକ ସଞ୍ଜୀବ କୁମାର ପଟେଲ ଉପସ୍ଥିତ ଥିଲେ । ଫର୍‌ର ସଭାପତି ଦେବବ୍ରତ ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା, ସଭ୍ୟବୃନ୍ଦ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ସେମିରେ ବରଗଡ଼ ବ୍ଲୁ ଡାଇମଣ୍ଡ



କୃତୀ ଦଳକୁ ପରସ୍କୃତ କରାଯାଉଛି ।

ଭଟଲି,୨୨।୧୨(ଡି.ଏନ୍.ଏ.)

ଭଟଲି ବ୍ଲକ ଲକ୍ଷ୍ମୀ ନାରାୟଣ ହାଇସ୍କୁଲ ଖେଳ ପଡିଆରେ ରାଜା ବଳରାମ ଦେଓ ତୃତୀୟ ଆନ୍ତଃ ରାଜ୍ୟ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଛି। ନୂଆଗଡ କ୍ରୀଡା ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ସଭାପତି ସତ୍ୟରାମ ଖମାରୀ ସଭାପତିତ୍ୱ କରିଥିଲେ। ଭଟଲି ବିଡିଓ ଧିରେନ୍ଦ୍ର କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଜିଲା ପରିଷଦ ସଦସ୍ୟ ନିତ୍ୟାନନ୍ଦ ପଧାନ, ନୂଆଗଡ଼ ସରପଞ୍ଚ ସୁଜାତା ପାଣ୍ଡେ, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପଧାନ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ସମ୍ବଲପୁର ଫୋରସି ଏକାଦଶ ଓ ବରଗଡ ବ୍ଲୁ ଡାଇମଣ୍ଡ ଏକାଦଶ ମୁହାଁମୁହିଁ ହୋଇଥିଲେ । ଏଥିରେ ବରଗଡ ବ୍ଲୁ ଡାଇମଣ୍ଡ ଟସ୍ ଜିଣି ଫୋର ସି ଏକାଦଶକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ସମ୍ବଲପୁର ଫୋର୍ ସି ଏକାଦଶ ୧୧୮ ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲୁ ଡାଇମଣ୍ଡ ୧୬ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ କରି ବିଜୟ ଲାଭ କରି ସେମି ଫାଇଲାନକୁ ଉନ୍ନୀତ ହେଲା । ଅମୀୟ ଭୂଷଣ ସାହୁ ଏବଂ ମହମ୍ମଦ ଇସାକ ଖେଳ ପରିଚାଳନା କରିଥିଲେ । ଅଶୋକ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିବାବେଳେ ପବିତ୍ର ସା ଏବଂ ନକୁଳ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡର ବିକାଶ ପଧାନ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ପରେ ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜୟ ସାହୁ, ସୁବଳ କୁମାର ସାହୁ, ସୁଦାମ ସାହୁ, ସୁରଞ୍ଜନ ସାହୁ, ସଞ୍ଜୟ ସାହୁ, ସବ୍ୟସାଚୀ ବାରିକ, ଅଲେଖ ପଧାନ ଏବଂ ପ୍ରମୁଖ ବନବସ ସାହୁ ସହଯୋଗ କରିଥିଲେ। ଶେଷରେ ଆନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁର୍କୁଟା ହାଇସ୍କୁଲର ବାର୍ଷିକ କ୍ରୀଡୋତ୍ସବ

ବିଜେପୁର, ୨୨।୧୨ (ଡି.ଏନ.ଏ)

ବିଜେପୁର ବ୍ଲକ କୁର୍କୁଟା ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ନିରୋଗ ବାଗ ଓ ସାଥି ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ହାଇସ୍କୁଲ ପଡିଆକୁ ପହଞ୍ଚିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ପଣ୍ଡା ମଶାଲ ସ୍ଥାପନ ଓ କ୍ରୀଡା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀ ବବଲି ସେଠ ଖେଳାଳିମାନଙ୍କୁ ଶପଥ ପାଠ କରାଇଥିଲେ। ବାଳକ ବିଭାଗରେ କବି ଭୋଇ ଓ ବାଳିକା ବିଭାଗରେ ବବଲି ସେଠ ଚାମ୍ପିୟନ ହୋଇଥିଲେ। ସୁବାଷ ଭୋଇଙ୍କ ଅଧକ୍ଷତାରେ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ପଣ୍ଡା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ଶିକ୍ଷକ ଦଶରଥ ଗଡତିଆ ବାର୍ଷିକ ବିବରଣୀ ପଠନ କରିଥିଲେ। କ୍ଷୀରୋଦ୍ର ସାହୁ, ଲିଙ୍ଗରାଜ ସାହୁ, ହେମ ସାଗର ମେହେର, ସରୋଜ ପ୍ରଧାନ, ରମାକାନ୍ତ ପୃଷ୍ଟିପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଜୟଦ୍ରଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟସ୍ତରୀୟ ଆଥଲେଟିକ ଓ ଖୋଖୋରେ ସାମିଲ ହୋଇଥିବା କବି ଭୋଇ, ନିରୋଜ ବାଗ, ବୁଧଦେବ ଧରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଗୌନ୍ତିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଗାଇସିଲେଟ,୨୨।୧୨(ଡି.ଏନ.ଏ)

ଗାଇସିଲେଟ ବ୍ଲକ ତାଲପାଲିଠାରେ ଚାଲିଥିବା ଦ୍ୱିଦିବସୀୟ ଗୌନ୍ତିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଜେପୁର ବିଧାୟିକା ରୀତା ସାହୁ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଗାଇସିଲେଟ ବ୍ଲକ ବିଜେଡି ସଭାପତି ମନୋଜ କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ବିଜୟୀ ବରିହାପାଲି ଓ ଉପ ବିଜେତା ବୁରୋମୁଣ୍ଡା ଦଳକୁ ପୁରସ୍କୃତ କରିଥିଲେ । ଏଥିରେ ବୁରୋମୁଣ୍ଡା, କଟାପାଲି, ଜମଲା ଓ ଗାଇସିଲେଟ ଦଳ ଭାଗ ନେଇଥିଲେ। ଗୌରାଙ୍ଗ ପାଣ୍ଡେ, ଅଶ୍ୱିନୀ ମେହେର, ତରଣୀ ଲୁହା ଓ ତନ୍ମୟ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ସଭାରେ ନୀଳମଣି ବରିହା ସଭାପତିତ୍ୱ କରିଥିଲେ। ଗିରିଧାରୀ ସାହୁ, ସରୋଜ ପଟେଲ, ଦିନବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ସାଇନିଂ ଷ୍ଟାର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବରଗଡ଼ ଅଫିସ୍,୨୨।୧୨

ବରଗଡ଼ ଶିକ୍ଷା ଜିଲା ବିଭାଗ ଆନୁକୂଲ୍ୟରେ ତଥା ଏସିସି ଟ୍ରଷ୍ଟ ସହଯୋଗରେ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ୪ଦିନିଆ ଆବାସିକ ସାଇନିଂ ଷ୍ଟାର ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି । ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସେ ସାଇନିଂ ଷ୍ଟାର ଛାତ୍ରୀଛାତ୍ରଙ୍କୁ ବରଗଡ଼ ମାଟିର ରତ୍ନ ବୋଲି ବିବେଚିତ କରି ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ କୁମାର ସାହୁ ମଞ୍ଚାସୀନ ଥିଲେ । ଅଧ୍ୟାପିକା ପାର୍ବତୀ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲାର ବିଭିନ୍ନ ବ୍ଲକରୁ ଚୟନ ହୋଇଥିବା ୭୦ଜଣ ସାଇନିଂ ଷ୍ଟାର (ଛାତ୍ରୀଛାତ୍ର) ଶିବିରରେ ପ୍ରଶିକ୍ଷଣ ନେଇଥିଲେ ।

ଏହି ଅବସରରେ ଛାତ୍ରୀଛାତ୍ରମାନେ ନିଜ ଅଭିଜ୍ଞତା ପ୍ରକାଶ କରିଥିବାବେଳେ ସାଧନକର୍ମୀମାନେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସମାଜସେବୀ ତଥା ମୋଟିଭେଟର ବିଦ୍ୟୁତ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟପଥରେ ଆଗେଇବା ପାଇଁ ପରାମର୍ଶ ଦେଇଥିଲେ। ଅମ୍ବାଭୋନା ବ୍ଲକ ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ସାଇନିଂ ଷ୍ଟାର ଭଳି ଅଭିନବ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଆଲୋଚନା କରିଥିଲେ ।

କାର୍ଯ୍ୟକ୍ରମର ସଂଯୋଜକ ଭାର୍ଗବ ନାଏକଙ୍କ ସମେତ ରୋଜାଲିନ ମିଶ୍ର, ସଙ୍ଗୀତାରାଣୀ ମିଶ୍ର, ଭାବନା ସାହୁ, ଡଃ ଡୋଲାମଣି ଶତପଥୀ, ମନୋହର ସାହୁ, ପ୍ରମୋଦ ପ୍ରଧାନ, ବେଦପ୍ରକଶ ଶାସ୍ତ୍ରୀ, ବିରେନ୍ଦ୍ର କୁମାର ନନ୍ଦ, ମକରଧ୍ୱଜ ଭୋଇ, ଯୋଗେଶ ଚନ୍ଦ୍ର ପ୍ରଧାନ, ଅଗସ୍ତି ଭୋଇ ପ୍ରମୁଖ ପାଠ୍ୟଦାନ କରିଥିଲେ । ସରୋଜ କୁମାର ଦୁବେ ଏବଂ କମଗାଁ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



ସାଇନିଂ ଷ୍ଟାର ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଫୁଟବଲ: ରେଙ୍ଗାଲି ଚାମ୍ପିୟନ



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି ।

ପଦ୍ମପୁର, ୨୨।୧୨ (ଡି.ଏନ.ଏ)

ରାଜବୋଡାସମ୍ବର ହାଇସ୍କୁଲ ପଡିଆରେ ଚାଲିଥିବା ପଞ୍ଚମ ରାଜେଶ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଆଜିର ଖେଳ ବରଗଡ ୟୁନାଇଟେଡ ଓ ରେଙ୍ଗାଲି ଲିଟିଲ ଷ୍ଟାର ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ । ଟାଇବ୍ରେକରରେ ରେଙ୍ଗାଲି ଦଳ ବରଗଡକୁ ୪-୩ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା । ରେଙ୍ଗାଲି ଦଳର ବିଷ୍ଣୁ ଓରାମଙ୍କୁ ମ୍ୟାନ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ପୂର୍ବତନ ଫୁଟବଲ ଖେଳାଳି ଦୁଃଶାସନ ବୁଡେକ, ନନ୍ଦକିଶୋର ଧରୁଆ, ବାୟାନିଧି ସାହୁ, ଗୋପାଳ ସାହୁ, ବାସୁଦେବ ଦାସ, ନବୀନ ସାହୁ, ଚନ୍ଦୁ ସାହୁ, ସୁଧାଂଶୁ ମାଝୀ, ପ୍ରଫେସର କେଶରଞ୍ଜନ ପ୍ରଧାନ, ସମାଜସେବୀ ନିରୋଜ ଦୋରା, ପ୍ରମୋଦ କାଲସାଏ, କୁନାଲ ସିଂ ବରିହା, ଦୀନ ସାହୁ ପ୍ରମୁଖ ଆଜିକାର ଖେଳରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ପୂର୍ବତନ ଖେଳ ପ୍ରଶିକ୍ଷକ ସଚ୍ଚିଦାନନ୍ଦ ବହିଦାର, ଚନ୍ଦ୍ରମଣି ସାହୁ, ପଞ୍ଚାନନ ପାତ୍ର, ସୁଜିତ ରାଜହଂସ, ଦୀପକ ରାଜହଂସ, ଝୁଲୁ ବହିଦାର, ମ୍ୟାଚ କମିଶନର ସୁଧାଂଶୁ ସେଠ, ଚିତ୍ତରଞ୍ଜନ ପାଣ୍ଡେ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଅଶୋକ କାଲସାଏ, ନରେଶ ବାରିକ, ପ୍ରଦୀପ୍ତ ମୁଣ୍ଡା, ରାଜୁ ଦାନୀ, ନରୋତ୍ତମ ପ୍ରଧାନ, ପ୍ରଦୀପ ପାଲ ପ୍ରମୁଖ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଟିଟିଲାଗଡ଼ ବ୍ୟବସାୟୀ ସଂଘ ନିର୍ବାଚନ
## ଶମ୍ଭୁ ସଭାପତି, ଗୋପାଳ ସମ୍ପାଦକ

**ଟିଟିଲାଗଡ଼,୨୨।୧୨(ଡି.ଏନ.ଏ.):** ଟିଟିଲାଗଡ଼ ବ୍ୟବସାୟୀ ସଂଘର ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ରବିବାର ସ୍ଥାନୀୟ ପଞ୍ଚାୟତି ଧର୍ମଶାଳାଠାରେ ଅନୁଷ୍ଠିତ ହୋଇଯାଇଛି। ଯୁବ ବ୍ୟବସାୟୀ ଶମ୍ଭୁପ୍ରସାଦ ଗୋୟଲ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଗୋପାଳ କୃଷ୍ଣ ଜୈନ ସମ୍ପାଦକ, ଅମରନାଥ ସିଂଘଲ ଉପସଭାପତି, ସହସମ୍ପାଦକ ଭାବେ ଅଙ୍କୁର ଅଗ୍ରୱାଲ ନିର୍ବାଚିତ ହୋଇଥିଲେ। ଶଶିକପୁର ଜୈନ କ୍ୟାସିୟର ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସଜ୍ଜନ କମାନି, ପ୍ରକାଶ ଅଗ୍ରୱାଲ, କୈଳାସ ଚନ୍ଦ୍ର ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ନିରଞ୍ଜନ ଶର୍ମା, ରୋହିତ ବଂସଲ, ମୋହନଲାଲ ଗୁପ୍ତା, ମନିଷ ଗୁପ୍ତା, ସଞ୍ଜୟ ସୋନି, ମୋହିତ ଜୈନ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ରାଧେଶ୍ୟାମ ଅଗ୍ରୱାଲ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ରହିଥିବା ବେଳେ ଆଇନଜୀବୀ ହନୁମାନ ପ୍ରସାଦ କର୍ଣ୍ଣ, ଡମ୍ବରୁଧର କର୍ମି, ଆଶିଷ ଖେମକା ପ୍ରମୁଖ ସହକାରୀ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୩୦୬ଜଣ ସଦସ୍ୟଙ୍କ ମଧ୍ୟରୁ ୨୯୯ଜଣ ମତଦାନ କରିଥିଲେ।

### ପାଟଣାଗଡ଼ ଧନୁଯାତ୍ରା ମହୋତ୍ସବ ଲାଗି ଶୁଭସ୍ତମ୍ଭ ସ୍ଥାପନ

**ପାଟଣାଗଡ଼,୨୨।୧୨(ଡି.ଏନ.ଏ.):** ଚଳିତ ବର୍ଷ ପାଟଣାଗଡ଼ ଧନୁଯାତ୍ରା ମହୋତ୍ସବ ଜାନୁୟାରୀ ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ପାଟଣାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ପାଟଣେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ମହୋତ୍ସବର ମଥୁରାକଟକ କଂସ ଦରବାର ହେଉଥିବା ଗଙ୍ଗାଧର ପାର୍କଠାରେ ଧନୁଯାତ୍ରା କମିଟି ସଭାପତି ଅନୀଲ ମେହେରଙ୍କ ପୌରହିତ୍ୟରେ ଶୁଭସ୍ତମ୍ଭ ସ୍ଥାପନ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ପାରମ୍ପରିକ ବୀରବାଦ୍ୟରେ କମିଟି କାର୍ଯ୍ୟକର୍ତ୍ତା ଶୋଭାଯାତ୍ରାରେ ବାହାରି ଗଡଭିତରସ୍ଥିତ ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀ ଏବଂ ମା' ଦଶମତୀଙ୍କଠାରେ ଦେବ ନିମନ୍ତ୍ରଣ ପରେ ଗଙ୍ଗାଧର ପାର୍କଠାରେ ପୂଜାର୍ଚ୍ଚନା କରି ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ଏଥର ସପ୍ତମ ବର୍ଷ ଧନୁଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ କଂସ ଭୂମିକାରେ ଅଭିନୟ କରି ଆସୁଥିବା ବିଡିସିସି ବ୍ରାଞ୍ଚ ମ୍ୟାନେଜର ରବୀନ୍ଦ୍ର ସାହୁ ଚଳିତ ବର୍ଷ ପୁଣି ନିଜ ନିଖୁଣ ଅଭିନୟ ଏବଂ ଉଚ୍ଚକୋଟିର ସଂଳାପ ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିବେ ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି । ଶୁଭସ୍ତମ୍ଭ ସ୍ଥାପନ ଅବସରରେ ସଭାପତି ଅନିଲ ମେହେର, ସମ୍ପାଦକ ପ୍ରଦୀପ ପୁରୋହିତ ଉପସଭାପତି ଇନ୍ଦୁଭୂଷଣ ଠାକୁରଙ୍କ ସହ ଚନ୍ଦନ ସାହୁ, ନୀଳାଚଳ ପଧାନ, ବୁଲୁ ମେହେର, ଗୋଲେକ ବାରିକ, ତୁଷାରାମ ମେହେର, ଅରକ୍ଷିତ ଯୋଷୀ, ମୁକେଶ ସାହୁ, ଅଜିତ ପୁରୋହିତ, ପ୍ରଫୁଲ୍ଲ ବେହେରା ଉପସ୍ଥିତ ଥିଲେ।

### ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝିଙ୍କ ଜୟନ୍ତୀ

**ସମ୍ବଲପୁର, ୨୨।୧୨ (ବ୍ୟୁରୋ):** ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝିଙ୍କ ଜୟନ୍ତୀ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଫୁଲ୍ଲ ହୋତାଙ୍କ ଅଧକ୍ଷତାରେ ସଭା ହୋଇଥିଲା। ରେଣ୍ଡୋ ମାଝି ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

# ଧାନଖରି ଜାଳିଦେଲେ ଦୁର୍ବୃତ୍ତ

**ଲୋଇସିଂହା, ୨୨।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୁର୍ଜିଭଟା ଗାଁରେ ଖଳାରେ ଥିବା ଜଣେ ଚାଷୀଙ୍କ ଧାନଖରିକୁ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଖରିରେ ଚାଷୀ ସଦା ପଧାନ ପ୍ରାୟ ୧୦ଏକର ଜମିର ଧାନ କାଟି ରଖିଥିଲେ। ଖବର ପାଇ ଲୋଇସିଂହା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଧାନଖରି ସବୁ ଜଳି ପାଉଁଶ ହୋଇଯାଇଥିଲା। ଆନୁମାନିକ ୧୬୦କୁଇଣ୍ଟାଲ ଧାନ ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତ ଚାଷୀ ପଧାନ କହିଛନ୍ତି। କ୍ଷତିଗ୍ରସ୍ତ ସଦା ଏ ନେଇ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ପୋଲିସ ଏକ ମାମଲା ରୁଜୁ କରିଛି ବୋଲି ଆଇଆଇସି ଲଳିତା ଲାକ୍ରା କହିଛନ୍ତି।



ଜଳି ଯାଇଥିବା ଧାନଖରି।

ଯୋଗୀସର୍ଡା ପଞ୍ଚାୟତ ଅଧୀନ ଗୁର୍ଜିଭଟାର ଚାଷୀ ସଦା ପଧାନ ଚଳିତ ବର୍ଷ ନିଜ ଜମି ସହ ଯୋଗୀସର୍ଡା ଗ୍ରାମର ମାଗି ତ୍ରିପାଠୀ, ପ୍ରମୋଦ ତ୍ରିପାଠୀ, ରାହାସ ମିଶ୍ର ଓ ରାମଗାପାଳ ପଧାନଙ୍କ ମୋଟ ୧୦ଏକର ଜମିଭାଗରେ ଚାଷ କରିଥିଲେ। ଗତବର୍ଷ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହେବା ପରେ ତାଙ୍କ ସ୍ତ୍ରୀ ସଂଯୁକ୍ତା ପ୍ରତ୍ୟକ୍ଷଭାବେ ଦେଖାରେଖା କରିଥିଲେ । ଏଥର ଭଲ ବର୍ଷା ହୋଇଥିବାରୁ ଅଧିକ ଅମଳ ଆଶା କରିଥିଲେ ପଧାନ ଦମ୍ପତି। ଧାନକାଟି ନିଜ ଘର ସମ୍ମୁଖ ଖଳାରେ ସେମାନେ ସାଇତି ରଖିଥିଲେ । ଆସନ୍ତା ଜାନୁୟାରୀ ୧୨ରେ ତାଙ୍କ ବଡ ଝିଅର ମୁଦିପିନ୍ଧା କାର୍ଯ୍ୟକ୍ରମ ଥିଲା। ଧାନବିକ୍ରି ଟଙ୍କାରେ ଝିଅ ବାହାଘର କରିବାକୁ ସେମାନେ ଆଶା ରଖିଥିବା ବେଳେ ଏବେ ତାହା ଧୂଳିସାତ ହୋଇଯାଇଛି ବୋଲି ସଦା କହିଛନ୍ତି। ଉକ୍ତ ଖଳାରେ ସଦାଙ୍କ ଧାନ ଖରି ସହ ଗାଁର ଅନ୍ୟ କେତେକଙ୍କ ଧାନ ରହିଥିଲା। ହେଲେ ବିଳମ୍ବିତ ରାତିରେ ସେହି ଖଳାରେ ଥିବା ତାଙ୍କ ଧାନ ଖରିକୁ ଆକ୍ରୋଶମୂଳକଭାବେ କେହି ପୋଡି ଦେଇଥିବା ସଦାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତୈଳ ଜାତୀୟ ପଦାର୍ଥ ପକାଇ ନିଆଁ ଲଗାଇ ଦିଆଯାଇଥିବାରୁ କମ୍ ସମୟ ମଧ୍ୟରେ ଖରି ଜଳି ଯାଇଥିଲା ବୋଲି ସଦା କହିଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ୨ଟି ଦମକଳ ଗାଡିରେ ଆସି ନିଆଁ ଲିଭାଇଲା ବେଳକୁ ସବୁ ଜଳି ଛାରଖାର ହୋଇଯାଇଥିଲା। ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବସୀ ଦାବି କରିଛନ୍ତି।



ଜବତ ଗଞ୍ଜେଇ ସହ ଗିରଫ ଯୁବକଦ୍ୱୟ।

## ଟିଟିଲାଗଡ଼ ରେଳ ଷ୍ଟେଶନରୁ ୩୮ କିଲୋ ଗଞ୍ଜେଇ ଜବତ

**ଟିଟିଲାଗଡ଼,୨୨।୧୨(ଡି.ଏନ.ଏ.)**

ଟିଟିଲାଗଡ଼ ରେଳ ଷ୍ଟେଶନରୁ ଜିଆର୍‌ପି ପୋଲିସ ୩୮ କି.ଗ୍ରା. ୮୫୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଛି। ସୂଚନା ଯୋଗ୍ୟ, ଶନିବାର ଅପରାହ୍ନ ପ୍ରାୟ ୨ଟାରେ ଜିଆର୍‌ପି ପୋଲିସ ପ୍ଲାଟଫର୍ମରେ ୨ଟି ବଡ ବସ୍ତା ସନ୍ଦେହଜନକ ଅବସ୍ଥାରେ ଥିବା ଦେଖି ତଦନ୍ତ ଆରମ୍ଭ କରିଥିଲା। ଏନେଇ ପୋଲିସ ତଦନ୍ତ ବେଳେ ଉକ୍ତ ବସ୍ତାରେ ୩୮ କି.ଗ୍ରା ୮୫୦ ଗ୍ରାମ ଓଜନର ଗଞ୍ଜେଇ ଥିବା ଜଣାପଡିଥିଲା । ଏପରି କି ପୋଲିସ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଥିବା କୋରାପୁଟ ଜିଲା ସିମିଳିଗୁଡ଼ା ଥାନା ଅନ୍ତର୍ଗତ ଯୋଗେନ୍ଦ୍ର କୁଲଦୀପ, ପୁରାରି ବିହାର ଅଞ୍ଚଳର ଦିଲୀପ ମଣ୍ଡଳ ଏବଂ ରୂପେଶ କୁମାରଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଥିବା ଜିଆର୍‌ପି ଅଧିକାରୀ ଅବନୀ ସାହୁ ସୂଚନା ଦେଇଛନ୍ତି। ଏନେଇ ଜିଆର୍‌ପି ପୋଲିସ ଏକ ମାମଲା(ନଂ.୭୪/୧୯) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ଗଞ୍ଜେଇ କଳାହାଣ୍ଡି ଜିଲା ମୁନିଗଡ଼ା ଅଞ୍ଚଳରୁ ବିହାର ରାଜ୍ୟ ରାଞ୍ଚିକୁ ଚାଲାଣ କରାଯାଉଥିବା ପୋଲିସ ଜାଣିବାକୁ ପାଇଛି। ଚଢାଉରେ ଜିଆର୍‌ପି ଅଧିକାରୀଙ୍କ ସମେତ ଏସ୍‌ଆଇ ଚାରୋ ର୍ତିକି, କନଷ୍ଟେବଲ ହୁସେନ ତଥା ଅନ୍ୟ କର୍ମଚାରୀ ପ୍ରମୁଖ ସାମିଲ ଥିଲେ।

### ବନ୍ଧପାଲିରେ ହାତୀ ଉପଦ୍ରବ
## ଚାଷୀଙ୍କ ଧାନଖରି ନଷ୍ଟ

**ଦେଓଗାଁ,୨୨।୧୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପାଲିରେ ହାତୀ ଉପଦ୍ରବ ଦେଖାଦେଇଛି। ଶନିବାର ବିଳମ୍ବିତ ରାତିରେ ୧୧ରୁ ଊର୍ଦ୍ଧ୍ୱ ଥିବା ଏକ ହାତୀ ପଲ ବନ୍ଧପାଲି ଗ୍ରାମରେ ପଶି ଚାଷୀ ବଲ୍ଲଭ ନାଏକ, ଶୁଶିଳ ନାଏକ ଓ ସୁଧୀର ନାଏକଙ୍କ ଖଳାରେ ଥିବା ଧାନ ଖାଇବା ସହ ହାରାହାରି ୧୦ ଏକର ଜିମିର ଧାନଖରୀକୁ ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ବନ ବିଭାଗ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି । ପ୍ରକାଶ ଯେ, କିଛିଦିନ ତଳେ ରାଏପାଲି ଓ ଘୁଟିପାଲିରେ ହାତୀ ଉପଦ୍ରବ ଦେଖାଦେଇଥିଲା । ବନକର୍ମଚାରୀ ହାତୀ ଘଉଡାଇବା ସମୟରେ ବୁଲୁ ବେହେରା ନାମକ ଜନୈକ ପାରା କର୍ମଚାରୀ ଗୁରୁତର ଆହତ ହୋଇଥିଲେ ।



ବନ୍ଧପାଲିରେ ହାତୀପଲ ନଷ୍ଟ କରିଥିବା ଧାନଖରୀ।

## ଜୟ ଦୁର୍ଗା ଫୁଟବଲ ଟୁର୍ନାମେଣ୍ଟ: ନାକେସିରା ବିଜୟୀ

**ଗୁଡଭେଲା.୨୨।୧୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ସମରା ଗ୍ରାମସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଜୟ ଦୁର୍ଗା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମହିପୁର-ନକେସିରା ମଧ୍ୟରେ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଟ୍ରାଇବେକରେ ୪-୧ ଗୋଲରେ ନାକେସିରା ବିଜୟୀ ହୋଇଥିଲା । ଖେଳକୁ ବିରାଟ ପ୍ରଧାନ, ଉପେନ୍ଦ୍ର ପୁଟା ଓ ଦିଲୀପ ନାଏକ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ସଭାରେ କେନ୍ଦ୍ର ବ୍ୟାଙ୍କ ନିର୍ଦ୍ଦେଶକ ତଥା ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମରା ସରପଞ୍ଚ ରବୀନ୍ଦ୍ର ପ୍ରଧାନ ସମ୍ମାନିୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଜିତ ସାହୁ ସଭାପତିତ୍ୱ କରିଥିଲେ। ଉପେନ୍ଦ୍ର ପୁଟା ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ ଉତ୍ସବରେ ଶିଶୁମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ଲାଠୋର,୨୨।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜୟ ହିନ୍ଦ ପବ୍ଲିକ ସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବ ଅଧକ୍ଷ ନିର୍ମଳ ଚନ୍ଦ୍ର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି କେ.ଭି ଡିଗ୍ରୀ କଲେଜ ଅଧକ୍ଷ ସତ୍ୟବ୍ରତ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କମିଟି ସଭାପତି ବିମଳ ଅଗ୍ରୱାଲ, ସମ୍ପାଦକ ଦିନେଶ କୁମାର ଅଗ୍ରୱାଲ, ଟ୍ରଷ୍ଟି ଶଙ୍କରଲାଲ ଅଗ୍ରୱାଲ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ମୈତ୍ରି ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିବାକୁ ହେଲେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟଅତିଥି ଭାଷଣରେ କହିଥିଲେ, ଶିକ୍ଷକ ହେବା ଏକ ସୌଭାଗ୍ୟର ବିଷୟ। ଏହି ଅବସରରେ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ଶତପ୍ରତିଶତ ଉପସ୍ଥାନ ତଥା ପରୀକ୍ଷାରେ ସର୍ବୋଚ୍ଚ ଅଙ୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କମିଟି ତରଫରୁ ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତାଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାପ୍ରାରମ୍ଭରେ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଛାତ୍ରୀମାନଙ୍କ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ଆକର୍ଷଣ କରିଥିଲା। ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷକ ଡୋଳାମଣି ପଧାନ, ଆରିଫ ବେଗ ସଭାପରିଚାଳନା କରିଥିବାବେଳେ ଶିକ୍ଷକ ପ୍ରଶାନ୍ତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଖପ୍ରାଖୋଲ,୨୨।୧୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜେ.ଏନ୍ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ପ୍ରୋଗ୍ରାମ ଅଫିସର ମୁରାରୀ ପ୍ରସାଦ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଭୁବନେଶ୍ୱର ପୁରୋହିତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ସହ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ନବୀନ କୁମାର ବାରିକ, ବିକ୍ରମ ସିଂ ସାହୁ, ଶଙ୍କରର୍ଷଣ ଠାକୁର ପ୍ରମୁଖଙ୍କ ସହ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।





ଜାତୀୟ ସେବା ଯୋଜନାର ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

## ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ

**ବଙ୍ଗୋମୁଣ୍ଡା, ୨୧।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଚମାର ମେହେର ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡିଶାର ଚାରି ବରପୁତ୍ର ଏବଂ ସ୍କୁଲର ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳମଣି ଗୋପବନ୍ଧୁ ଦାସ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦାନ ଦାସ, ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ହାଇସ୍କୁଲର ପ୍ରତିଷ୍ଠାତା ଚମାର ମେହେରଙ୍କ ପ୍ରତିମୂର୍ତ୍ତୀ ସ୍ଥାପନା କରାଯାଇଥିଲା। କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିମୂର୍ତ୍ତିଗୁଡିକର ଅନାବରଣ କରିଥିଲେ। ସମ୍ମାନିତ ଅତିଥିଭାବେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ଉଦ୍ଧବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଉତ୍କଳ ସ୍ୱାଭିମାନ ମଞ୍ଚ ସଭାପତି ରାଧାକାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିକତ ଅତିଥିଭାବେ ସଦାନ୍ଦ ମେହେର, ପ୍ରଧାନଶିକ୍ଷକ ପଙ୍କଜ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଟିଟିଲାଗଡ଼ ଫୁଟବଲ ଆସୋସିଏଶନ
## ସପ୍ତମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଟିଟିଲାଗଡ଼,୨୨।୧୨(ଡି.ଏନ.ଏ.)**

ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ପଡିଆରେ ଟିଟିଲାଗଡ ଫୁଟବଲ ଆସୋସିଏଶନ ପକ୍ଷରୁ ୭ସପ୍ତମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ତୁର୍ଲା ଏବଂ ଖୋଲାନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହେଲେ ଖେଳ ଅବଧି ଶେଷ ପର୍ଯ୍ୟନ୍ତ କୌଣସି ଗୋଲ ସ୍କୋର ହୋଇ ନ ଥିଲେ। ଶେଷରେ ପେନାଲଟି ସୁଟଆଉଟ ଜରିଆରେ ତୁର୍ଲା ଦଳ ବିଜୟୀ ହୋଇଥିଲା। ଏଥିରେ ଟିଟିଲାଗଡ଼ ସବ୍‌ଟ୍ରେଜେରି ଅଧିକାରୀ ପ୍ରସନ୍ନ ଦଣ୍ଡସନା ମୁଖ୍ୟଅତିଥି, ବ୍ୟାଙ୍କ ଅଧିକାରୀ ଡମ୍ବରୁ କୁଅଁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ପାଣ୍ଡବ ବିଶି, ରିଙ୍କୁ ବିଶି, ଲୋକନାଥ ବିଶି ଖେଳ ପରିଚାଳନା କରିଥିଲେ। ଆୟୋଜକଙ୍କ ପକ୍ଷରୁ ବଳରାମ ନାଗ, ରିଙ୍କୁ ଘିବେଲା, ସତ୍ୟନାରାୟଣ ବାଗ, ଯଶବୀର ନାଏକ, କେଶବ ଜାନୀ, ଦଳ ବଗର୍ତ୍ତୀ, ରୋଷନ ଶର୍ମା, ମଧୁସୂଦନ ବଗର୍ତ୍ତୀ ପ୍ରମୁଖ ସହାୟତା କରିଥିଲେ।



ସପ୍ତମ ବାର୍ଷିକ ଫୁଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

## ଜାନୁୟାରୀ ୨୧ରୁ ପାଟଖଣ୍ଡା ମହୋତ୍ସବ

**ଦେଓଗାଁ,୨୨।୧୨(ଡି.ଏନ୍.ଏ.)**

ଦେଓଗାଁବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଜରାସିଂହାଠାରେ ରବିବାର ଚତୁରଙ୍ଗ ପତ୍ରିକାର ପୁନଃପ୍ରକାଶନ ଓ ପାଟଖଣ୍ଡା ମହୋତ୍ସବ ଲାଗି ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହୋତ୍ସବର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠିତ ହୋଇଥିଲା । ଜାନୁୟାରୀ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମିନିଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ପାଟଖଣ୍ଡା ମହୋତ୍ସବରେ ସୁରେଶ କୁମାର ମେହେରଙ୍କ ଅଧକ୍ଷତାରେ ଅର୍ଥ କମିଟି, ପ୍ରମୋଦ କୁମାର ବହିଦାରଙ୍କ ଅଧକ୍ଷତାରେ ପ୍ରଚାର ପ୍ରସାର କମିଟି, ବାସୁଦେବ ସାଙ୍କ ଅଧକ୍ଷତାରେ ସାଂସ୍କୃତିକ କମିଟି, ଦୁର୍ଗାପ୍ରସାଦ ସିଂ ଦେଓଙ୍କ ଅଧକ୍ଷତାରେ ଅଭ୍ୟର୍ଥନା କମିଟି ଗଠନ କରାଯାଇଥିଲା। ମହୋତ୍ସବ ଅବସରରେ ରବୀନ୍ଦ୍ର କୁମାର ସାହୁ ଓ ସାଥୀଙ୍କ ଦ୍ୱାରା ପ୍ରତ୍ୟହ ରାବଣ ଦରବାର, ସ୍ଥାନୀୟ ମହିଳାମାନଙ୍କ ଦ୍ୱାରା ଝୋଟି ଓ ପିଠା ପ୍ରତିଯୋଗିତା, ପୁରୁଷମାନଙ୍କ ଦ୍ୱାରା ହଲିଆ ଗୀତ ଓ ପରଭା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ଯୁକ୍ତ ଦୁଇ, ଯୁକ୍ତ ତିନି ଓ ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଉତ୍ସବରେ ଜିଲା ତଥା ଜିଲାବାହାରରୁ ୨୪ଟି ସାଂସ୍କୃତିକ ଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ, ଉପସଭାପତି ଉମାଶଙ୍କର ସିଂ, ସମ୍ପାଦକ କୈଳାସ ଚନ୍ଦ୍ର କର୍ତ୍ତ, ନରସିଂହ ଦଣ୍ଡସେନା, ନିରଞ୍ଜନ ପୁଟେଲ, ସୁନ୍ଦରମଣି ଦଣ୍ଡସେନା, ପ୍ରମୋଦ ସିଂ ନିନା, ସରପଞ୍ଚ କୁଶମଣି ମେହେର, ପ୍ରଶାନ୍ତ ଥନାପତିଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମଧୁସୂଦନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ଜରାସିଂହାରେ ପାଟଖଣ୍ଡା ମହୋତ୍ସବ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଏବଂ ଗ୍ରାମବାସୀ।

### ଯୋଗଦେବେ ୨୪ଟି ସାଂସ୍କୃତିକ ଦଳ



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ଲଖନାରେ ହାତୀ ଉପଦ୍ରବ, ଲୋକେ ଆତଙ୍କିତ

**ନୂଆପଡା ଅଫିସ/ କୋମନା,୨୨।୧୨(ଡି.ଏନ.ଏ.)**

ନୂଆପଡା ଜିଲା ସଦର ମହକୁମାଠାରୁ ମାତ୍ର ୧୫ କି.ମି. ଦୂର ଲଖନା ଗାଁ ଅଞ୍ଚଳରେ ଏକ ବଣୁଆ ହାତୀ ଚାଲିଆସି ଉପଦ୍ରବ ଚଳାଇଥିବାବେଳେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଶନିବାର ସକାଳୁ ପଡୋଶୀ ବଲାଙ୍ଗୀର ଏବଂ ବରଗଡ ଜିଲା ସୀମାନ୍ତ ଅଞ୍ଚଳରୁ ଏକ ବଡ ହାତୀ ହଠାତ ପଶି ଆସିଥିଲା। ଏହା ବଙ୍ଗାମୁଣ୍ଡା ଗାଁ ଦେଇ ଲଖନାରେ ପ୍ରବେଶ କରିଥିଲେ। ଏଠାରେ ଥିବା କ୍ରଶର ଅଞ୍ଚଳରେ ଉତ୍ପାତ ଚଳାଇଥିଲା। ସେହି ରାସ୍ତା ଦେଇ ଯାଉଥିବା ପଥଚାରୀମାନଙ୍କୁ ଦୌଡାଉଥିବା ଦେଖି ଲୋକେ ଆତଙ୍କିତ ହୋଇପଡିଛନ୍ତି। ସନ୍ଧ୍ୟାରୁ ତାଟି କବାଟ ବନ୍ଦ ହୋଇପଡିଛି। ଖବର ପାଇଁ ବନବିଭାଗ ଏଠାରେ ପଇଁତରା ମାରୁଛି । ବିଜୁଳି ସଂଯୋଗ ବିଚ୍ଛିନ୍ନ କରି ଦିଆଯାଇଛି। ହାତୀ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ଫରେଷ୍ଟର ଜେ. ଶବର ସୂଚନା ଦେଇଛନ୍ତି ।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

**ମଦନପୁର,୨୨।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ସତ୍‌ସଙ୍ଗ କେନ୍ଦ୍ରଠାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜନ୍ମ ମହୋତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମଦନପୁର ଅଞ୍ଚଳର ୧ ହଜାରରୁ ଊର୍ଦ୍ଧ୍ୱ ଦୀକ୍ଷିତ ପରିବାର ଯୋଗଦେଇଥିଲେ। ଅଶ୍ୱିନି କୁମାର ଘୋଷଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ମଦନପୁର କେନ୍ଦ୍ରର କାର୍ଯ୍ୟକର୍ତ୍ତା ଅମ୍ବିକା ପ୍ରସାଦ ହାଥି, ଅଶୋକ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ। ନର୍ଲା, ମ.ରାମପୁର, ରିଷିଡା ଅଞ୍ଚଳର ଠାକୁର ପ୍ରେମୀ ଭକ୍ତମାନେ ଉପସ୍ଥିତ ରହି ଠାକୁରଙ୍କ ଗୁଣ ଗାନ କରିଥିଲେ। ଆନନ୍ଦ ବଜାରରେ ପ୍ରସାଦ ସେବନ କରାଯାଇଥିଲା। ସହଦେବ ପାଢୀ ଓ ରାଜେଶ ଧଙ୍ଗଡାମାଝି ଏହି ଦାୟିତ୍ୱରେ ରହିଥିଲେ।

### ଲାଞ୍ଜିଗଡ଼ ଥାନାରେ ନୂଆ ଥାନାଧିକାରୀ

**ଲାଞ୍ଜିଗଡ଼,୨୨।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନାରେ ନୂଆ ଥାନାଧିକାରୀ ଭାବେ ପୋଲିସ ଅଧିକାରୀ ସତ୍ୟାନନ୍ଦ ପାତ୍ର ଯୋଗ ଦେଇଛନ୍ତି । ପୂର୍ବତନ ଥାନାଧିକାରୀ ସତ୍ୟ କୁମାର ନନ୍ଦଙ୍କ ବଦଳି ପରେ ପାତ୍ର ଏଠାରେ ଯୋଗଦେଇଛନ୍ତି । ଲାଞ୍ଜିଗଡ଼ରେ ଯୋଗ ଦେବା ପରଠାରୁ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଲୋକଙ୍କ ମନରେ ଥିବା ପୋଲିସ ପ୍ରତି ଭୟକୁ ଦୂରେଇ ଲୋକଙ୍କ ପୋଲିସ ଭାବେ ପରିଚୟ ସୃଷ୍ଟି କରିବାକୁ ସେ ନିଜ ସହକର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ଲୋକେ ପୋଲିସକୁ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି । ପାତ୍ର ଲାଞ୍ଜିଗଡ଼ ଥାନାରେ ଯୋଗଦେବା ପରେ ଲାଞ୍ଜିଗଡ଼ ପ୍ରେସ୍ କ୍ଲବ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହ କ୍ଲବର ସଦସ୍ୟମାନେ ତାଙ୍କୁ ସାକ୍ଷାତ କରି ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଆଇନଶୃଙ୍ଖଳା ସମ୍ପର୍କରେ ଆଲୋଚନା କରିଥିଲେ । ଲାଞ୍ଜିଗଡ଼ ପ୍ରେସ୍ କ୍ଲବ ସଭାପତି କୈଳାସ ସାହୁ, ଉପସଭାପତି ବି. ତ୍ରିପତି ପାତ୍ର, ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ, କୋଷାଧକ୍ଷ ପରେଶ କୁମାର ନାୟକ ଓ ସଦସ୍ୟ ଏମ୍. ଚନ୍ଦ୍ରଶେଖର ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

### ନୂଆପଡା ଜିଲାରେ କପା ମଣ୍ଡି ଆରମ୍ଭ

# ପ୍ରଥମ ଦିନରେ ୬୧୦ କୁଇଣ୍ଟାଲ କିଣା

**ନୂଆପଡା ଅଫିସ,୨୨।୧୨**

ଏକଦା ଅଭାବି ବିକ୍ରିର ଶୀକାର ହେଉଥିବା କପା ଚାଷୀଙ୍କ ବହୁ ପ୍ରତିକ୍ଷାର ଅନ୍ତ ଘଟିଛି । ଶନିବାର ସ୍ଥାନୀୟ ଖରିଆରରୋଡ ନିୟନ୍ତ୍ରୀତ ବଜାର ପ୍ରାଙ୍ଗଣରେ କପା ମଣ୍ଡି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହାକୁ ଜିଲାପାଳ ମଧୁସ୍ମିତା ସାହୁ ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ୭ଜଣ ଚାଷୀଙ୍କଠାରୁ ୬୧୦ କୁଇଣ୍ଟାଲ କପା କିଣାଯାଇଛି ।

ପୂର୍ବବର୍ଷ ଭଳି ସ୍ଥାନୀୟ ନିୟନ୍ତ୍ରୀତ ବଜାର ପ୍ରାଙ୍ଗଣରେ ଶନିବାର ସକାଳେ କପା ଚାଷୀମାନେ ଠୁଳ ହୋଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଜାହିଦ ମହମ୍ମଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ସାହୁ ମୁଖ୍ୟଅତିଥି, ନିୟନ୍ତ୍ରୀତ ବଜାର କମିଟି ସମ୍ପାଦକ ବି.ଦାସ, ଜିଲା କୃଷି ଅଧିକାରୀ ହିମାଂଶୁ ଶେଖର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ କୃଷି ଅଧିକାରୀ ସୁଧାଂଶୁ କୁମାର ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାପାଳ ସାହୁ କପା ମଣ୍ଡିକୁ ଉଦ୍‌ଘାଟନ କରି ଚାଷୀମାନେ କିପରି ଏଥିରୁ ଉଚିତ ଦର ପାଇପାରିବେ ସେଥିପାଇଁ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଚାଷୀମାନେ ମଧ୍ୟ ଉତ୍ସାହିତ ହୋଇ ଆଗାମୀ ଦିନରେ କପା ଚାଷ ଉପରେ ବିଶେଷ ଗୁରୁତ୍ୱ ଦେବା ଦରକାର ବୋଲି କହିଥିଲେ। ପ୍ରଥମ ଦିନରେ ଚାଷୀ ଅମରଲାଲ ସାହୁ, ରଞ୍ଜିତ ସିଂ ମାଝି, ଅଲେଖରାମ ସାହୁ, ଅରୁଣ ବାଗ, ଦେବରାଜ ରଣା, ପୁସ୍ତମ, ଗୟାରାମ ଶବର ପ୍ରମୁଖ କପା ଆଣି ବିକ୍ରି କରିଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ଜିଲାରେ ପ୍ରଥମ କରି ଗତ ବର୍ଷ କପା ମଣ୍ଡି ଆରମ୍ଭ ହୋଇଥିଲା। ଜିଲାରେ ଗୋଟିଏ ଜାଗାରେ ଏହି ମଣ୍ଡି ହେଉଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଥିବା ବେଳେ ଅନ୍ୟାନ୍ୟ ଜାଗାରେ ମଧ୍ୟ ଏହାକୁ ସମ୍ପ୍ରସାରିତ କରାଗଲେ ଚାଷୀ ଲାଭାନ୍ୱିତ ହୋଇପାରିବେ ବୋଲି ଚାଷୀମାନେ ମତ ରଖିଛନ୍ତି ।

**କୁଇଣ୍ଟାଲ ପିଛା ଦର ୫୫୫୦ ଟଙ୍କା**



ମଣ୍ଡି ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅତିଥି ।



ବ୍ଲକ୍‌ସ୍ତରୀୟ ଯୁବ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

# ବ୍ଲକସ୍ତରୀୟ ଯୁବ ସମ୍ମିଳନୀ

**ସିନାପାଲ,୨୨।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ସିନାପାଲି ପଞ୍ଚାୟତ ସମିତି ସଭାଗୃହଠାରେ ବ୍ଲକ୍‌ସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଯୁବ ସଂଯୋଜକ ଆଶୀଷ କୁମାର ଠାକୁର ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ୟୁଥ୍ ରିସୋର୍ସ କୋଅର୍ଡିନେଟର୍ ବିଶ୍ୱଜିତ ପାଣିଗ୍ରାହୀ, ସିନାପାଲି ମହାବିଦ୍ୟାଳୟ ଅଧ୍ୟାପକ ମେଘନାଦ ମେହେର, ସନ୍ତୋଷ କୁମାର ବାଗ, ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ନୀଳାଞ୍ଚଳ ମେହେର, ଅଜିତ ବୈଠାରୁ ପ୍ରମୁଖ ଯୋଗଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସିନାପାଲି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଯୁବ ଅନୁଷ୍ଠାନ ପ୍ରାୟ ୭୦ ଯୁବତୀଯୁବକ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଜିଲା ଯୁବ ସଂଯୋଜକ ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଯୁବ ଗୋଷ୍ଠୀଙ୍କୁ ମାର୍ଗଦର୍ଶନ କରିଥିଲେ।

### ଜିଲାରେ ଦଳ ବଟବୃକ୍ଷ ସଦୃଶ ଛିଡା ହୋଇଛି

# ନୂତନ ଜିଲା ସଭାପତିଙ୍କୁ ପଦଭାର ପ୍ରଦାନ

**ନୂଆପଡା ଅଫିସ,୨୨।୧୨**

ବହୁ ଉଠପଡ ନେଇ ଭାଜପାର କର୍ମକର୍ତ୍ତାମାନେ ସଙ୍ଗଠନକୁ ମଜଭୁତ କରିବାକୁ ଅଣ୍ଟା ଭିଡି କାମ କରିଛନ୍ତି । ବର୍ତ୍ତମାନ ଏହା ଏକ ବିଶାଳ ବଟବୃକ୍ଷ ସଦୃଶ ଛିଡା ହୋଇପାରିଛି ବୋଲି ରାଜ୍ୟ ସଭାପତି ଉଦ୍‌ବୋଧନ ଦେଇଛନ୍ତି ରବିବାର ସ୍ଥାନୀୟ ଭାଜପା ଜିଲା କାର୍ଯ୍ୟାଳୟରେ ନୂତନ ଜିଲା ସଭାପତିଙ୍କୁ ପଦଭାର ଦେବା ଅବସରରେ ସେ ଏହା କହିଛନ୍ତି। ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ଶିବ ପ୍ରସାଦ ମୁଣ୍ଡ ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସଭାପତି ତଥ କଳାହାଣ୍ଡି ଏମପି ପଣ୍ଡା ମୁଖ୍ୟଅତିଥି, ନୂଆପଡା ଜିଲା ନିର୍ବାଚନ ଦାୟିତ୍ୱରେ ଥିବା କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷା ନମିତା ସାହୁ ବିଶେଷ ଅତିଥି, ରାଜ୍ୟ ଉପସଭାପତି ପ୍ରସନ୍ନ କୁମାର ପାଢୀ, ହୋମସିଂ ମାଝି, ମନିଜର ଆର୍ଯ୍ୟ, ଗୋଲଡି ଅଗ୍ରୱାଲ, ଚତୁର୍ଭୁଜ ଶର୍ମା, ଦେବଦେବ ସିଂ ଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମେ ମୁଖ୍ୟଅତିଥି ନବନିର୍ବାଚିତ ଜିଲା ସଭାପତି ସୁବ୍ରତ ଠାକୁରଙ୍କୁ ଉତରୀୟ ଏବଂ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ତାଙ୍କୁ ଆଜିଠାରୁ ପଦଭାର ଦେଇଥିବା ଘୋଷଣା କରିଥିଲେ। ଏହି ଅବସରରେ ନବନିର୍ବାଚିତ ସଭାପତି ଠାକୁର ଜିଲାକୁ କିପରି ଏକ ନମ୍ବର କରି ରାଜ୍ୟ ଏବଂ କେନ୍ଦ୍ରରେ ଛିଡା କରିବେ ସେଥିପାଇଁ ଶପଥ ନେଇଥିଲେ। କେନ୍ଦ୍ରିୟ ଯୋଜନାକୁ କିପରି ଲୋକଙ୍କ ନିକଟରେ ପହଞ୍ଚାଇବା ସହ ରାଜ୍ୟ ସରକାରଙ୍କୁ କାଠଗଡାରେ ଛିଡା କରିବାକୁ ପ୍ରୟାସ ଜାରି ରଖିବେ ବୋଲି କହିଥିଲେ। ଏହି ଅବସରରେ ରାଜ୍ୟ ସଭାପତି ପଣ୍ଡା ନାଗରିକ ସଂଶୋଧନ ଆଇନକୁ ସରକାର କାହିଁକି ଆଣିଛନ୍ତ, ସେ ଉପରେ ବିଷଦ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଗୋଲଡି ଅଗ୍ରୱାଲ ପରିଚାଳନା କରିଥିବାବେଳେ ଜିଲା ସମସ୍ତ ବ୍ଲକ ବରିଷ୍ଠ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### ଚାରିଗଡ ଝରିଆ ଯାଦବ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ

# ସମାଜ ଭିତରେ ସଂସ୍କାର ଆସିଲେ ଦେଶ ସୁଧୁରିବ

**ନୂଆପଡା ଅଫିସ, ୨୨।୧୨**

ସମାଜ ମଧ୍ୟରେ ବହୁ କୁସଂସ୍କାର ଚେରମାଡି ବସି ରହିଛି। ସେସବୁକୁ ଦୂର କରି ସମାଜ ମଧ୍ୟରେ ସଂସ୍କାର ଆଣିବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ସମାଜ ସୁଧୁରିଲେ ଦେଶ ସୁଧୁରିବ ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ଖଇରାନୀ ପଞ୍ଚାୟତ ପଡିଆରେ ଅନୁଷ୍ଠିତ ଚାରଗଡ ଝରିଆ ଯାଦବ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ ଏହି ମତ ରଖିଛନ୍ତି। ଚାରଗଡ ଝରିଆ ଯାଦବ ସମାଜ ମହାସଭାପତି ପିରିତରାମ ଡିଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ବଳରାମ ବରଗଡ଼ି ମୁଖ୍ୟବକ୍ତା, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ଢୋଲକିଆ, ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ଲମ୍ବୋଦର ନିଆଲ, ଗୋଲାମୁଣ୍ଡା ତହସିଲଦାର ମନିଷା ଦାସ, କ୍ଷୀରସିନ୍ଧୁ ଗୁଆଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମାଜର ଅଧିଷ୍ଠାତ୍ରୀ ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ଅତିଥିମାନେ ସମାଜର ଏକ ସମ୍ବିଧାନ ପୁସ୍ତିକା ଉନ୍ମୋଚନ କରିଥିଲେ। ଓଡିଶା ଏବଂ ଛତିଶଗଡରେ ଏହି ସମାଜର ବହୁ ପ୍ରତିଭାବାନ ବ୍ୟକ୍ତିତ୍ୱ ରହିଛନ୍ତି । ଏହି ଦୁଇ ରାଜ୍ୟ ମଧ୍ୟରେ ସାମାଜିକ ରୀତିନିତି ସହ ବନ୍ଧୁତ୍ୱର ଏକ ବନ୍ଧନ ରହିଛି। ଏମାନଙ୍କ ସାମାଜିକ, ସାଂସ୍କୃତିକ ବିଚାର ଧାରାରେ ପରିବର୍ତ୍ତନ କରି ଏକ ସୁସ୍ଥ ସମାଜ ଗଠନ କରିବାକୁ ପଡିବ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମାଜର ବିଭିନ୍ନ ଦିଗରେ ନିଜର କୃତୀତ୍ୱ ରଖିଥିବା ବ୍ୟକ୍ତିତ୍ୱମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହାସଚିବ ମେଘନାଦ ଖର୍ସେଲ, ଜିଲା ସଭାପତି ଓମବୁଢା ଗୁଆଲ, ପରମେଶ୍ୱର ଡିଣ୍ଡା ପ୍ରମୁଖ ପରିଚାଳନା କରିଥିବାବେଳେ ମହେଶ୍ୱର ଗୁଆଲ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ନୂଆପଡା ସମେତ ବଲାଙ୍ଗୀର, ବରଗଡ, ସମ୍ବଲପୁର, କଳାହାଣ୍ଡି ଏବଂ ପଡୋଶୀ ଛତିଶଗଡରୁ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଶେଷରେ ସମାଜର ବିକାଶ ସକାଶେ କର୍ମକର୍ତ୍ତା ଚୟନ କରାଯାଇଥିଲା । ପିରିତରାମ ଡିଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ।

**ବନ୍ଧୁମିଳନରେ ଓଡ଼ିଆ, ଛତିଶଗଡ଼ି**



ଚାରଗଡ ଝରିଆ ଯାଦବ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### କଳାହାଣ୍ଡି ଇ-ବିଦ୍ୟାଳୟ ସଂଯୋଜକ ସଂଘ ବୈଠକ

**ଭବାନୀପାଟଣା,୨୨।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଇ-ବିଦ୍ୟାଳୟ ସଂଯୋଜକମାନଙ୍କ ଏକ ବୈଠକ ଭବାନୀପାଟଣାସ୍ଥିତ ଲାଲବାହାଦୁର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ସଂଯୋଜକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସଂଘର ନୂତନ ଜିଲା ସଭାପତି ଭାବେ ତରୁଣ ମହାରଣା, ଉପସଭାପତି ପୂର୍ଣ୍ଣପ୍ରଭା ବିଶି, କାର୍ଯ୍ୟକାରୀ ସଭାପତି ଗୋକୁଳ ଚନ୍ଦ୍ର ନାଏକ, ସମ୍ପାଦକ ଶୁଭେନ୍ଦୁ ଶେଖର ଦାଶ, କୋଷାଧକ୍ଷ ମାନସ ନାଏକ ଓ ସୁନୀଲ ବେହେରା ନିର୍ବାଚିତ ହୋଇଥିଲେ। କାର୍ଯ୍ୟକ୍ରମ ଶେଷରେ ଦୌଲତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୫ମ ଜିଲାସ୍ତରୀୟ ମିନି ମାରାଥନ୍ ଜାନୁୟାରୀ ୧୨ରେ

**କୋମନା,୨୨।୧୨ (ଡି.ଏନ.ଏ.)**

ନୂଆପଡା ଜିଲା କୋମନାସ୍ଥିତ ଜିତାମିତ୍ର ହାଇସ୍କୁଲ ଖେଳ ପଡିଆରେ ଯୁବ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ୫ମ ଜିଲାସ୍ତରୀୟ ମିନି ମାରାଥନ ପ୍ରତିଯୋଗୀତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡା ବିଧାନ ସଭା ମଣ୍ଡଳୀର ସାଧାରଣ ସମ୍ପାଦକ ସାହାରୁଖ ଖାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜରୁରୀ କାଳୀନ ବୈଠକରେ ଯୁବ କଂଗ୍ରେସ ନୂଆପଡା ବିଧାନ ସଭା ମଣ୍ଡଳୀ ଉପସଭାପତି ଅମିତ ଅହିର, କଳାହାଣ୍ଡି ଲୋକସବା ମଣ୍ଡଳୀ ସାଧାରଣ ସମ୍ପାଦକ ପାଶା ମହାନନ୍ଦ, ସିଦ୍ଧାନ୍ତ ତ୍ରିପାଠୀ, ଶିବ ପୋଡ, ଦୁଷ୍ମନ୍ତ ନିଆଁଲ, ସେହଜ ଅଲ୍ଲୀ ସାନନ୍ଦ ଦଲେଇ ପ୍ରମୁଖ ଉପସ୍ଥିତ ରହି ୫ମ ଜିଲାସ୍ତରୀୟ ମିନି ମାରାଥନ କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ପରିଚାଳନା କରିବା ପାଇଁ ଆଲୋଚନା କରାଯାଇଥିଲା। ଜାନୁୟାରୀ ୧୨ ତାରିଖରେ ଅନୁଷ୍ଠିତ ମାରାଥନ ରେସ କୋମନା ବ୍ଲକ ଉଦ୍ୟାନବନ୍ଧସ୍ଥିତ ଆମ୍ବେଦକର ଛକଠାରୁ କୋମନା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଦୀର୍ଘ ୮ କି.ମି. ଦୌଡ ହେବା ସ୍ଥିର ହୋଇଥିବା ବେଳେ ବିନା ଶୁଳ୍କରେ ସମସ୍ତ ପ୍ରତିଯୋଗୀ ଭାଗ ନେଇ ପାରିବେ ବୋଲି ନିଷ୍ପତ୍ତି ହୋଇଛି । ଏହି ମାରାଥନ ରେସରେ ପ୍ରଥମ ପୁରସ୍କାର ଟ୍ରଫି ସହ ସାର୍ଟିଫିକେଟ ଓ ୧୧,୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୭୦୦, ତୃତୀୟ ପୁରସ୍କାର ୫୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ସାଧାରଣ ସମ୍ପାଦକ ଶାହାରୁଖ ଖାନ ସୂଚନା ଦେଇଛନ୍ତି ।


ବୈଠକରେ ଆଲୋଚନା କରାଯାଉଛି।

# ବ୍ଲକସ୍ତରୀୟ ଫୁଟବଲ: ଚିର୍ଚଲା ବିଜୟୀ

**ଭବାନୀପାଟଣା,୨୨।୧୨ (ଡି.ଏନ.ଏ.)**

ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଓ ସ୍ୱାଧୀନ ୟୁଥ କ୍ଲବ କଲାପଡାର ମିଳିତ ସହଯୋଗରେ ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶନିବାର ଚିର୍ଚଲା ବନାମ ମିକ୍ସ ଏକାଦଶ ମଧ୍ୟରେ ଖେଳ ହୋଇଥିଲା। ଏହି ଖେଳରେ ଚିର୍ଚଲା ଦଳ ୨-୧ ଗୋଲରେ ବିଜୟ ଲାଭ କରିଛି। ଖେଳରେ ସନ୍ତୋଷ ନାୟକ, ସୁରେଶ ନାୟକ, ମନୋଜ ବିଶ୍ୱାଳ, ନିର୍ମଳ ଚନ୍ଦ୍ର ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସଂଯୋଜକ ପ୍ରସନ୍ନ ମେହେର ଓ ଲେଖାପାଲ ଦ୍ୱିତୀୟା ବଂଛୋରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତାରେ ଅତିଥି ଭାବେ ଦୟାନିଧି ନାଏକ, ଚହଗାଁ ସରପଞ୍ଚ ଅଭୀମନ୍ୟୁ ବେଶ୍ରା, କେନ୍‌ଗଦୁପାଟି ସରପଞ୍ଚ ନାଗେଶ୍ୱର ବାଗ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଯୁବ ଅନୁଷ୍ଠାନ ସଭାପତି ଧ୍ରୁବ ଚର ପ୍ରଧାନ, ସମ୍ପାଦକ ଅଞ୍ଜନ ପ୍ରଧାନ, ହୃଦାନନ୍ଦ ବାରିକ, ଜଗଦାନନ୍ଦ ପ୍ରଧାନ, ବବୁଲୁ ପ୍ରଧାନ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।


ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ।

### ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ-୨୦୧୯

# ଫାଇନାଲରେ ସମ୍ବଲପୁର ଏକାଦଶ

**ସିନାପାଲି,୨୨।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ସମ୍ବଲପୁର ଏକାଦଶ କାନ୍ଦୁଲଝର ଏକାଦଶକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ସିଙ୍ଗଝରସ୍ଥିତ ରାଜୀବ ନାଏକ ଖେଳ ପଡିଆରେ ଚାଲିଥିବା ଏହି ଟୁର୍ନାମେଣ୍ଟର ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ସମ୍ବଲପୁର ଏକାଦଶ ଟସ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୬ ଓଭରରେ ୯ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କାନ୍ଦୁଲଝର ଏକାଦଶ ୧୪ ଓଭରରେ ସମସ୍ତ ଉଇକେଟ ହରାଇ କେବଳ ୧୦୧ ରନ କରି ପରାଜୟ ବରଣ କରିଥିଲା। ସମ୍ବଲପୁର ଦଳ ୩୩ ରନରେ ବିଜୟୀ ଲାଭ କରି ଫାଇନାଲକୁ ପ୍ରବେଶ କରିଛି। ମ୍ୟାଚରେ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସମ୍ବଲପୁର ଏକାଦଶର ବିକିଙ୍କୁ ପ୍ରଦାନ କରାଯାଇଛି । ଅମ୍ପାୟାର ଭାବେ ମାନସରଞ୍ଜନ କଶ୍ୟପ ଓ ଦୟାଶଙ୍କର କଶ୍ୟପ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବରେ ମକରଧ୍ୱଜ ବୈଠାରୁ ଦାୟିତ୍ୱ ତୁଲାଇଥିଲେ । ବରିଷ୍ଠ ଉଦଘୋଷକ ଲଳିତ କୁମାର ସୁନାରୀ ଓ ଜୀତୟ କୁମାର ସେଠୀ ଓଡିଆ ଓ ହିନ୍ଦୀରେ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ସିନାପାଲି ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ବ୍ରଜମୋହନ ଧାକଡ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ ଏକ ମହାମିଳନର ପେଣ୍ଠସ୍ଥଳୀ, ଅଞ୍ଚଳର ଜନସାଧାରଣ, କ୍ରୀଡାପ୍ରେମୀ, କ୍ରୀଡାବିତ ଓ ପ୍ରଂଶକମାନଙ୍କୁ ନେଇ ଯେଉଁ ଉତ୍ସାହ ଦେଖିବାକୁ ମିଳିଛି ତାହା ଉଦାହରଣ ହୋଇରହିବ । ସୀମାନ୍ତ ଛତିଶଗଡ ତଥା ବହୁ ପଡୋଶୀ ଜିଲାରୁ ଖେଳାଳି ଆସି କ୍ରୀଡା ପ୍ରଦର୍ଶନ କରିବା ଗୌରବର ବିଷୟ ବୋଲି କହିଥିଲେ।


ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ପୁରସ୍କାର ପ୍ରଦାନ କରାଯାଉଛି।



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।
-ଫ୍ରାନ୍‌ସିସ୍ ବାକନ



## ସଂକ୍ଷେପରେ

### ଚିଲଗୁଡ଼ା ଫାଣ୍ଡି ଅଧିକାରୀ ନିଲମ୍ବିତ

**ଜୁନାଗଡ,୨୨।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଧୀନରେ ଥିବା ଚିଲଗୁଡା ଫାଣ୍ଡି ଅଧିକାରୀ ଅଶୋକ ବିହାରୀଙ୍କୁ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ବି ଗଙ୍ଗାଧର ନିଲମ୍ବିତ କରିଥିବା ଜଣାପଡିଛି। କୌଣସି ଏକ ମାମଲାରେ ଫାଣ୍ଡି ଅଧିକାରୀ ବିହାରୀ ନିଜ ଦାୟିତ୍ୱକୁ ଠିକ ଭାବେ ପରିଚାଳନା କରି ନ ଥିବାରୁ ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଏସ୍‌ପି ତାଙ୍କୁ ନିଲମ୍ବିତ କରିଛନ୍ତି।

### ବାଇକ୍ ଦୁର୍ଘଟଣାରେ ୩ ଆହତ

**ଭବାନୀପାଟଣା,୨୨।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ବଡଛତ୍ରଙ୍ଗ ଗ୍ରାମରେ ଶନିବାର ସକାଳେ ୩ ଜଣ ଯୁବକ ଏକ ବାଇକ ଯୋଗେ ନାଳାକୁ ଶୌଚ ପାଇଁ ଯାଉଥିବା ବେଳେ ଭାରସାମ୍ୟ ବାଇକରୁ ପଡି ଯିବାରୁ ସମସ୍ତ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ଗତ ୨୧ ତାରିଖ ସକାଳେ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ବଡଛତ୍ରଙ୍ଗ ଗ୍ରାମର ଆଜାମ୍ବର ନାଏକ (୧୮), ଅକ୍ଷୟ ନାଏକ (୧୬) ଓ ବୁଛି ନାଏକ (୧୮) ବାଇକ ଯୋଗେ ଶୌଚ ପାଇଁ ଯାଉଥିବା ବେଳେ ଭାରସାମ୍ୟ ହରାଇ ପଡି ଯାଇଥିଲେ। ଅଜାମ୍ବର ଗୁରୁତର ଆହତ ହୋଇଥିଲେ। ଅନ୍ୟ ୨ ଜଣ ମଧ ଆହତ ହୋଇଥିଲେ। ସମସ୍ତଙ୍କୁ ଥୁଆମୂଳ ରାମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଅଜାମ୍ବରଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ଭବାନୀପାଟଣା,୨୨।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନାଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର କରଯାଇଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲା ଥୁଆମୂଳ ଥାନା ଗୋପାଳପୁର ପଞ୍ଚାୟତ ଲୋହରାଯୋର ଗାଁର ଦୁର୍ଗା ନାଏକ (୨୩)। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣା ଦୁଇ ବର୍ଷ ପୁରୁଣା ବୋଲି ଯୁବତୀ ଜଣକ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗମତେ, ୨୦୧୭ ଜାନୁୟାରୀରେ ଦୁର୍ଗା ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ତାଙ୍କୁ ବଳାତ୍କାର କରିବା ପରେ ଫେରାର ହୋଇଥିଲେ। ସେତେବେଳକ ଯୁବତୀ ଜଣକ ନାବାଳିକା ଥିଲେ। ଲୋକଲଜ୍ଜା ଭୟରେ ପୋଲିସ ସାମ୍ନାକୁ ଆସି ପାରି ନ ଥିଲା ବୋଲି ଯୁବତୀ କହିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଦୁର୍ଗାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାର ତଦନ୍ତ ଚାଲିଥିବା ଥୁଆମୂଳ ରାମପୁର ଭାରପ୍ରାପ୍ତ ଥାନାଧିକାରୀ ମନରଞ୍ଜନ କୁମାର ସୂଚନା ଦେଇଛନ୍ତି।

## ଚିକିତ୍ସା ଲାଗି ଟଙ୍କା ଅଭାବ୍

# ଅଜନା ରୋଗ୍‌ରେ ପୀଡ଼ିତ ଉର୍ବଶୀ

**ପର୍ଲା, ୨୨।୧୨ (ଡି.ଏନ୍.ଏ.)**

ମୁଇଁ ଜିଁବାକେ ଚାହୁଁଛେଁ। ପୁଅବହ, ନାତିନାତେନକେକର ସଂଗେ ସମିଆ ବିତାବାକେ ଚାହୁଁଛେଁ। ମୋତେ ଭଲ କରି ଦିଅ। ଇ ହୁରୁତ୍ ତରଲି ଗଲା କଥା ପଦ୍‌ଦୁକ କହିଛନ୍ ଉର୍ବଶୀ ମାଝି(୫୪)। ସେ ଅନେକ୍ ଦିନ ହେଲା କେହେନ୍‌ସ ଅଜନା ରୋଗ୍‌ରେ ଖଟେ ପଡ଼ି ରହିଛନ୍। ପରିବାର ଲୋକ୍ ଆସର ପାସର ଡାକ୍ତର ଖାନାରେ ଚିକିତ୍ସା କରେଇ ନିରାଶ ହେଇଛନ୍। ହେଲେ ଟଁକା ପଏସା ଅଭାବୁ ଉର୍ବଶୀକଁର ଉଚ ଚିକିତ୍ସା କରେଇ ନାଇଁପାରବାର।



ଅଜନା ରୋଗ୍‌ରେ ପୀଡ଼ିତ ଉର୍ବଶୀ ସଂଗେ ସୁନ୍ଦର ମାଝି।

ସୂଚନା ଅନ୍‌ସାରେ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଅଧୀନ ଦଣ୍ଡପାଟ ଅଂଚଲର ଜୟନ୍ତପୁର ପଁଚେତ୍ ରଇନାଗୁଡ଼ା ଗାଁର ସୁନ୍ଦର ମାଝି (୬୦)। ପରିବାର କହେଲେ ମାଏକିନା ଉର୍ବଶୀ(୫୪), ପୁଅ ଲମ୍ବୋଧର (୩୦), ବହ ନୀଳେନ୍ଦ୍ରି (୨୮) ଆର ନାତି ବିଦ୍ୟାଧର (୭)କୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍ ଆର ଆଦିବାସୀ ସମାଜର। ପୁଓ ବହ କୁଲିମଜୁରି କରି ଯାହା ରୁଜ୍‌ଗାର କରୁଛନ୍ ସେଥିରେ ଘରର ଚୁଲି ଜଳୁଛେ। ଏନ୍‌ତା ଅଭାବିଆ ପରିସ୍ଥିତିରେ ଆଏଜ୍‌କେ ମାସ ୪ରେ ତଲେ ଉର୍ବଶୀକଁର ଛାତି ଦରଦ୍ ହେଇଥିଲା। ପରିବାର ଲୋକ୍ ତାହାକୁ ଝନେ କ୍ୱାକ୍ ପାସକେ ନେଇ ଗୁଟେ ଇଞ୍ଜେକ୍‌ସନ ଦେଇଥିଲେ। ହେଲେ ଇଞ୍ଜେକ୍‌ସନ ନେବାର ୩ରୁ ୪ ଘଁଟା ଉତାରୁ ଉର୍ବଶୀକଁର ଅଁଟାରୁ ତଲ୍‌କେ ଅଚଲ ହେଇଯାଇଥିବାର ପରିବାର ଲୋକ୍ କହିଛନ୍। ସେଦିନ୍‌ଠାନୁ ଉର୍ବଶୀ ଚାଲବୁଲ କରି ନାଇଁପାରଲେ ଖଟେ ପଡ଼ି ରହିଛନ୍। ପରିବାର ଲୋକ୍ ଜମିବାଡ଼ି, ଘରଡ଼ିହ ବଁଧକ୍ ପକେଇ ଆସର ପାସର ଡାକ୍ତରଖାନାରେ ଉର୍ବଶୀକଁର ଚିକିତ୍ସା କରେଇ ନିରାଶ ହେଇଛନ୍। ଅଁଧ ବିସୁଆସରେ ପରିବାର ଲୋକ୍ ଗୁଣିଗାରେଡି, ଫୁଁକାଝରା, ବଇଦ୍ ଡକେଇ ଝିଁକ୍ ବି ଦେଇ ସାରିଛନ୍। ଡାକ୍ତରକଁର କହେବାର ହିସାବେ ଉର୍ବଶୀକୁଁ ଚଡ ଚିକିତ୍ସା ଲାଗି କଟକ ନେଲେ ସେ ଭଲ ହେଇପାରବେ। ହେଲେ ପରିବାରଟା ନିହାତି ଗରିବ୍, ଉର୍ବଶୀକୁଁ ଚିକିତ୍ସା ଲାଗି କଟକ ନେବାର ସେମାନେ ସପନ୍‌ରେ ବି ଭାବି ନାଇଁପାରବାର। ଇଆଡ଼େ ଉର୍ବଶୀ କାଠ୍ ଲେଖେଁ ଖଟେ ପଡ଼ି ରହିଛନ୍ ହଲ୍‌ଚଲ ହେଇ ନାଇଁପାରବାର। ଖାଲି କଥା ଦୁଇପଦ୍ କହିପାରୁଛନ୍। ଖଟେ ଗଧାମଖା, ଖାନାପିନା, ଝାଡ଼ାଝପଟ କରୁଛନ୍। ଇଆଡ଼େ ସରକାରୀ ସାହାଯ୍ କହେଲେ ଖାଏଦ୍ ସୁରକ୍ଷା ଯୋଜନାରେ ପରିବାରକେ ମିଲିଥିବାର ରାଶନ କାର୍ଡ ଖଁଡ଼େ। ସେନ୍‌ତା ପରିବାରର ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର କାର୍ଡ ଅଛେ। ହେଲେ ସେଟା କାମେ ନାଇଁ ଲାଗୁଥିବାର ପରିବାର ଲୋକ୍ କହିଛନ୍। ଏନ୍‌ତାଥି ଉପେ ଶୁଇନ୍ ପରିବାର ଗଣମାଧ୍ୟମ ଜରିଆରେ ଉର୍ବଶୀକଁର ଚିକିତ୍ସା ସାହାଯ୍ ଲାଗି ରାଏଜ୍ ସରକାର ଆର ଜିଲା ପରଶାସନକୁଁ ଗୁହାରି କରିଛନ୍। ଇ ବାବ୍‌ଦେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ସଞ୍ଜୀବ କୁମାର ନାଏକକୁଁ ପଚ୍‌ରାଲାରୁ ସୋମବାର ଗୁଟେ ଡାକ୍ତରିଦଲ ପଠେଇ ତାକର କାଣା ଅସ୍‌ବିଧା ଅଛେ ପରୀକ୍ଷା କରାଯିବା। ଦରକାର ପଡ଼ଲେ ଉଚ ଚିକିତ୍ସାର ବେବସ୍‌ତା କରାଯିବା ବଲି ସେ କହିଛନ୍। ସେନ୍‌ତା ଥାନୀଅ ସରପଁଚ୍ ରମଣୀ ଦୁରିଆକୁଁ ପଚ୍‌ରାଲାରୁ ଘଟନାଟା ଉପଜିଲାପାଳକଁର ନଜରକେ ଆନବାର ସଂଗେ ରେଡକ୍ରସରୁ କିଛି ଟଁକା ପଏସା ସାହାଯ୍ ଲାଗି କହେମି ବଲି ସେ କହିଛନ୍।



କ୍ଷମତା ଏକ୍ସପ୍ରେସ୍ ଟିମ୍ ସହ ଅନ୍ୟମାନେ।

## କଳାହାଣ୍ଡି ଜିଲାରେ କ୍ଷମତା ଏକ୍ସପ୍ରେସ୍

# ୧୧୬୯ ଦିବ୍ୟାଙ୍ଗ ପଞ୍ଜୀକୃତ

**ଭବାନୀପାଟଣା,୨୨।୧୨(ଡି.ଏନ.ଏ.)**

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡିଶା ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲଥ୍ ସାଇନ୍ସ ଏବଂ ଶ୍ରଦ୍ଧାଞ୍ଜଳି ସଂସ୍ଥାର ମିଳିତ ସହଯୋଗରେ କଳାହାଣ୍ଡି ଜିଲାର ସମସ୍ତ ବ୍ଲକର ଦିବ୍ୟାଙ୍ଗଙ୍କ ଉଦ୍ଦେଶ୍ୟରେ ଜିଲାରେ ୧୦ଟି ସ୍ଥାନରେ କ୍ଷମତା ଏକ୍ସପ୍ରେସ୍ ଶିବିରମାନ ଆୟୋଜିତ ହୋଇଛି। ଏହି ୧୦ଟି ଶିବିରରେ ମୋଟ ୧୧୬୯ ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଛନ୍ତି । ଶିବିରଗୁଡିକରେ ଭିନ୍ନକ୍ଷମ ଚିହ୍ନଟ, କାନ ଏବଂ ସ୍ପିଚ୍ ଥେରାପି, ମାନସିକ ବିକୃତ ସମ୍ବନ୍ଧୀୟ ପରୀକ୍ଷା, ଦୃଷ୍ଟିଶକ୍ତି ପରୀକ୍ଷା, କୃତ୍ରିମ ଅଙ୍ଗପ୍ରତ୍ୟେଙ୍ଗ ପାଇଁ ମାପ, ଫିଜିଓଥେରାପି ସେବା, ଧନ୍ଦାମୂଳକ ଓ ଦକ୍ଷତା ତାଲିମ ନିରୂପଣ ଏବଂ ଅକର୍ମଣ୍ୟ ବ୍ୟକ୍ତିମାନଙ୍କ ଭତ୍ତା ସମ୍ପର୍କିତ ପଞ୍ଜୀକରଣ ଓ ପରାମର୍ଶ, ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ପରାମର୍ଶ ଆଦି ବିଷୟରେ ପରାମର୍ଶ ଦିଆଯାଇଥିଲା। ଶିବିରଗୁଡିକରେ ଜିଲା ପ୍ରଶାସନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଜିଲା ଭିନ୍ନକ୍ଷମ କେନ୍ଦ୍ର ଅଧିକାରୀ ସୁବାଶିଷ ମହାନ୍ତି, ସମସ୍ତ ବ୍ଲକର ବିଡିଓ, ସାମାଜିକ ସୁରକ୍ଷା ଅଧିକାରୀ, ସରପଞ୍ଚ, ଧନ୍ୱନ୍ତରୀ ଆୟୁର୍ବେଦ ଭବାନୀପୋଟଣାର ଡା. ଚିତ୍ତରଞ୍ଜନ ମୁଣ୍ଡ, ଅପ୍‌ଟୋମେଟ୍ରିଷ୍ଟ ଯୁଧିଷ୍ଠିର ପାତ୍ର, ମନୋଜ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଶ୍ରଦ୍ଧାଞ୍ଜଳି ସ୍ୱେଚ୍ଛାସେବୀ ସଂସ୍ଥା ସଭାପତି ଡା. ରାଜେଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲାଞ୍ଜିଗଡ଼ ପଞ୍ଚାୟତ ଅଫିସ

# ୫୫ ବର୍ଷ ହେଲା ଭଡ଼ାଘରେ ଚାଲିଛି

**ଭବାନୀପାଟଣା,୨୨।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ପଞ୍ଚାୟତ କାର୍ଯ୍ୟାଳୟ ଆଜକୁ ୫୫ ବର୍ଷରୁ ଅଧିକ ସମୟ ହେଲା ଭଡାରେ ଚାଲିଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ପଞ୍ଚାୟତର ନିଜସ୍ୱ ଜାଗା ଥିଲେ ମଧ୍ୟ ସେଠାରେ ପଞ୍ଚାୟତ ଗୃହ କରା ନ ଯାଇ ଲାଞ୍ଜିଗଡ ସମବାୟ ସମିତି ଅଫିସ କାର୍ଯ୍ୟାଳୟରେ ଚାଲିବାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ନେଇ ବାରମ୍ବାର ପଞ୍ଚାୟତ ତଥା ବ୍ଲକ ଅଫିସରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ରାଜ୍ୟ ସରକାର ଜିଲାର ଅଧିକାଂଶ ସ୍ଥାନରେ ପଞ୍ଚାୟତ ଅଫିସ ପାଇଁ ନୂତନ କୋଠା ନିର୍ମାଣ କରୁଥିଲେ ମଧ୍ୟ ଲାଞ୍ଜିଗଡ ପ୍ରତି ଅଣଦେଖା କରାଯିବାକୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପଞ୍ଚାୟତ କାର୍ଯ୍ୟାଳୟର ନିଜସ୍ୱ ଗୃହ ନ ଥିବାରୁ ପଞ୍ଚାୟତରେ ବିଭିନ୍ନ ଉନ୍ନତିମୂଳକ କାମ ହୋଇ ପାରୁନାହିଁ । ଭଡାଗୃହରେ ଚାଲିଥିବା ପଞ୍ଚାୟତ କାର୍ଯ୍ୟାଳୟ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ଇସାରାରେ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଭଡାରେ ଚାଲୁଥିବା ନେଇ ଲାଞ୍ଜିଗଡ ସମବାୟ ସମିତି ମ୍ୟାନେଜର ଲିଙ୍ଗରାଜ ରଣାଙ୍କୁ ପଚାରିବାରୁ ଆମେ ପଞ୍ଚାୟତ ଅଫିସ ପାଇଁ ସେମାନଙ୍କୁ ଘର ଦେଇଛୁ । କୌଣସି ଭଡା ସେମାନେ ଦେଉନାହାନ୍ତି। ପଞ୍ଚାୟତ ଅଫିସ ଗୃହ ତିଆରି ହେଲେ ସେମାନେ ସମବାୟ ଅଫିସ ଛାଡିଦେବେ ବୋଲି କହିଥିଲେ। ଗୋଟିଏ ଅଫିସରେ ଦୁଇଟି କାର୍ଯ୍ୟାଳୟ ଚାଲିଥିବାରୁ ଅସୁବିଧାକୁ ରଣା ସ୍ୱୀକାର କରିଥିଲେ। କେବେ ପଞ୍ଚାୟତ ଗୃହ ନିର୍ମାଣ ହେବ ତାହାର କୌଣସି ସୂଚନା ମିଳିପାରିନାହିଁ।




ଭଡାରେ ଚାଲୁଥିବା ଲାଞ୍ଜିଗଡ ପଞ୍ଚାୟତ ଅଫିସ ।

## ଜେଡିସିସି କ୍ରିକେଟ କପ୍: ମାଟିଗାଁ, ଜେଡିସିସି ବିଜୟୀ

**ଜୁନାଗଡ,୨୨।୧୨ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଭୈରବ ପଡିଆଠାରେ ଚାଲିଥିବା ଜୟ ଦୁର୍ଗା କ୍ରିକେଟ କ୍ଲବ କପ ୨୦୧୯-୨୦ର ରବିବାର ଚତୁର୍ଥ ଦିନରେ ମାଟିଗାଁ ଓ ଜେଡିସିସି ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ ମାଟିଗାଁ ଓ ତେନ୍ତୁଳିପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିଣି ମାଟିଗାଁ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରତ ଓଭରରେ ୫ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରିଥିଲା। ଜବାବରେ ତେନ୍ତୁଳିପଡା ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୫୮ ରନ ସଂଗ୍ରହ କରିଥିଲା। ମାଟିଗାଁ ଦଳର ଜୋବିନ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ଆଟିଗାଁ ସହିତ ଆୟୋଜକ ଜୟଦୁର୍ଗା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜେଡିସିସି ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୯୩ ରନ ସଂଗ୍ରହ କରିଥିଲା। ଜବାବରେ ଆଟିଗାଁ ୭ ଉଇକେଟ ହରାଇ ମାତ୍ର ୮୧ ରନ ସଂଗ୍ରହ କରିବାରେ ସଫଳ ହୋଇଥିଲା। ଜେଡିସିସିର ରାଜୁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଶଙ୍କର ପଟ୍ଟନାୟକ ଓ ମାନସ ପାଢୀ ଖେଳ ପରିଚାଳନା କରିଥିବା ବେଳେ ଦ୍ୱିତୀୟ ମ୍ୟାଚକୁ ଶିବ ବାରିକ ଓ ସୁରଜ ମହାଲିକ ପରିଚାଳନା କରିଥିଲେ। ଜାଭେଦ ଖାଁ ଓ ଟଙ୍କଧର ଭୋଇ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଗଜାନନ ଛତ୍ରିଆ, ସଞ୍ଜୀବ ଦାଶ, ବିପିନ ବାଗ ଅତିଥି ଭାବେ ଯୋଗଦେଇଥିଲେ।



ଅମରେନ୍ଦ୍ର ମହାପାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ଅମରେନ୍ଦ୍ର ପାଇଲେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର

**ଭବାନୀପାଟଣା,୨୨।୧୨ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଗତ ୧୯ ଓ ୨୦ ତାରିଖରେ ଭୁବନେଶ୍ୱର ଉତ୍କଳ କଳା ମଣ୍ଡପରେ ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣା ମନ୍ଦାରବଗିଚାପଡା ନିବାସୀ ଅମରେନ୍ଦ୍ର ମହାପାତ୍ର ଚଳଚ୍ଚିତ୍ର ଫେରିଆ ପାଇଁ ୨୦୧୮ ନିମନ୍ତେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ସମ୍ପାଦନା ନିମନ୍ତେ ପୁରସ୍କୃତ ହୋଇଛନ୍ତି। ମହାପାତ୍ର ବର୍ତ୍ତମାନ ସୁଦ୍ଧା ୨ଟି ଓଡିଆ ଚଳଚ୍ଚିତ୍ର ଓ ୨ଟି ଆସାମୀ ଚଳଚ୍ଚିତ୍ର ସମ୍ପାଦନ କରିଛନ୍ତି । ଚଳିତ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ସେ ସୁମା ରିୟଲ୍ ମିଡିଆ ଦ୍ୱାରା ପ୍ରସ୍ତୁତ ଓଡିଆ ଚଳଚ୍ଚିତ୍ର ଫେରିଆ ନିମନ୍ତେ ରାଜ୍ୟସ୍ତରୀୟ ଶ୍ରେଷ୍ଠ ସମ୍ପାଦନା ନିମନ୍ତେ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି । ସୂଚନାଯୋଗ୍ୟ ଯେ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ଫେରିଆ ଚଳଚ୍ଚିତ୍ର ଆଠଗୋଟି ପୁରସ୍କାର ପାଇଛି। କଳାହାଣ୍ଡି ଜିଲାର ପ୍ରଥମ ଯୁବକ ଭାବରେ ଅମରେନ୍ଦ୍ର ମହାପାତ୍ର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ସମ୍ପାଦନା ପୁରସ୍କାର ପାଇଥିବାରୁ କଳାହାଣ୍ଡି କଳାକାର ସଂଘ, ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସ୍ମାରକୀ ନାଟ୍ୟ ଅନୁଷ୍ଠାନ, ପ୍ରତିଭା ଅନୁଷ୍ଠାନ, କାରୁଣ୍ଡ କଳାକେନ୍ଦ୍ର ସମେତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏବଂ ଜିଲାର ବିଭିନ୍ନ ବ୍ୟକ୍ତିବିଶେଷ ଓ କଳାକାର ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ମଣ୍ଡଳ ଧାନ ମଣ୍ଡିରେ ଆଲୋକ ବ୍ୟବସ୍ଥା ନାହିଁ

**ଭବାନୀପାଟଣା,୨୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳ ଧାନମଣ୍ଡିରେ ଆଲୋକ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ରାତିରେ ଚାଷୀ ଏବଂ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅନ୍ଧାର ସୁଯୋଗ ନେଇ ବସ୍ତାରେ ଥିବା ଧାନ ଚୋରି ହେବାର ଆଶଙ୍କା ରହିଛି। ଏ ନେଇ ଆର୍‌ଏମ୍‌ସି ଏବଂ ପ୍ୟାକ୍ସ କର୍ମଚାରୀଙ୍କୁ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଏହାକୁ କେହି ଗୁରୁତ୍ୱ ଦେଉ ନ ଥିବା ଚାଷୀ ଏବଂ ଶ୍ରମିକମାନେ ପ୍ରକାଶ କରିଛନ୍ତି । ଏ ନେଇ ଆର୍‌ଏମ୍‌ସି କର୍ମଚାରୀ ରାହସ ଧଙ୍ଗଡାମାଝିଙ୍କୁ ପଚାରିବାରୁ ଅସ୍ଥାୟୀ ମଣ୍ଡିରେ ପ୍ୟାକ୍ସ ନିଜେ ଆଲୁଅ ବ୍ୟବସ୍ଥା କରିବା କଥା ବୋଲି କହିଥିଲେ। ଏସିଏସ୍‌ଓ ପ୍ରଫୁଲ୍ଲ ଦାସଙ୍କୁ ପଚାରିବାରୁ ଆଲୁଅ କାହିଁ କରାଯାଇ ନାହିଁ ପ୍ୟାକ୍ସ ସମ୍ପାଦକଙ୍କୁ କହୁଛି ବୋଲି ସେ ପ୍ରକାଶ କରିଥିଲେ।

## ମା' ଲଙ୍କେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ

# ମାଟିଗାଁ ଇଲେଭେନ୍ ଷ୍ଟାର ଚାମ୍ପିୟନ

**ଜୁନାଗଡ,୨୨।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ପଞ୍ଚାୟତ ମିଚାଗାଁ ମା' ମାଉଳୀ ଖେଳ ପଡିଆଠାରେ ଗତ ୧୬ ତାରିଖରୁ ଚାଲିଥିବା ମା' ଲଙ୍କେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅପରାହ୍ଣରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ମାଟିଗାଁ (ଇଲେଭେନ ଷ୍ଟାର) ଓ ଭବାନୀପାଟଣା ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଟିଗାଁ ଇଲେଭେନ ଷ୍ଟାର ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳକୁ ସନ୍ତୋଷ ପଧାନ ପରିଚାଳନା କରିଥିବାବେଳେ ତାଙ୍କୁ ଉପେନ୍ଦ୍ର ଶବର ଓ ବାଜିନାତ ହେମ୍ରମ ପରିଚାଳନା କରିଥିଲେ। ନବୀନ କୁମାର ପ୍ରଧାନୀ ଓ ମୁନିୟାର ମାଝି ଧାରବିବରଣୀ ପ୍ରଦାନ କରିଥିଲେ। ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଖେଳ ଶିକ୍ଷକ ବିଦ୍ୟାଧର ପ୍ରଧାନୀ, ସମ୍ମାନିତ ଅତିଥି ଜୁନାଗଡ ବିଜେଡି ବ୍ଲକ ସଭାପତି ପ୍ରମୋଦ କୁମାର ବେହେରା, ତଳମଲା ସରପଞ୍ଚ ଦୁର୍ଶିଳା ମାଝି, ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ର, ପଦ୍ମଲୋଚନୀ ପ୍ରଧାନୀ, ବେଣୁଧର ପ୍ରଧାନୀ, ଗୋବିନ୍ଦ ବାରିକ, ପ୍ରଦ୍ୟୁମ୍ନ ରାଉତ ପ୍ରମୁଖ ଯୋଗଦେଇଥିଲେ। ଗତ ୧୬ ତାରିଖରୁ ଚାଲିଥିବା ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଯୋଗଦେଇଥିଲେ।



ଉଦ୍‌ଯାପନୀ ସମାରୋହରେ ଯୋଗଦେଇଥିବା ଅତିଥି ।

## ବବ୍ରୁବାହାନ ବାଗ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

# ଫାଇନାଲରେ ତେଲିପଲାସ ଦଳ

**କଲମପୁର,୨୨।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳ ପଞ୍ଚାୟତ ଭାଟିଗାଁ କଲୋନୀପଡାଠାରେ ଚାଲିଥିବା ସ୍ୱର୍ଗତ ବବ୍ରୁବାହାନ ବାଗ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ରବିବାର ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ଖେଳ ପୂଝାରିଗୁଡା ଏବଂ ତେଲିପଲାସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ତେଲିପଲାସ ଦଳ ଟସ ଜିଣି ବ୍ୟାଟିଂ କରି ୧୫ ଓଭର ବିନିମୟରେ ୧୧୩ ରନ କରିଥିଲା। ଏହାର ଜବାବରେ ପୂଝାରୀଗୁଡା ଦଳ ୯୩ ରନ କରି ଅଲଆଉଟ ହୋଇ ପରାଜିତ ହୋଇଥିଲା। ତେଲିପଲାସ ଦଳ ପ୍ରଥମ ସେମିଫାଇନାଲ ଖେଳରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ କାଶିବାହାଲ ୟୁଜିବି ବ୍ୟାଙ୍କ କେସିୟର କୋଦଣ୍ଡ ବାଗ, ସମ୍ମାନିତ ଅତିଥି ଭାବେ ୱାର୍ଡ ସଭ୍ୟ ପ୍ରମୋଦ ବାଗ ମଞ୍ଚାସୀନ ଥିଲେ। ଖେଳକୁ ବୁଦ୍ଧଦେବ ବାଗ ଏବଂ ଶ୍ରବଣ ଭୋଇ ପରିଚାଳନା କରିଥିଲେ। ବବ୍ରୁବାହାନ ଲହଦଲ ଏବଂ ଝାଡେଶ୍ୱର ଦୁର୍ଗା ଧାରାବିବରଣୀ କାର୍ଯ୍ୟ ତୁଲାଉଛନ୍ତି। କମିଟିର ଛନ୍ଦାଚରଣ ଝାଙ୍କର, ସଞ୍ଜୟ ବାଗ, କୁନୁ ଝାଙ୍କର, କୃଷ୍ଣ ବିଶ୍ୱାଳ, ଯୋଗୀ ବାଗ, ବିଷ୍ଣୁ ବାଗ, ରାହୁଲ ବାଗ, କାଳିଆ ବାଗ ପ୍ରମୁଖ ସହଯୋଗ କରୁଛନ୍ତି । ଦ୍ୱିତୀୟ ସେମିଫାଇନାଲ ଖେଳ ଗୁମାବାହାଲ ଏବଂ ସୁନ୍ଦରିଯୋର ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ହେବ।



ମ୍ୟାନ ଅଫ୍ ଦି ମ୍ୟାଚ ତେଲିପଲାସର ଭୁପେଶ ନିଆଁଲଙ୍କୁ ପ୍ରଦାନ କରାଯାଉଛି।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ଅରିଗାଁ-ବିନିକା ଆଞ୍ଚଳିକ ଧନୁଯାତ୍ରା ଉଗ୍ରସେନ ଗାଦିଚ୍ୟୁତ, କଂସଙ୍କ ସିଂହାସନ ଆରୋହଣ

ବିନିକା.୨୨।୧୨ (ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ଅରିଗାଁଠାରେ ବିନିକା-ଅରିଗାଁ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଦିବସ କାର୍ଯ୍ୟକ୍ରମରେ ମଥୁରା ନଗରୀରେ ଦେବକୀ ବସୁଦେବଙ୍କ ବିବାହ, ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି କଂସ ସିଂହାସନ ଆରୋହଣ କରିଛନ୍ତି। ଦୈବବାଣୀ ଶୁଣି କଂସ ବିଚଳିତ ହେବା ପରେ ପିତା ଉଗ୍ରସେନଙ୍କୁ କଟୁଆଳ ଭାବେ ନିୟୋଜିତ କରି ଦେବକୀ ବସୁଦେବଙ୍କୁ କାରାଗାରକୁ ପ୍ରେରଣ କରଛନ୍ତି। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି ସବୁ ନାଟ୍ୟାଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଶନିବାର ସନ୍ଧ୍ୟାରେ ଧନୁଯାତ୍ରା ମହୋତ୍ସବକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିନିକା ତହସିଲଦାର ତ୍ରିପୁର ମହାନନ୍ଦ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିନିକା ଥାନା ଆଇଆଇସି କୁଶ ପାଣିଗ୍ରାହୀ, ଯୁବ ଉଦ୍ୟୋଗୀ ପ୍ରତାପ ଭାରତୀ ଯୋଗଦେଇଥିଲେ। ସଭାରେ ଅଧକ୍ଷତା କରିଥିଲେ ଅରିଗାଁ-ବିନିକା ଆଞ୍ଚଳିକ ଧନୁଯାତ୍ରା କମିଟି ସଭାପତି ବିଶ୍ୱମ୍ଭର ମିଶ୍ର। ଉଦ୍‌ଘାଟନୀ ପୂର୍ବରୁ ଗୌନ୍ତିଆ ସୁଯୋଗ ମିଶ୍ରଙ୍କ ସହିତ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ମାହେଶ୍ୱରୀ ମନ୍ଦିରରୁ ଆଜ୍ଞାମାଳ ଘେନି ଯାତ୍ରା ପଡିଆ ରଙ୍ଗମଞ୍ଚ ଅଭିମୁଖେ ଯାତ୍ରା କରିଥିଲେ। ରଙ୍ଗମଞ୍ଚରେ ରିତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ମହୋତ୍ସବର ଶୁଭ ଉଦ୍‌ଘାଟନ ହୋଇଥିଲା। ପ୍ରଥମ ରଜନୀରେ ରଙ୍ଗମଞ୍ଚରେ ମଥୁରା ନରେଶ ଚିତ୍ରସେନ ଓ ପାତ୍ର ମନ୍ତ୍ରୀଙ୍କ ସଭା, ଯୁବରାଜ କଂସଙ୍କ ସ୍ୱର୍ଗ ଆକ୍ରମଣ ଓ ଦୁର୍ମିଳାସୁର ବଧ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଏହି ଧନୁଯାତ୍ରା ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଚାଲିବ।

### ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବିନିକା, ୨୨।୧୨(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅନ୍ତର୍ଗତ ସେଣ୍ଟଭେଲି ଆବାସିକ ଉଚ୍ଚ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ହ୍ୟୁମାନ ଡେଭ୍‌ଲପମେଣ୍ଟ ରିସର୍ଚ୍ଚ ଫାଉଣ୍ଡେସନ ସଭାପତି ପ୍ରଶାନ୍ତ କୁମାର ପୂଜାହାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ବାଣିଜ୍ୟ ପରିବହନ ଓ ଯୋଜନା ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସୋନପୁର କଲେଜର ଅବସରପ୍ରାପ୍ତ ଅଧକ୍ଷ କ୍ୟାପଟେନ୍ ରାମସ୍ୱାମୀ ମହାପାତ୍ର ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ପ୍ରମୋଦ କୁମାର ପଣ୍ଡା ଯୋଗ ଦେଇଥିଲେ। ପଞ୍ଚାନନ ନାଏକ ସ୍ୱାଗତ ଭାଷଣ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଳଗୋପାଳ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ସେଣ୍ଟ୍‌ଭେଲି ହାଇସ୍କୁଲର ଶିକ୍ଷକ ସୁଦାମ ନାଏକ ସଭା ସଂଯୋଜନା କରିଥିବା ବେଳେ ନିତ୍ୟାନନ୍ଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ଜିଲାସ୍ତରୀୟ ଓଷ୍ଟା ଶିଶୁମେଳା ଉଦ୍‌ଯାପିତ

# ଶିଶୁର ଅନ୍ତର୍ନିହିତ ପ୍ରତିଭାର ବିକାଶ ହିଁ ଲକ୍ଷ୍ୟ

ବଲାଙ୍ଗୀର ଅଫିସ,୨୨।୧୨

ବଲାଙ୍ଗୀର ପତିତପାବନ ଏକାଡେମୀଠାରେ ରବିବାର ଜିଲାସ୍ତରୀୟ ଓଷ୍ଟା ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୪ଟି ବ୍ଲକର ୧୪୦ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଷ୍ଟା ଜିଲା କାର୍ଯ୍ୟକାରୀ ସଭାପତି ଛାୟାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଉପଦେଷ୍ଟା ପୁରନ୍ଦର ଦାସ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସକରାତ୍ମକ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରି ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହିଁ ଲକ୍ଷ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ରିଚପାଲ ସାଗର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉପଯୁକ୍ତ ସୁଯୋଗ ମିଳିଲେ ସେମାନଙ୍କ ଭିତରେ ଥିବା ପ୍ରତିଭା ପ୍ରକଟିତ ହେବ ବୋଲି କହିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଚାରୁବାଳା ଦେବୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ବାବୁ, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଜଳନ୍ଧର ମହାକୁଡ, ପୁଇଁତଲା ବ୍ଲକ୍ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ ମଞ୍ଚାସୀନ ହୋଇଥିଲେ। ଜିଲା ସମ୍ପାଦକ କୁଶଧ୍ୱଜ ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମେଳାରେ ଏକକ ନୃତ୍ୟରେ କାମିନୀ ସାହୁ, କୁଇଜ୍‌ରେ ସମୀର ସ୍ୱାଇଁ, ସାଧାରଣଜ୍ଞାନରେ ବୁଦ୍ଧେଶ୍ୱର ବାରିକ, ଏକକ ଅଭିନୟରେ ଭୂମିକା ରଣା, କବିତା ଆବୃତ୍ତିରେ ସୋନି ଶତପଥୀ, କଣ୍ଠ ସଙ୍ଗୀତରେ ଖୁସବୁରାଣୀ ପୁଞ୍ଜି, ଗଳ୍ପ ଲିଖନରେ ବିଦ୍ୟା ମେହେର, କବିତା ରଚନାରେ ଫୁଲମତି ମୁନା, ଚିତ୍ରାଙ୍କନରେ ଶତ୍ରୁଘ୍ନ ରଣା, ତର୍କରେ ଦେବସ୍ମିତା ଭୋଇ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି।

ଅପରାହ୍ନରେ ଜିଲା କାର୍ଯ୍ୟକାରୀ ସଭାପତି ଛାୟାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନ ଓ ଶୃଙ୍ଖଳା ଜ୍ଞାନ ଉପରେ କହିଥିଲେ। ମୁଖ୍ୟବକ୍ତା ରାଜ୍ୟ ଓଷ୍ଟା ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ଯୋଗଦେଇ ଶିଶୁର ପ୍ରତିଭା ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଆବଶ୍ୟକ ବୋଲି କହିଥିଲେ। ଜିଲା ସମ୍ପାଦକ କୁଶଧ୍ୱଜ ସାହୁ, ଓଷ୍ଟା ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଜଳନ୍ଧର ମହାକୁର ମଞ୍ଚାସୀନ ଥିଲେ। ବିଚାରକ ଭାବେ ରାମଚନ୍ଦ୍ର ପଟେଲ, ଦିଲୀପ ସିଂଦେଓ, ପିଙ୍କି ତ୍ରିପାଠୀ, ଡ. ଚିନ୍ତାମଣି ସାହୁ, କସ୍ତୁବ ତ୍ରିପାଠୀ, ଭବାନୀ ଶଙ୍କର ପଟେଲ, ସଞ୍ଜୟ ଶତପଥୀ, ନେପାଳ ଚନ୍ଦ୍ର ବାଗ, ଭକ୍ତ ମିଶ୍ର, ହରେକୃଷ୍ଣ ସାହୁ, ଶିବାନନ୍ଦ ତ୍ରିପାଠୀ, ରବି ନାରାୟଣ ମହାନ୍ତି, ନେତ୍ରାନନ୍ଦ ପଣ୍ଡା, ଅଙ୍ଗିରା ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ବ୍ଲକ ଓଷ୍ଟା ସଭାପତି ସୁରେଶ କୁମାର ଷଡଙ୍ଗୀ, ପାଟଣାଗଡ଼ ଓଷ୍ଟା ସମ୍ପାଦକ ସଞ୍ଜୀବ ହୋତା, ପ୍ରଦୀପ ସ୍ୱାଇଁ, ଆଗଲପୁର ବ୍ଲକ ସମ୍ପାଦକ ତାରାକାନ୍ତ ମିଶ୍ର, ଲୋଇସିଂହା ବ୍ଲକ ସମ୍ପାଦକ ଅବନୀକାନ୍ତ ତ୍ରିପାଠୀ, ସଞ୍ଜୟ ମିଶ୍ର, ରଞ୍ଜିତ ମିଶ୍ର, ସହଦେବ ଥାପା, ଅଞ୍ଜନା ଜେନା, ଶୁଭେନ୍ଦ୍ର ମହାନ୍ତି, ରଞ୍ଜିତା ମିଶ୍ର, ବଲ୍ଲଭ ପୁଞ୍ଜି, ମନୋଜ ମେହେର, ସୋମନାଥ ବିଶ୍ୱାଲ ଓ ନାରାୟଣ ମିଶ୍ର ସହଯୋଗ କରିଥିଲେ। ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଚଳିତ ମାସ ୨୭ ରୁ ୨୯ ତାରିଖ ତିନି ଦିନ ଧରି ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ ବୋଲି ଜିଲା ସମ୍ପାଦକ ସାହୁ ସୂଚନା ଦେଇଛନ୍ତି।




ଜିଲାସ୍ତରୀୟ ଓଷ୍ଟା ଶିଶୁମେଳାରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

### ଜାତୀୟ ଗଣିତ ଦିବସ ଅବସରରେ ମେଳା

ସୋନପୁର,୨୨।୧୨(ନି.ପ୍ର.)

ସୋନପୁର ସହରସ୍ଥିତ ବଡବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଯୁବ ଓ ଇକୋ କ୍ଲବ ଆନୁକୂଲ୍ୟରେ ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମଦିନ ତଥା ଜାତୀୟ ଗଣିତ ଦିବସରେ ଏକ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ୫୦ଟି ଗଣିତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଏକ ଗଣିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗତ ସମାପ୍ତିମୂଳକ ଆକଳନରେ ଗଣିତରେ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶ୍ୟାମସୁନ୍ଦର ସୁନା, ସଭ୍ୟ ଦକ୍ଷ ସାଗର, ସଭ୍ୟା ଗୌରି ସୁନା ଓ ସୁମିତ୍ରା କୁଶଳ ଅତିଥିଭାବେ ଯୋଗ ଦେଇଥିଲେ। କ୍ଲବର ନୋଡାଲ ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀଙ୍କ ସମେତ ଶିକ୍ଷୟିତ୍ରୀ ଓ ଶିକ୍ଷକ ରାଜଶ୍ରୀ ପାଣିଗ୍ରାହୀ, ରାଜଲକ୍ଷ୍ମୀ ସାହୁ, ମିତାମଞ୍ଜରୀ ମହାରଣା, ଅଞ୍ଜଳି ମହାରଣା, ଜୟଶ୍ରୀ ମହାପାତ୍ର ଓ ନରେନ୍ଦ୍ର ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ

ଟିଟିଲାଗଡ଼,୨୨।୧୨(ଡି.ଏନ.ଏ.)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି, ଅତିଥି ଭାବେ ଗୟାଧର ମହାନ୍ତି, ମୁଖ୍ୟବକ୍ତା ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାୟକ, ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଅଲେଖ ଦଳବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ତେଜକୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଇସ୍ରୋକୁ ଆମନ୍ତ୍ରିତ କୃତୀ ଛାତ୍ର ଅବିନାଶ ପ୍ରଧାନ, ମାଟ୍ରିକ ବୋର୍ଡ ପରୀକ୍ଷାରେ ବଲାଙ୍ଗୀର ଜିଲା ଟପରଙ୍କ ସମେତ ବ୍ଲକ, ଜିଲା ତଥା ରାଜ୍ୟସ୍ତରରେ କୃତିତ୍ୱ ହାସଲ କରିଥିବା ୩୦ଜଣ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ୪୯ଜଣ ଗୁରୁମା, ଗୁରୁଜୀଙ୍କ ସହ ଅଭିଭାବକ ତଥା ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ ପରିଚାଳନା କମିଟି ସଦସ୍ୟା ରତ୍ନମଞ୍ଜରି ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ ବିଚିତ୍ରା ପରିବେଷଣ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

### ଏକଦିବସୀୟ ଫୁଟ୍‌ବଲ: ବରପାଲି ଚାମ୍ପିୟନ

ବିନିକା,୨୨।୧୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସିସ୍ଥିତ ଉର୍ଲେ ତାରାପୁରଗଡ ଖେଳ ପଡିଆରେ ରବିବାର ଏକଦିବସୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉର୍ଲେ ଗ୍ରାମ ରଘୁନାଥ କ୍ଲବର ବରିଷ୍ଠ ସଦସ୍ୟ ରଘୁନାଥ ପଣ୍ଡା ଟୁର୍ନାମେଣ୍ଟର ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସଡକ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ଆୟୋଜକ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଆର୍‌ଏମ୍‌ସି ସେକ୍ରେଟେରୀ ଉଦିତ୍ ବାବୁ ଯୋଗ ଦେଇଥିଲେ। ମୋଟ ୮ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ବରପାଲି ଏବଂ ଉର୍ଲେ ମଧ୍ୟରେ ହୋଇଥିଲା। ଉର୍ଲେ ଦଳକୁ ୧-୦ଗୋଲରେ ପରାସ୍ତ କରି ବରପାଲି ଚାମ୍ପିୟନ ବିବେଚିତ ହୋଇଥିଲା। ବରପାଲି ଦଳକୁ ବିଜେତା ଟ୍ରଫି ଓ ଉର୍ଲେକୁ ଉପବିଜେତା ଟ୍ରଫି ମିଳିଥିଲା।

ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ଉପଲକ୍ଷେ ରକ୍ତଦାନ ଶିବିର

## ୨୦୬ ୟୁନିଟ୍ ରକ୍ତ ସଂଗ୍ରହ

ବଲାଙ୍ଗୀର ଅଫିସ,୨୨।୧୨

ବଲାଙ୍ଗୀର ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ଉପଲକ୍ଷେ ଆଲୁମ୍ନି ଆସୋସିଏଶନ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଏହି ଉପଲକ୍ଷେ ରବିବାର କଲେଜର ନୂଆ କମର୍ସ ବ୍ଲକ ପରିସରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବୁର୍ଲାସ୍ଥିତ ଭିମ୍‌ସାର ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତୀ ବିଭାଗ ସହକାରୀ ପ୍ରଫେସର ଡା ବେଣୁଧର ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ରାଜେନ୍ଦ୍ର କଲେଜର ବର୍ତ୍ତମାନ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର ଏବଂ ପ୍ରସ୍ତାବିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନ ୬୫ କଲେଜର ଛାତ୍ରୀଛାତ୍ରମାନେ ରକ୍ତଦାନ୍ କରିଥିଲେ। ଶିବିରରେ ୨୦୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମରେ ରାଜେନ୍ଦ୍ର କଲେଜ ଅଧ୍ୟକ୍ଷ ପ୍ରଫେସର ବିନୟ କୁମାର ଜେନା, ଆଲୁମ୍ନି ଆସୋସିଏଶନ୍ ସଭାପତି ଲଳିତ କୁମାର ନାୟକ, ସମ୍ପାଦକ ଅରବିନ୍ଦ ଦାସ, ରାଜେନ୍ଦ୍ର କଲେଜ ଛାତ୍ର ସଂସଦ ପୂର୍ବତନ ସଭାପତି ଗୋପାଳ ନାୟକ, ସୁଧୀର ଚାନ୍ଦ, ରତନ ମହାରଣା, ମନୀଷ ମିଶ୍ର, ବ୍ୟାସଦେବ ନନ୍ଦ, ପ୍ରେମପ୍ରକାଶ ମିଶ୍ର, ନୂତନ ଦାସ, ଭବାନୀ ଶଙ୍କର ଶତପଥୀ, ବିଷ୍ଣୁପ୍ରସାଦ କେଡିଆ, ବିଧୁଭୂଷଣ ତ୍ରିପାଠୀ, ଦେବରାଜ ମିଶ୍ର, ସୁମନ୍ ନନ୍ଦ, ବ୍ୟାସଦେବ ପଣ୍ଡା, ଅଙ୍କିତ ସାହୁ, ମନୋଜ ମିଶ୍ର, ସୁରମ୍ୟ ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସ୍ୱେଚ୍ଛାକୃତ ଭାବେ ରକ୍ତଦାତାମାନେ ରକ୍ତଦାନ କରିବା ସହ ରାଜେନ୍ଦ୍ର କଲେଜର ପ୍ଲାଟିନମ୍ ଜୁବଲିକୁ ଆକର୍ଷଣୀୟ କରିବାକୁ ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିବାକୁ ନିଷ୍ପତ୍ତି ନେଇଥିଲ।



ରାଜେନ୍ଦ୍ର କଲେଜର ପ୍ଲାଟିନମ୍ ଜୁବିଲି ଅବସରରେ ଅନୁଷ୍ଠିତ ମେଗା ରକ୍ତଦାନ ଶିବିରରେ ରକ୍ତଦାତାମାନେ ରକ୍ତଦାନ କରୁଛନ୍ତି।

## ବୁଦାମୂଳରୁ ଉଦ୍ଧାର ଶିଶୁ ମା' କୋଳକୁ ଫେରିଲା

ସୋନପୁର,୨୨।୧୨(ନି.ପ୍ର.)

ଜନ୍ମାଷ୍ଟମୀ ଦିନ ବୁଦାମୂଳରୁ ଉଦ୍ଧାର ହୋଇ ପୌଷ୍ୟସନ୍ତାନ ଗ୍ରହଣ କେନ୍ଦ୍ରରେ ଥିବା ଶିଶୁ ରବିବାର ନିଜ ମା'ଙ୍କ କୋଳକୁ ଫେରିଛି। ଲାବୋରେଟୋରିରେ ଶିଶୁର ପରୀକ୍ଷା ଓ ସମସ୍ତ ଆଇନଗତ ପ୍ରକ୍ରିୟା ପରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ହିମାଂଶୁ ଭୂଷଣ ନାୟକ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଶିଶୁଟିକୁ ତା ଜନ୍ମଦାତ୍ରୀଙ୍କୁ ହସ୍ତାନ୍ତର କରିଛନ୍ତି। ଗତ ଅଗଷ୍ଟ ୨୩ତାରିଖରେ ଉଲୁଣ୍ଡା ବ୍ଲକ କୁକୁଆ ଗ୍ରାମର ବନ୍ଧପାର୍ଶ୍ୱ ବୁଦାମୂଳରେ ଏକ ନବଜାତକ କାନ୍ଦୁଥିବାର ସୂଚନା ମିଳିଥିଲା। ଗ୍ରାମର ରଞ୍ଜନ ବଗର୍ତ୍ତି ଶିଶୁପୁତ୍ରକୁ ଉଦ୍ଧାର କରି ସ୍ଥାନୀୟ ଆଶାକର୍ମୀ ଓ ସୁପରଭାଇଜରଙ୍କ ସହାୟତାରେ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ମୁଖ୍ୟ ଚିକିତ୍ସାଳୟର ଏସଏନସିୟୁରେ ଶିଶୁର ଚିକିତ୍ସା ହୋଇଥିଲା। ସୁସ୍ଥ ହେଲା ପରେ ଶିଶୁକୁ ଜିଲା ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରାଯାଇଥିଲା। ସେହିଦିନଠାରୁ ଶିଶୁପୁତ୍ରକୁ ପଟାଭାଡିସ୍ଥିତ ପୌଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଥିଲା। ଜନ୍ମଦାତ୍ରୀଙ୍କୁ ଚିହ୍ନଟ ପରେ ସେ ଶିଶୁକୁ ଗ୍ରହଣ କରିବା ପାଇଁ ରାଜି ହୋଇଥିଲେ। ଶିଶୁ ହସ୍ତାନ୍ତର କାର୍ଯ୍ୟକ୍ରମ ସମୟରେ ଶିଶୁ ମଙ୍ଗଳ କମିଟି ସଭ୍ୟ ମଧୁସୂଦନ ପ୍ରଧାନ, ଶିଶୁ ସୁରକ୍ଷା ୟୁନିଟ୍‌ର ସରିତା ସୁନା, ସା ପରିଚାଳକ ମୃତ୍ୟୁଞ୍ଜୟ ଭୁଜବଳ ଓ ତ୍ରିନାଥ ସାହୁ ଉପସ୍ଥିତ ଥିଲେ।

## ଭୁଲ୍ ଶିକ୍ଷାନୀତି ଛାତ୍ର ଓ ସମାଜକୁ ବିଭାଜିତ କରୁଛି: ନରସିଂହ

ବଲାଙ୍ଗୀର ଅଫିସ,୨୨।୧୨

ସ୍ୱାଧୀନତାର ୭୨ ବର୍ଷ ପରେବି ଛାତ୍ରମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି। ଛାତ୍ର ସମାଜ ଜାଣିବା ଦରକାର କେବଳ ଗୁଣାତ୍ମକ ଶିକ୍ଷା ହିଁ ସମାଜକୁ ଅର୍ଥନୈତିକସ୍ତରରେ ଆଗକୁ ନେଇ ପାରିବ ଏହି କଥା ଦେଶର ଛାତ୍ରମାନେ ବୁଝିସାରିଛନ୍ତି। ସରକାରଙ୍କ ଭୁଲ ଶିକ୍ଷାନୀତି ଯୋଗୁ ଦେଶ, ସମାଜ ଓ ଛାତ୍ରଶକ୍ତି ଆଜି ବିଭାଜିତ ବୋଲି ମଣ୍ଟେସୋରୀ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ନରସିଂହ ମିଶ୍ର କହିଥିଲେ। ବୀରେନ୍ଦ୍ର କୁମାର ଉଦ୍‌ଗାତାଙ୍କ ସଂଯୋଜନାରେ ଆରମ୍ଭ ହୋଇଥିବା ସଭାରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ. ଶିବପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ଅଭିନେତା ରତନ ମେହେର, ଏସ୍‌ଆଇଏଚ୍‌ଏମ୍ ଅଧକ୍ଷ ସୁରେଶ କୁମାର ଏକନାଥ ଓ ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଶୀତଲ ପଟ୍ଟନାୟକ, ଜୁନିୟର ମଣ୍ଟେସୋରୀ ପବ୍ଲିକ ସ୍କୁଲ ଅଧକ୍ଷା ସଞ୍ଜୁକ୍ତା ମିଶ୍ର, ସ୍କୁଲ ଚେୟାରମେନ ରବିଚନ୍ଦ୍ର ଉଦ୍‌ଗାତା ମଞ୍ଚାସୀନ ଥିଲେ। ଏହି ଅବସରରେ ନିର୍ମାଣ ହେବାକୁ ଥିବା ସ୍କୁଲର ନିଜସ୍ୱ କୋଠାରେ ଏକ ଡିଜିଟାଲ ସାଇଟ୍ ମ୍ୟାପ୍‌କୁ ମୁଖ୍ୟଅତିଥି ବିଧାୟକ ମିଶ୍ର ଅନାବରଣ କରିଥିଲେ। ପରେ ସ୍କୁଲ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଏକ ଫୁଡ ଫେଷ୍ଟିଭାଲର ଆୟୋଜନ କରାଯାଇଥିଲା।




ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖୁଛନ୍ତି।

## ଦୁର୍ଗେଶ୍ୱରୀ ଫୁଟବଲ: ଦେଓଗାଁ ଚାମ୍ପିୟନ

ଉଲୁଣ୍ଡା, ୨୨।୧୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପୋଢଟିକିରା ଦୁର୍ଗେଶ୍ୱରୀ କ୍ଲବ ତରଫରୁ ରବିବାର ଚତୁର୍ଥତମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ପଡିଆରେ ଖେଳାଯାଇଥିବା ଫାଇନାଲ ଖେଳରେ ଦେଓଗାଁ ଦଳ ବିଶିପଡାକୁ ଟାଇବ୍ରେକର ୬-୫ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହା ପୂର୍ବରୁ ଖେଳାଯାଇଥିବା ଲିଗ ମ୍ୟାଚଗୁଡିକରେ ବିଶିପଡା ଦଳ କୁତାମୁଣ୍ଡାକୁ ୧-୦, ଦେଓଗାଁ ଦଳ କଳାପଥରକୁ ଟାଇବ୍ରେକର ଜରିଆରେ ୭-୬, ଘିଚାପାଲି ଦଳ ମାଲିସିରିଗିଡିକୁ ୧-୦ ଏବଂ ପୋଢଟିକିରା ଦଳ ପଣ୍ଡକିପାଲିକୁ ୪-୩ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ପ୍ରଥମ ସେମିଫାଇନାଲରେ ବିଶିପଡା ଦଳ ଘିଚାପାଲିକୁ ୩-୨ ଏବଂ ଦ୍ୱିତୀୟ ସେମିଫାଇନାଲରେ ଦେଓଗାଁ ଦଳ ପୋଢଟିକିରାକୁ ୪-୨ ଗୋଲରେ ପରାସ୍ତ କରି ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ପ୍ରଶାନ୍ତ ସେଠୀ, ସୁଦାମ ଜଗଦଲା, ଅଜିତ ନାୟକ, ସିଦ୍ଧାର୍ଥ ପାତ୍ର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା ଓ ଜଗଦୀଶ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖେଳପ୍ରେମୀ ବିହାରିଲାଲ ମିଶ୍ର, ରମେଶ ମାହାର, ଲକ୍ଷ୍ମୀବଲ୍ଲଭ ପଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପରେ ଆୟୋଜକ ସଭାପତି ଗୋପୀନାଥ ପୋଢଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ମନୋରଞ୍ଜନ ପୋଢଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ଝସକେତନ ବଘାର, ସନ୍ତୋଷ ଭୁକ୍ତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ବିଜେତା ଦେଓଗାଁ ଦଳକୁ ଟ୍ରଫିସହ ୩ ହଜାର ଏବଂ ଉପବିଜେତା ବିଶିପଡା ଦଳକୁ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଲକ୍ଷ୍ମଣ ପାଣିଗ୍ରାହୀ, ଟିକେଶ୍ୱର ପୋଢ, ରାଧେଶ୍ୟାମ ପାଣିଗ୍ରାହୀ, ଦିଲୀପ ପୋଢ, ବିଜୟ ପୋଢ, ସନାତନ ନାଏକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।



ଜ୍ଞାନୀ ଲୋକମାନେ ଧନନଷ୍ଟ କିମ୍ବା ମୃତ୍ୟୁ ପାଇଁ ଶୋକ କରନ୍ତି ନାହିଁ।

- ବ୍ୟାସଦେବ



## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ କୀର୍ତ୍ତନ ଗୁରୁଙ୍କ ପରଲୋକ

ବଡ଼ଗାଁ, ୨୨।୧୨ (ଡି.ଏନ.ଏ)- ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତର କୁରେଇବଗା ଗ୍ରାମର କୀର୍ତ୍ତନ ଗୁରୁ ନୃପଲାଲ ମାଝି (୬୫)ଙ୍କ ପରଲୋକ ହୋଇଛି। ଶନିବାର ସନ୍ଧ୍ୟାରେ ସେ ତୁଡାଲଗା ନିକଟ ରଙ୍ଗବତୀ ଢ଼ାବା ସମ୍ମୁଖ ୧୦ନଂ. ରାଜ୍ୟ ରାଜପଥ ଡିଭାଇଡରକୁ ଡେଇଁ ସାଇକେଲରେ ରାସ୍ତା ଅତିକ୍ରମ କଲାବେଳେ କାର ଧକ୍କା ଦେଇଥିଲା। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବଡଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରି ସୁନ୍ଦରଗଡ ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ନୃପଲାଲ କୀର୍ତ୍ତନ ଗୁରୁ ସହିତ ଧନୁ ଚାଳନାରେ ପାରଙ୍ଗମ ଥିଲେ। କବିରାଜ କାର୍ଯ୍ୟ, ନାଟକରେ ଅଭିନୟ ଓ ଆଶୁ କବି ଭାବେ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିଲେ। ଖେଳପ୍ରେମୀ ନୃପଲାଲ ବହୁମୁଖି ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ ପାଇଛି।

■ ଥଇଥାନ, ପାରିପାର୍ଶ୍ୱିକ ବିକାଶ ଉପଦେଷ୍ଟା କମିଟି ବୈଠକ

# ଦାବି ଦୋହରାଇଲେ ବିସ୍ଥାପିତ ସଂଘ କର୍ମକର୍ତ୍ତା

ରାଉରକେଲା ଅଫିସ, ୨୨।୧୨




ଥଇଥାନ ଓ ପାରିପାର୍ଶ୍ୱିକ ବିକାଶ ଉପଦେଷ୍ଟା କମିଟି ବୈଠକରେ ଲୋକ ପ୍ରତିନିଧି, ସରକାରୀ ଅଧିକାରୀ।

ଉଦିତନଗର ଆଇଟିଡିଏ ହଲ ଠାରେ ସୁନ୍ଦରଗଡ ଜିଲାର ୬ଷ୍ଠତମ ଥଇଥାନ ଓ ପାରିପାର୍ଶ୍ୱିକ ବିକାଶ ଉପେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଟି ଆପାଙ୍ଗ ଆଓଙ୍କ ଅଧକ୍ଷତା କରିଥିଲେ। ଏହି ବୈଠକରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ, ବିଧାୟକ ସାରଦା ନାୟକ, ବିଧାୟକ ରାଜଗାଙ୍ଗପୁର ଡ. ରାଜନ ଏକ୍କା, ବିଧାୟକ ବୀରମିତ୍ରପୁର ଶଙ୍କର ଓରାମ, ଜିଲା ପରିଷଦ ଅଧକ୍ଷା ଏମ୍ମା ଏକ୍କା ଇଡି ଆରଏସପି ରାବୀର ସିଂ, ରାଉରକେଲା ଏଡିଏମ ଡ. ୟେଦୁଲ୍ଲା ବିଜୟ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ପ୍ରସଙ୍ଗ ନେଇ ମତ ବିନିମୟ କରିଥିଲେ। ପ୍ରାରମ୍ଭ ରାଜସ୍ୱ ଆୟୁକ୍ତ ଆଓ ପୂର୍ବ ବୈଠକ ନିସ୍ପତି ଉପରେ ଆଲୋକପାତ କରିଥିଲେ। ଏଥିରେ ବିସ୍ଥାପିତ ସଂଘ କର୍ମକର୍ତ୍ତା ଉପସ୍ଥିତ ରହି ସେମାନଙ୍କ ଦାବି ଦୋହରାଇ ଥିଲେ। ବାରମ୍ବାର ଥଇଥାନ ନେଇ ବୈଠକ ଡକାଯିବା ସତ୍ତ୍ୱେ ଏଥିରୁ ସୁଫଳ ମିଳି ନ ଥିବାରୁ ଅସନ୍ତୋଷ ଶୁଣାଯାଇଥିଲା। ଏହା ଉପରେ ଆର୍‌ଏସପି କର୍ତ୍ତୃପକ୍ଷ ଅଗ୍ରାଧିକାର ଭିତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପସ୍ଥିତ ଅଧିକାରୀ ପରାମର୍ଶ ପ୍ରଦାନ କରିଥିଲେ। ଏକ ସବକମିଟି ଗଠନ କରାଯାଇ ବିସ୍ଥାପିତଙ୍କ ଦାବିକୁ ନିୟମିତ ଭାବେ ସମୀକ୍ଷା ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଏଥିରେ ନିସ୍ପତି ନିଆଯାଇଥିଲା। ସେହିଭଳି ବିସ୍ଥାପିତ କଲୋନୀ ମାନଙ୍କରେ ଆରଏସ୍‌ପି ପକ୍ଷରୁ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକୁ କାର୍ଯ୍ୟକାରୀ କରାଇବା ପୂର୍ବରୁ ଏହାର ଉଚିତ ଅନୁମତି ତଥା ଅନୁମୋଦନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ କ୍ଷେତ୍ରରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଆପଣାଇବା ଉଚିତ ବୋଲି କୁହାଯାଇଥିଲା। ଏହି ବୈଠରେ ବିଭିନ୍ନ ବିସ୍ଥାପିତ ସଂଘ ନେତା ଉପସ୍ଥିତ ଥିଲେ।

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଭବାନୀପାଟଣା,୨୨।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନାଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର କରଯାଇଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲା ଥୁଆମୂଳ ଥାନା ଗୋପାଳପୁର ପଞ୍ଚାୟତ ଲୋହରାଯୋର ଗାଁର ଦୁର୍ଗା ନାଏକ (୨୩)। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣା ଦୁଇ ବର୍ଷ ପୁରୁଣା ବୋଲି ଯୁବତୀ ଜଣକ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗମତେ, ୨୦୧୭ ଜାନୁୟାରୀରେ ଦୁର୍ଗା ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ତାଙ୍କୁ ବଳାତ୍କାର କରିବା ପରେ ଫେରାର ହୋଇଥିଲେ। ସେତେବେଳକ ଯୁବତୀ ଜଣକ ନାବାଳିକା ଥିଲେ। ଲୋକଲଜ୍ଜା ଭୟରେ ପୋଲିସ ସାମ୍ନାକୁ ଆସି ପାରି ନ ଥିଲା ବୋଲି ଯୁବତୀ କହିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଦୁର୍ଗାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

କାରଖାନା ପ୍ରଦୂଷଣରେ ଲୋକେ ଅତିଷ୍ଠ

# ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି

କୁଆଁରମୁଣ୍ଡା,୨୨।୧୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା, କାଲୋସିହିରିଆ, ଖୁଖୁଣ୍ଡୁବାହାଲ, କୁମଝରିଆ ଇତ୍ୟାଦି ଅଞ୍ଚଳରେ ଗଢି ଉଠିଛି ସ୍ପଞ୍ଜ ଆଇରନ କାରଖାନା। ଏହି କାରଖାନାଗୁଡିକ ମଧ୍ୟରୁ କେତେକ କାରଖାନା ମାଲିକମାନେ ନିଜର କାରଖାନାଗୁଡିକୁ ମଧ୍ୟ ସମ୍ପ୍ରସାରଣ କରି ଅଧିକ ଉତ୍ପାଦନ କରିଚାଲିଛନ୍ତି। ଫଳରେ ଅହରହ କାରଖାନାଗୁଡିକରୁ ନିର୍ଗତ ଉଡନ୍ତା ପାଉଁଶ ସାଙ୍ଗକୁ ବିଷାକ୍ତ ଧୂଆଁ ସ୍ଥାନୀୟ ଅଞ୍ଚଳର ପରିବେଶକୁ ପ୍ରଦୂଷିତ କରିଚାଲିଛି। ଉକ୍ତ ବିଷାକ୍ତ ବାଷ୍ପର ମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ କୁଆଁରମୁଣ୍ଡା, ଲାଞ୍ଜିବେର୍ଣ୍ଣା, ଗୋବିରା, କାଲୋସିହିରିଆ, ରାମପାଲ, ବିଜାବାହାଲ ଇତ୍ୟାଦି ଅଞ୍ଚଳବାସୀ ବିଶେଷଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ଉକ୍ତ ଅଞ୍ଚଳର ଲୋକେ ଯକ୍ଷ୍ମା, ଚକ୍ଷୁରୋଗ, ହୃଦରୋଗ ଇତ୍ୟାଦିରେ ଆକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ହେଲେ ଏହି ଅଞ୍ଚଳରେ କାରଖାନା ବସାଇ କାରଖାନାମାଲିକମାନେ କୋଟି କୋଟି ଟଙ୍କା ଲାଭ କରୁଥିଲେ ମଧ୍ୟ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ପ୍ରତି ସମ୍ପୂର୍ଣ୍ଣଭାବେ ଆଖିବୁଜି ଦେଇଛନ୍ତି। ବିଗତ କିଛି ବର୍ଷ ପୂର୍ବରୁ କାରଖାନା ମାଲିକମାନେ ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିରମାନ ଆୟୋଜନ କରି ରୋଗୀମାନଙ୍କୁ ମାଗଣାରେ ଔଷଧ ପ୍ରଦାନ କରୁଥିଲେ। ହେଲେ ଗତ ପ୍ରାୟ ୮ ବର୍ଷରୁ ଉର୍ଦ୍ଧ୍ୱ ହେଲା କାରଖାନାମାଲିକମାନେ ପାରିପାର୍ଶ୍ୱିକ ଉନ୍ନୟନ ବ୍ୟବସ୍ଥାରେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିବା କାର୍ଯ୍ୟ ସତେ ଯେପରି ପାଶୋରି ଯାଇଛନ୍ତି। ଅବଶ୍ୟ ଏନେଇ ଜିଲା ପ୍ରଶାସନ ହୁଗୁଳା ଥିବାରୁ ଏ କ୍ଷେତ୍ରରେ କାରଖାନା ମାଲିକମାନେ ଧ୍ୟାନ ଦେଉ ନ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। କାରଖାନା ମାଲିକମାନେ ନିୟମ ଅନୁଯାୟୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳବାସୀଙ୍କ ପାଇଁ ଯେତିକି ଅର୍ଥ ଖର୍ଚ୍ଚ କରିବା କଥା ସେହି ଅର୍ଥରୁ କିଛି ପରିମାଣରେ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତି ଅବା ସଙ୍ଗଠନ ଠାରୁ ଆରମ୍ଭ କରି ପ୍ରଶାସନିକ ଉଚ୍ଚ ଅଧିକାରୀମାନଙ୍କୁ ହାତଗୁଞ୍ଜା ଦେଇ ଚୁପ୍ କରାଇ ଦେଉଥିବାରୁ ସବୁ ବେନିୟମ କାର୍ଯ୍ୟ ଚାପି ହୋଇଯାଉଥିବା ଅଭିଯୋଗ ହେଉଛି। ଏ ଦିଗରେ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁଆଁରମୁଣ୍ଡା, ଗୋବିରା, ବିଜାବାହାଲ, କାଲୋସିହିରିଆ, ଲାଞ୍ଜିବେର୍ଣ୍ଣା ଇତ୍ୟାଦି ଅଞ୍ଚଳବାସୀ ଦୃଢ ଦାବି କରିଛନ୍ତି।

### ବାଇକ୍ ଦୁର୍ଘଟଣାରେ ୩ ଆହତ

ଭବାନୀପାଟଣା,୨୨।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ବଡଛତ୍ରଙ୍ଗ ଗ୍ରାମରେ ଶନିବାର ସକାଳେ ୩ ଜଣ ଯୁବକ ଏକ ବାଇକ ଯୋଗେ ନାଳାକୁ ଶୌଚ ପାଇଁ ଯାଉଥିବା ବେଳେ ଭାରସାମ୍ୟ ବାଇକରୁ ପଡି ଯିବାରୁ ସମସ୍ତ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ଗତ ୨୧ ତାରିଖ ସକାଳେ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ବଡଛତ୍ରଙ୍ଗ ଗ୍ରାମର ଆଜାମ୍ବର ନାଏକ (୧୮), ଅକ୍ଷୟ ନାଏକ (୧୬) ଓ ବୁଛି ନାଏକ (୧୮) ବାଇକ ଯୋଗେ ଶୌଚ ପାଇଁ ଯାଉଥିବା ବେଳେ ଭାରସାମ୍ୟ ହରାଇ ପଡି ଯାଇଥିଲେ। ଅଜାମ୍ବର ଗୁରୁତର ଆହତ ହୋଇଥିଲେ। ଅନ୍ୟ ୨ ଜଣ ମଧ୍ୟ ଆହତ ହୋଇଥିଲେ। ସମସ୍ତଙ୍କୁ ଥୁଆମୂଳ ରାମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଅଜାମ୍ବରଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

### ରାଉରକେଲା ମଜଦୁର ସଭା ଟେନ୍‌ସା ଶାଖାର ପ୍ରତିଷ୍ଠା ଦିବସ




ରାଉରକେଲା ମଜଦୁର ସଭାର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

ଟେନ୍‌ସା, ୨୨।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଟେନ୍‌ସାରେ ଥିବା ରାଉରକେଲା ମଜଦୁର ସଭା ଶାଖାର ୬୪ତମ ପ୍ରତିଷ୍ଠା ଦିବସ କାର୍ଯ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ରାଜକିଶୋର ସାମନ୍ତରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ଦୀପ ପ୍ରଜ୍ଜଳନ କରିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଉରକେଲା ମଜଦୁର ସଭାର ସାଧାରଣ ସମ୍ପାଦକ ପ୍ରଭାକର ଚମ୍ପତିରାଏ, ଅନ୍ୟ ଅତିଥିଭାବେ ରାଉରକେଲାର ନିର୍ମଳ ଚନ୍ଦ୍ର ପ୍ରଧାନ, ଶଶିଧର ନାୟକ, ଟେନ୍‌ସା ଶାଖାର ଉପସଭାପତି ପୀତବାସ ସେଠୀ, ସମ୍ପାଦକ ରାଜେଶ ବେହେରା, ସହସମ୍ପାଦକ କେସି ରାଉତ, ନରେଶ ନାୟକ, ବଲାଣି ମଜଦୁର ସଭାର ସମ୍ପାଦକ ହେମନ୍ତ ଖଟୁଆ ପ୍ରମୁଖ ଯୋଗଦେଇ ବରସୁଆଁ ସେଲ ଖଣିରେ କାର୍ଯ୍ୟରତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏସ.କେ ସିରାଜଉଦ୍ଦିନ, ନନ୍ଦୀଗୋପାଳ ପ୍ରଧାନ, ନିର୍ମଳା ବେହେରା, ପ୍ରତିରେଖା ପରିଡା ସମେତ ଟେନସା ମଜଦୁର ସଭାର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଚିଲଗୁଡ଼ା ଫାଣ୍ଡି ଅଧିକାରୀ ନିଲମ୍ବିତ

କୁନାଗଡ,୨୨।୧୨(ଡି.ଏନ.ଏ.):

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଧୀନରେ ଥିବା ଚିଲଗୁଡା ଫାଣ୍ଡି ଅଧିକାରୀ ଅଶୋକ ବିହାରୀଙ୍କୁ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ବି ଗଙ୍ଗାଧର ନିଲମ୍ବିତ କରିଥିବା ଜଣାପଡିଛି। କୌଣସି ଏକ ମାମଲାରେ ଫାଣ୍ଡି ଅଧିକାରୀ ବିହାରୀ ନିଜ ଦାୟିତ୍ୱକୁ ଠିକ ଭାବେ ପରିଚାଳନା କରି ନ ଥିବାରୁ ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଏସ୍‌ପି ତାଙ୍କୁ ନିଲମ୍ବିତ କରିଛନ୍ତି।

# ଛାତ୍ରଙ୍କୁ ଯୋଗ୍ୟ ଉତ୍ତରାଧିକାରୀ କରି ଗଢା ଯିବା ଆବଶ୍ୟକ

ରାଉରକେଲା ଅଫିସ,୨୨। ୧୨

ବିସ୍ରିଆ ସ୍ମୃତିନ୍ୟାସ ଠାରେ ଶନିବାର ପଶ୍ଚିମାଞ୍ଚଳ ପକ୍ଷରୁ ଏହାର ୧୯ତମ ବାର୍ଷିକୋତ୍ସବ ପାଳିତ ହୋଇ ଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ଆଲୋଚନାଚକ୍ରରେ ବକ୍ତାମାନେ ମହାବିଦ୍ୟାଳୟ ପରିସର, ଛାତ୍ର ରାଜନିତୀର ପ୍ରୟୋଗଶାଳା ଶୀର୍ଷକ ଆଲୋଚନାରେ ଭାଗ ନେଇ ସକାରାତ୍ମକ ମତ ପୋଷଣ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ସାରଦା ନାୟକ କହିଥିଲେ, ଅଧୁନା ଛାତ୍ର ରାଜନୀତିକୁ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇ ପଡିଛି। ଛାତ୍ରମାନେ ରାଜନୀତିରେ ଭାଗ ନ ନେଲେ ଭବିଷ୍ୟତ ରାସ୍ତା କିଏ ଦେଖାଇବ ବୋଲି ନାୟକ ପ୍ରଶ୍ନ କରିଥିଲେ। ସେ ଆହୁରି କହିଥିଲେ, ଏ ନେଇ ଯେଉଁ ଆଲୋଚନା ଚକ୍ର ଆୟୋଜନ କରାଯାଇଛି ତାର ବାସ୍ତବ ମୂଲ୍ୟାୟନ ହେବା ଆବଶ୍ୟକ ରହିଛି। ମହାବିଦ୍ୟାଳୟ ପରିସରରେ ଛାତ୍ର ରାଜନୀତି ନେଇ ଆଲୋଚନା କରାଯାଉଥିବା ବେଳେ ଏଥିରେ ସେମାନେ ଉପସ୍ଥିତ ରହିବା ଆବଶ୍ୟକ। ଶ୍ରୋତା ହେବା ଏକ ବଡ କଥା ବୋଲି ନାୟକ କହିଥିଲେ। ଆଲୋଚନାରର ନିଷ୍କର୍ସ ବାହାରିଲେ ଭଲ। ଏଣୁ ଏ ଦିଗରେ ସମସ୍ତଙ୍କ ମତ ରହିବା ଭଲ ବୋଲି ନାୟକ କହିଥିଲେ। ପଶ୍ଚିମାଞ୍ଚଳ ସମ୍ପର୍କରେ ସମ୍ପାଦିକା ସୁରମା ମିଶ୍ର ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ପରିସର ଦେବାଳୟ ହେବା ପରିବର୍ତ୍ତେ ମଦିରାଳୟରେ ପରିଣତ ହୋଇଥିବାରୁ ସେ ଉଦବେଗ ପ୍ରକାଶ କରିଥିଲେ। ଓଡିଶାକୁ ନିଶାମୁକ୍ତ କରିବାକୁ ସରକାର ଆଗେଇ ଆସନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ଏଥିରେ ଡାକ୍ତର ଅଂଶୁମାନ ନାୟକଙ୍କୁ ପ୍ରତିଭାଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇ ଥିଲା। ମୁଖ୍ୟ ବକ୍ତା ରୂପେ କୋଶଳ ଜନତା ଦଳ–ସଭାପତି ପ୍ରଫେସର ଜତିନ ମୁଣ୍ଡ କହିଥିଲେ ଛାତ୍ର ସମାଜକୁ ଦେଶର ଭବିଷ୍ୟତ କହିଲେ ଚଳିବନି ସେମାନଙ୍କ ନିମନ୍ତେ ପୃଷ୍ଠଭୂମି ତିଆରି କରିବା ଓ ଯୋଗ୍ୟ ଉତ୍ତରାଧିକାରୀ କରି ଗଢା ଯିବା ଆବଶ୍ୟକ। ଦୃଷ୍ଟିଭଙ୍ଗୀ ରହିଲେ ଏହା ସଫଳ ହେବ ବୋଲି ସେ କହିଥିଲେ। ସଚେତନ ନାଗରିକ ମଞ୍ଚ ସାଧାରଣ ସମ୍ପାଦକ ପିପି ରାୟ ନିଜ ବକ୍ତବ୍ୟରେ କହିଥିଲେ, ଗୁରୁକୂଳ ଆଶ୍ରମରୁ ପ୍ରଭୁ ରାମଚନ୍ଦ୍ର ରାଜନୀତି ଶିଖିଥିଲେ ବୋଲି ରାମ ରାଜ୍ୟ ସମ୍ଭବ ହୋଇପାରିଥିଲା। ଏହି ଅବସରରେ ସେ ସରକାରଙ୍କୁ ସମାଲୋଚନା କରି କହିଥିଲେ, ସନ୍ଦରଗଡ ଜିଲାରୁ ପ୍ରଚୁର ରାଜସ୍ୱ ମିଳୁଥିବା ବେଳେ ଏହା ପ୍ରତି ଚରମ ଅବହେଳା କରାଯାଇଛି। ଆନ୍ତରିକତା ଅଭାବରୁ ୮ ଜିଲାର ଉନ୍ନତି ହୋଇ ପାରୁନି। ଏନେଇ ଆତ୍ମସମୀକ୍ଷାର ବେଳ ଆସିଛି ବୋଲି ରାୟ କହିଥିଲେ। ସାମାଜିକ କର୍ମୀ ରାକେଶ ମିଶ୍ର ମଧ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟାମାନଙ୍କ ମଧ୍ୟରେ ଡାକଗ ରାହାସ ବିହାର ମିଶ୍ର, ମଞ୍ଜୁଶର୍ମା ମହାପାତ୍ର, କିଶୋର ଦାସ, ମିନତି ବିଶ୍ୱାଳ, ଅର୍ଚ୍ଚନା ଦେବତା, ଲତିକା ପଟ୍ଟାନାୟକ ରମେଶ ବଳ, ଶୈଳେନ୍ଦ୍ର ମହାନ୍ତି ପ୍ରମୁଖ ଏହି ଆଲୋଚନାରେ ଭାଗ ନେଇଥିଲେ।

### ୨୪ରୁ ଜୟଦୁର୍ଗା କ୍ଲବ ବାର୍ଷିକ କ୍ରୀଡା ପ୍ରତିଯୋଗିତା

ସୁନ୍ଦରଗଡ଼, ୨୨।୧୨ (ଡି.ଏନ୍.ଏ)

ଆସନ୍ତା ୨୪ ତାରିଖରୁ ସ୍ଥାନୀୟ ରଙ୍ଗାଢିପା ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା ଉତ୍ସବ ଆରମ୍ଭ ହେବ। ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କ୍ରୀଡା ପ୍ରତିଯୋଗିତାର ବିଭିନ୍ନ ଦିବସରେ ଫୁଟବଲ, ଭଲିବଲ, ରାଜ୍ୟସ୍ତରୀୟ ବାଳିକା କବାଡି ପ୍ରତିଯୋଗିତା, ବିଜ୍ଞାନ ମେଳା, ମହିଳାମାନଙ୍କ ମଧ୍ୟରେ ରଙ୍ଗୋଲି, ମେହେନ୍ଦୀ, ରନ୍ଧନ ପ୍ରତିଯୋଗିତା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି କ୍ଲବ ସଭାପତି ଅଭୟ କୁମାର ପଟ୍ଟନାୟକଙ୍କ ପକ୍ଷରୁ ସୂଚିତ କରାଯାଇଛି।

■ ଥମୁନି ହାତୀ ଆତଙ୍କ

# ଘରଭାଙ୍ଗି ଧାନ ଖାଇଲା ଦନ୍ତାହାତୀ, ଲୋକେ ଭୟଭୀତ

କୁତ୍ରା, ୨୨।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ହାତୀ ଆତଙ୍କ ଥମୁନଥିବା ବେଳେ ଶନିବାର ବିଳମ୍ବିତ ରାତ୍ରିରେ ଗୋଷ୍ଠୀଛଡା ଦନ୍ତାହାତୀ ବଏଲମା ଗ୍ରାମରେ ଦାଉଦ ଗୁଡିଆଙ୍କ ଘର ଭାଙ୍ଗି ଧାନ ଖାଇ ଯାଇଥିବା ଜଣାପଡିଛି। କିଛି ବର୍ଷ ହେବ କୁତ୍ରା ବ୍ଲକରେ ସିଆଲଯୋର, କୁତ୍ରା, ବିରତୋଲା, ଲତାଲଗା, ବଏଲମା, ପଞ୍ଚରା ଭଳି ବିଭିନ୍ନ ଗ୍ରାମରେ ହାତୀ ଆତଙ୍କ ଲାଗି ରହିଛି। ଧାନ ପାଚିଲା ପରେ ଏହି ଆତଙ୍କ ବଢ଼ି ଯାଇଥାଏ। ଲୋକେ ହାତୀ ଆତଙ୍କ ଯୋଗୁ ଭୟଭୀତ ଅବସ୍ଥାରେ ରହୁଛନ୍ତି । ଗତ କିଛି ଦିନ ତଳେ ସିଆଯୋର ଗ୍ରାମରେ ଜଣେ ଯୁବକ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଯୋଗୁ ଗାଁ ଗାଁରେ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଶନିବାର ବିଳମ୍ବିତ ରାତ୍ରିରେ ଗୋଠ ଛଡା ଏକ ଦନ୍ତାହାତୀ କୁତ୍ରା ବ୍ଲକର ବଏଲମା ଗ୍ରାମର ଦାଉଦ ଗୁଡିଆଙ୍କ ଘରଭାଙ୍ଗି ପାଖାପାଖି ପାଞ୍ଚ କୁଇଣ୍ଟାଲ ଧାନ ଖାଇ ଯାଇଛି। ଏହି ଖବର ପ୍ରଚାର ହେବାପରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି । କୁତ୍ରା ବନବିଭାଗ ପକ୍ଷରୁ କ୍ଷତିର ଆକଳନ କରାଯାଇଥିବା ବେଳେ ହାତୀର ଗତିବିଧି ଉପରେ ନଜର ରଖିଥିବା ଜଣାପଡିଛି ।



ହାତୀ ଘର ଭାଙ୍ଗି ଦେଇଛି।

# କେନ୍ଦ୍ର ସରକାରଙ୍କ କୃଷକ, ଶ୍ରମିକ ବିରୋଧୀ ନୀତିକୁ ସମାଲୋଚନା

■ ଆସନ୍ତା ଜାନୁୟାରୀ ୮ରେ ଦେଶବ୍ୟାପୀ ଦିନିକିଆ ସାଧାରଣ ଧର୍ମଘଟ ସଫଳ କରିବାକୁ ଆହ୍ୱାନ

ରାଉରକେଲା ଅଫିସ, ୨୨।୧୨



ବିର୍ସା ଛକରେ ସମାବେଶରେ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା।

## ବିର୍ସା ଛକରେ ଶ୍ରମିକ ସମାବେଶ

କେନ୍ଦ୍ର ଭାଜପା ନେତୃତ୍ୱାଧିନ ସରକାର ପ୍ରଚଳିତ ସରକାରଙ୍କ ଜନବିରୋଧି ନୀତି ତଥା କୃଷକ, ଶ୍ରମିକ ବିରୋଧି ନୀତି ନେଇ ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନମାନଙ୍କ ପକ୍ଷରୁ ଆସନ୍ତା ୮ ଜାନୁୟାରୀରେ ଦେଶବ୍ୟାପୀ ଦିନିକିଆ ସାଧାରଣ ଧର୍ମଘଟ ତଥା ହରତାଳ ପାଇଁ ଆହ୍ୱାନ ଦିଆଯାଇଛି। ଏହାକୁ ସମଗ୍ର ସୁନ୍ଦରଗଡ ଜିଲାରେ ସଫଳ କରିବା ନେଇ ଶନିବାର ସନ୍ଧ୍ୟାରେ ବିର୍ସା ଛକରେ ଏକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆଇଟିୟୁ, ଏଆଇଟିୟୁସି, ଆଇଏନଟିୟୁସି ଭଳି ଏକାଧିକ ଶ୍ରମିକ ସଙ୍ଗଠନ ପକ୍ଷରୁ ଏହି ବିଶାଳ ସମାବେଶ ଆୟୋଜନ କରାଯାଇଥିଲା। ଏଥିରେ ଶ୍ରମିକ ନେତା ଜାଗାଙ୍ଗୀର ଅଲ୍ଲୀ, ଶଶଧର ନାୟକ, ନିହାର ଦାସ, ସତ୍ୟପ୍ରିୟୁ ମହାନ୍ତି ମହାନ୍ତି, କେଦାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆଇଟିୟୁ ସର୍ବଭାରତୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତି ଯୋଗଦେଇ ମୋଦିସରକାରଙ୍କ ଜନ ବିରୋଧି ନୀତି ନେଇ କଡା ସମାଲୋଚନା କରିଥିଲେ। ଭାଜପା କ୍ଷମତାକୁ ଆସିବା ବେଳେ ଯେଉଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ତାର କାଣିଚାଏ ପାଳନ କରିବାକୁ ସକ୍ଷମ ହୋଇ ନାହାଁନ୍ତି। ଦେଶରେ ଆର୍ଥିକ ମାନ୍ଦାବସ୍ଥା ସାଙ୍ଗକୁ ଉତ୍କଟ ବେକାରୀ, ଦର ବୃଦ୍ଧି ସାଧାରଣ ଜନତାଙ୍କୁ ଅତିଷ୍ଠ କଲାଣି। ଶ୍ରମିକମାନେ କାମ ଧନ୍ଦା ହରାଇ ବେକାର ହେବାରେ ଲାଗିଛନ୍ତି। ସରକାର ପ୍ରତି କ୍ଷେତ୍ରରେ ଘରୋଇ କରଣକୁ ପ୍ରୋତ୍ସାହିତ କରିଚାଲିଛନ୍ତି। ଇସ୍ପାତ ଶିଳ୍ପକୁ ଘରୋଇକରଣ କରି ଶ୍ରମିକଙ୍କ ତଣ୍ଟି କାଟିବାକୁ ବସିଛି ଭାଜପା ସରକାର। ଶ୍ରମ ନୀତି ସଂଶୋଧନ ଆଳରେ ଶ୍ରମିକଙ୍କ ହକ ଛଡ଼ାଇ ନେବାକୁ ଜୁଲ ଆରମ୍ଭ ହୋଇଛି। ଏହାର କଡା ପ୍ରତିବାଦରେ ଦେଶବ୍ୟାପି ଆନ୍ଦୋଳନ ଡାକରା ଦିଆଯାଇଛି। ଏହାକୁ ସବୁ ବର୍ଗର ଲୋକେ ଗ୍ରହଣ କରିବେ ବୋଲି ମହାନ୍ତି ଏଥିରେ ମତ ପ୍ରକାଶ କରିଥିଲେ। ଅନ୍ୟ ଉପସ୍ଥିତ ନେତୃମଣ୍ଡଳୀ ମଧ ମୋଦି ସରକାରଙ୍କ ଆଭିମୁଖ୍ୟକୁ କଡା ଭାଷାରେ ନିନ୍ଦା କରିଥିଲେ। ନାଗରିକତା ସଂଶୋଧନ ବିଲ ହେଉ କି ମୋଟରଯାନ ଆଇନ ସବୁ କଥାରେ ନିରିହ ଲୋକଙ୍କୁ ଠକିବାରେ ମୋଦି ମାହିର ସାଜିଛନ୍ତି। ତେବେ ଏଭଳି ମନମୁଖୀ କାରବାରକୁ ଦେଶବାସୀ କେବେ ବରଦାସ୍ତ କରିବେନି ବୋଲି କୁହାଯାଇଛି। ମିଳିତ ଭାବେ ଏହାର କଡା ଜବାବ ଦିଆଯିବ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ସଦାନନ୍ଦ ସାହୁ, ନିହାର ଦାସ, ବସ୍ତ ନାୟକ, ଅଜିତ ନାୟକ, ବିଷ୍ଣୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ବାଲି ଚୋରା ଚାଲାଣ: ଟ୍ରାକ୍ଟର ଜବତ

**କୋଲାବିରା, ୨୨।୧୨ (ଡି.ଏନ୍.ଏ.)**

କୋଲାବିରା ତହସିଲ ସମାସିଂହା ରାଜସ୍ୱ ସର୍କଲ ଅଧୀନ ବାଲିଯୋରି ନାଲା ନଦୀ ମୁହାଣରୁ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଆରଆଇ ଜଗଦିଶ ସାହୁଙ୍କ ଚଢାଉ କରି ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ଜବତ୍ କରିଥିଲେ। ଅପରାହ୍ନରେ ତହସିଲଦାର ଟ୍ରାକ୍ଟର ମାଲିକଙ୍କ ନାମରେ ଆର୍ଥିକ ଜରିମାନା କରିଥିଲେ। ଗାଡି ମାଲିକ ଜରିମାନା ଅର୍ଥ ପୈଠ କରି ନ ଥିବା ଜଣାପଡିଛି। ଅନ୍ୟପକ୍ଷେ ଗାଡିଟି ଥାନାରେ ଅଟକ ରହିଛି।

### ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ

**ବରଗଡ଼ ଅଫିସ୍, ୨୨।୧୨:** ବରଗଡ଼ ବ୍ଲକ ଅନ୍ତର୍ଗତ ଜମୁର୍ଡ଼ା ବିଶାଳପଡ଼ା ଓ ତଳିପଡ଼ାରେ ଦୁଇଟି ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ସିଡ଼ିପିଓ ନିଲନ ଗୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମାରୋହରେ ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ସେହିପରି ନାରୀନେତ୍ରୀ ମହେଶ୍ୱତା ଆଚାର୍ଯ୍ୟ, ଅଙ୍ଗନୱାଡ଼ି ସୁପରଭାଇଜର ସବିତା ପାତ୍ର, ସରପଞ୍ଚ ବାସନ୍ତୀ ଭୁଏ, ସ୍କୁଲ ପରିଚାଳନା କମିଟି ସଭାପତି ରାଧାବଲ୍ଲଭ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

ଶହୀଦ କରୁଣାକରସିଂ ନାୟକଙ୍କ ତ୍ୟାଗର ପଟାନ୍ତର ନାହିଁ

# ବଳିଦାନ ଦିବସରେ ସ୍ମୃତିଚାରଣ

**କୋଲାବିରା,୨୨।୧୨(ଡି.ଏନ୍.ଏ.)**

ବ୍ରିଟିଶ ଶାସନ ବିରୋଧରେ ଲଢେଇ କରି ଫାଶୀଖୁଣ୍ଟରେ ଝୁଲିଥିବା ବୀର ସୁରେନ୍ଦ୍ର ସାଏଙ୍କର ଘନିଷ୍ଠ ସହଯୋଗୀ ତଥା ଝାରସୁଗୁଡା ଜିଲା କୋଲାବିରା ମାଟିର ବୀର ସନ୍ତାନ ଜମିଦାର କରୁଣାକର ସିଂ ନାୟକଙ୍କ ବଳିଦାନ ଦିବସ ରବିବାର ପାଳିତ ହୋଇଯାଇଛି। ସହୀଦ ବୀର କରୁଣାକର ସିଂ ନାୟକ ସ୍ମୃତି ଟ୍ରଷ୍ଟ, ସମଲେଶ୍ୱରୀ ସାହିତ୍ୟ ସଂସଦ, ସହିଦ ଭଗତ୍ ସିଂ କ୍ଲବ, ଅଖିଳ ଭାରତୀୟ ଗୋଣ୍ଡଓାନା ଗୋଁଣ୍ଡ ମହାସଭା, ସମ୍ମିଳିତ ଆଦିବାସୀ ସମାଜର ମିଳିତ ଆନୁକୂଲ୍ୟରେ ଏହି ଦିବସ ପାଳିତ ହୋଇଯାଇଛି। କରୁଣାକର ସିଂ ସହୀଦ କମିଟି ତଥା ଜୟପୁର ଇଷ୍ଟେଟ ଅଞ୍ଚଳବାସୀଙ୍କ ପକ୍ଷରୁ ଆୟୋଜିତ ବଳିଦାନ ଦିବସ ଅବସରରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ନେଇ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ରାଜବାଟୀରୁ ବାହାରି କରୁଣାକର ଛକସ୍ଥିତ ସହୀଦଙ୍କ ପ୍ରତିମୂର୍ତ୍ତୀସ୍ଥଳକୁ ଯାଇଥିଲା। ସେଠାରେ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ମଶାଲ ଶୋଭାଯାତ୍ରାରେ ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗ୍ରାମବାସୀ, ଗୋଁଣ୍ଡ ସମାଜର କର୍ମକର୍ତ୍ତା, ଲୋକପ୍ରତିନିଧି ସାମିଲ ହୋଇଥିଲା। ପରେ କରୁଣାକର ଟ୍ରଷ୍ଟ ସଭାପତି ଜମିଦାର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ଗୋଣ୍ଡଓାନା ଗୋଁଣ୍ଡ ମହାସଭା ଓଡିଶା ପ୍ରଦେଶ ସଭାପତି ମହେନ୍ଦ୍ର କୁମାର ନାଏକ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ସମଲେଶ୍ୱରୀ ସାହିତ୍ୟ ସଂସଦ ସଭାପତି ଶୋଭାଚନ୍ଦ୍ର ନାଏକ, ଗଙ୍ଗାଧର ସାହିତ୍ୟ ସଂସଦ ସଭାପତି ଅଭିମନ୍ୟୁ ପଟେଲ, ଆଦିବାସୀ ସମ୍ମିଳିତ ସମାଜ ସଭାପତି ବୁନ୍ଦେ ଧୁରୁଆ, ସମ୍ପାଦକ ପ୍ରଭାକର ଓରାମ, ତୁଲେଶ୍ୱର ପଟେଲ, ବରିଷ୍ଠ ନାଗରିକ ଉମ୍ବରୁଧର ନାଏକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚିହ୍ନିରୁ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସହୀଦଙ୍କ ଦେଶମାତୃକାର ସେବା ପାଇଁ ଦେଖିଥିବା ପରାକାଷ୍ଠାର ସ୍ମୃତିଚାରଣ କରିଥିଲେ। କରୁଣାକରଙ୍କ ପରିବାର ଆଉ ଦୁଇ ଦାୟାଦ ଖଗ ନାଏକ ଏବଂ କହ୍ନେଇ ନାଏକ ମଧ୍ୟ ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳୀ ଦେଇଛନ୍ତି। ହେଲେ ଏମାନଙ୍କ ସ୍ମୃତିରକ୍ଷା ପ୍ରତି ସରକାରୀସ୍ତରରେ ଯେଉଁଭଳି ଉଦ୍ୟମ ହେବା କଥା ତାହା ଆଜିଯାଏଁ ହୋଇ ନ ପାରିବା କ୍ଷୋଭର ବିଷୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗତବର୍ଷ କରୁଣାକରଙ୍କ ଆତ୍ମୋତ୍ସର୍ଗ ଦିବସରେ ଖୋଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ଅବସରରେ ସରକାରୀସ୍ତରରେ ଏହି ଦିବସକୁ ରାଜ୍ୟସ୍ତରରେ ପାଳନ କରାଯିବା ସହିତ ଦୁର୍ଗର ରକ୍ଷଣାବେକ୍ଷଣ ପାଇଁ ୫୦ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ମାତ୍ର ଏହି ବିପ୍ଳବୀ ବୀରଙ୍କ ଅବଦାନକୁ ଉପେକ୍ଷା କରାଯାଉଥିବା ତଥା ସରକାରୀ ସ୍ତରରେ ତାଙ୍କ ସ୍ମୃତିରେ କୌଣସି କାର୍ଯ୍ୟକ୍ରମ ଆୟୋଜନ କରାଯାଉ ନାହିଁ। ପୁନଶ୍ଚ କରୁଣାକରଙ୍କୁ ସହୀଦର ମାନ୍ୟତା ଦେବାରେ ସରକାରଙ୍କ ଉଦାସୀନତାକୁ ନେଇ ଅନୁଷ୍ଠିତ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଆରାମ ଦାସ, ଶ୍ୟାମଲାଲ ନାଏକ, ଚୂଡାମଣୀ ଧୁରୁଆ, ମାଧବ ସିଂ ନାଏକ, ସୁବଲ ଧୁରୁଆ, ମାନଭଞ୍ଜନ ସିଂ ପ୍ରମୁଖଙ୍କ କରୁଣାକରଙ୍କ ସ୍ମୃତିଚାରଣ କରିଥିଲେ। ଶୋଭାଯାତ୍ରା ଏବଂ ସଭାକାର୍ଯ୍ୟକୁ ରୁଦ୍ର ପ୍ରତାପ ସିଂହ, ବରିଷ୍ଠ ନାଗରିକ ବୀରେନ୍ଦ୍ର କୁମାର ମହାପାତ୍ର, ମନ୍ମଥ ନାରାୟଣ ସିଂହ, ଧର୍ମରାଜ ସିଂହ, ହୁକୁମ ସିଂ, କୁନାଲ ବହିଦାର, ବୁଲୁ ମହାପାତ୍ର, ଶ୍ରୀମନ୍ତ ସାହୁ, ପ୍ରବୀଣ ସାହୁ, ଭୀମ ଭଞ୍ଜ ପ୍ରମୁଖ ପରିଚାଳନା କରିଥଲେ।



ଶହୀଦ କରୁଣାକରସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।




ବଡ଼ଦିନ ସ୍ୱାଗତ ସମାରୋହ ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ବେଲପାହାଡ଼ରେ ଖ୍ରୀଷ୍ଟମାସ କେରୋଲ ଆୟୋଜିତ

**ବେଲପାହାଡ଼, ୨୨।୧୨ (ଡ଼ି.ଏନ୍.ଏ.)**

ଝାରସୁଗୁଡା ଜିଲା ବେଲପାହାଡ଼ ପୌରାଞ୍ଚଳ ୯ ନମ୍ବର ୱାର୍ଡ଼ ଗିର୍ଜାଘରରେ ଚର୍ଚ୍ଚେସ ଅଫ୍ ବେଲପାହାଡ଼ ଆନୁକୂଲ୍ୟରେ ରବିବାର ଅପରାହ୍ନରେ ଖ୍ରୀଷ୍ଟମାସ କେରୋଲ ଆୟୋଜିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଜିଇଏଲ ଚର୍ଚ୍ଚ, ସିଏନ୍‌ଆଇ ଚର୍ଚ୍ଚ ଓ ବାପଟିଷ୍ଟ ଚର୍ଚ୍ଚର ଦୁଇଶହରୁ ଊର୍ଦ୍ଧ୍ୱ ସଦସ୍ୟାସଦସ୍ୟ ଯୋଗଦେଇ ଯିଶୁଖ୍ରୀଷ୍ଟଙ୍କ ଜୟନ୍ତୀକୁ ସ୍ୱାଗତ କରିଥିଲେ। ପାଷ୍ଟର ବିଶ୍ରାମ ଟପ୍ପୋଙ୍କ ସଭାପତିତ୍ୱରେ ମିଳିତ ଉପାସନା ଅନୁଷ୍ଠିତ ହୋଇଥିଲା। ପରେ ବରିଷ୍ଠ ସଦସ୍ୟ ଶରତ ବଲ୍ଲଭ ବାଗ ଓ ଆଲୋକ ବାର୍ଲା ବଡ଼ଦିନର ବାର୍ତ୍ତା ପ୍ରଦାନ କରିଥିଲେ। ତିନି ପାଷ୍ଟର ବଡ଼ଦିନର କେକ୍ କାଟି ଉପସ୍ଥିତ ସମସ୍ତ ସଦସ୍ୟା ଓ ସଦସ୍ୟଙ୍କୁ ବଣ୍ଟନ କରିଥିଲେ। ଶେଷରେ ତିନୋଟି ଚର୍ଚ୍ଚରୁ ଆସିଥିବା ପୁଅ ଓ ଝିଅମାନେ ଖ୍ରୀଷ୍ଟମାସ ଉପରେ ଆଧାରିତ ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଲସେ ହେମରମ୍ ଓ ବିଶାଲ ବୁର ସଞ୍ଚାଳନ କରିଥିଲେ। ମନସିଦ୍ ସମଦ, ପ୍ରବିନ କଣ୍ଡୁଲନା, ସମିର ଭେଙ୍ଗରା ଓ ଅନନ୍ତ ଦତ୍ତ ପ୍ରମୁଖ ସହଯୋଗ କରିଥିଲେ।

# ରାମ୍‌ଜୀ ମନ୍ଦିରର ଶତବାର୍ଷିକୀ ମହୋତ୍ସବ

**ଅତାବିରା, ୨୨।୧୨ (ଡି.ଏନ.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ ସିନ୍ଦୁରବାହାଲ ରାମଜୀ ମନ୍ଦିର ଶତବାର୍ଷିକୀ ସମାରୋହ ଆରମ୍ଭ ହୋଇଛି । ରବିବାର ପ୍ରଥମ ଦିବସରେ ଶତାଧିକ ମହିଳା ଜଳପୂର୍ଣ୍ଣ କଳସକୁ ଏକ ଶୋଭାଯାତ୍ରାରେ ଆଣି ମଣ୍ଡପରେ ସ୍ଥାପନ କରିବା ପରେ ଅଧିବାସ ହୋଇଥିଲା । ରାମଚନ୍ଦ୍ର ମିଶ୍ର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ବହନ କରିଛନ୍ତି। ପଣ୍ଡିତ ଅସୀତ ପାଢ଼ୀ, ପ୍ରଶାନ୍ତ ଦାଶ ଓ ସାଥି ହୋମଯଜ୍ଞ କରିଥିଲେ । ପରିଚାଳନା କମିଟି ସଭାପତି ଉପେନ୍ଦ୍ର ଡନସନା, ସୁଧାଂଶୁ ଶେଖର ଦାଶ, ନାଭିଦତ୍ତ ବୁଡେକ, ଶୁକ୍ରଭାନୁ ବାରିକ, ଯଦୁମଣି ଦାଶ, ମଧୁସୂଦନ ଦାଶ ପ୍ରମୁଖ ଗ୍ରାମବାସୀ ସହଯୋଗ କରୁଛନ୍ତି ।




ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀମାନେ।

# ଟ୍ରେନରୁ ପଡ଼ି ଦୁଇଗୋଡ଼ ହରାଇଲେ ଯୁବକ

**ବରଗଡ଼ ଅଫିସ,୨୨।୧୨**

ବରଗଡ଼ ଜିଲା ଅତାବିରା ରେଳଷ୍ଟେଶନ ନିକଟରେ ଟ୍ରେନରୁ ଖସିପଡ଼ି ରବିବାର ଜଣେ ଯୁବକ ଦୁଇଗୋଡ଼ ହରାଇଛନ୍ତି। ଆହତ ଜଣକ ହେଲେ ସମ୍ବଲପୁର କୁମ୍ଭାରପଡ଼ା ନିବାସୀ ଅରୁଣ ବେହେରା (୩୨)। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଆରପି କର୍ମଚାରୀମାନେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ । ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାୟୀ, ଅରୁଣ ନାଗାବଳି ଏକ୍ସପ୍ରେସରେ ବିଶାଖାପାଟଣା ଯାଉଥିଲେ। ମାତ୍ର କୌଣସି କାରଣରୁ ସେ ଅତାବିରା ରେଳ ଷ୍ଟେଶନ ନିକଟରେ ସେହି ଟ୍ରେନରୁ ଖସି ପଡ଼ିଥିଲେ । ଟ୍ରେନ ଚଢ଼ି ଯିବାରୁ ସେ ତାଙ୍କ ଦୁଇଗୋଡ଼ ହରାଇଥିଲେ । ଏହାପରେ ଜିଆରପି କର୍ମଚାରୀମାନେ ତାଙ୍କୁ ବରଗଡ଼ ଡାକ୍ତରଖାନା ଆଣିଥିଲେ। ପରେ ସ୍ୱେଚ୍ଛାସେବୀ ରାଜକୁମର ବନଛୋର ଓ ଆହତଙ୍କ ପରିବାର ଲୋକେ ଅରୁଣଙ୍କୁ ବୁର୍ଲା ଡାକ୍ତରଖାନାକୁ ନେଇ ସେଠାରେ ଭର୍ତ୍ତି କରିଥିଲେ ।

# ଶିଶୁବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ଲଇକେରା.୨୨।୧୨ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ପଞ୍ଚାନନ ନାଏକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ମାର୍ଗଦର୍ଶନ ଦେଇଥିଲେ। ଶୋଭନ ମେମୋରିଆଲ ମହାବିଦ୍ୟାଳୟ ଅଧ୍ୟାପିକା ବିଶାଖା ସିଂହାଣିଆଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଷ ଚୌହାନ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ କେଦାରନାଥ ମହାନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମିତି ସମ୍ପାଦକ ସଞ୍ଜୀବ ବେହେରା ବିବରଣୀ ପାଠ କରିଥିଲେ। ଉପସଭାପତି ସଚିନ୍ଦ୍ର ସରାଫ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁମା ସୁଷମା, ଗୁରୁଜୀ ଗୋଲାପଙ୍କ ସହ ଶିଶୁ ଭଉଣୀଭାଇ ପରିଚାଳନା କରିଥିଲେ। ଏଥିରେ ପରିଚାଳନା କମିଟି ସମସ୍ତ ସଦସ୍ୟ, ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ ।



ଲଇକେରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ସମାସିଂହା ବାଳିକା ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**କୋଲାବିରା,୨୨।୧୨ (ଡି.ଏନ୍.ଏ.)**

କୋଲାବିରା ବ୍ଲକ ସମାସିଂହାସ୍ଥିତ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଶାରୀରିକ ଶିକ୍ଷା ନୀରିକ୍ଷକ ଉମ୍ବରୁଧର ପୂଝାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ସହ ସ୍ୱାସ୍ଥ୍ୟ ପାଇଁ ଖେଳକୁଦ ଏକ ଅଭିନ୍ନ ଅଙ୍ଗ ବୋଲି ଅଭିହିତ କରିଥିଲେ। ଖେଳ ସହିତ ଯୋଗ ପ୍ରତି ଧ୍ୟାନ ଦେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିୟ ଅତିଥି ଭାବେ ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଟେଲ, ପରିଚାଳନା କମିଟି ସଭାପତି ତୁଲାରାମ ସେନାପତି, ସମ୍ପାଦକ ମଦନ ମୋହନ ପଟେଲ, ଭାଷା ଶିକ୍ଷା ପ୍ରଶିକ୍ଷକ ସଚିନ୍ଦ୍ର କୁମାର ପଟେଲ, କରୁଣାକର ସେଟ, ଗୌରୀ ଶଙ୍କର ନାଏକ ପ୍ରମୁଖ ଯୋଗଦେଇ କ୍ରୀଡ଼ା, ଶିକ୍ଷା ଓ ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ଶଚିନ୍ଦ୍ର କୁମାର ପଟେଲ ପରିଚାଳନା କରିଥିବା ବେଳେ ଶିକ୍ଷକ ବଂଶୀଧର ପଶାୟତ, ରାଜେନ୍ଦ୍ର ଭୋଇ, କୈଳାଶ ସେନାପତି, ଆଶାମଞ୍ଜରୀ ଚୌଧୂରୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ଧ୍ୟାରାଣୀ ଚୌଧୂରୀ, ପୁଷ୍ପାଞ୍ଜଳି ପୂଝାରୀ, ରଶ୍ମୀରେଖା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମନୋଜ ମିର୍ଦ୍ଧା, ପ୍ରସନ୍ନ ବଗାର, ରୀନା କିଷାନ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବରେ ୧୨ଟି ବିଭାଗରେ ୯୮ଜଣ ଛାତ୍ରୀ ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଲଇକେରା,୨୨।୧୨ (ଡିଏନଏ)**

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଝିଅ ଦୀପାଳି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ଶେଖର ପୁରୋହିତ ସମ୍ମାନିତ ଅତଥି ଭାବେ ଯୋଗଦେଇଥିଲେ । ସଭାରେ ଅଧ୍ୟାପିକା ସୁପ୍ରଭା ନାଏକ, ହୋମିତା ଭଇଁଷା, ନମିତା ପଣ୍ଡା, ଅଧ୍ୟାପକ ଡ. ମନୋଜ କୁମାର ଦାସ, ପ୍ରମୋଦ କୁମାର ସିଂ, ପ୍ରସନ୍ନ ଷଣ୍ଢ, କୁନା ବାଗ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ କୃପାସିନ୍ଧୁ ମିଶ୍ର ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳଗୁଡିକୁ ନରେନ୍ଦ୍ର ମେହେଣା, ପ୍ରଦୀପ ବେହେରା, ପିତାମ୍ବର ସାହୁ, ରାଜେଶ ପଟେଲ, ଜିତେନ୍ଦ୍ର ବେହେରା, କୌଶିକ ଭୋଇ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।

ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ

# ବଗେଇନାଳାକୁ ହରାଇ କିରାରମା ଚାମ୍ପିୟନ

**ବେଲପାହାଡ଼,୨୨।୧୨ (ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ପିପିଲିମାଲ ୟୁଥ ଆସୋସିଏଶନ ପକ୍ଷରୁ ଆୟୋଜିତ ଦୁଇଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କିରାରମା ଦଳ ୪-୨ ପେନାଲଟି ସୁଟ୍‌ଆଉଟ୍‌ରେ ବଗେଇନାଳାକୁ ପରାଜିତ କରି ଚାମ୍ପିୟନ ଟ୍ରଫି ହାସଲ କରିଛି। ରବିବାର କିରାରମା ଓ ବଗେଇନାଳା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଧାର୍ଯ୍ୟ ସମୟରେ କୌଣସି ଦଳ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇପାରି ନ ଥିଲେ। ଏଥିପାଇଁ ରେଫେରି ଜିତ୍‌ହାର ନିର୍ଣ୍ଣୟ ପାଇଁ ପେନାଲଟି ସୁଟ୍‌ଆଉଟ୍‌ର ନିଷ୍ପତ୍ତି ନେଇଥିଲେ। ଟୁର୍ନାମେଣ୍ଟରେ ଆଖପାଖ ଗାଁର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। କାର୍ତ୍ତିକ ଦାଶ, ଟାର୍ଜନ ବିଶ୍ୱାଳ, କିଶାନ ଦାଶ, ସଞ୍ଜୟ ଦାଶ ଓ ହୃଦାନନ୍ଦ ଭୋଇ ମ୍ୟାଚ୍‌ଗୁଡ଼ିକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପିପିଲିମାଲ ପଞ୍ଚାୟତ ସରପଞ୍ଚ ଅନିତା ଡ଼ିଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। କିରାରମା ଦଳର ଅନିଲ ଜଗତଙ୍କୁ ବେଷ୍ଟ ଡ଼ିଫେନ୍ସ, ଗୌର ଭୋଇଙ୍କୁ ବେଷ୍ଟ ଗୋଲକିପର, ବଗେଇନାଳା ଦଳର ବିଦ୍ୟାଧର ବାଦିଙ୍କୁ ବେଷ୍ଟ ମିଡ୍ ଫିଲଡ଼ର ପୁରସ୍କାର ପ୍ରଦାନ କରାଯାଇଥିଲା।



ଫାଇନାଲ ମ୍ୟାଚ ଖେଳିଥିବା କିରାରମା ଓ ବଗେଇନାଳା ଦଳର ଖେଳାଳିମାନେ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି ।

# ଫୁଟବଲ: ରେଙ୍ଗାଲି ଚାମ୍ପିୟନ

**ପଦ୍ମପୁର, ୨୨।୧୨ (ଡି.ଏନ.ଏ)**

ରାଜବୋଡାସମ୍ବର ହାଇସ୍କୁଲ ପଡିଆରେ ଚାଲିଥିବା ପଞ୍ଚମ ରାଜେଶ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଆଜିର ଖେଳ ବରଗଡ ୟୁନାଇଟେଡ ଓ ରେଙ୍ଗାଲି ଲିଟିଲ ଷ୍ଟାର ମଧରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ । ଟାଇବ୍ରେକରରେ ରେଙ୍ଗାଲି ଦଳ ବରଗଡକୁ ୪-୩ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା । ରେଙ୍ଗାଲି ଦଳର ବିଷ୍ଣୁ ଓରାମଙ୍କୁ ମ୍ୟାନ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ପୂର୍ବତନ ଫୁଟବଲ ଖେଳାଳି ଦୁଃଶାସନ ବୁଡେକ, ନନ୍ଦକିଶୋର ଧରୁଆ, ବାୟାନିଧି ସାହୁ, ଗୋପାଳ ସାହୁ, ବାସୁଦେବ ଦାସ, ନବୀନ ସାହୁ, ଚନ୍ଦୁ ସାହୁ, ସୁଧାଂଶୁ ମାଝୀ, ପ୍ରଫେସର କେଶରଞ୍ଜନ ପ୍ରଧାନ, ସମାଜସେବୀ ନିରୋଜ ଦୋରା, ପ୍ରମୋଦ କାଲସାଏ, କୁନାଲ ସିଂ ବରିହା, ଦୀନ ସାହୁ ପ୍ରମୁଖ ଆଜିକାର ଖେଳରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ପୂର୍ବତନ ଖେଳ ପ୍ରଶିକ୍ଷକ ସଚ୍ଚିଦାନନ୍ଦ ବହିଦାର, ଚନ୍ଦ୍ରମଣି ସାହୁ, ପଞ୍ଚାନନ ପାତ୍ର, ସୁଜିତ ରାଜହଂସ, ଦୀପକ ରାଜହଂସ, ଝୁଲୁ ବହିଦାର, ମ୍ୟାଚ କମିଶନର ସୁଧାଂଶୁ ସେଠ, ଚିତ୍ତରଞ୍ଜନ ପାଣ୍ଡେ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଅଶୋକ କାଲସାଏ, ନରେଶ ବାରିକ, ପ୍ରଦୀପ୍ତ ମୁଣ୍ଡା, ରାଜୁ ଦାନୀ, ନରୋତ୍ତମ ପ୍ରଧାନ, ପ୍ରଦୀପ ପାଲ ପ୍ରମୁଖ ସହଯୋଗ କରିଥିଲେ ।